

# ାଷ ଜବନର କାହୁଣା

# ନାରୀ ଜୀବନର କାହାଣୀ

ଅନୁବାଦକ—

ଶ୍ରୀ ଲିଙ୍ଗରାଜ ମିଶ୍ର, ଏମ୍. ଏ.

ପଣ୍ଡିତ ଅନସୂୟାପ୍ରସାଦ ପାଠକ

ପରିବର୍ଦ୍ଧିତ ସଂସ୍କରଣ

- ପ୍ରକାଶକ -

ଗୋପବନ୍ଧୁ ସାହିତ୍ୟ ମନ୍ଦିର

ପୋ: ଅ: ଚାନ୍ଦନୀଚୌକ, କଟକ

ମୂଲ୍ୟ ୧।୲ ଏକ ଟଙ୍କା ବାର ଅଣା ମାତ୍ର

# ସୂଚୀ


| ବିଷୟ | ପୃଷ୍ଠା |
|---|---|
| ୧ । ଶାନ୍ତି | ୧— ୩୦ |
| ୨ । ଗୃହମାତ | ୩୧— ୫୬ |
| ୩ । ବଡ଼ ଘରର ଝିଅ | ୫୬— ୭୪ |
| ୪ । ସଖୀ | ୭୪— ୯୬ |
| ୫ । ଗୃହ-ଦାହ | ୯୬—୧୩୨ |
| ୬ । କୌଶଳ | ୧୩୨—୧୪୦ |
| ୭ । ଜେଲ | ୧୪୦—୧୫୬ |

ଶ୍ରୀ ଉତ୍କଳ ସଂଘ ଲାଇବ୍ରେରୀ
ନଂ ୨୧୨
ତା 17 JUL 1959
ରାଉରକେଲା

# ସୂଚନା

---

ବହୁ ଦିନ ପୂର୍ବେ ହିନ୍ଦି-ସାହିତ୍ୟର ଅଦ୍ୱିତୀୟ ଗଳ୍ପ ଏବଂ ଉପନ୍ୟାସ ଲେଖକ ସ୍ୱର୍ଗୀୟ ପ୍ରେମଚାନ୍ଦଙ୍କର କେତେ ଖଣ୍ଡି ଉପନ୍ୟାସ ପଢ଼ିଥିଲି । ଗଲାବର୍ଷ ବ୍ରହ୍ମପୁର ଜେଲରେ ଥିଲାବେଳେ ତାଙ୍କର ପ୍ରାୟ ସବୁଗୁଡ଼ିକ ଗଳ୍ପ ଏବଂ ଉପନ୍ୟାସ ପଢ଼ିବାର ସୁଯୋଗ ପାଇଲି । ପ୍ରେମଚାନ୍ଦଙ୍କର ଭାଷା, ଭାବ ଏବଂ ସାମାଜିକ ଜୀବନର ଚିତ୍ର ବାସ୍ତବିକ ଅନୁକରଣୀୟ । ମୋର ସହବନ୍ଦୀ ଉତ୍କଳପ୍ରାନ୍ତୀୟ ହିନ୍ଦୀ ପ୍ରଚାର-ସଭାର ପ୍ରଚାରକ ପଣ୍ଡିତ ଅନସୂୟାପ୍ରସାଦ ପାଠକଙ୍କ ସାହାଯ୍ୟରେ ଆମେ ଦୁହେଁ ମିଶି ପ୍ରେମଚାନ୍ଦଙ୍କ "ଗ୍ରାମ୍ୟ ଜୀବନ କ କାହାନୀୟାଁ" ପୁସ୍ତକରୁ ବାଛି ବାଛି ସାତ ଗୋଟି ଶିକ୍ଷାପ୍ରଦ ଗଳ୍ପ ଅନୁବାଦ କରିଥିଲୁ । ସେହି ଗଳ୍ପଗୁଡ଼ିକ ବର୍ତ୍ତମାନ "ଗୋପବନ୍ଧୁ ସାହିତ୍ୟ ମନ୍ଦିର" ଏହି ପୁସ୍ତକ ଆକାରରେ ପ୍ରକାଶ କରାଉଅଛନ୍ତି । ଆଶା କରେଁ, ଉତ୍କଳର ପାଠକ ବିଶେଷତଃ ପାଠିକା-ମଣ୍ଡଳୀଙ୍କର ଏହା ଆଦର ପାଇବ ।

ଶ୍ରୀ ଲିଙ୍ଗରାଜ ମିଶ୍ର

ନିଖିଳ ସଂଗ୍ରହ ...
ନଂ ୨୧୨
ତା 17 JUL 1959
ରାଉରକେଲା

# ନାରୀ ଜୀବନର କାହାଣୀ

**ଶାନ୍ତି**

( ୧ )

ମୁଁ ଯେତେବେଳେ ଶାଶୁଘରକୁ ଆସିଲି, ସେତେବେଳକୁ ମୁଁ ହାତି ମଫସଲି ଆଉ ମରହଟ୍ଟୀ ଥିଲି । ଫେସନରେ ଲୁଗା ଲୁଚୁଡ଼ା ପିନ୍ଧିପାରୁ ନ ଥିଲି କି କଥାବାର୍ତ୍ତା କରିବାର ଢଙ୍ଗ [illegible] ବି ମୋଟେ ଜଣା ନ ଥିଲା । ମୁଣ୍ଡ ଟେକି କାହାରି ସଙ୍ଗେ କଥାବାର୍ତ୍ତା କରି ପାରୁ ନ ଥିଲି । ଆଖି ଆପେ ଆପେ ତଳକୁ ପୋତିହୋଇ ଯାଉଥିଲା । କାହାରି ଆଗକୁ ବାହାରିବାକୁ ଲାଜ ମାଡୁଥିଲା । ଭାଇଙ୍କ ଆଗେ ବି ଓଢ଼ଣା ନ ଥିଲେ ଅଡୁଆ ଲାଗୁଥିଲା । ମୁଁ ସାମାନ୍ୟ କିଛି ବହି ପଢ଼ିଥିଲି; ମାତ୍ର ଉପନ୍ୟାସ, ନାଟକ ଆଦି ପଢ଼ିବାକୁ ସୁଖ ଲାଗୁ ନ ଥିଲା । ଫୁରସତ୍ ମିଳିଲେ 'ରାମାୟଣ' ପଢ଼ୁଁ, ସେଥିରେ ମୋ ମନ ଖୁସି ଲାଗୁଥିଲା, ତାକୁ ମନୁଷ୍ୟ କରିଛି ବୋଲି ମୁଁ ବିଶ୍ବାସ କରୁ ନ ଥିଲି । ମୋର ପୂରା ବିଶ୍ୱାସ ଥିଲା, ତାକୁ କେଉଁଣସି ଦେବତା ସ୍ୱୟଂ ରଚନା କରିଥିବେ । ମୁଁ ମନୁଷ୍ୟକୁ ଏତେ ବୁଦ୍ଧିମାନ୍ ଓ ସହୃଦୟ ବୋଲି ବିଶ୍ବାସ କରୁ ନ ଥିଲି । ଦିନଯାକ ଘରର କିଛି ନା କିଛି କାମ କରିବାରେ ଲାଗିଥାଏଁ । କିଛି କାମ

ନ ଥିଲେ ଚରଖା ଧରି ସୂତା କାଟେଁ । ଆପଣା ବୁଢ଼ୀ ଶାଶୁଙ୍କୁ ଦେଖିଲେ ଥରହର କମ୍ପୁଥିଲି । ଦିନେ ଡାଲିରେ ଲୁଣ ବେଶୀ ହୋଇଗଲା । ଶଶୁରେ ଖାଇଲା ବେଳେ ଖାଲି ଏତିକି କହିଲେ କି, ଲୁଣ ଟିକିଏ ଅଟକଳ ରଖି ପକାଉଥିବ । ଏତିକି ଶୁଣିଲାମାତ୍ରେ ମୋର ଛାତି ଥରିବାକୁ ଲାଗିଲା—ସତେ ଯେପରି ମୋତେ ଏହାଠାରୁ ଅଧିକ କଷ୍ଟ ମନକଷ୍ଟ ଦିଆଯାଇପାରି ନ ଥାନ୍ତା । ମାତ୍ର ମୋର ଏ ମରହଟ୍ଟୀଗିରି ଗୌରବାବୁ (ପତି)ଙ୍କୁ ଭଲ ଲାଗୁ ନ ଥିଲା । ସେ ଓକିଲ ଥିଲେ; ଶିକ୍ଷାରେ ବଡ଼ ବଡ଼ ଡିଗ୍ରୀ ପାଇଥିଲେ । ସେ ମୋତେ ଭଲ ପାଉଥିଲେ; ମାତ୍ର ସେ ଭଲ ପାଇବାରେ ଦୟାର ମାତ୍ରା ବେଶି ରହୁଥିଲା । ସ୍ତ୍ରୀଲୋକମାନଙ୍କ ଚାଲିଚଳନ ଏବଂ ଶିକ୍ଷା ବିଷୟରେ ତାଙ୍କର ବିଚାର ଭାରି ଉଦାର ଥିଲା । ସେ ବିଚାର ଅନୁସାରେ ସେ ମୋତେ ନିମ୍ନସ୍ତରରେ ଦେଖି ବେଳେ ବେଳେ ମନେ ମନେ ଦୁଃଖିତ ହେଉଥିଲେ; ମାତ୍ର ସେଥିରେ ମୋର କିଛି ଅପରାଧ ନ ଦେଖି ମୋ ଚାଲିଚଳନ ଉପରେ ଚିଡ଼ୁଥିଲେ । ତାଙ୍କୁ ମୋ ସଙ୍ଗରେ ବସି କଥାବାର୍ତ୍ତା କରିବାରେ ଟିକିଏ ହେଲେ ଆନନ୍ଦ ଲାଗୁ ନ ଥିଲା । ଶୋଇବାକୁ ଆସନ୍ତି ତ କୌଣସି ନା କୌଣସି ଇଂରେଜୀ ବହି ସଙ୍ଗରେ ଘେନି ଆସନ୍ତି ଓ ନିଦ ନ ଆସିବାଯାଏ ପଢ଼ୁଥାନ୍ତି । ମୁଁ ଯଦି କେବେ ପଚାରିବସେଁ କି କଅଣ ପଢ଼ୁଛ, ତେବେ ମୋ ଆଡ଼କୁ କରୁଣ ଦୃଷ୍ଟିରେ ଚାହିଁ ଉତ୍ତର ଦିଅନ୍ତି, "ତମକୁ କ'ଣ ବତେଇବି ? ଯେ 'ଅସ୍କର ୱାଇଲଡ୍'ଙ୍କର ସର୍ବଶ୍ରେଷ୍ଠ ରଚନା ।" ମୋତେ ନିଜର ଅଯୋଗ୍ୟତା ଲାଗି ବହୁତ ଲାଜ ମାଡ଼ୁଥିଲା । ନିଜକୁ ଧିକ୍କାରେଁ ଯେ ମୁଁ ଏପରି ବିଦ୍ୱାନ ପୁରୁଷଙ୍କର ଯୋଗ୍ୟ ହେଲିନାହିଁ ।



ମୋର ତ କୌଣସି ଅଶିକ୍ଷିତ ମୂର୍ଖ ଘରେ ପଡ଼ିବାର ଥିଲା । ବାବୁଜୀ ମୋତେ ଯେ ଅଣଆଦର ଦୃଷ୍ଟିରେ ଦେଖି ନ ଥିଲେ, ଏହାହିଁ ମୋ ଲାଗି ସୌଭାଗ୍ୟର ବିଷୟ ଥିଲା । ଦିନେ ସନ୍ଧ୍ୟାବେଳେ ମୁଁ ରାମାୟଣ ପଢ଼ି ବସିଥିଲି—ଭରତ ରାମଚନ୍ଦ୍ରଙ୍କୁ ଖୋଜିବାକୁ ବାହାରି ଥିଲେ । ତାଙ୍କର କରୁଣ ବିଳାପ ପଢ଼ି ମୋ ହୃଦୟ ଗଦଗଦ ହୋଇ ଉଠୁଥିଲା, ଚକ୍ଷୁରୁ ଅଶ୍ରୁଧାର ବୋହୁଥିଲା, ହୃଦୟ ଉଚ୍ଛୁଳି ପଡ଼ୁଥିଲା । ହଠାତ୍ ବାବୁଜୀ ଘର ଭିତରକୁ ପଶିଆସିଲେ । ମୁଁ ସଙ୍ଗେ ସଙ୍ଗେ ବହି ବନ୍ଦ କରିଦେଲି । ତାଙ୍କ ଆଗରେ ମୁଁ ନିଜର ମରହଟ୍ଟୀଗିରି କେବେ ହେଲେ ପ୍ରକଟ କରିଦେଉ ନ ଥିଲି; ମାତ୍ର ସେ ବହିଟି ଦେଖି ପକାଇଲେ ଓ ପଚାରିଲେ, "ରାମାୟଣ ଟିକ ?"

ମୁଁ ଅପରାଧୀ ପରି ମୁଣ୍ଡ ପୋତିଦେଇ କହିଲି, "ହଁ, ଟିକିଏ ଦେଖୁଥିଲି ।"

ବାବୁଜୀ—ଏଥିରେ ସନ୍ଦେହ ନାହିଁ ଯେ ବହିଟି ଖୁବ୍ ଆଦର୍ଶ ଭାବପୂର୍ଣ୍ଣ; ମାତ୍ର ସେଥିରେ ମାନବଚରିତ୍ରକୁ ଇଂରେଜ ବା ଫରାସୀ ଲେଖକ ଯେଉଁପରି ଭଲଭାବରେ ଦେଖନ୍ତି, ସେପରି ଭଲ-ଭାବରେ ଦେଖା ହୋଇନାହିଁ । ତୁମେ ତ ବୁଝିପାରିବ ନାହିଁ; ମାତ୍ର କହିବାରେ ଦୋଷ କ'ଣ ? ଇଉରୋପରେ ଆଜିକାଲି ସ୍ୱାଭାବିକତା(Realism)ର ଯୁଗ । ସେମାନେ ମନୋଭାବର ଉତ୍ଥାନ ପତନକୁ ଏପରି ବାସ୍ତବ ଭାବରେ ବର୍ଣ୍ଣନା କରନ୍ତି ଯେ, ପଢ଼ିକରି ଆଶ୍ଚର୍ଯ୍ୟ ଲାଗେ । ଆମ ଏଠି କବିମାନଙ୍କୁ ପଦେ ପଦେ ଧର୍ମ ଏବଂ ନୀତି ଆଡ଼କୁ ଦୃଷ୍ଟି ଦେବାକୁ ପଡ଼େ । ସେଥିପାଇଁ କେବେ

କେବେ ସେମାନଙ୍କ ସ୍ୱଭାବରେ ଅସ୍ୱାଭାବିକତା ଆସିଯାଏ । ଆଉ ସେହି ଦୋଷ ତୁଳସୀଦାସଙ୍କଠାରେ ବି ଅଛି ।

ମୁଁ ସେତେବେଳେ ତାଙ୍କ କଥା କିଛି ବୁଝିପାରିଲି ନାହିଁ । କହିଲି, "ମୋ ଲାଗି ତ ସେହି ବହୁତ, ଇଂରାଜୀ ବହି ବୁଝିବି କେମିତି !"

ବାବୁଜୀ—କିଛି କଷ୍ଟ କଥା ନୁହେଁ, ଘଣ୍ଟାଏ ଘଣ୍ଟାଏ ପ୍ରତିଦିନ ପଢ଼ିବ ତ ଅଳ୍ପ ସମୟ ଭିତରେ ଯଥେଷ୍ଟ ଯୋଗ୍ୟତା ପାଇପାରିବ । ମାତ୍ର ତୁମେ ତ ସବୁ ଯେପରି ମୋ କଥା ନ ମାନିବାକୁ ଶପଥ କରିଛ । କେତେ ବୁଝେଇଲି କି ମୋତେ ଲାଜ କରିବାର ଆବଶ୍ୟକତା ନାହିଁ । କିନ୍ତୁ ତୁମ ଉପରେ ତାର କିଛି ପ୍ରଭାବ ପଡ଼ିଲା ନାହିଁ । କେତେ କହୁଛି କି, ଟିକିଏ ସଫା ସୁତୁରା ହୋଇ ରହ । ଭଗବାନ୍ ସୌନ୍ଦର୍ଯ୍ୟ ଦେଇଛନ୍ତି ତ ସେ ଚାହାନ୍ତି ଯେ ତାର ସଦ୍‌ବ୍ୟବହାର ହେଉ; ମାତ୍ର ଜଣାପଡ଼ୁଛି, ତୁମ ଦୃଷ୍ଟିରେ ତାର କିଛି ମୂଲ୍ୟ ନାହିଁ । କିମ୍ବା ତୁମେ ହୁଏ ତ ବିଚାରୁଛ ଯେ ମୋ ପରି କୁରୂପ ମନୁଷ୍ୟ ଲାଗି ତୁମେ ଯେମିତି ରହିଲେ ବି ଯେତେ ଦରକାର ତାହାଠାରୁ ଅଧିକ ଭଲ ଅଛ । ଏହା ମୋ ଉପରେ ଅତ୍ୟାଚାର । ତୁମେ ମୋତେ ଜୋର ଜବରଦସ୍ତି କରି ବୈରାଗ୍ୟ ଶିଖାଇବାକୁ ଚାହୁଁଛ । ମୁଁ ଯେତେବେଳେ ଦିନରାତି ମେହେନତ୍ କରି ଟଙ୍କା କମାଉଛି, ସେତେବେଳେ ମୋର ସ୍ୱଭାବତଃ ଇଚ୍ଛା ହେଉଛି ଯେ, ସେ ଦ୍ରବ୍ୟର ସବୁଠାରୁ ଉତ୍ତମ ଉପଯୋଗ ହେଉ; ମାତ୍ର ତୁମର ମଫସଲିଆ ଆଉ ପୁରୁଣାକାଳିଆ ବିଚାର ମୋର ସାରା ପରିଶ୍ରମ

ଉପରେ ପାଣି ପକାଇ ଦେଉଛୁ । ସ୍ତ୍ରୀମାନେ କେବଳ ରନ୍ଧାବଢ଼ା କରିବା, ପିଲା ପାଳିବା, ପତିର ସେବା କରିବା ଓ ଏକାଦଶୀ ବ୍ରତ କରିବା ଲାଗି ଜନ୍ମ ହୋଇ ନାହାନ୍ତି । ସେମାନଙ୍କ ଜୀବନର ଲକ୍ଷ୍ୟ ଏହାଠାରୁ ବହୁତ ଉଚ୍ଚରେ । ସେମାନେ ମନୁଷ୍ୟର ସମସ୍ତ ସାମାଜିକ ଏବଂ ମାନସିକ ବିଷୟରେ ସମାନ ଭାବରେ ଭାଗ ନେବାର ଅଧିକାରିଣୀ ଅଟନ୍ତି । ପୁରୁଷଙ୍କ ପରି ସେମାନଙ୍କର ମଧ୍ୟ ସ୍ୱତନ୍ତ୍ର ରହିବାର ଅଧିକାର ରହିଛି । ମୋତେ ତୁମର ଏ ବନ୍ଦୀ ଦଶା ଦେଖି ବଡ଼ କଷ୍ଟ ହେଉଛି । ସ୍ତ୍ରୀ ପୁରୁଷର ଅର୍ଦ୍ଧାଙ୍ଗିନୀ ବୋଲି ଧରାଯାଇଛି; ମାତ୍ର ତୁମେ ମୋର କି ମାନସିକ କି ସାମାଜିକ କୌଣସି ଆବଶ୍ୟକତା ପୂରଣ କରିପାରୁ ନାହିଁ । ମୋର ଆଉ ତୁମର ଧର୍ମ ଅଲଗା, ଆଚାରବିଚାର ଅଲଗା, ଆମୋଦ ପ୍ରମୋଦର ବିଷୟ ବି ଅଲଗା । ଜୀବନର କୌଣସି କାର୍ଯ୍ୟରେ ମୋତେ ତୁମଠାରୁ କୌଣସି ପ୍ରକାର ସହାୟତା ମିଳିପାରିବ ନାହିଁ । ତୁମେ ନିଜେ ବୁଝିପାରୁଥିବ କି ଏପରି ଦଶାରେ ମୋର ଜୀବନ କିପରି କଦର୍ଯ୍ୟ ଭାବରେ କଟୁଛି !"

ବାବୁଜୀଙ୍କ କହିବା ବିଲ୍‌କୁଲ ଯଥାର୍ଥ । ମୁଁ ତାଙ୍କ ବେକରେ ଗୋଟାଏ ଶିକୁଳି ପରି ପଡ଼ି ରହିଥିଲି । ସେହି ଦିନଠାରୁ ମୁଁ ତାଙ୍କର କହିବା ଅନୁସାରେ ଚାଲିବାକୁ ଦୃଢ଼ ପ୍ରତିଜ୍ଞା କରିନେଲି । ନିଜ ଦେବତାଙ୍କୁ କିପରି ଅପ୍ରସନ୍ନ କରନ୍ତି !

( ୨ )

ମୁଁ ଏକଥା କିପରି କହିବି ଯେ ମୋର ଲୁଗା ଗହଣା, ପିନ୍ଧିବାକୁ ଆଗ୍ରହ ନ ଥିଲା । ଅନ୍ୟ ସ୍ତ୍ରୀଲୋକମାନଙ୍କର ଯେତିକି

ଥାଏ, ମୋର ବି ସେତିକି ଥିଲା । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ତ ପୁଣି ସଜବାଜକୁ ପସନ୍ଦ କରୁଛନ୍ତି । ମୁଁ ତ ଯୁବତୀ ଲୋକ, ମନ ଭିତରେ ଭିତରେ ଘାଣ୍ଟିହୋଇ ରହି ଯାଉଥିଲି । ମୋ ବାପଘରେ ମୋଟା ଖାଇବା ଓ ମୋଟା ପିନ୍ଧିବାର ଚଳଣି ଥିଲା । ମୋ ମା ଓ ବୁଢ଼ୀମା ହାତରେ ସୂତା କାଟୁଥିଲେ, ଆଉ ତନ୍ତୀଘରୁ ସେହି ସୂତାର ଲୁଗା ବୁଣାଇ ଆଣୁଥିଲେ । ବଜାରରୁ ବହୁତ କମ୍ ଲୁଗା ଆସୁଥିଲା । ମୁଁ ଯେବେ ଟିକିଏ ମିହି-ଲୁଗା ପିନ୍ଧିବାକୁ ଚାହୁଁଥିଲି ବା ସାଜସଜ୍ଜା ଆଡ଼କୁ ରୁଚି ଦେଖାଉଥିଲି, ତେବେ ମା ସଙ୍ଗେ ସଙ୍ଗେ ଦି ପଦ ଶୁଣାଇ ଦେଉଥିଲେ । ଆଉ ବୁଝାଉଥିଲେ କି କୃତ୍ରିମ ସଜବାଜ ଭଲଘର ଝିଅଙ୍କୁ ଶୋଭାପାଏ ନାହିଁ । ଏ ଅଭ୍ୟାସ ଭଲ ନୁହେ । କେବେ ଯେବେ ସେ ମୋତେ ଦର୍ପଣ ଆଗରେ ଦେଖିପକାନ୍ତି, ତେବେ ଚିଡ଼ିଉଠନ୍ତି । କିନ୍ତୁ ବାବୁଜୀଙ୍କ ଜିଦ୍ରୁ ମୋର ସେ ସଙ୍କୋଚ ଆସ୍ତେ ଆସ୍ତେ ତୁଟିଗଲା । ମୋ ଶାଶୁ ଆଉ ନଣନ୍ଦ ମୋର ଲୋକ-ଦେଖାଣିଆଁ ସଜବାଜ ଦେଖି ନାକ ଟେକୁଥିଲେ; ମାତ୍ର ମୁଁ ଏବେ ଆଉ ତାଙ୍କୁ ପରବାୟ କରୁ ନ ଥିଲି । ବାବୁଜୀଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟି ଲାଗି ମୁଁ ସେ ଚିଡ଼ାଚିଡ଼ି ବି ସହି ଯାଉଥିଲି । ଏଣିକି ତାଙ୍କର ଆଉ ମୋର ବି ରୁଚିରେ ସମାନତା ଆସି ଯାଉଥିଲା । ସେ ଅଧିକ ପ୍ରସନ୍ନଚିତ୍ତ ଥିଲା ପରି ଜଣା ପଡୁଥିଲେ । ସେ ମୋ ଲାଗି ଫେସନଦାର ଶାଢ଼ୀ, ସୁନ୍ଦର ଜାକେଟ, ଚକମକିଆ ଯୋତା, ନକ୍ସାବାଲା ସ୍ଲିପର୍ ବରାବର ଆଣି ଦେଉଥିଲେ । କିନ୍ତୁ ମୁଁ ସେସବୁ ଜିନିଷ ପିନ୍ଧି କାହାରି ଆଗକୁ ବାହାରୁ ନ ଥିଲି; ସେ ସବୁ ଲୁଗାପଟା କେବଳ ବାବୁଜୀଙ୍କ ଆଗରେ ପିନ୍ଧିବା ଲାଗି ସାଇତି ରଖିଥାଏଁ । ମୋତେ ଏପରି ସଜବାଜ ହେବାର ଦେଖି ତାଙ୍କର ଭାରି ଆନନ୍ଦ

ହେଉଥିଲି । ସ୍ତ୍ରୀ ନିଜ ପତିଙ୍କର ପ୍ରସନ୍ନତା ଲାଗି କଅଣ କରି ନ ପାରେ ? ଏବେ ଘରକାମଦାମରେ ମୋର ଆଉ ମନ ଲାଗୁ ନ ଥିଲା । ମୋର ଅଧିକ ସମୟ ଏହିପରି କୃତ୍ରିମ ସାଜସଜ୍ଜା ଏବଂ ବହିପତ୍ର ଦେଖିବାରେ ହିଁ ବିତିବାକୁ ଲାଗିଲା । ବହି ସଙ୍ଗେ ସ ମୋର କ୍ରମେ ସୌହାର୍ଦ୍ଦ୍ୟ ବଢ଼ିଲା ।

ଅବଶ୍ୟ ଏ ପର୍ଯ୍ୟନ୍ତ ମୁଁ ଆପଣା ଶାଶୁ ଶ୍ୱଶୁରଙ୍କୁ ମାଇନି କରୁଥିଲି । ସେମାନଙ୍କ ଆଗରେ ବୁଟ୍ ଓ ଗାଉନ ପିନ୍ଧି ବାହାରିବାକୁ ମୋର ସାହସ ହେଉ ନ ଥିଲା; କିନ୍ତୁ ମୋତେ ସେମାନଙ୍କ ଶିକ୍ଷାପୂର୍ଣ୍ଣ କଥାମାନ ଆଉ ଭଲ ଲାଗୁ ନ ଥିଲା । ମୁଁ ଭାବୁଥିଲି— ମୋ ପତି ଯେତେବେଳେ ଶହ ଶହ ଟଙ୍କା ମାସରେ କମାଉଛନ୍ତି, ସେତେବେଳେ ଘରେ ପୋଇଲି ହୋଇ କାହିଁକି ରହିବି ? ଏମିତି ଯଦି ମନ ହେଲା, ଯେତେ ଇଚ୍ଛା ସେତେ କାମ କରିବି; ମାତ୍ର ଏମାନେ ମୋତେ ଆଜ୍ଞା ଦେବାକୁ କିଏ ? ମୋ ଭିତରେ ଆତ୍ମାଭିମାନର ମାତ୍ରା ବଢ଼ିବାକୁ ଲାଗିଲା । ଶାଶୁ ଯଦି ମୋତେ କୌଣସି କାମ କରିବାକୁ କହନ୍ତି, ତେବେ ଏଣୁତେଣୁ କହି ସେ କଥା ଟାଳିଦିଏଁ ।

ଦିନେ ସେ ମୋତେ କହିଲେ, "ସକାଳର ଜଳଖିଆ ଲାଗି ଡାଲିବୁଟ ତିଆରି କରି ଦେ ।" ମୁଁ ସେକଥା ଶୁଣି ନ ଶୁଣିଲି ପରି ହେଲି । ମାଆ ମୋତେ କେତେବେଳ ଯାଏଁ ଡକାଇଲେ; ମାତ୍ର ଯେତେବେଳେ ମୁଁ ନିଜ ଘରଭିତରୁ ନ ବାହାରିଲି, ସେତେବେଳେ ତାଙ୍କର ରାଗ ହେଲା । ସେ ବଡ଼ ଚିଡ଼ଚିଡ଼ା ପ୍ରକୃତିର ଥିଲେ, ଟିକିଏ ଟିକିଏ କଥାରେ ନିଆଁ ହୋଇଯାନ୍ତି । ତାଙ୍କ ନିଜ ପ୍ରତିଷ୍ଠାରେ ଏତେ ଅଭିମାନ ଥିଲା ଯେ, ସେ ମୋତେ

'କାଲର ଟୋକା' ବୋଲି ବିଚାରନ୍ତି । ହଁ, ନିଜର ଝିଅଙ୍କ ସାଙ୍ଗରେ ସେ ସବୁବେଳେ ନରମ ବ୍ୟବହାର କରନ୍ତି; ବରଂ ମୁଁ କହିବି ଯେ ତାଙ୍କୁ ମୁଣ୍ଡରେ ବସେଇ ରଖିଥିଲେ । ସେ କ୍ରୋଧରେ ଜରଜର ହୋଇ ମୋ ଘର ଦୁଆରମୁହଁକୁ ଆସି କହିଲେ, "ତୋତେ ମୁଁ ଡାଲିବୁଟ ତିଆରି କରିବାକୁ କହିଥିଲି, କଲୁ ?" ମୁଁ ଟିକିଏ ରାଗିଯାଇ କହିଲି, "ଏପର୍ଯ୍ୟନ୍ତ ତ ମୋତେ ଫୁରସତ୍ ମିଳିନାହିଁ ।"

ମାଆ—"ତୋ ମନେ ମନେ ବହି ପଢ଼ି ରହିବାହିଁ ଭାରି ବଡ଼ କାମ । ତୋର ଆଜିକାଲି କ'ଣ ହୋଇଗଲାଣି କି ? କ'ଣ ଭାବୁଛୁ କି, ମୋ ସ୍ୱାମୀ ରୋଜଗାର କରୁଛି, ତେବେ ମୁଁ କାମ କାହିଁକି କରିବି ? ମୁଁ ଏ ଗର୍ବରେ ଭୁଲିବି ନାହିଁ । ତୋ ସ୍ୱାମୀ ଲକ୍ଷେ କମାଉ ପଛକେ ଘରେ ବରାବର ମୋର ରାଜୁତି ଖାଟିବ । ଆଜି ସେ ଚାରି ପଇସା କମାଇଲା ବୋଲି ତୋର ମାଲିକାଣୀ ହେବାକୁ ମନ ବଳିଲାଣି; କିନ୍ତୁ ତାକୁ ପାଳିବା ପୋଷିବାକୁ ତ ତୁ ଆସି ନ ଥିଲୁ ? ମୁଇଁ ତାକୁ ଲେଖାପଢ଼ା କରାଇ ଏମିତି ଯୋଗ୍ୟ କରାଇଛି । ବା ରେ ! କାଲିର ଟୋକୀ, ପୁଣି ଆଜିଠୁଁ ଏଡ଼େ ଗୁମାନ୍ !"

ମୁଁ କାନ୍ଦିବାକୁ ଲାଗିଲି । ପାଟିରୁ ପଦେ କଥା ବାହାରିଲା ନାହିଁ । ବାବୁଜୀ ସେତେବେଳେ ଉପର ଘରେ ବସି କ'ଣ ପଢ଼ୁଥିଲେ । ଏସବୁ କଥା ସେ ଶୁଣିଲେ, ତାଙ୍କୁ ବଡ଼ କଷ୍ଟ ହେଲା । ରାତିରେ ଯେତେବେଳେ ସେ ଘରକୁ ଆସିଲେ, ମୋତେ କହିଲେ, "ଦେଖିଲ, ତୁମେ ଆଜି ମାଆଙ୍କ କ୍ରୋଧ ! ଏହି ସବୁ ଅତ୍ୟାଚାର ଲାଗି ସ୍ତ୍ରୀଲୋକମାନଙ୍କୁ ଆପଣା ଜୀବନ ପାହାଡ଼

ପରି ଲାଗୁଛି । ଏଇସବୁ କଥାରୁ ହୃଦୟରେ କେତେ ବେଦନା ହେଉଛି, ତାହା ଜାଣିବା ଅସମ୍ଭବ । ଜୀବନ ଭାରି ହୋଇ ଯାଉଛି, ହୃଦୟ ଜରଜର ହୋଇଯାଉଛି ଓ ମନୁଷ୍ୟର ଆବଶ୍ୟକୀୟ ଜଳ, ଆଲୋକ ଏବଂ ବାୟୁ ଅଭାବରେ ଫୁଲଗଛ ପରି ଶୁଖିଯାଉଛି । ଆମ୍ଭମାନଙ୍କ ଘରେ ଏହା ବଡ଼ ଅବସ୍ଥା । ମୁଁ ତ ତାଙ୍କ ପୁଅ; ତାଙ୍କ ଆଗେ ମୁହଁ ଖୋଲିପାରିବ ନାହିଁ । ମୋ ଉପରେ ତାଙ୍କର ବହୁତ ବଡ଼ ଅଧିକାର ଅଛି । ଅତଏବ ତାଙ୍କ ବିରୁଦ୍ଧରେ ପଦେହେ କଥା ବି କହିବା ମୋ ପକ୍ଷରେ ଲଜ୍ଜାର କଥା ହେବ । ଆଉ ସେଇ ବନ୍ଧନ ତୁମ ଲାଗି ବି ଅଛି । ତୁମେ ଯଦି ତାଙ୍କ କଥା ମାନି ଚୁପ୍‌ଚାପ ଶୁଣି ଯାଇ ନ ଥାନ୍ତ, ତେବେ ମୋର ବହୁତ କଷ୍ଟ ହୋଇଥାନ୍ତା, ହୁଏ ତ ମୁଁ ବିଷ ଖାଇ ପକାଇଥାନ୍ତି । ଏପରି ଅବସ୍ଥାରେ ଯୋଡ଼ିଏ କଥା ସମ୍ଭବ । ହୁଏ ତ ସବୁଦିନେ ତାଙ୍କ ଧମକ ଚମକକୁ ସହିଯିବ, ନ ହେଲେ ଆପଣା ଲାଗି ଅନ୍ୟ ବାଟ ଖୋଜ । ମାଆଙ୍କ ସ୍ୱଭାବରେ ଯେ କୌଣସି ପରିବର୍ତ୍ତନ ହେବ, ସେକଥା ଆଶା କରିବା ସମ୍ପୂର୍ଣ୍ଣ ଭୁଲ । କହ, ତୁମର କେଉଁଥିରେ ରାଜି ?" ମୁଁ ଉତ୍ତରରେ କହିଲି, "ଆପଣଙ୍କର ଯାହା ଆଜ୍ଞା ହେବ ସେଇଆ କରିବ । ଏବେ ଆଉ କେବେ ଲେଖାପଢ଼ା କରିବି ନାହିଁ । ଆଉ ଯାହା କଛି ସେ କହିବେ ତାହା ମାନି ଚଳିବ । ସେ ଯଦି ଏଇଥିରେ ପ୍ରସନ୍ନ ହୁଅନ୍ତି, ତେବେ ତାହାହିଁ ହେଉ । ମୁଁ ବା ଲେଖିପଢ଼ି କ'ଣ କରିବି ?

ବାବୁଜୀ—"ମୁଁ ବି ଏହା ଚାହୁଁ ନାହିଁ । ମାଆ ଆଜି ଆରମ୍ଭ କଲେ, ଏଣିକି ରୋଜରୋଜ ବଢ଼ି ଚାଲିବ । ମୁଁ ତୁମକୁ ଯେତିକି ସଭ୍ୟ ତଥା ବିଚାରଶୀଳ କରି ଗଢ଼ିବାକୁ ଚେଷ୍ଟା କରିବି, ସେତିକି ତାଙ୍କୁ

ଖରାପ ଲାଗିବ, ଆଉ ତାଙ୍କ ରାଗ ତୁମ ଉପରେହିଁ ଝଡ଼ିବ । ତାଙ୍କୁ ଜଣାନାହିଁ କି ଯେଉଁ ବାତାବରଣରେ ସେ ଆପଣା ଜୀବନ ବିତେଇଛନ୍ତି, ତା ଏବେ ଆଉ ନାହିଁ । ବ୍ୟକ୍ତିସ୍ୱାତନ୍ତ୍ର୍ୟ ଓ ସମୟାନୁକୂଳତା ତାଙ୍କ ଦୃଷ୍ଟିରେ ଅଧର୍ମରୁ କମ୍ ନୁହେ । ମୁଁ ଏଇ ଉପାୟ ବିଚାରିଛି କି, ଅନ୍ୟ କୌଣସି ସହରରେ ଯାଇ ନିଜ ଆଡ୍ଡା ଜମାଇବି । ମୋ ଓକିଲାତି ବି ଏଠି ଭଲ ଚାଲୁନାହିଁ; ସେଥିପାଇଁ କୌଣସି ବାହାନା ଖୋଜିବାର ବି ଦରକାର ପଡ଼ିବ ନାହିଁ ।"

ମୁଁ ଏ ପ୍ରସ୍ତାବ ବିରୁଦ୍ଧରେ କିଛି କହିଲି ନାହିଁ । ମୋତେ ଏକୁଟିଆ ରହିବାକୁ ଭୟ ଲାଗୁଥିଲା ସତ, ତଥାପି ସେଠି ସ୍ୱତନ୍ତ୍ର ହୋଇ ରହିବି— ଏହି ଆଶା ମୋ ମନକୁ ପ୍ରଫୁଲ୍ଲିତ କରିଦେଲା ।

( ୩ )

ସେଇଦିନଠାରୁ ମାଆ ମୋ ସାଙ୍ଗେ କଥା କହିବା ଛାଡ଼ିଦେଲେ । ଟୋଇଲା, ପଡ଼ୋଶୀ ଓ ନଣନ୍ଦମାନଙ୍କ ଆଗରେ ମୋତେ ଥଟ୍ଟା ପରିହାସ କରନ୍ତି । ସେକଥା ମୋତେ ଭାରି ଖରାପ ଲାଗୁଥିଲା । ତା ବଦଳରେ ସେ ଯଦି ମୋତେ ଭଲମନ୍ଦ ଦିପଦ ଗାଳି ଦେଉଥାନ୍ତେ, ତେବେ ରାଜି ଥିଲି । ମୋ ହୃଦୟ ଭିତରୁ ତାଙ୍କ ପ୍ରତି ମାନମର୍ଯ୍ୟଦା କମିବାକୁ ଲାଗିଲା । କୌଣସି ଲୋକ ପ୍ରତି ଏ ପ୍ରକାର କଟାକ୍ଷ କରିବା ତା ହୃଦୟରୁ ଆପଣା ଆଦରକୁ ଛୁଟାଇ ଦେବା ସଙ୍ଗେ ସମାନ । ମୋ ଉପରେ ସବୁଠାରୁ ଗୁରୁତର ଦୋଷାରୋପ ଥିଲା କି ମୁଁ ବାବୁଜୀଙ୍କ କାନରେ କୌଣସି ମୋହନମନ୍ତ୍ର ଫୁଙ୍କି ଦେଇଛି; ସେ ମୋ ଇସାରାରେ ଚାଲୁଛନ୍ତି । କିନ୍ତୁ ଯଥାର୍ଥରେ କଥାଟା ଠିକ୍ ଓଲଟା ଥିଲା ।

ଭାଦ୍ର ମାସ ଜନ୍ମାଷ୍ଟମୀ ପରବ ଆସିଲା । ଘରେ ସମସ୍ତେ ବ୍ରତ କଲେ । ମୁଁ ବି ସବୁ ବର୍ଷ ପରି ବ୍ରତ କଲି । ମହାପ୍ରଭୁଙ୍କ ଜନ୍ମ ରାତି ବାରଟା ବେଳକୁ ହେବ । ଆମେ ସମସ୍ତେ ବସି ଗାଆଣା ବାଜଣା କରୁଥିଲୁଁ । ବାବୁଜୀ ଏସବୁ ଅସଭ୍ୟ ବ୍ୟବହାରର ସମ୍ପୂର୍ଣ୍ଣ ବିରୋଧୀ । ସେ ହୋଲି ଦିନ ଫଗୁ ବି ଖେଳନ୍ତି ନାହିଁ । ଗାଇବା ବଜାଇବା କଥାତ ସ୍ୱତନ୍ତ୍ର । ରାତିରେ ଗୋଟାକ ବେଳେ ମୁଁ ଯେତେବେଳେ ତାଙ୍କ ଘରକୁ ଗଲି, ସେ ମୋତେ ବୁଝାଇବାକୁ ଲାଗିଲେ—ଏପରି ଭାବରେ ଶରୀରକୁ କଷ୍ଟ ଦେଇ କି ଲାଭ ? କୃଷ୍ଣ ଅବଶ୍ୟ ମହାପୁରୁଷ ଥିଲେ ଓ ତାଙ୍କର ପୂଜା କରିବା ଆମର କର୍ତ୍ତବ୍ୟ । ମାତ୍ର ଏ ଗାଉଣା ବାଜଣାରୁ କି ଲାଭ ? ଏ ଲୋକଦେଖାଣିଆଁର ନାମ ଧର୍ମ ନୁହେଁ । ଧର୍ମର ସମ୍ବନ୍ଧ ସତ୍ୟତା ଏବଂ ବିଶ୍ୱାସ ସହିତ ରହିଛି, ଦେଖାଇବାରେ ନୁହେଁ ।

ବାବୁଜୀ ସବୁଦିନ ସେହି ମାର୍ଗ ଅନୁସରଣ କରୁଥିଲେ । ସେ ଭଗବଦ୍‌ଗୀତାର ଖୁବ୍ ପ୍ରଶଂସା କରନ୍ତି; ମାତ୍ର ତାକୁ କେବେହେଲେ ପାଠ କରୁ ନ ଥିଲେ । ଉପନିଷଦ୍‌ମାନଙ୍କ ପ୍ରଶଂସାରେ ତାଙ୍କ ମୁହଁରୁ ସତେ ଅବା ପୁଷ୍ପବୃଷ୍ଟି ହେବାକୁ ଲାଗୁଥିଲା; ମାତ୍ର ମୁଁ ତାଙ୍କୁ କେବେ କୌଣସି ଉପନିଷଦ୍ ପଢ଼ିବାର ଦେଖିନାହିଁ । ସେ ହିନ୍ଦୁଧର୍ମର ଗୂଢ଼ ତତ୍ତ୍ୱଜ୍ଞାନରେ ମୁଗ୍ଧ ଥିଲେ; ମାତ୍ର ତାକୁ ସମୟାନୁକୂଳ ବୋଲି ବିଚାରୁ ନ ଥିଲେ । ବିଶେଷତଃ ବେଦାନ୍ତକୁ ତ ସେ ଭାରତର ଅବନତିର ମୂଳକାରଣ ବୋଲି ବିଚାରୁଥିଲେ । ସେ ବରାବର କହୁଥିଲେ କି ଏହି ବେଦାନ୍ତହିଁ ଆମ୍ଭମାନଙ୍କୁ ମାଟିରେ ମିଶାଇ ଦେଇଛି । ଆମେ ଦୁନିଆଁର ସବୁ ଜିନିଷକୁ ତୁଚ୍ଛ

ବୋଲି ଭାବିବାକୁ ଲାଗିଲୁ; ତାର ଫଳ ଆଜିଯାଏ ଭୋଗୁଛୁଁ । ଏବେ ଉନ୍ନତିର ସମୟ । ଖାଲି ଚୁପ୍ ହୋଇ ବସି ରହିଲେ ଚଳିବ ନାହିଁ । ସନ୍ତୋଷହିଁ ଭାରତକୁ ଧୂଳିସାତ୍ କରି ଦେଇଛି ।

ସେ ସମୟରେ ତାଙ୍କୁ ଉତ୍ତର ଦେବାକୁ ମୋର ବା କି ଶକ୍ତି ଥିଲା ? ହଁ, ଏବେ ଜଣାପଡୁଛି କି, ସେ ଇଉରୋପ ସଭ୍ୟତାର ଗୋଲକଧନ୍ଦାରେ ପଡ଼ିଥିଲେ । ଏବେ ସେ ନିଜେ ସେପରି କଥା ଆଉ କହୁନାହାନ୍ତି । ସେ ଉତ୍ସାହ ଏବେ ଥଣ୍ଡା ପଡ଼ି ଆସିଲାଣି ।

## ( ୪ )

ଏହାର କିଛି ଦିନ ବାଦ ଆମେ ଏଲାହାବାଦ ଚାଲି ଆସିଲୁ । ବାବୁଜୀ ଆଗରୁ ଗୋଟିଏ ଦୋମହଲା ଘର ଭଡ଼ାନେଇ ରଖିଥିଲେ । ସବୁପ୍ରକାର ସାଜସଜ୍ଜା ଠିକ୍ଠାକ୍ ହୋଇ ରହିଥିଲା । ଆମର ସେଠି ପାଞ୍ଚଟି ଚାକର ଥିଲେ । ଦୁଇଟି ଦାସୀ, ଦୁଇଟି ପୁରୁଷ ଚାକର ଓ ଗୋଟିଏ ପୂଜାରୀ । ଏଣିକି ମୁଁ ଘରର ସବୁ କାମଧନ୍ଦାରୁ ମୁକ୍ତି ପାଇଗଲି । କେତେବେଳେ ମନ ଖରାପ ହେଲେ କୌଣସି ଗୋଟିଏ ଉପନ୍ୟାସ ଧରି ପଢ଼ି ବସିଯାଏଁ । ଏଠି ଫୁଲ ବା ପିତ୍ତଳର ବାସନକୁସନ ବହୁତ କମ୍ ଥାଏ । ଚିନା ରେକାବି ଆଉ ପିଆଲାମାନ ଆଲମାରୀମାନଙ୍କରେ ସଜା ହୋଇ ରଖାଯାଇଥାଏ । ଟେବୁଲ ଉପରେ ଖାଉଥିଲୁଁ । ବାବୁଜୀ ବେଶ୍ ଖୁସିବାସରେ ଖାଉଥିଲେ । ମୋତେ ପ୍ରଥମେ ପ୍ରଥମେ ଟିକିଏ ଲାଜ ମାଡୁଥିଲା । ଆସ୍ତେ ଆସ୍ତେ ମୁଁ ବି ମେଜ ଉପରେ ଖାଇବାକୁ ଲାଗିଲି । ପାଖରେ ସୁନ୍ଦର ଟମ୍ ଟମ୍ ଟିଏ ବି ଥିଲା । ଏବେ ମୁଁ ଆଉ ମୋଟେ ପାଦରେ ଚାଲୁ ନ ଥିଲି । କାହା ସଙ୍ଗେ ଦେଖା କରିବାକୁ

ଫେଶ ପାଉଡର ପିବାକୁ ହେଲେ ବି ଗାଡ଼ି ଯୋଗୁଛୁଏ । ବାବୁଜୀ କହନ୍ତି—"ଏହି ହେଉଛି ଫେସନ ।" ବାବୁଜୀଙ୍କ ରୋଜଗାର ବହୁତ କମ୍ ଥିଲା । ଭଲଭାବରେ ଖର୍ଚ୍ଚ ବି ଚଳୁପାରୁ ନ ଥିଲା । ଯଦି ମୁଁ କେବେ ତାଙ୍କୁ ଚିନ୍ତାକୁଳ ଦେଖେ, ତେବେ ବୁଝାଏଁ କି ଆୟ ଯେବେ ଏତେ କମ୍, ତେବେ ବ୍ୟୟ ଏତେ କାହିଁକି ବଢ଼ାଇ ଦେଉଛ ? କୌଣସି ଗୋଟିଏ ଶ୍ରେଷ୍ଠ ଘର ନିଅ । ଯୋଡ଼ିଏ ଗୃହରେ ବି କାମ ଚଳି ଯାଇପାରିବ । ମାତ୍ର ବାବୁଜୀ ମୋ କଥା ର ହସିଦେଇ କହନ୍ତି—ମୁଁ ଆପଣା ଦରିଦ୍ରତା ଆପେ କାହିଁକି ଧେଣ୍ଡୁରା ପିଟି କହାଇବି ? ଦରିଦ୍ରତା ପ୍ରକଟ କରିବା, ଦରିଦ୍ର ହେବା ଅପେକ୍ଷା ଅଧିକ ଦୁଃଖଦାୟକ ହୁଏ । ଭୁଲଯାଅ ଯେ ଆମେ ନିର୍ଦ୍ଧନ । ଦେଖିବ, ଲକ୍ଷ୍ମୀ ଆମ ପାଖକୁ ଆପେ ଆପେ ଦୌଡ଼ି ଆସିବେ । ଖର୍ଚ୍ଚ ବଢ଼ିବା, ଆବଶ୍ୟକତାମାନ ଅଧିକ ହେବା ହିଁ ଦ୍ରବ୍ୟୋପାର୍ଜନର ପ୍ରଥମ ପାହାଚ । ଏହାରି ଦ୍ୱାରା ଆମ ଗୁପ୍ତ ଶକ୍ତିମାନ ବିକଶିତ ହୋଇଯାଏ । ଆଜି ଆମେ ସେ କଷ୍ଟମାନ [illegible]ାଧ୍ୟାଗକୁ ଗୋଡ଼ [illegible]ବାର ଯୋଗ୍ୟ ହେଉଁ । ସନ୍ତୋଷ [illegible]ତାର ଅନ୍ୟ [illegible] ଅଟେ ।

ଯାହାହେଉ ଆମ୍ଭମାନଙ୍କ ଖର୍ଚ୍ଚ ଧନକୁ ଧନ ବଢ଼ି ଯାଉଥିଲା । ଆମେ ସପ୍ତାହରେ ତିନି ଥର ନିଶ୍ଚୟ ଥିଏଟର ଦେଖିବାକୁ ଯାଉଥିଲୁ । ସପ୍ତାହରେ ଥରେ ସାଙ୍ଗସୁଖଙ୍କୁ ଭୋଜି ଦିଆ ହଉଥିଲା । ଏଣିକି ମୋତେ ଦିଶିବାକୁ ଲାଗିଲା ଯେ, [illegible] ହିଁ ଜୀବନର ଏକମାତ୍ର ଲକ୍ଷ୍ୟ । ଭଗବାନଙ୍କର ମୋ [illegible]ନା ପାଳିବାର ଇଚ୍ଛା ନାହିଁ । ସେ ଆମକୁ ଉତ୍ତମ ଉତ୍ତମ ଦ୍ରବ୍ୟମାନ ଭୋଗ କରିବା ଲାଗି ହିଁ ଦେଇଛନ୍ତି । ସେ ସମସ୍ତ ଭୋଗ

କରିବା ମୁଁ ତାଙ୍କର ସର୍ବୋତ୍ତମ ଆ[illegible] ଅଟେ । ଜଣେ ଖ୍ରୀଷ୍ଟ
ଲେଡ଼ୀ ମୋତେ ପଢ଼ାଇବାକୁ ଏବଂ ଗାଉଣା ଶିଖାଇବ
ଆସିଲେ । ଘରକୁ ଗୋଟାଏ ପିଆନୋ ବି ଆସିଗଲା । ଏହି
ଆନନ୍ଦରେ ବୁଡ଼ିରହି ମୁଁ ସମ୍ପୂର୍ଣ୍ଣ ରୂପେ ବନ୍ଧୁମାନଙ୍କୁ ଭୁଲିଗଲି
ସେ ବନ୍ଧୁମାନ ମୋତେ ଅପ୍ରିୟ ବୋଧହେବାକୁ ଲାଗିଲେ । ଧ
ଦେବତାଙ୍କ ଉପରୁ ବି ବିଶ୍ୱାସ ଚାଲିଗଲା । ଧୀରେ ଧୀ
ଏଠାରେ ବଡ଼ଲୋକମାନଙ୍କ ସହିତ ସ୍ନେହ ଏବଂ ସମ୍ବନ୍ଧ ବଢ଼ି
ଲାଗିଲା । ଏ ଏକ ସମ୍ପୂର୍ଣ୍ଣ ନୂତନ ସୋସାଇଟି ଥିଲା । ଏ
ଚାଲିଚଳନ, ଆହାର ବ୍ୟବହାର ଓ ଆଗର ବାଗର ମୋ
ସବୁମନ୍ତେ ଅଦ୍ଭୁତ ଥିଲା । ଏ ସୋସାଇଟିରେ ମୁଁ ମଣ୍ଡୂକ
ଭିତରେ କୁଆ ପରି ଜଣାପଡ଼ୁଥିଲି । ଏ ଲେଡ଼ୀମାନଙ୍କର କଥା
କେବେ କେବେ ଥିଏଟର ଓ ଘୋଡ଼ଦୌଡ଼ ବିଷୟରେ ହୁଏ ।
କେବେ ଟେନିସ୍, ଖବରକାଗଜ ଆଉ ଆଜ୍ଞା ଆଜ୍ଞା [illegible]
ଲେଖା ସମ୍ବନ୍ଧରେ । ସେମାନଙ୍କ ଗୁଣ, ବୁଦ୍ଧି ର ଶକ୍ତି
ଓ ଚପଳତାରେ ମୁଁ ତାଟକା ହୋଇଯାଏ । ମୋତେ ଜଣା
ସେମାନେ ଜ୍ଞାନ ଏବଂ ଆଲୋକର [illegible] । ସେମାନେ ଉଚ୍ଚ
ଦେଇ ବାହାରକୁ ବାହାରନ୍ତି । ମୁଁ ସେମାନଙ୍କ ସାହସ ଦେ
ଚକିତ ହୋଇଯାଏ । ସେମାନେ କେବେ କେବେ ମୋତେ
ଆପଣା ସାଥିରେ ନେଇଯିବାକୁ ଚେଷ୍ଟା କରନ୍ତି; ମାତ୍ର
ଲଜ୍ଜାବଶତଃ ଯାଇପାରେ ନାହିଁ । ମୁଁ ସେ ଲେଡ଼ୀମାନ
କେବେହେଲେ ଉଦାସୀନ ବା ଚିନ୍ତିତ ଦେଖେ ନାହିଁ । ମିଷ୍ଟର
ଦାସ ବହୁତ ବେମାର ଥିଲେ; ମାତ୍ର ମିସେସ୍ ଦାସଙ୍କ ମୁହଁରେ
ଚିନ୍ତାର ଚିହ୍ନମାତ୍ର ନ ଥାଏ । ମିଷ୍ଟର ବାର୍ଦ୍ଦଙ୍କର ନଉକରୀ
ବିଜୟଷ୍ଠାର ଚର୍ଚ୍ଚା କରାଯାଉଥାଏ; ମାତ୍ର ମିସେସ୍ ବାର୍ଦ୍ଦ ନି

...ଖେଳିବାକୁ ଯାଉଥାନ୍ତି । ଏ ଅବସ୍ଥାରେ ମୋର ଦଶା କ'ଣ
..., ତା ମୁଇଁ ଜାଣେ ।

ଏ ଲେଡ଼ୀମାନଙ୍କ ଗତିମୋଡ଼ରେ ଗୋଟାଏ ଆକର୍ଷଣୀ ...
ତାହା ମୋତେ ଟାଣି ନେଇ ଯାଉଥିଲା । ମୁଁ ସେମାନଙ୍କୁ
...ବଳେ ଆମୋଦ ପ୍ରମୋଦ ଲାଗି ଉତ୍ସୁକ ଦେଖୁଥିଲି । ଆଉ
...ବ ମନ ହେଉଥିଲା କି ସେହିମାନଙ୍କ ପରି ମୁଁ ବ
...ଙ୍କୋଚ ହୋଇଯାନ୍ତି । ସେମାନଙ୍କର ଇଂରାଜୀ କଥାବାର୍ତ୍ତା
...ମୋତେ ଜଣାପଡ଼ୁଥିଲା କି ସେମାନେ ଦେବୀ । ମୁଁ ନିଜର
...ବୁ ସ୍ପୃହାକୁ ପୂର୍ଣ୍ଣ କରିବା ପାଇଁ ବରାବର ପ୍ରଯତ୍ନ କରୁଥିଲି ।

ଏ ମଧ୍ୟରେ ମୋର ଏକ ଖେଦଜନକ ଅନୁଭୂତି ହେବାକୁ
...। ବାବୁଜୀ ପ୍ରଥମରୁ ମୋତେ ଅଧିକ ଆଦର କରୁଥିଲେ ।
...ତେ ସବୁବେଳେ 'ଡିଅର', 'ଡାର୍ଲିଂ' ଆଦି କହି ଡାକୁଥିଲେ ।
...ପି ମୋତେ ତାଙ୍କ କଥାରେ ଏକପ୍ରକାର କୃତ୍ରିମତା
...ାପଡ଼ୁଥିଲା । ମୋତେ ପ୍ରତୀତ ହୁଏ, ଯେପରି କି ଏ କଥାମାନ
...ଁ ହୃଦୟର ନୁହେ, କେବଳ ମୁହଁରୁ ବାହାରୁଛି । ତାଙ୍କ ସ୍ନେହ
... ଆଦରରେ ହାର୍ଦ୍ଦିକଭାବ ପରିବର୍ତ୍ତିରେ ଅଳଙ୍କାର ଅଧିକ
...ଥିଲା; କିନ୍ତୁ ଆହୁରି ଅଧିକ ଆଶ୍ଚର୍ଯ୍ୟର କଥା ହେଉଛି
..., ମୋର ମଧ୍ୟ ଏବେ ବାବୁଜୀଙ୍କ ପ୍ରତି ଆଗ ପରି
...ନ ଥିଲା । ଏବେ ଆଉ ତାଙ୍କ ମୂର୍ତ୍ତି ବଥାଇଲେ ମୋ
...ୟରେ ପୀଡ଼ା ହେଉ ନ ଥିଲା । ମୋ ଭିତରେ
...ତ୍ମଗୌରବ'ର ଆବିର୍ଭାବ ହେବାକୁ ଆରମ୍ଭ ହୋଇଯାଇଥିଲା ।
...ବ ମୁଁ ନିଜର ସାଜସଜ୍ଜା ଆଡ଼ମ୍ବରରେ କରୁଥିଲି—ମୁଁ
...ଟିଏ ପୁରୁଷର ବ୍ରତଧାରିଣୀ ବୋଲି ନୁହେ, ମାତ୍ର ସଂସ୍କାରରେ

ଏହା ମଧ୍ୟ ମୋର ଗୋଟିଏ କର୍ତ୍ତବ୍ୟ ବୋଲି । ଏବେ ମୋତେ ବି ଆପଣା ସୌନ୍ଦର୍ଯ୍ୟ ଲାଗି ଗର୍ବବୋଧ ହେବାକୁ ଲାଗିଲା । ମୁଁ ଆଉ କାହାର ଲାଗି ନୁହେଁ, କେବଳ ମୋର ଲାଗି ଜୀଇଁ ରହିଥିଲି । ତ୍ୟାଗ ତଥା ସେବାର ଭାବ ମୋ ହୃଦୟରୁ ଲୁପ୍ତ ହେବାକୁ ଲାଗିଥିଲା ।

ମୁଁ ଏବେ ବି ପରଦା ରଖୁଥିଲି; ମାତ୍ର ହୃଦୟ ଆପଣା ସୌନ୍ଦର୍ଯ୍ୟର ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୋଇ ରହୁଥିଲା । ଦିନେ ମି: ଦାସ ତଥା ଆଉ ବି ଅନେକ ସଭ୍ୟ ବାବୁଜୀଙ୍କ ସଙ୍ଗରେ ବସି ରହିଥିଲେ । ମୋର ଆଉ ସେମାନଙ୍କ ମଝିରେ କେବଳ ଗୋଟିଏ ପରଦାର ଆଢୁଆଳ ଥିଲା । ବାବୁଜୀ ମୋର ଏ ଲାଜକୁଳାପଣିଆଁ ଲାଗି ବିଶେଷ ଲଜ୍ଜିତ ଥିଲେ । ଏହାକୁ ସେ ନିଜ ସଭ୍ୟତାରେ କାଳଦାଗ ବୋଲି ବିଚାରୁଥିଲେ । ବେଳେ ବେଳେ ସେ ଦେଖାଇବାକୁ ଚାହୁଁଥିଲେ ଯେ ମୋର ସ୍ତ୍ରୀର ପରଦାରେ ରହିବା କାରଣ ସେ ରୂପ କିମ୍ବା ବସ୍ତ୍ର-ଭୂଷଣରେ କାହାଠାରୁ କମ୍ ବୋଲି ନୁହେଁ; ମାତ୍ର ଏପର୍ଯ୍ୟନ୍ତ ତାଙ୍କୁ ଲାଜ ଛୁଡ଼ି ନାହିଁ ବୋଲି । ସେ ମୋତେ କୌଣସି ନା କୌଣସି ବାହାନାରେ ବାରମ୍ବାର ପରଦା ନିକଟକୁ ଡାକୁଥିଲେ, ଯେପରି କି ତାଙ୍କ ମିତ୍ରମାନେ ମୋର ସୁନ୍ଦରତା ଆଉ ମୋର ବସ୍ତ୍ର-ଭୂଷଣ ଦେଖିପାରନ୍ତୁ । ଶେଷରେ କିଛି ଦିନପରେ ମୋର ଲାଜ ବି କୁଆଡ଼େ ଉଡ଼ିଗଲା । ଏଲାହାବାଦ ଆସିବାର ପୂର୍ବ ଦୁଇ ବର୍ଷ ବାଦ ବାବୁଜୀଙ୍କ ସାଥିରେ ବିନା ପରଦାରେ ବୁଲାବୁଲି କରିବାକୁ ଲାଗିଲି । ବୁଲାବୁଲି ବାଦ୍ ଟେନିସ୍ ଖେଳର ପାଳି ଆସିଲା । ଶେଷରେ ମୁଁ କ୍ଲବକୁ ଯାଇ ନିଃଶ୍ୱାସ ମାରିଲି । ପ୍ରଥମେ ପ୍ରଥମେ

ଏ ଟେନିସ ଖେଳ ଆଉ କ୍ଲବ ମୋତେ ତାମସା ଭଳି ଜଣା-ଯାଉଥିଲା । ସତେ ଯେପରି କି ସେମାନେ ବ୍ୟାୟାମ କରିବା ପାଇଁ ଆସୁନାହାନ୍ତି, କେବଳ ଫେସନ୍ ଲାଗି ଟେନିସ୍ ଖେଳିବାକୁ ଆସୁଛନ୍ତି । ସେମାନେ କେବେ ଭୁଲିଯାଉ ନ ଥିଲେ ଯେ ଆମେ ଟେନିସ୍ ଖେଳୁଛୁ । ସେମାନଙ୍କର ପ୍ରତ୍ୟେକ କାମରେ, ନଇଁ ପଡ଼ିବାରେ, ଦୌଡ଼ିବାରେ, ଉପରକୁ ଡେଇଁବାରେ, ବରାବର ଏକ କୃତ୍ରିମତା ରହୁଥିଲା । ସେଥିରୁ ପ୍ରତୀତ ହେଉଥିଲା ଯେ ଏ ଖେଳର ପ୍ରୟୋଜନ କସରତ ନୁହେଁ, କେବଳ ଦେଖାଇହେବା ।

କ୍ଲବରେ ଏହାଠାରୁ ବଳି ବିଚିତ୍ର ଅବସ୍ଥା । ସେ ପୂରା ଏକ ସୁଆଙ୍ଗ । ସେ ବେହିଆମିର ତୁଳନା ନାହିଁ । ଲୋକେ ଇଂରାଜୀର କେତେଗୁଡ଼ିଏ ବଛା ବଛା ଶବ୍ଦ ପ୍ରୟୋଗ କରୁଥିଲେ; ମାତ୍ର ତାହାର କୌଣସି ଅର୍ଥ ନ ଥିଲା । ନକଲି ହସ ସେ ହସୁଥିଲେ; ମାତ୍ର ତାର କୌଣସି ଅବସର ନ ଥିଲା । ସ୍ତ୍ରୀଲୋକମାନଙ୍କର ସେ ନଗ୍ନ ନିର୍ଲ୍ଲଜତା ଆଉ ପୁରୁଷମାନଙ୍କର ସେ ସ୍ୱାର୍ଥଶୂନ୍ୟ ସ୍ତ୍ରୀପୂଜା ମୋତେ ଠିକିଏ ହେଲେ ଭଲ ଲାଗୁ ନ ଥିଲା । ଚୂରଅଟେ ଇଂରାଜୀ ଚାଲିଚଳନର ଏକ ହାସ୍ୟାସ୍ପଦ ଅନୁକରଣ ଚାଲିଥାଏ । ମାତ୍ର କ୍ରମଶଃ ମୁଁ ମଧ୍ୟ ସେହି ଢଙ୍ଗ ଧରିବାକୁ ଏବଂ ସେହିମାନଙ୍କ ଅନୁକରଣ କରିବାକୁ ଲାଗିଲି । ଏବେ ମୋର ଅନୁଭବ ହେଲା କି ଏହି ସ୍ୱଦର୍ଶନ-ଲୋଲୁପତାରେ କେତେ ଶକ୍ତି ଅଛି ! ମୁଁ ଏବେ ନିତି ନୂଆ ନୂଆ ବେଶରେ ସଜାଡ଼ିହେଲି । ନିତି ନୂଆ ରୂପ ଧରିଲି; ଖାଲି ଏଇଥିପାଇଁ କି କ୍ଲବରେ ସମସ୍ତଙ୍କ ଆଖିରେ ମୁଁ ଲାଖିରହିବ । ଏବେ ବାବୁଙ୍କ ସେବାସତ୍କାରଠାରୁ ନିଜର କୃତ୍ରିମ ସାଜସଜ୍ଜାରେ ଅଧିକ ମଜ୍ଜି ରହିଲି । ଏପରି କି ମୋ

ସଉକ ନିଶା ପରି ହୋଇପଡ଼ିଲା । କେବଳ ଏତିକି ନୁହେଁ, ଲୋକଙ୍କଠାରୁ ନିଜର ସୌନ୍ଦର୍ଯ୍ୟର ପ୍ରଶଂସା ଶୁଣି ମୋର ଏକ ଅଭିମାନମିଶ୍ରିତ ଆନନ୍ଦ ଅନୁଭବ ହେବାକୁ ଲାଗିଲା । ମୋର ଲଜ୍ଜାଶୀଳତାର ସୀମା ବିସ୍ତୃତ ହୋଇଗଲା । ଯେଉଁ ଦୃଷ୍ଟିପାତ ଏକ ସମୟରେ ମୋ ଶରୀରର ପ୍ରତ୍ୟେକ ରୋମକୁ ଟାଙ୍କୁରିତ କରି ଦେଉଥିଲା ଏବଂ ଯେଉଁ ହାସ୍ୟ-କଟାକ୍ଷ ଏକ ସମୟରେ ମୋତେ ବିଷ ଖାଇଦେବାକୁ ପ୍ରସ୍ତୁତ କରି ଦେଉଥିଲା, ସେସବୁଥିରୁ ଏବେ ମୋର ଏକ ଉନ୍ମାଦପୂର୍ଣ୍ଣ ହର୍ଷ ଜାତ ହେଲା; ମାତ୍ର ଯଦି କେତେବେଳେ ମୁଁ ନିଜ ଅବସ୍ଥା ପ୍ରତି ଆନ୍ତରିକ ଦୃଷ୍ଟି ପକାଏଁ, ତେବେ ମୋ ମନ ବଡ଼ ଘାଣ୍ଟିଚକଟି ହୋଇଯାଏ । ଏ ନାହା କେଉଁ ଘାଟରେ ଯାଇ ଲାଗିବ ? କେବେ କେବେ ଇଚ୍ଛା କରେଁ କି କ୍ଲବକୁ ଆଉ ଯିବି ନାହିଁ; ମାତ୍ର ସେ ସମୟ ଆସିଲାବେଳକୁ ପୁଣି ତିଆରି ହୋଇଯାଏଁ । ମୁଁ ନିଜ ଅଧୀନରେ ନ ଥିଲି । ମୋର ସଙ୍କଳ୍ପମାନ ବି ଦୁର୍ବଳ ହୋଇପଡ଼ିଥିଲା ।

ଦୁଇ ବର୍ଷ ଆହୁରି ବିତିଗଲା । ଏବେ ବାବୁଜୀଙ୍କ ସ୍ୱଭାବରେ ଏକ ବିଚିତ୍ର ପରିବର୍ତ୍ତନ ହେବାକୁ ଲାଗିଲା । କ୍ରମେ ସେ ଉଦାସ ଏବଂ ଚିନ୍ତିତ ଦେଖାଗଲେ । ମୋ ସଙ୍ଗରେ ବହୁତ କମ୍ କଥା କହନ୍ତି । ବୋଧହେଲା, ଯେପରି କି ତାଙ୍କୁ କୌଣସି କଠିନ ଚିନ୍ତା ବରାବର ଘେରିରହିଛି, କିମ୍ବା କୌଣସି ବେମାରି ହୋଇଯାଇଛି । ମୁହଁ ବରାବର ଶୁଖିଲା ଦିଶୁଥିଲା । ସେ ଟିକିଏ ଟିକିଏ କଥାରେ ଚାକରଙ୍କ ଉପରେ ଚିଡ଼ି ଯାଉଥିଲେ । ଆଉ ବାହାରକୁ ବହୁତ କମ ବାହାରୁଥିଲେ । ମାସକ ଆଗରୁ ସେ ଶହେ କାମ ଛାଡ଼ି କ୍ଲବକୁ ଅବଶ୍ୟ ଯାଉଥିଲେ ।

ସେଠାକୁ ନ ଗଲେ ତାଙ୍କୁ ଶାନ୍ତ ଲାଗୁ ନ ଥିଲା ; ମାତ୍ର ଏବେ ଅଧିକାଂଶ ସମୟ ଆପଣା କୋଠରୀ ଭିତରେ ଆରାମ ଚେୟାର ଉପରେ ଶୋଇ ଶୋଇ ଖବରକାଗଜ ଆଉ ବହି ଦେଖାଦେଖି କରୁଥିଲେ । ମୁଁ ବୁଝିପାରୁ ନ ଥାଏଁ, କଥା କଅଣ ।

ଦିନେ ତାଙ୍କୁ ଖୁବ ଜୋରରେ ଜର ଆସିଲା । ଦିନ ତମାମ ବେହୋସ ହୋଇ ପଡ଼ିରହିଲେ । ମୋତେ ତାଙ୍କ ପାଖରେ ବସିରହିଲେ ବାନ୍ଧି ହୋଇ ରହିଲା ପରି ଲାଗୁ-ଥିଲା । ମୋ ମନ ଖଣ୍ଡେ ଉପନ୍ୟାସରେ ଲାଗି ଯାଇଥିଲା । ତାଙ୍କ ପାଖକୁ ଯାଏଁ, ଆଉ କ୍ଷଣକ ଭିତରେ ଫେରି ଚାଲି ଆସେଁ । ଟେନିସ୍ ଖେଳିବା ବେଳ ଆସିଗଲା ତ ଦୋଷଧାରେ ପଡ଼ିଗଲି— ଯିବି କି ନ ଯିବି ! ବହୁତ ବେଳଯାଏଁ ମନ ଭିତରେ ଏହି ସଂଗ୍ରାମ ଲାଗିରହିଲା । ଶେଷରେ ମୁଁ ନିଷ୍ପତ୍ତି କଲି କି ମୋର ଏଠାରେ ବସିବାଦ୍ୱାରା ଏ ତ କିଛି ଭଲ ହୋଇଯିବେ ନାହିଁ ? ସୁତରାଂ ମୋର ଏଠାରେ ବସିରହିବା ବିଲ୍‌କୁଲ୍ ନିରର୍ଥକ । ବଢ଼ିଆ ଲୁଗା ପିନ୍ଧିଲି, ଆଉ ରାକେଟ ଧରି କ୍ଲବ ଘରେ ଯାଇ ପହଞ୍ଚିଲି ।

ସେଠି ମୁଁ ମିସେସ୍ ଦାସ ଓ ମିସେସ୍ ବାଗ୍‌ଚିଙ୍କୁ ବାବୁଜୀଙ୍କ ଦଶା କହିଲି, ଆଉ ସଜଳନେତ୍ରରେ ଚୁପ୍‌ଚାପ୍ ବସିରହିଲି । ସମସ୍ତେ ଯେତେବେଳେ କୋର୍ଟକୁ ଯିବାକୁ ଲାଗିଲେ, ଆଉ ମିଃ ଦାସ ମୋତେ ଆସିବାକୁ କହିଲେ, ମୁଁ ସେତେବେଳେ ଗୋଟିଏ ଥଣ୍ଡା ନିଃଶ୍ୱାସ ପକାଇ କୋର୍ଟରେ ଯାଇ ପହଞ୍ଚିଲି ଓ ଖେଳିବାକୁ ଲାଗିଲି । ଆଜିକି ତିନି ବର୍ଷ ଆଗେ ବାବୁଙ୍କୁ ଏହିପରି

ଜର ହୋଇଥିଲା । ମୁଁ ରାତିଯାକ ବସି ତାଙ୍କୁ ପଙ୍ଖା କରିବାରେ ଲଗିଥିଲି । ହୃଦୟ ବ୍ୟାକୁଳ ହେଉଥିଲା । ମନ ହେଉଥିଲା କି ତାଙ୍କ ବଦଳରେ ମୋତେ ଜର ଆସିଯାଉ; ମାତ୍ର ସେ ଉଠି ବସନ୍ତୁ; କିନ୍ତୁ ଏବେ ହୃଦୟ ତ ସ୍ନେହଶୂନ୍ୟ ହୋଇ ଯାଇଥିଲା । କେବଳ ଦେଖେଇହେବାଟା ବଡ଼ କଥା ଥିଲା । ଏକୁଟିଆରେ ବସି କାନ୍ଦିବାକୁ ମୋଠାରେ ଆଉ କ୍ଷମତା ନ ଥିଲା । ମୁଁ ସବୁଦିନ ପରି ରାତି ନଅଟା ବାଜିବାବେଳକୁ ଘରକୁ ଲେଉଟିଲି । ବାବୁଜୀଙ୍କ ଦେହ ଟିକିଏ ଭଲ ଜଣାପଡ଼ିଲା, ସେ ମୋତେ ମୁହୂର୍ତ୍ତେ ଆଡ଼ଦୃଷ୍ଟିରେ ଚାହିଁଲେ, ଆଉ କଡ଼ ଲେଉଟାଇ-ଦେଲେ । ମାତ୍ର ମୁଁ ଯେତେବେଳେ ଶୋଇଥିଲି, ସେତେବେଳେ ମୋର ହୃଦୟ ମୋତେ ଆପଣା ସ୍ୱାର୍ଥପରତା ଏବଂ ପ୍ରମୋଦାସକ୍ତି ଲାଗି ଧିକ୍କାର କରିବାକୁ ଲାଗିଲା । ମୁଁ ଏବେ ଇଂରେଜୀ ଉପନ୍ୟାସମାନ ବୁଝିବାକୁ ଆରମ୍ଭ କରିଥିଲି । ମୋର କଥାବାର୍ତ୍ତା ଅଧିକ ଉତ୍କୃଷ୍ଟ ଏବଂ ଆଲୋଚନାତ୍ମକ ହେଉଥିଲା । ମୋର ସଭ୍ୟତାର ଆଦର୍ଶ ଏବେ ବହୁତ ଉଚ୍ଚ ହୋଇଯାଇଥିଲା । ଆମକୁ ଏବେ ଆପଣା ମିତ୍ରମଣ୍ଡଳୀର ବାହାରେ ଅନ୍ୟମାନଙ୍କ ସଙ୍ଗେ ମିଶାମିଶି କରିବାରେ ସଙ୍କୋଚ ବୋଧ ହେଉଥିଲା । ଏବେ ଆମେ ଆପଣାଠାରୁ ଶ୍ରେଷ୍ଠ ଶ୍ରେଣୀର ଲୋକଙ୍କ ସହିତ କଥା କହିବାଟା ଅପମାନ ବୋଲି ବିଚାରୁଥିଲୁଁ । ଚାକରମାନଙ୍କୁ ଆମ ନିଜ ଚାକର ବୋଲି ଭାବୁଥିଲୁଁ । ଆମର ସେମାନଙ୍କ ବିଷୟ ବୁଝିବା କିଛି ଦରକାର ନ ଥିଲା । ଆମେ ସେମାନଙ୍କଠାରୁ ଅଲଗା ରହି ସେମାନଙ୍କ ଉପରେ ଆପଣା କ୍ଷମତା ଜମାଇ ରଖିବାକୁ ଚାହୁଁଥିଲୁ । ମୋର ଇଚ୍ଛା ଥିଲା କି ସେମାନେ ଆମକୁ ସାହେବ ବୋଲି ବିଚାରନ୍ତୁ । ହିନ୍ଦୁସ୍ଥାନୀ ସ୍ତ୍ରୀଲୋକମାନଙ୍କୁ

ଦେଖି ମୋର ସେମାନଙ୍କ ପ୍ରତି ଘୃଣା ହେଉଥିଲା । ସେମାନଙ୍କ-ଠାରେ ଶିଷ୍ଟତା ନ ଥିଲା । ଆଚ୍ଛା ହଉ !

ବାବୁଙ୍କ ଦେହ ପରଦିନ ବି ଭଲ ହେଲା ନାହିଁ । ମୁଁ କ୍ଲବକୁ ଗଲି ନାହିଁ; ମାତ୍ର ଲାଗ ଲଗ ତିନି ଦିନ ଯାଏଁ ଯେତେବେଳେ ତାଙ୍କୁ ଜର ଲାଗିରହିଲା, ଆଉ ମିସେସ୍ ଦାସ ବାରମ୍ବାର ଗୋଟିଏ ନର୍ସ ଡକାଇବାକୁ କହିଲେ, ସେତେବେଳେ ମୁଁ ରାଜି ହୋଇଗଲି । ସେହି ଦିନଠାରୁ ରୋଗୀଙ୍କ ସେବାଶୁଶ୍ରୂଷାରୁ ଛୁଟି ପାଇ ମୋର ବଡ଼ ଆନନ୍ଦ ହେଲା । ଦି'ଦିନ ହେଲା କ୍ଲବକୁ ଯାଇ ନ ଥିଲି ସିନା, ମାତ୍ର ମୋ ମନ ସେହିଠାରେ ଲାଗି ରହିଥିଲା; ବରଂ ଆପଣା ମୂର୍ଖତାପୂର୍ଣ୍ଣ ତ୍ୟାଗ ଉପରେ କ୍ରୋଧ ବି ହେଉଥିଲା ।

ଦିନେ ତୃତୀୟ ପହରରେ ମୁଁ ଚେୟାର ଉପରେ ପଡ଼ିରହି ଗୋଟିଏ ଇଂରେଜି ବହି ପଢ଼ିବାରେ ଲାଗିଥିଲି । ହଠାତ ମନକୁ ଆସିଲା କି ବାବୁଙ୍କ ଜର ଅସାଧ୍ୟ ଯେବେ ହୋଇଯିବ, ତେବେ ? ମାତ୍ର ଏ ବିଚାରଦ୍ୱାରା ମୋ ମନରେ ଲେଶ ମାତ୍ର ଦୁଃଖ ହେଲା ନାହିଁ । ମୁଁ ଏ ଶୋକମୟ କଳ୍ପନାରୁ ମନେ ମନେ ଆନନ୍ଦ ଅନୁଭବ କରିବାକୁ ଲାଗିଲି । ମିସେସ୍ ଦାସ, ମିସେସ୍ ନାଇଡୁ, ମିସେସ୍ ଶ୍ରୀବାସ୍ତବ, ମିସ୍ ଖାରେ, ମିସେସ୍ ଶର୍ମା ଅବଶ୍ୟ ସହାନୁଭୂତି ଦେଖାଇବାକୁ ଆସିବେ, ସେମାନଙ୍କୁ ଦେଖିଲାକ୍ଷଣି ମୁଁ ସଜଳନେତ୍ର ହୋଇପଡ଼ିବି; ଆଉ କହିବି, "ଭଉଣୀମାନେ, ମୋର ସବୁ ସରିଲା ! ଆହା ! ମୋର ସବୁ ସରିଗଲା । ଏଣିକି ମୋର ଜୀବନ ଅନ୍ଧାର ରାତିର ଭୟାବହ ବନ କିମ୍ବା ଶ୍ମଶାନର ଆଲୋକ ସଦୃଶ

ଅଟେ; ମ'ଣ ମୋ ଅବସ୍ଥା ପ୍ରତି ଦୁଃଖ ପ୍ରକାଶ କର ନାହିଁ । ମୋ ଉପରେ ଯାହା ପଡ଼ିବ, ତାକୁ ମୁଁ ସେଇ ମହାନ୍ ଆତ୍ମାଙ୍କ ମୋକ୍ଷ କଥା ଭାବି ସହିନେବି ।" ମୁଁ ଏହି ପ୍ରକାରେ ମନ ମଧ୍ୟରେ ଏକ ଶୋକପୂର୍ଣ୍ଣ ବକ୍ତୃତା ରଚନା କରି ପକାଇଲି । ଏପରି କି ମୃତ-ପତିଙ୍କ ସଙ୍ଗେ ଶ୍ମଶାନକୁ ଗଲାବେଳେ କେଉଁ ଶାଢ଼ୀଖଣ୍ଡ ପିନ୍ଧି ଯିବି, ତା ମଧ୍ୟ ସ୍ଥିର କରି ପକାଇଲି ।

ଏ ଘଟଣା ନେଇ ସହରତମାମ ଚର୍ଚ୍ଚା ହୋଇଯିବ । ସାରା କାଣ୍ଟନ୍‌ମେଣ୍ଟର ଲୋକେ ମୋଠାକୁ ସମବେଦନାର ପତ୍ର ପଠାଇବେ । ସେତେବେଳେ ମୁଁ ସେସବୁର ଉତ୍ତର ଖବର-କାଗଜମାନଙ୍କରେ ପ୍ରକାଶ କରିଦେବି କି—ମୁଁ ପ୍ରତ୍ୟେକ ଶୋକପତ୍ରର ଉତ୍ତର ଦେବାକୁ ଅସମର୍ଥ । ହୃଦୟ ଖଣ୍ଡ ଖଣ୍ଡ ହୋଇଯାଇଛି, ସେଥିଲାଗି କାନ୍ଦିବା ଛଡ଼ା ଆଉ କୌଣସି କାମ ଲାଗି ସମୟ ନାହିଁ । ମୁଁ ଏ ସହାନୁଭୂତି ଲାଗି ସେମାନଙ୍କ-ଠାରେ କୃତଜ୍ଞ ଏବଂ ସେମାନଙ୍କୁ ବିନୟପୂର୍ବକ ନିବେଦନ କରୁଛି କି ସେମାନେ ମୃତ-ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରନ୍ତୁ ।

ମୁଁ ଏ ଚିନ୍ତାର ଭିତରେ ବୁଡ଼ିରହିଛି, ଏପରି ସମୟରେ ନର୍ସ ଆସି କହିଲା, "ଆପଣଙ୍କୁ ସାହେବ ଡାକୁଛନ୍ତି ।" ସେତେବେଳକୁ ମୋର କ୍ଲବକୁ ଯିବାବେଳ । ସେ ମୋତେ ଡକାଇବାଟା ମୋତେ ଖରାପ ଲାଗିଲା । କଅଣ କରନ୍ତି; କୌଣସିମତେ ତାଙ୍କ ପାଖକୁ ଗଲି । ବାବୁଜୀଙ୍କ ଜର ହେବାର ପ୍ରାୟ ମାସେ ହୋଇଯାଇଥିଲା । ସେ ବଡ଼ ଦୁର୍ବଳ ହୋଇ ପଡ଼ିଥିଲେ । ସେ ମୋ ଆଡ଼କୁ ବିନୟପୂର୍ଣ୍ଣ ଦୃଷ୍ଟିରେ ଚାହିଁଲେ ।

ସେଥିରେ ଲୁହ ପୂରିରହିଥିଲା । ମୋର ତାଙ୍କ ପ୍ରତି ଦୟା ହେଲା । ବସିପଡ଼ିଲି, ଆଉ ସାହସ ଦେଇ କହିଲି, "କଅଣ କରିବ ? ଆଉ କୌଣସି ଡାକ୍ତରକୁ ଡକାଇବ ?"

ବାବୁଜୀ ଆଖି ତଳକୁ ପୋତି ଅତ୍ୟନ୍ତ କରୁଣ ଭାବରେ କହିଲେ, "ମୁଁ ଏଠାରେ କଦାପି ଭଲ ହୋଇପାରିବି ନାହିଁ । ମୋତେ ମାଆଙ୍କ ପାଖରେ ପହଞ୍ଚାଇଦିଅ ।" ମୁଁ କହିଲି, "ଆପଣ କଅଣ ବିଚାରୁଛନ୍ତି ଯେ ସେଠାରେ ଆପଣଙ୍କ ଚିକିତ୍ସା ଏଠା ଅପେକ୍ଷା ଭଲ ହେବ ?" ବାବୁଜୀ କହିଲେ, "କେଜାଣି କାହିଁକି ମୋ ମନ ମାଆଙ୍କୁ ଦେଖିବାକୁ ଲାଳାୟିତ ହୋଇ ପଡ଼ିଅଛି । ମୋତେ ଜଣାଯାଉଅଛି ଯେ ମୁଁ ସେଠାରେ ବିନା ଔଷଧପଥ୍ୟରେ ବି ଭଲ ହୋଇଯିବି ।"

ମୁଁ —ଏକଥା ତୁମେ ଖାଲି ବିଚାରୁଛ !

ବାବୁଜୀ—ହଁ, ତା ହୋଇପାରେ; କିନ୍ତୁ ମୋର ଏଇ ମିନତି ରକ୍ଷା କର । ମୁଁ ଏ ରୋଗରେ ନୁହେ, ଏ ଜୀବନରେ ବି ଦୁଃଖିତ ହୋଇଉଠିଛି ।

ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ଆଡ଼କୁ ଚାହିଁଲି । ବାବୁଜୀ ପୁଣି କହିଲେ, "ହଁ, ମୁଁ ଜୀବନରେ ବିକ୍‌ଦାର ହୋଇଯାଇଛି । ମୁଁ ଏବେ ବୁଝିଛି ଯେ ମୁଁ ଯେଉଁ ସ୍ୱଚ୍ଛ ଲହରୀ ଖେଳୁଥିବା ନିର୍ମଳ ଜଳ ଆଡ଼କୁ ଦୌଡ଼ି ଦୌଡ଼ି ଯାଉଥିଲି, ତାହା ମରୁଭୂମି । ମୁଁ ଏ ପ୍ରକାର ଜୀବନର ବାହ୍ୟ ରୂପରେ ମୁଗ୍ଧ ହୋଇ ରହିଥିଲି; ମାତ୍ର ଏବେ ମୁଁ ତାହାର ଆନ୍ତରିକ ଅବସ୍ଥା ବୁଝି ପାରିଅଛି । ଏହି ଗତ ବର୍ଷରେ ମୁଁ ଏ ଉପବନରେ ଖୁବ୍ ଭ୍ରମଣ

କଲି, ଆଜ ତାକୁ ଆଦରୁ ଅନ୍ତଯାଏ କଣ୍ଟକମୟ ଦେଖିଲି ଏଥିରେ ହୃଦୟର ଶାନ୍ତି ନାହିଁ କି ଆତ୍ମାର ଆନନ୍ଦ ନାହିଁ । ଏହା ଏକ ଉନ୍ମତ୍ତ ଅଶାନ୍ତିମୟ ସ୍ୱାର୍ଥପୂର୍ଣ୍ଣ ବିଳାସମୟ ଜୀବନ । ଏଥିରେ ନୀତି ନାହିଁ, ଧର୍ମ ନାହିଁ, ସହାନୁଭୂତି ନାହିଁ, ସହୃଦୟତା ନାହିଁ । ଭଗବାନଙ୍କ ଲାଗି ମୋତେ ଏ ଅଗ୍ନିରୁ ବଞ୍ଚାଅ । ଯଦି ଆଉ କୌଣସି ଉପାୟ ନ ଥାଏ, ତେବେ ମାଆଙ୍କଠାକୁ ଖଣ୍ଡେ ପତ୍ର ହେଲେ ଲେଖିଦିଅ; ସେ ଅବଶ୍ୟ ଏଠାକୁ ଆସିବେ । ଆପଣା ଅଭାଗା ପୁଅର ଦୁଃଖ ଦେଖି ସେ ସମ୍ଭାଳି ହୋଇ ରହିପାରିବେ ନାହିଁ । ତାଙ୍କଠାରେ ଏ ସୋସାଇଟିର ହାଉଆ ପର୍ଯ୍ୟନ୍ତ ବି ଲାଗି ନାହିଁ । ସେ ନିଶ୍ଚୟ ଆସିବେ । ତାଙ୍କର ସେ ମମତାପୂର୍ଣ୍ଣ ଦୃଷ୍ଟି, ସେ ସ୍ନେହପୂର୍ଣ୍ଣ ଶୁଶ୍ରୂଷା ମୋ ଲାଗି ଶହେ ଔଷଧର କାମ କରିବ । ଯେଉଁ ଜ୍ୟୋତିଃ ଲାଗି ମୋର ଚକ୍ଷୁ ଲାଳାୟିତ ହେଉଅଛି, ତାହା ତାଙ୍କ ମୁଖରେ ପ୍ରକାଶମାନ ହେବ । ତାଙ୍କ ହୃଦୟରେ ସ୍ନେହ ଅଛି, ବିଶ୍ୱାସ ଅଛି । ଯଦି ତାଙ୍କ କୋଳରେ ମୁଁ ମରି-ଯାଏଁ, ତେବେ ମୋ ଆତ୍ମାକୁ ଶାନ୍ତି ମିଳିବ ।

ମୁଁ ବୁଝିଲି, ଏହା ଜର ହେତୁରୁ ବାଉଳତା । ନର୍ସକୁ କହିଲି, ଟିକିଏ ବାବୁଙ୍କର ଟେମ୍ପରେଚର୍ ନିଅ ତ, ମୁଁ ସାଙ୍ଗେ ସାଙ୍ଗେ ଡାକ୍ତର ପାଖକୁ ଯାଉଛି । ମୋ ହୃଦୟ ଏକ ଅଜ୍ଞାତ ଭୟରେ ଥରିବାକୁ ଲାଗିଲା । ନର୍ସ ଥର୍ମୋମିଟର୍ ବାହାର କଲା; ମାତ୍ର ଯିମିତି ସେ ବାବୁଜୀଙ୍କ ପାଖକୁ ଯାଇଛି, ସେ ତା ହାତରୁ ସେ ଯନ୍ତ୍ର ଛଡ଼ାଇ ନେଇ ଜୋରରେ ଭୂଇଁ ଉପରେ ପିଟିଦେଲେ । ତାହା ଟିକିଟିକି ହୋଇଗଲା । ପୁଣି ମୋ ଆଡ଼କୁ ଏକ ଅବହେଳାପୂର୍ଣ୍ଣ ଦୃଷ୍ଟିରେ ଚାହିଁ କହିଲେ, "ସଫା ସଫା



"ମୋର କଷ୍ଟ ଶାରୀରିକ ନୁହେଁ, ମାନସିକ।"—ପୃ ୨୫

କହିଦେଉନାହଁ କାହିଁକି ଯେ ମୁଁ କ୍ଲବ ଘରକୁ ଯାଉଛି । ସେଥିପାଇଁ ତ ତୁମେ ଏ ଶାଢ଼ୀ ଆଉ ଗାଉନ୍ ପିନ୍ଧିଛ । ଆଚ୍ଛା, ସେ ଆଉ ବୁଲିସାରି ଯଦି ଡାକ୍ତର ପାଖକୁ ଯାଆନ୍ତି, ତେବେ ତାଙ୍କୁ କହିଦେବ ଯେ ମୋ ଟେମ୍ପରେଚର୍ ସେଇ ବିନ୍ଦୁ ଉପରକୁ ଉଠିଗଲାଣି ଯେଉଁଠାକୁ ଗଲେ ନିଆଁ ଲାଗିଯାଏ ।

ମୁଁ ଆହୁରି ଭୟଭୀତ ହୋଇପଡ଼ିଲି । ହୃଦୟରେ ଏକ କରୁଣ ଚିନ୍ତାର ସଞ୍ଚାର ହେବାକୁ ଲାଗିଲା; କଣ୍ଠ ରୁଦ୍ଧ ହୋଇ-ଆସିଲା । ବାବୁଜୀ ଆଖି ମୁଦି ଦେଇଥିଲେ ଓ ତାଙ୍କର ନିଃଶ୍ୱାସ ଖୁବ୍ ବେଗରେ ଚାଲୁଥିଲା । ମୁଁ ଦୁଆରମୁହଁ ଆଡ଼କୁ ଯାଇଁ ଭାବିଲି, କାହାକୁ ଡାକ୍ତର ପାଖକୁ ପଠାଇବି ? ସେ ତଡ଼ବଡ଼ ଶୁଣି ନିଜେ ବା କିପରି ଯାଆନ୍ତି ? ଏ ମଧ୍ୟରେ ବାବୁଜୀ ଉଠି ବସିଲେ, ଆଉ ବିନୀତ ଭାବରେ କହିଲେ, "ଶାନ୍ତି ! ମୁଁ ତୁମକୁ କିଛି କହିବାକୁ ଇଚ୍ଛା କରୁଛି । କଥାଟା ଦୁ'ସପ୍ତାହ ହେଲା ମନ ଭିତରେ ଉଠିଲାଣି; ମାତ୍ର କହିବାକୁ ସାହସ ହେଉ ନ ଥିଲା । ଆଜି ମୁଁ ନିଷ୍ପତ୍ତି କରିଛି ଯେ କହି ପକାଇବି । ମୁଁ ଏବେ ପୁଣି ଆପଣା ଘରକୁ ଯାଇ ସେହି ଆଗପରି ଜୀବନ ବିତାଇବାକୁ ଚାହୁଁଛି । ମୋର ଏବେ ଏ ଜୀବନ ପ୍ରତି ଘୃଣା ହୋଇଗଲାଣି । ଆଉ ତାହା ହିଁ ମୋର ଏ ବେମାରିର ମୁଖ୍ୟ କାରଣ । ମୋର କଷ୍ଟ ଶାରୀରିକ ନୁହେଁ, ମାନସିକ । ମୁଁ ପୁଣି ତୁମକୁ ସେହି ଆଗପରି ସଲଜ୍ଜ ଭାବରେ ମୁଣ୍ଡପୋତି ଚାଲିବା, ପୂଜା କରିବା, ରାମାୟଣ ପଢ଼ିବା, ଘର କାମଧନ୍ଦା କରିବା, ଚରଖାରେ ସୂତାକାଟିବା, ଈଶ୍ୱରଙ୍କୁ ଉପାସନା କରିବା ଏବଂ ପତିଶ୍ରଦ୍ଧାରେ ପରିପୂର୍ଣ୍ଣ ଦେଖିବାକୁ ଚାହୁଁଛି । ମୋର ବିଶ୍ୱାସ, ତୁମେ ମୋତେ ନିର୍ବାଣ

କରିବ ନାହିଁ । ତୁମକୁ ଷୋଳଅଣା ନିଜର କରିବା ଆଉ ନିଜେ ଷୋଳଅଣା ତୁମର ହେବାକୁ ମୋର ଇଚ୍ଛା । ମୁଁ ବୁଝିପାରିଲିଣି ଯେ ସେଇ ସାଧାସିଧା ପବିତ୍ର ଜୀବନରେ ହିଁ ବାସ୍ତବିକ୍ ସୁଖ ଅଛି । କହ, ତୁମେ ଏଥିରେ ରାଜି ତ ? ତୁମେ ସବୁବେଳେ ମୋର ଆଜ୍ଞା ପାଳନ କରିଆସିଛ । ଏତେବେଳେ ନିରାଶ କରିବ ନାହିଁ । ନ ହେଲେ ଏ କଷ୍ଟର ଆଉ ଶୋକର କେଉଡ଼ି ଭୟଙ୍କର ପରିଣାମ ହେବ, ତାହା ମୁଁ କହିପାରୁ ନାହିଁ ।"

ମୁଁ ହଠାତ୍ କୌଣସି ଉତ୍ତର ଦେଇପାରିଲି ନାହିଁ । ମନେ ମନେ ଭାବିବାକୁ ଲାଗିଲି, ଏ ସ୍ୱତନ୍ତ୍ର ଜୀବନରେ କେତେ ସୁଖ ଥିଲା ? ଏ ମଜା ସେଠାରେ କୁଆଡ଼େ ମିଳିବ ? ଏତେ ଦିନ ସ୍ୱତନ୍ତ୍ର ବାୟୁରେ ବିଚରଣ କରିବା ପରେ କଅଣ ପୁଣି ସେହି ପଞ୍ଜୁରୀ ଭିତରକୁ ଯିବି ? ସେଇ ପୋଇଲି ହୋଇକରି ରହିବି ? କାହିଁକି ଏ ମୋତେ ବର୍ଷ ବର୍ଷ ଧରି ସ୍ୱତନ୍ତ୍ରତାରେ ପାଠ ପଢ଼ାଇଲେ ? କାହିଁକି ବର୍ଷ ବର୍ଷ ଧରି ଦେବତାମାନଙ୍କର, ରାମାୟଣର, ପୂଜାପାଠର ଏବଂ ବ୍ରତ ଉପବାସର ନିନ୍ଦା କରି ସେ ସବୁକୁ ହସି ଉଡ଼ାଇଦେଲେ ? ଏବେ ମୁଁ ସେସବୁ କଥାକୁ ଭୁଲିଗଲି ଉତ୍ତାରୁ, ସେସବୁକୁ ମିଥ୍ୟା ବୋଲି ବିଚାରିବା ଉତ୍ତାରୁ ପୁଣି ମୋତେ ସେହି ଅନ୍ଧକୂପ ଭିତରକୁ ଠେଲି ଦେବାକୁ ଇଚ୍ଛା କରୁଛନ୍ତି ? ମୁଁ ତ ତାଙ୍କର ଇଚ୍ଛା ଅନୁସାରେ ଚଳୁଛି । ତେବେ ମୋର ଦୋଷ କ'ଣ ? ମାତ୍ର ବାବୁଙ୍କ ମୁହଁରେ ଏପରି ଏକ ଦୀନତାପୂର୍ଣ୍ଣ ବିବଶତା ରହିଥିଲା ଯେ ମୁଁ ତାହା ପ୍ରତ୍ୟକ୍ଷଭାବରେ ଅସ୍ୱୀକାର କରିପାରିଲି ନାହିଁ । କହିଲି, "ଆଚ୍ଛା, ଆପଣଙ୍କୁ ଏଠି କଅଣ କଷ୍ଟ ହେଉଛି ?" ମୁଁ ତାଙ୍କ ବିଚାରର ନିମ୍ନ ପ୍ରଦେଶପର୍ଯ୍ୟନ୍ତ ପ୍ରବେଶ କରି ଅସଲ କଥାଟା ବୁଝିବାକୁ ଚାହୁଁଥିଲି ।

ବାବୁଙ୍କ ପୁଣି ଉଠି ବସିଲେ । ଆଉ ମୋ ଆଡ଼କୁ କଠୋର ଦୃଷ୍ଟିରେ ଗୃହିଁ କହିଲେ, "ତୁମେ ଏ ପ୍ରଶ୍ନ ମୋତେ ପଗ୍ଚରିବା ବଦଳରେ ଆପଣା ହୃଦୟକୁ ପଗ୍ଚରି ନେଇଥିଲେ ବହୁତ ଭଲ ହୋଇଥାଆନ୍ତା । ମୁଁ ତୁମ ଦୃଷ୍ଟିରେ ତନି ବର୍ଷ ଆଗରେ ଯେପରି ଥିଲି, ଆଜି କଅଣ ସେଇପରି ଅଛି ? ମୁଁ ତୁମଠାରୁ ଅଧିକ ଶିକ୍ଷିତ, ଅଧିକ ବୁଦ୍ଧିମାନ୍, ଆଉ ଅଧିକ ଜାଣିବାର ହୋଇ ମଧ୍ୟ ଯେତେବେଳେ ତୁମ ପ୍ରତି ଆଗେ ଯାହା ଥିଲି ଆଜିକାଲି ତାହାହିଁ ରହି ନ ପାରିଲି, ତୁମେ ହୁଏତ ସେ କଥା ଅନୁଭବ କରିପାରୁ ନ ଥିବ; ମାତ୍ର ଯେତେବେଳେ ମୁଁ ନିଜେ ଅନୁଭବ କରୁଛି, ସେତେବେଳେ ମୁଁ କିପରି ଅନୁମାନ କରିବି ଯେ ସେଇ ସମସ୍ତ ଭାବ ତୁମଙ୍କୁ ମଧ୍ୟ ସ୍ଖଳିତ କରି ନ ଥିବ ? ନାଁ, ବରଂ ପ୍ରତ୍ୟକ୍ଷ ଚିହ୍ନ ଦେଖାପଡ଼ୁଛି ଯେ ତୁମ ହୃଦୟ ଉପରେ ସେଇସବୁ ଭାବର ଆହୁରି ଅଧିକ ପ୍ରଭାବ ପଡ଼ିଅଛି । ତୁମେ ନିଜକୁ ବାହାରର ସାଜସଜା ଆଉ ବିଳାସର ଭଉଁରୀ ଭିତରେ ଭସାଇ ଦେଇଛ, ଅଥଚ ତୁମେ ତାହା ଟିକିଏ ହେଲେ ଜାଣିପାରୁ ନାହିଁ । ଏବେ ମୋର ପୂର୍ଣ୍ଣ ବିଶ୍ୱାସ ହୋଇଗଲାଣି କି ସଭ୍ୟତା ଏବଂ ସ୍ୱେଚ୍ଛା-ଗ୍ଚରିତାର କୁପ୍ରଭାବ ସ୍ତ୍ରୀଲୋକମାନଙ୍କ କୋମଳ ହୃଦୟକୁ ଅତି ସହଜରେ ପ୍ରଭାବିତ କରିପାରେ । ଆଚ୍ଛା, କହ ଦେଖି, ତିନି ବର୍ଷ ଆଗେ ତୁମର କଅଣ ସାହସ ହୋଇପାରିଥାଆନ୍ତା ଯେ ତୁମେ ମୋତେ ଏହି ଅବସ୍ଥାରେ ଛାଡ଼ିଦେଇ କୌଣସି ପ୍ରତିବେଶିଙ୍କ ଘରକୁ ଗାଇବା ବଜାଇବାକୁ ଗ୍ଚଲିଯାଆନ୍ତ ? ମୁଁ ବିଛଣାରେ ପଡ଼ିରହି ଥାଆନ୍ତି, ଆଉ ତୁମେ ଅନ୍ୟ କାହା ଘରକୁ ଯାଇ ମଉଜ ମଜଲିସ୍ କରନ୍ତ ? ସ୍ତ୍ରୀଲୋକମାନଙ୍କ ହୃଦୟ ଅଧିକ ପ୍ରୀତିପ୍ରବଣ ହୋଇଥାଏ; ମାତ୍ର ଏ ନବୀନ ଆଧିକ୍ୟ ବଦଳରେ

ମୋତେ ସେଇ ପୁରୁଣା ଆଧିକ୍ୟ ତେର ବେଶି ସୁଖ ଲଗୁଛି । ସେ ଆଧିକ୍ୟର ଫଳ ଆତ୍ମିକ ଏବଂ ସେଥିରେ ଶାରୀରିକ ଅଭ୍ୟୁଦୟ ତଥା ହୃଦୟର ପବିତ୍ରତା ଥିଲା; ମାତ୍ର ଏ ଆଧିକ୍ୟର ଫଳ ହେଉଛି କ୍ଷୁଦ୍ରତା, ନିର୍ଲଜ୍ଜତା, ଦେଖାଇହେବା ଏବଂ ସ୍ୱେଚ୍ଛାଚାର । ସେତେବେଳେ ଯଦି ତୁମେ ଏବପରି ମିଃ ଦାସଙ୍କ ସମ୍ମୁଖରେ ହସି ହସି କଥା କହୁଥାନ୍ତ, ତେବେ ମୁଁ ହୁଏତ ତୁମକୁ ମାରିଦେଇଥାନ୍ତି, ନ ଦେଲେ ସ୍ୱୟଂ ବିଷ ଖାଇ ଦେଇଥାନ୍ତି; ମାତ୍ର ବେଶ୍ୱସ୍ୱାମୀ ଏହି ଜୀବନର ପ୍ରଧାନ ତତ୍ତ୍ୱ ଅଟେ । ମୁଁ ସବୁକଥା ସ୍ୱୟଂ ଦେଖୁଛି, ଅଉ ସହିଯାଉଛି । ହୁଏତ ଏ ବେମାରି ମୋତେ ସଚେତ କରି ନ ଦେଇଥିଲେ ମୁଁ ଏହିପରି ସହି ଯାଉଥାନ୍ତି । ଏହିକ୍ଷଣି ତୁମେ ଏଠାରେ ବସିରହିଲେ ମଧ୍ୟ ମୋର ସନ୍ତୋଷ ହେବ ନାହିଁ; କାରଣ ତୁମର ହୃଦୟ ଯେ ଏଠାରେ ନାହିଁ, ଏହି ବିଚାର ମୋତେ ବରାବର ଦୁଃଖିତ କରୁଥିବ । ଯେଉଁଠାରେ ଧନର ନାମ ହିଁ ମାନ, ଇନ୍ଦ୍ରିୟଲିପ୍ସାର ନାମ ସଭ୍ୟତା ଏବଂ ଭ୍ରଷ୍ଟତାର ନାମ ବିଚାର-ସ୍ୱାତନ୍ତ୍ର୍ୟ, ସେ ଇନ୍ଦ୍ରଜାଲ ମଧ୍ୟରୁ ନିଜକୁ ମୁକ୍ତ କରିନେବା ପାଇଁ ମୁଁ ନିଶ୍ଚୟ କରିସାରିଅଛି । କହ, ମୋର ଏ ପ୍ରସ୍ତାବରେ ତୁମେ ସ୍ୱୀକୃତ ତ ?"

ମୋର ହୃଦୟ ଉପରେ ବଜ୍ରପାତ ହେବା ପରି ବୋଧ ହେଲା । ବାବୁଜୀଙ୍କ ଅଭିପ୍ରାୟୁପୂର୍ଣ୍ଣ ଭାବ ମୋର ହୃଦୟଙ୍ଗମ ହୋଇଗଲା । ଏବେ ମଧ୍ୟ ମୋ ହୃଦୟରେ ସେଇପୁରୁଣା ଲଜ୍ଜାରୁ କିଛି କିଛି ବାକି ରହିଥିଲା । ଏ ଯନ୍ତ୍ରଣା ଅସହ୍ୟ ହୋଇପଡ଼ିଲା । ଲଜ୍ଜା ପୁନର୍ଜୀବିତ ହୋଇଉଠିଲା । ଅନ୍ତରାତ୍ମା କହିଲା, "ଅବଶ୍ୟ ମୁଁ ପ୍ରଥମେ ଯାହା ଥିଲି, ଏବେ ତାହାହିଁ ରହିନାହିଁ । ସେତେବେଳେ

ମୁଁ ଯାହାଙ୍କୁ ଆପଣାର ଇଷ୍ଟଦେବ କରି ମାନୁଥିଲି, ଯାହାଙ୍କ ଆଜ୍ଞା ମୋ ଶିରୋଧାର୍ଯ୍ୟ ଥିଲା, ଏବେ ମୋ ଦୃଷ୍ଟିରେ ସେ ଏକ ସାଧାରଣ ମନୁଷ୍ୟ ମାତ୍ର । ଚିଃ ଦାସଙ୍କ ଛବି ମୋ ଆଖି ଆଗରେ ଆଙ୍କି ହୋଇଗଲା । ମୋ ହୃଦୟ ଉପରେ ସେହି ଦୁରାତ୍ମାର କଥାର ମାଦକତା କପରି ଛୁଟି ହୋଇ ଯାଇଥିଲା, ତାହା ଭାବିବା ମାତ୍ରେ ଆଖି ଲଜ୍ଜାରେ ପୋତି ହୋଇଗଲା । ବାବୁଜୀଙ୍କ ଆନ୍ତରିକ ଅବସ୍ଥା ତାଙ୍କ ମୁହଁରୁ ହିଁ ପ୍ରକାଶିତ ହୋଇ ପଡ଼ୁଥିଲା । ସ୍ୱାର୍ଥ ଏବଂ ବିଳାସଳିପ୍ସାର ବସ୍ତିର ମୋ ହୃଦୟରୁ ଦୂର ହୋଇଗଲା । ତା ପରବର୍ତ୍ତିରେ ଏହି କଥା ସେଠାରେ ଜ୍ୱଳନ୍ତ ଅକ୍ଷରରେ ଲେଖାଥିବାର ମୋତେ ଦେଖାଗଲା—"ତୁ ଫେସନ୍ ଆଉ ବସ୍ତ୍ରଭୂଷଣରେ ଅବଶ୍ୟ ଉନ୍ନତି କରିଛୁ, ତୋ ହୃଦୟରେ ସ୍ୱତ୍ୱ ଏବଂ ଅଧିକାରର ଜ୍ଞାନ ଜାତ ହୋଇଅଛି, ତୋଠାରେ ଜୀବନର ସୁଖଭୋଗ କରିବାର ଯୋଗ୍ୟତା ଅଧିକ ହୋଇ ଯାଇଅଛି । ତୁ ଏବେ ଅଧିକ ଗର୍ବିଣୀ, ଦୃଢ଼ହୃଦୟ ଏବଂ ଶିକ୍ଷାସମ୍ପନ୍ନ ମଧ୍ୟ ହୋଇଯାଇଅଛୁ; ମାତ୍ର ତୋର ଆତ୍ମିକବଳର ବିନାଶ ହୋଇଅଛି । କାରଣ ତୁ ନିଜେ କର୍ତ୍ତବ୍ୟକୁ ଭୁଲି ଯାଇଅଛୁ ।" ମୁଁ ଦୁଇ ହାତ ଯୋଡ଼ି ବାବୁଜୀଙ୍କ ଚରଣତଳେ ପଡ଼ିଗଲି । ମୋର କଣ୍ଠ ରୁଦ୍ଧ ହୋଇଗଲା, ପଦେ କଥା ବି ମୁହଁରୁ ବାହାରିଲା ନାହିଁ ଓ ଅଶ୍ରୁଧାରା ବହିବାକୁ ଲଗିଲା ।

ଏବେ ମୁଁ ପୁଣି ଆପଣା ଘରକୁ ଆସି ଯାଇଅଛି । ମାଆ ଏବେ ମୋତେ ଅଧିକ ସମ୍ମାନ କରୁଛନ୍ତି । ବାବୁଜୀ ସନ୍ତୁଷ୍ଟ ଦେଖା ପଡ଼ୁଛନ୍ତି; ସେ ଏବେ ସ୍ୱୟଂ ପ୍ରତିଦିନ ସନ୍ଧ୍ୟା-ଉପାସନା କରୁଛନ୍ତି ।

ମିସେସ୍ ଦାସଙ୍କ ଚିଠି କେବେ କେବେ ଆସୁଛି । ତାହା ଏଲାହାବାଦ ସୋସାଇଟିର ନୂତନ ନୂତନ ସମାଚାରମାନଙ୍କରେ ପୂର୍ଣ୍ଣ । ମିଃ ଦାସ ଆଉ ମିସ୍ ଭାଟିଆଙ୍କ ସମ୍ବନ୍ଧରେ ନାନା କଳୁଷିତ କଥାମାନ ପ୍ରଚାରିତ ହେଉଛି । ମୁଁ ଏସବୁ ଚିଠିର ଅବଶ୍ୟ ଉତ୍ତର ଦେଇଦେଉଛି; ମାତ୍ର ମୋର ଇଚ୍ଛା ହେଉଛି ଯେ ସେସବୁ ଚିଠି ଏବେ ଆଉ ନ ଆସିଲେ ହିଁ ଭଲ ହୁଅନ୍ତା । ମୁଁ ଯେଉଁସବୁ ଦିନର କଥା ଭୁଲିଯିବାକୁ ଚାହୁଁଛି, ତାହା ମୋତେ ସେହିସବୁ ଦିନ କଥା ସ୍ମରଣ କରାଇଦେଉଛି ।

କାଲି ବାବୁଜୀ ବହୁତଗୁଡ଼ିଏ ପୁରୁଣା ବହି ଅଗ୍ନିଦେବଙ୍କୁ ଅର୍ପଣ କଲେ । ସେଥିମଧ୍ୟରେ ଅସ୍କର ୱାଇଲ୍ଡଙ୍କର ଅନେକ ବହି ଥିଲା । ସେ ଏବେ ଇଂରେଜୀ ବହି ବହୁତ କମ୍ ପଢ଼ୁଛନ୍ତି । ତାଙ୍କୁ କାରଲାଇଲ୍ ରସ୍କିନ୍ ଏବଂ ଇମାରସନ୍‌ଙ୍କ ଛଡ଼ା ଆଉ କୌଣସି ବହି ପଢ଼ିବାର ମୁଁ ଦେଖୁନାହିଁ । ମୁଁ ତ ନିଜ ରାମାୟଣ ଏବଂ ମହାଭାରତରେ ପୁଣି ସେହି ପୂର୍ବ ଆନନ୍ଦ ପାଇବାକୁ ଲାଗିଲିଣି । ଚରଖା ଏବେ ଆଗ ଅପେକ୍ଷା ଅଧିକ ଚଳାଉଛି; କାରଣ ଏହା ମଧ୍ୟରେ ଚରଖାର ଖୁବ୍ ପ୍ରଚାର ହୋଇ ଯାଇଅଛି ।

ନ ଚଳିବ କାହିଁକି ? ତୁ ନିଜେ ଚାହୁଁଛୁ ଯେ ତୋର ସ୍ତ୍ରୀ ହାତରେ ମୋର ଅପମାନ କରାଇବୁ । ମୋର କେଉଁ ପାପ ଲାଗି ତୁ ମୋତେ ଏ ଦଣ୍ଡ ଦେଇଲାଗିଛୁ, ମୁଁ ଜାଣିପାରୁ ନାହିଁ । କେତେ କଥା ପାଞ୍ଚି, କେତେ କଷ୍ଟ ସହି ମୁଁ ତୋତେ ମଣିଷ କରିଛି, ଆପେ ଲୁଗା ନ ପିନ୍ଧି ତୋତେ ପିନ୍ଧାଇଛି, ଆପେ ନ ଖାଇ ତୋତେ ଖୁଆଇଛି । ମୋ ଲାଗି ତୁ ସେଇ ସ୍ୱର୍ଗରେ ବସିଥିବା ଲୋକର ମୋହମତର ନିଶାଣ ଥିଲୁ, ଆଉ ମୋର ସାରା ଅଭିଳାଷର କେନ୍ଦ୍ର ଥିଲୁ । ତୋର ଶିକ୍ଷା ଲାଗି ମୁଁ ଆପଣାର ହଜାର ହଜାର ଟଙ୍କାର ଅଳଙ୍କାର ଉଡ଼ାଇଦେଇଛି । ବିଧବା ପାଖରେ ଆଉ କଅଣ ବା ନିଧି ଥିଲା ? ତାର ତୁ ମୋତେ ଏଇ ପୁରସ୍କାର ଦେଇଲାଗିଛୁ !

ପୁଅ—ତୁ ମୋଠାରୁ କଅଣ ଚାହୁଁଛୁ ମୁଁ ବୁଝିପାରୁ ନାହିଁ । ତୋର ଉପକାରମାନ ମୁଁ କି କେବେ ଭୁଲିଯାଇପାରେ ? ତୁ ମୋତେ କେବଳ ଶିକ୍ଷା ଦିଆଇ ନାହୁଁ, ମୋତେ ଜୀବଦାନ ଦେଇଛୁ, ମୋତେ ସୃଷ୍ଟି କରିଛୁ । ନିଜର ଗହଣା କେବଳ ଆହୁତି ଦେଇ ନାହୁଁ, ଆପଣା ରକ୍ତପର୍ଯ୍ୟନ୍ତ ପିଆଇଛୁ । ମୁଁ ଶହେ ଥର ମରି ଜନ୍ମହେଲେ ବି ସେ ଉପକାର ସୁଝିପାରିବି ନାହିଁ । ମୁଁ ନିଜେ ଜାଣିଶୁଣି ତୋ ଇଚ୍ଛା ବିରୁଦ୍ଧରେ କୌଣସି କାମ କରେ ନାହିଁ । ଯଥାସାଧ୍ୟ ତୋର ସେବା କରିବାରେ ମୁଁ କେବେ କୌଣସି କଥା ବାକି ରଖେନାହିଁ । ଯାହା ସୁଆଡ଼ୁ ପାଉଛି, ଆଣି ତୋ ହାତରେ ଦେଇଦେଉଛି । ତୁ ମୋଠୁଁ ଆଉ କଅଣ ଚାହୁଁଛୁ ? ମୁଁ ବା ଆଉ କଅଣ କରିପାରିବ ? ଭଗବାନ ମୋତେ, ତୋତେ ଆଉ ସଂସାରକୁ ଜନ୍ମ ଦେଇଛନ୍ତି; ତାହା ବଦଳରେ ଆମେ ତାଙ୍କୁ କଅଣ ଦେଇଥାଉଁ ? କଅଣ ବା ଦେଇପାରିବା ?

ଆମେ ତ ତାଙ୍କର ନାମ ବି ଧରୁ ନ ଥାଉଁ; ତାଙ୍କ ଯଶ ବି ତ ଗାଉ ନ ଥାଉଁ—ଏହାଦ୍ୱାରା ତାଙ୍କର ଉପକାରର ଗୁରୁତ୍ୱ କି କିଛି କମିଯାଉଛି ? ପୁଅ ସାରା ଜଗତର ପ୍ରଭୁ ହେଲେ ମଧ୍ୟ ମାଆର ବଳିଦାନର ପ୍ରତିଦାନ କଦାପି ଦେଇ-ପାରିବ ନାହିଁ । ଖୁବ୍ ବେଶି ହେଲେ ମୁଁ ତୋର ମନ ଖୁସି କରି ପାରିବି ସିନା ! ମୋର ତ କେବେ ମନେପଡ଼ୁ ନାହିଁ କି ତୋତେ ମୁଁ କେବେହେଲେ ଅସନ୍ତୁଷ୍ଟ କରିଥିବି !

ମାଆ—ତୁ ମୋର ମନ ତୁଷ୍ଟି କରୁଛୁ ? ତୋ ଘରେ ମୁଁ ଗୋଟିଏ ପୋଇଲି ପରି ରହୁଛି । ତୋ ଭାରିଯା ତ ମୋ କଥା କେବେହେଲେ ପଚାରେ ନାହିଁ । ମୁଁ ବି ତ ପୁଣି ଏକ ସମୟରେ ବୋହୂ ଥିଲି; ରାତିରେ ଘଡ଼ିଏ ପର୍ଯ୍ୟନ୍ତ ଶାଶୁଙ୍କୁ ଘଷି ଦେଇ, ଆଉଁସି ଦେଇ, ତାଙ୍କ ମୁଣ୍ଡରେ ମାଲିସ ଦେଇ, ତାଙ୍କୁ ଦୁଧ ପିଆଇସାରି, ତେବେ ଯାଇଁ ଶୋଇବାକୁ ଯାଏଁ । ତୋ ସ୍ତ୍ରୀ ତ ନଅଟା ବାଜୁ ବାଜୁ ଆପଣା ବହିପତ୍ର ଧରି ନିଜ ଶୋଇଲାଘରେ ଯାଇ ବସୁଛି; ଆଉ ଦୁଇଟାଯାକ ଝରକା ମେଲା କରିଦେଇ ମଉଜରେ ବସି ହାଓ୍ୱା ଖାଉଛି । ମୁଁ ମରେଁ ବା ଜୀଏଁ, ସେଥିରେ ତାର କିଛି ଯାଏ ଆସେ ନାହିଁ । ଏଇଥିପାଇଁ କଅଣ ମୁଁ ତୋତେ ପାଳିଥିଲି ?

ପୁଅ—ତୁ ମୋତେ ପାଳି ଆସିଥିଲୁ ତ ଏସବୁ ସେବା ମୋଠାରୁ ଆଦାୟ କରିବା ଉଚିତ ଥିଲା; ମାତ୍ର ତୁ ମୋତେ କେବେ କିଛି କହୁ ନାହୁଁ । ମୋର ଅନ୍ୟ ସାଙ୍ଗସୁଖ ବି ଅଛନ୍ତି । ତାଙ୍କ ଭିତରୁ କାହାରିକୁ ବି ମୁଁ କେବେ

ମାଆଙ୍କୁ ଘଷି ଆଉଁସି ଦେବାର ଦେଖିନାହିଁ । ତୁ ମୋର କର୍ତ୍ତବ୍ୟର ଭାର ମୋ ସ୍ତ୍ରୀ ଉପରେ କାହିଁକି ପକାଉଛୁ ? ଅବଶ୍ୟ ସେ ଯଦି ତା ଆଡ଼୍ରୁ ତୋର ସେବା କରେ, ତେବେ ମୋ ଅପେକ୍ଷା ଆଉ କେହି ଅଧିକ ଆନନ୍ଦିତ ହେବ ନାହିଁ । ମୋ ଆଖିରେ ତାର ମାନମର୍ଯ୍ୟାଦା ଦୁଇ ଗୁଣ ବଢ଼ିଯିବ । ବୋଧହୁଏ ମୁଁ ତାକୁ ଆହୁରି ଅଧିକ ଭଲ ପାଇବି । ମାତ୍ର ଯଦି ସେ ତୋର ସେବା ନ କରୁଛି, ତେବେ ତୋର ତା' ପ୍ରତି ଅପ୍ରସନ୍ନ ହେବାର କିଛି କାରଣ ନାହିଁ । ହୁଏ ତ ତା ଜାଗାରେ ଥିଲେ ମୁଁ ବି ସେହିପରି କରନ୍ତି । ଶାଶୁ ମୋତେ ଯେବେ ଆପଣା ଝିଅ ପରି ସ୍ନେହ କରନ୍ତେ, ତେବେ ମୁଁ ବି ତାଙ୍କ ପାଦ ଆଉଁସନ୍ତି । ଅବଶ୍ୟ ସେ ମୋର ସ୍ୱାମୀର ମାଆ ବୋଲି ନୁହେଁ, ସେ ମୋତେ ମାତୃବତ୍ ସ୍ନେହ କରନ୍ତି ବୋଲି । ଆଉ ମଧ୍ୟ ବୋହୂ ଶାଶୁର ଗୋଡ଼ ଘଷିବ—ଏ କଥା ମୋତେ ନିଜକୁ ଖରାପ ଲାଗେ । କିଛି ଦିନ ପୂର୍ବେ ସ୍ତ୍ରୀମାନେ ପତିଙ୍କର ଗୋଡ଼ ଘଷୁଥିଲେ, ଆଜି ବି ସେ ପ୍ରଥା ସମ୍ପୂର୍ଣ୍ଣ ଲୋପ ହୋଇନାହିଁ; ମାତ୍ର ମୋ ପତ୍ନୀ ମୋର ଗୋଡ଼ ଘଷିଦେବ ତ ମୋତେ ଗ୍ଲାନି ବୋଧହେବ । ମୁଁ ତାର ଯେଉଁ ସେବା ନ କରିପାରିବି, ସେପରି ସେବା ମୁଁ ତାଠାରୁ କଦାପି ନେବାକୁ ଚାହେଁ ନାହିଁ । ଯେଉଁ ଯୁଗରେ ସ୍ତ୍ରୀ ପତିର ଦାସୀ ବୋଲି ଧରା ହେଉଥିଲା, ଏ କଥା ସେଇ ଯୁଗର ସ୍ମାରକ । ଏବେ ତ ପତି ଏବଂ ପତ୍ନୀ ଦୁହେଁ ସମାନ । ଅନ୍ତତଃ ମୁଁ ସେଇଆ ବୁଝେଁ ।

ମାଆ—ସେଇଆ ତ ମୁଁ କହୁଛି ଯେ ତୁଇ ତାକୁ ଏହିପରି ପାଠ ପଢ଼ାଇ ମୁଣ୍ଡରେ ବସାଇଦେଇଛୁ । ତୁଇ

ମୋ ପାଖରେ ବଇଠ ସାଧିଲଗିଛି । ଏପରି ନିର୍ଲଜ୍ଜ, ଏପରି କୁଢ଼ୁଣୀ, ଏପରି ରାଗୀ, ଏପରି ଅସଭ୍ୟ ଝୋଅ ସାରା ସଂସାରରେ ନ ଥିବ । ଘରକୁ ପ୍ରାୟ ସବୁଦିନ ସାଇର ଭଉଣୀମାନେ ଆସୁଛନ୍ତି । ଏ ରଜାଘର ଝିଅ କେଜାଣି କେଉଁ ବାଉରି ସାଇରେ ବଢ଼ିଛି ଯେ, କାହାରିକୁ ଟିକିଏ ଦେଖିଲେ ଆଦର ସତ୍କାର କରୁ ନାହିଁ; ଘରଭିତରୁ ବି ବାହାରୁ ନାହିଁ । କେବେ କେବେ ଯେବେ ସେମାନେ ନିଜେ ତା କୋଠରି ଭିତରକୁ ଚାଲିଯାଆନ୍ତି, ତେବେ ବି ଏ ଗଧୀ ଖଟରୁ ସୁଦ୍ଧା ଓହ୍ଲାଏ ନାହିଁ, ଉଲକ ହୁଏ ନାହିଁ, ପାଦ ଛୁଇଁବା ତ ଦୂରର କଥା ।

ପୁଅ—ସେ ଦେବୀମାନେ ତୋ ସଙ୍ଗେ ଦେଖା କରିବାକୁ ଆସିଥିବେ, ତୋର ଆଉ ସେମାନଙ୍କ ମଧ୍ୟରେ କେଜାଣି କଅଣ କଥାବାର୍ତ୍ତା ହେଉଥିବ; ମାଆ ତୋ ବୋହୂ ଯେବେ ସେତେବେଳେ ତୁମ ମଝିରେ ଆସି ଠିଆହୋଇଯିବ, ତେବେ ତାକୁ ମୁଁ ଅଶିଷ୍ଟତା ବୋଲି କହିବି । ଅନ୍ତତଃ ମୁଁ ତ କେବେ ପସନ୍ଦ କରିବି ନାହିଁ ଯେ ଯେତେବେଳେ ମୁଁ ଆପଣା ସାଙ୍ଗସୁଖଙ୍କ ସାଙ୍ଗେ କଥାବାର୍ତ୍ତା କରୁଥିବି, ସେତେବେଳେ ତୁ କିମ୍ବା ତୋ ବୋହୂ ସେଠାରେ ଯାଇ ଠିଆହୋଇଯିବ । ସ୍ତ୍ରୀ ବି ଆପଣା ସାଙ୍ଗସୁଖଙ୍କ ସାଙ୍ଗେ ଥିବ ତ ସେ ନ ଡକାଇଲେ ମୁଁ ସେଠାକୁ କେବେ ଯିବି ନାହିଁ । ଏହା ତ ଆଜିକାଲିର ଶିଷ୍ଟାଚାର ।

ମାଆ—ତୁ ତ ସବୁ କଥାରେ ତା ପକ୍ଷ ଧରୁଛୁ ରେ ପୁଅ ! କେଜାଣି କି ଜଡ଼ିବୁଟି ଶୁଙ୍ଘାଇ ଦେଇଛି ସେ ତୋତେ !

କଏ କହୁଛୁ ଯେ ସେ ଆମ ମଝିରେ ଆସି ଠିଆ ହୋଇଯାଉ; ମାତ୍ର ବୟସାଧିକ ଲୋକଙ୍କୁ ତ ତାର ପୁଣି ଆଦର ସତ୍କାର କରିବା ଦରକାର ।

ପୁଅ—କିମିତି ?

ମାଆ—ପାଖକୁ ଯାଇ ପଣତ ଧରି ତାଙ୍କ ଗୋଡ଼ତଳେ ପ୍ରଣାମ କରିବ, ତାଙ୍କୁ ପାନଖିଲେ ଦେବ, ଟିକିଏ ପଙ୍ଖା କରିଦେବ । ଏହିସବୁ କଥାରେ ସିନା ବୋହୂର ଆଦର ହୁଏ, ଲୋକେ ତାକୁ ପ୍ରଶଂସା କରନ୍ତି । ନ ହେଲେ ସମସ୍ତେ କହୁଥିବେ କି ବୋହୂର ଗର୍ବ ହୋଇଗଲାଣି, କାହାରିକୁ ନଇଁକରି କଥା ବି ପଦେ କହୁନାହିଁ ।

ପୁଅ —(ଟିକିଏ ଚିନ୍ତା କରି) ହଁ, ସେଇଟା ଅବଶ୍ୟ ତାର ଦୋଷ । ମୁଁ ତାକୁ ବୁଝାଇଦେବି ।

ମାଆ—( ଖୁସି ହୋଇଯାଇ) ତୋତେ ସତ କହୁଛି ରେ ପୁଅ, ଖଟରୁ ଟିକିଏ ଉଠୁ ବି ନାହିଁ । ସବୁ ମାଇପେ ଛି ଛି କରୁଛନ୍ତି; କିନ୍ତୁ ତାକୁ ଟିକିଏ ହେଲେ ଲଜ ଛୁଉଁନାହିଁ । ମୁଁ ସେଠି ଥାଏଁ ଯେ ମୋ ମୁହଁ ଜଳିଯାଏ ।

ପୁଅ—ମୁଁ ବୁଝିପାରୁ ନାହିଁ, ସବୁ କଥାରେ ତୁ କାହିଁକି ଆପଣାକୁ ତା କାମ ଲାଗି ଦାୟୀ ବୋଲି ବିଚାରିବସୁଛୁ । ମୋ ଉପରେ କଚେରିରେ କେଜାଣି କେତେ ଧମକ ପଡ଼ୁଛି, ରୋଜ କୈଫିୟତ ତଲବ ହେଉଛି; ମାତ୍ର ତୋର ତ ଓଲଟି ମୋର ସହିତ ସହାନୁଭୂତି ହେଉଛି । ତୁ କଅଣ ବିଚାରୁଛୁ ଯେ ହାକିମମାନଙ୍କର ମୋ ସଙ୍ଗେ

ଶତ୍ରୁତା ଅଛି ଯେ ସେଥିପାଇଁ ସେମାନେ ଇଚ୍ଛାଧୀନରେ ମୋ ପିଛୁ ଲଗିଛନ୍ତି କମ୍ବା ସେମାନେ ପାଗଳ ହୋଇ ଯାଇଅଛନ୍ତି ଯେ ଅକାରଣରେ ମୋତେ କାମୁଡ଼ ଗୋଡ଼ାଉଛନ୍ତି ? ନା, ତାର କାରଣ ହେଉଛି, ମୁଁ ଆପଣା କାମରେ ଚଉକସ୍ ନୁହେଁ— ଭୁଲ୍ କରୁଛି, ଅଳସୁଆମି କରୁଛି, ବେପରବାଭାବରେ କାମ କରୁଛି । ହାକମମାନେ ଆଖି ଆଗରୁ ଗୁଲଗଲେ ତ ଲଗିଲି ଖବରକାଗଜ ପଢ଼ିବାରେ, ନଇଲେ ତାସ୍ ଖେଳିବାରେ । ମୋର କଅଣ ସେତେବେଳେ ସ୍ମରଣ ନ ଥାଏ ଯେ କାମ ବାକି ପଡ଼ିରହିଛି, ଆଜି ଏ ତାସ୍ ଖେଳିବାର ବେଳ ନୁହେଁ; ମାତ୍ର କିଏ ଖାତିର କରୁଛି ! ବହୁତରେ ହଁ ସାହେବ ତ ଗାଳିଦେବ, ମୁଣ୍ଡ ପୋଡ଼ି ଶୁଣିପିବ, ସେ ଢଙ୍ଗକ ବିତିଗଲେ ଗଲା । ମାତ୍ର ତୁ ମୋତେ ଦୋଷୀ ଜାଣିକରି ବି ମୋ ପକ୍ଷ ନେଉଛୁ, ଆଜି ଯଦି ଅଧିକାର ପାଇଥାନ୍ତି ତେବେ ଆମ ବଡ଼ବାବୁଙ୍କୁ ତୁ ମୋତେ କୈଫିୟତ ମାଗିବା ଅଭିଯୋଗରେ କଳାପାଣି ଦେଇଦିଅନ୍ତୁ ।

ମାଆ—(ହସିକରି) ମୋ ପୁଅକୁ କିଏ ଯେବେ ସଜା ଦେବ, ତେବେ କଅଣ ମୁଁ ତାକୁ ଫୁଲଚନ୍ଦନ ଦେଇ ପୂଜା କରିବି ?

ପୁଅ—ପ୍ରତ୍ୟେକ ପୁଅ ଆପଣା ମାଆଠାରୁ ଏହି ପ୍ରକାର ଦୟା ପାଇବାର ଆଶାକରେ, ଅଉ ସବୁ ମା'ମାନେ ଆପଣା ପୁଅମାନଙ୍କର ଦୋଷ ଘୋଡ଼ାନ୍ତି; ମାତ୍ର ବୋହୂମାନଙ୍କ ପ୍ରତି ସେମାନଙ୍କର ହୃଦୟ କାହିଁକି ଏତେ କଠୋର ହୋଇଯାଏ, ସେକଥା ମୁଁ ମୋଟେ ବୁଝିପାରୁ ନାହିଁ । ତୋ ବୋହୂକୁ ଯେତେବେଳେ ଅନ୍ୟ ମାଇପେ ଦୋଷ ଦେବେ, ସେତେବେଳେ ତୋ ମାତୃ-ସୁଲଭ ଧର୍ମ ହେଉଛି କି ତୁ ତାର ହୋଇ କ୍ଷମା

ମାଗିନେବୁ, ଶୁଣୁଚେଣୁ କଣ୍ ସେମାନଙ୍କ ଦୃଷ୍ଟିରେ ତାକୁ ଉପରକୁ ଟେକିବାକୁ ଚେଷ୍ଟା କରିବୁ । ସେମାନେ ତାକୁ ନିନ୍ଦା କଲାବେଳେ ତୁ କାହିଁକି ସେଥିରେ ସାହାଯ୍ୟ ଦେଉଛୁ ? ତାକୁ କେହି ଅପମାନ ଦେଲେ ତୋତେ ଖୁସି ଲାଗୁଛି କାହିଁକି ? ମୁଁ ବି ତ ପ୍ରତ୍ୟେକ ବ୍ରାହ୍ମଣ କିମ୍ବା ବଡ଼ ବଡ଼ ବୁଢ଼ାଙ୍କୁ ଆଦର ସତ୍କାର କରେ ନାହିଁ । ଯାହାଙ୍କ ପ୍ରତି ମୋର ହାର୍ଦ୍ଦିକ ଶ୍ରଦ୍ଧା ନାହିଁ, ସେମାନଙ୍କ ଆଗରେ ତ ମୁଁ ମୁଣ୍ଡ ନୁଆଇଁପାରେ ନାହିଁ । ଖାଲି ବାଳ ପାଚିଗଲେ, ଚମ ଲୁଜ୍ଲୁଜ୍ ହୋଇଗଲେ, ପାଟି ପାକୁଆ ହେଲେ କିମ୍ବା ଅଣ୍ଟା ନଇଁଗଲେ କେହି ଆଦରର ପାତ୍ର ହୋଇ-ଯାଏ ନାହିଁ କିମ୍ବା ଖାଲି ଚିତା ପଇତା ବା ପଣ୍ଡିତ ଓ ଶର୍ମ୍ମା ଉପାଧି ଭକ୍ତିର ବସ୍ତୁ ନୁହେ । ଏପରି ଠେଙ୍ଗାପିଟା ସମ୍ମାନକୁ ମୁଁ ନୈତିକ ଅପରାଧ ବୋଲି ମନେକରେଁ । ଯେଉଁ ଲୋକ କାୟ-ମନ-ବାକ୍ୟ ସବୁ ପ୍ରକାରରେ ସମ୍ମାନର ଯୋଗ୍ୟ, ମୁଁ ତାକୁ ହିଁ ସମ୍ମାନ କରିବ । ଯେଉଁ ଲୋକକୁ ମୁଁ ଜାଣୁଛି ଯେ ସେ କୂଟକପଟ, ସ୍ୱାର୍ଥ-ସାଧନ ଏବଂ ପରନିନ୍ଦା ଛଡ଼ା ଆଉ କିଛି କରେ ନାହିଁ, ଯାହାକୁ ମୁଁ ଜାଣୁଛି ଯେ ସେ ଲାଞ୍ଚ, ସୁଧ ତଥା ଖୋସାମତିର ରୋଜଗାରରେ ପେଟ ପୋଷୁଛି, ସେପରି ଲୋକ ସ୍ୱୟଂ ବ୍ରହ୍ମାଙ୍କ ପରମାୟୁ ନେଇ ମୋ ଆଗକୁ ଆସିଲେ ବି ମୁଁ ତାକୁ କଦାପି ଦଣ୍ଡବତ କରିବ ନାହିଁ । ଏହାକୁ ତୁମେ ମୋର ଅହଙ୍କାର ବୋଲି କହିପାର; ମାତ୍ର ମୁଁ ନାଚାର । ମୋ ମନ ନ ମାନିଲେ ମୁଁ କେବେ ମୁଣ୍ଡ ନୁଆଇବ ନାହିଁ । ସମ୍ଭବତଃ ତୋ ବୋହୂର ମନରେ ସେହି ଦେବୀମାନଙ୍କ ପ୍ରତି ଅଶ୍ରଦ୍ଧାର ଭାବ ଥାଇପାରେ । ସେମାନଙ୍କ ଭିତରୁ ଦୁଇ ଚାରି ଜଣଙ୍କୁ ମୁଁ ବି ତ ଜାଣେ । ସମସ୍ତେ ଅବଶ୍ୟ ବଡ଼ ଘରର; ମାତ୍ର ସମସ୍ତଙ୍କର ମନ ଛୋଟ, ବରଂ ମଧ୍ୟ ଛୋଟ ।

କଏ ସାକ୍ଷାତ୍ ନନ୍ଦାର ଯାଦ ତ, କଏ ଖୋସାମତ କରିବାରେ ଅଦ୍ୱିତୀୟ, କଏ ବା ଗାଳି ଫଜତ୍ କରିବାରେ ଅନୁପମ । ସମସ୍ତେ ନିତାନ୍ତ ପୁରୁଣାକାଳିଆ ମରହଟିଆ ଆଉ ଈର୍ଷାଦ୍ୱେଷରେ ଜଳି-ପୋଡ଼ି ଯାଉଛନ୍ତି । ସେମାନଙ୍କ ମଧ୍ୟରେ ଏପରି ଜଣେ କେହି ନାହିଁ, ଯେ ଆପଣାର ଘରକୁ ନରକର ନମୁନା କରି ନ ରଖିଛି । ତେଣୁ ବୋହୂ ଯେବେ ଏପରି ମାଇପଙ୍କ ଆଗେ ମୁଣ୍ଡ ନ ନୁଆଇଁଲା, ତେବେ ମୁଁ ତାକୁ ଦୋଷୀ ବୋଲି ବିଚାରେ ନାହିଁ ।

ମାଆ—ଆଚ୍ଛା ବାବୁ, ଏବେ ଚୁପ ହୁଅ । ତୁ ଦେଖିବୁ ତୋର ଏଇ ରାଣୀ ଯେବେ ଦିନେ ତୋର ହାତରେ ଚୁଲି ନ ଜଳାଇଛି, ଆଉ ଘର ଝାଡ଼ୁ ନ କରାଇଛି, ତେବେ ମୋତେ କହିବୁ । ମାଇପଙ୍କୁ ବେଶିଗୁଡ଼ାଏ ମୁଣ୍ଡରେ ବସାଇବା ଭଲ ନୁହେଁ । ବୁଢ଼ୀ ଶାଶୁ ବସି ଭାତ ରାନ୍ଧୁଥିବ, ଆଉ ଭୂଆଷୁଣୀ ବୋହୂ ବସି ବସି ଉପନ୍ୟାସ ପଢ଼ୁଥିବ, ଏପରି ନିର୍ଲଜତାର ତ ପୁଣି ଗୋଟିଏ ସୀମା ଅଛି !

ପୁଅ—ଏଇଟା ନିଷ୍ଟୟ ଭାରି ଖରାପ କଥା । ମୁଁ କଦାପି ଚାହୁଁନାହିଁ ଯେ ତୁ ବସି ଭାତ ରାନ୍ଧୁଥିବୁ, ଆଉ ସେ ଉପନ୍ୟାସ ପଢ଼ୁଥିବ । ସେ ଉପନ୍ୟାସ ପ୍ରେମଚନ୍ଦଙ୍କର ହେଲେ ବି କଅଣ ହେଲା; ମାତ୍ର ଆମର ଏ କଥା ବି ତ ବୁଝିବା ଦରକାର କି ସେ ଆପଣା ଘରେ କେବେ ରନ୍ଧାବଢ଼ା କରି ନାହିଁ । ତାଙ୍କ ସେଠାରେ ରୋଷେୟା ବ୍ରାହ୍ମଣ ଅଛି, ପୁଣି ଚୁଲି ପାଖକୁ ଗଲେ ତାର ଯେତେବେଳେ ବରାବର ମୁଣ୍ଡ ଧରୁଛି, ସେତେବେଳେ ତାକୁ ରନ୍ଧାବଢ଼ା ପାଇଁ ବାଧ୍ୟ କରିବାଦ୍ୱାରା ତା ପ୍ରତି ଅତ୍ୟାଚାର କରାହେବ । ମୁଁ ତ ବିଚାରୁଛି ଯେ ଆମ ଘରର ପ୍ରକୃତ ଅବସ୍ଥା

ସେ ଯେତିକ ଯେତିକ ଜାଣିପାରିବ, ସେତିକ ସେତିକ ତା' ବ୍ୟବହାରରେ ଆପେ ଆପେ ପରିବର୍ତ୍ତନ ହୋଇଯାଉଥିବ । ତା ଘରର ଲୋକେ ଯେ ତାକୁ କୌଣସି ଧନୀ ଘରେ ବିବାହ ନ ଦେଲେ, ସେଇଟା ସେମାନଙ୍କର ମସ୍ତ ଭୁଲ୍ । ଆପଣାର ପ୍ରକୃତ ଅବସ୍ଥା ଲୁଚାଇ ଆଉ ଆମେ ପୁରୁଣା ଜମିଦାର ଘର ବୋଲି କହି ଆମେ ବି ତ ଅନ୍ୟାୟ କରିଥାଇଁ । ଏବେ ଆମେ କେଉଁ ମୁହଁରେ କହିବା ଯେ ତୁ ଭାତ ରାନ୍ଧ, ବାସନ ମାଜ ବା ଘର ଓଳା । ଆମେ ସେମାନଙ୍କ ସଙ୍ଗେ କପଟ କରିଥାଇଁ, ଆଉ ତା ଫଳ ଆମକୁ ଭୋଗିବାକୁ ପଡ଼ିବ । ଏବେ ଆମେ ଆପଣା ଦୁରବସ୍ଥାକୁ ନମ୍ରତା, ବିନୟ ଆଉ ସହାନୁଭୂତିଦ୍ୱାରା ଘୋଡ଼ାଇବାରେ ହିଁ ଆମର ମଙ୍ଗଳ । ତା ମନରେ ଅନ୍ତତଃ ଏ ସନ୍ତୋଷ ଦେବା ପାଇଁ ଆମେ ତାକୁ ସୁବିଧା ଦେବା ଉଚିତ ଯେ ଧନ ନ ମିଳିଲା ତ ନାହିଁ କଅଣ ହୋଇଗଲା, ଘରର ଲୋକେ ତ ଭଲ ମିଳିଛନ୍ତି; ମାତ୍ର ଏ ସନ୍ତୋଷ ବି ଯଦି ତାଠାରୁ ଛଡ଼ାଇନେବା ତେବେ ତୁ ନିଜେ ବିଚାରି ଦେଖ, ତା ମନରେ କେଡ଼େ ଦାରୁଣ ବେଦନା ହେବ । ହୁଏତ ସେ ଆମର ମୁହଁ ଚାହିଁବାକୁ ବି ଘୃଣା କରିବ ।

ମାଆ—ତା ଘର ଲୋକଙ୍କର କିମିତି ଗରଜ ପଡ଼ିଲା ବୋଲି ସିନା ସେମାନେ ଆମ ଏଠି ବିବାହ ଦେଲେ । ଆମେ କଅଣ ତାଙ୍କ ପାଖକୁ ଭିଖ ମାଗିବାକୁ ଯାଇଥିଲୁଁ ?

ପୁଅ—ସେମାନଙ୍କ ଜୋଇର ଗରଜ ଥିଲା ତ ଆମର ଧନ ଆଉ କନ୍ୟା ଦୁହିଁଙ୍କର ଗରଜ ଥିଲା ।

ମାଆ—ଏଠାର ବଡ଼ ବଡ଼ ଜମିଦାରମାନେ ଆମ ସହିତ ସମ୍ବନ୍ଧ କରିବାକୁ ଚାହିଁବସିଥିଲେ ।

ପୁଅ—ତାର କାରଣ, ଆମେ ବାହାରକୁ ଧନୀ ଜମିଦାର ବୋଲି ଦେଖାଇ ହେଉଥିଲୁ । ଘରର ପ୍ରକୃତ ହାଲ ଜଣାପଡ଼ି ଯାଇଥିଲେ କେହି ଆମକୁ ପଚାରି ନ ଥାନ୍ତେ ।

ମାଆ—ତୋର ଶଶୁରଘର ଲୋକେ ଏବେ କେଉଁ ବଡ଼ ଜମିଦାର ? ଏବେ ଟିକିଏ ଭଲ ଓକିଲାତି ଚାଲିଲା ବୋଲି ସିନା ବଡ଼ଲୋକ ହୋଇଗଲେ ! ନାହିଁ ତ ତୋ ଶଶୁରର ବାପ ମୋର ଆଗରେ ଚପରାସିଗିରି କରୁଥିଲା; ଆଜ ଝିଅର ଏତେ ଗୁମାନ ଯେ ଭାତ ରାନ୍ଧିଲେ ତା ମୁଣ୍ଡ ବଥାଉଛି । ଭଲ ଭଲ ଘରର ଝିଅମାନେ ଗରିବଙ୍କ ଘରକୁ ଆସୁଛନ୍ତି, ଆଉ ଘରର ଅବସ୍ଥା ଦେଖି ସେଇଥିକି ଚାହିଁ ଚଳୁଛନ୍ତି । ସେମାନେ ତ ଆଉ ବସି ବସି ଖାଲି ଆପଣା ଭାଗ୍ୟକୁ ଦୋଷ ଦେଉ ନାହାନ୍ତି ! ଏ ଟୋକୀ ଆମ ଘରକୁ ମୋଟେ ନିଜର ବୋଲି ବିଚାରୁ ନାହିଁ ।

ପୁଅ—ସେଥିପାଇଁ ତୁ ତାକୁ ସୁବିଧା ଦେଲେ ତ ହେବ । ଯେଉଁ ଘରେ ଗାଳି ଫଜିତ ଓ କଟୂକ୍ତି ଛଡ଼ା ଆଉ କିଛି ନ ମିଳିବ, ତାକୁ ଆପଣା ଘର ବୋଲି କିଏ ବିଚାରିବ ? ଯେଉଁଠାରେ ସ୍ନେହ ଆଉ ଆଦର ମିଳିବ, ସେହି ସିନା ଘର ! କୌଣସି ଝିଅ ସୁଆଗରୁ ଓହ୍ଲାଇବା ମାତ୍ରେ ଶାଶୁକୁ ଆପଣା ମା ବୋଲି ବିଚାରେ ନାହିଁ । ଶାଶୁ ପ୍ରଥମେ ତା ସଙ୍ଗେ ମା ପରି ବ୍ୟବହାର କଲେ, ଏପରି କି ଆପଣା ଝିଅଠାରୁ ଅଧିକ ପ୍ରିୟ ବୋଲି ଭାବିଲେ ସିନା ସେ ଶାଶୁକୁ ମା ବୋଲି ବିଚାରିବ !

ମାଆ—ଆଚ୍ଛା, ତୁ ଏବେ ତୁନିହୁଅ; ମୋ ମନ ଚଡ଼ାନା । ଏ କାଳ ଏମିତି ହେଲାଣି ଯେ ପୁଅମାନେ ସ୍ତ୍ରୀର ମୁହଁ ଦେଖିଲେ

ତ ତାର ଚୋଲମ ଘାଲଟି ଯାଉଛନ୍ତି । ସେମାନେ କି ମନ୍ତ୍ର ଶିଖିକରି ଆସୁଛନ୍ତି କେଜାଣି ? ବୋହୂମାନଙ୍କର ଏହା ମଧ୍ୟ ଗୋଟିଏ ଲକ୍ଷଣ ହୋଇଗଲାଣି ଯେ ଦିନ ଦିପହର ଉପରୁ ସେମାନେ ଶେଯରୁ ଉଠିବେ । ଏପରି ଅଲକ୍ଷଣୀ ବୋହୂଙ୍କର ମୁହଁ ଗୃହିଁବା ଉଚିତ ନୁହେ ।

ପୁଅ—ମୁଁ ବି ତ ଡେରିରେ ଉଠୁଛି ମା ! ମୋତେ ତ ତୁ କେବେ ସେଥିଲାଗି ଗାଳି ଦେଇନାହୁଁ ।

ମାଆ—ତୁ ପ୍ରତି କଥାରେ ତା ସାଙ୍ଗରେ ଆପଣାକୁ ସମାନ କରୁଛୁ ?

ପୁଅ—ଏପରି ବିଚାରିବା ତ ବଡ଼ ଅନ୍ୟାୟ । ଯେପର୍ଯ୍ୟନ୍ତ ସେ ଏ ଘରକୁ ଆପଣାର ବୋଲି ନ ବିଚାରିଛି, ସେପର୍ଯ୍ୟନ୍ତ ତ ତାର ଏ ଘର ସଙ୍ଗେ କୁଣ୍ଡୁଆଁ ପରି ସମ୍ପର୍କ । କୁଣ୍ଡୁଆଁଙ୍କୁ ଆଦର ଖାତିର କରିବା; ତାର ଦୋଷ ନ ଦେଖିବା ହିଁ ତ ଆମର କର୍ତ୍ତବ୍ୟ ।

ମାଆ—ଭଗବାନ ନ କରନ୍ତୁ, କାହାକୁ ଏପରି ବୋହୂ ନ ମିଳୁ ।

ପୁଅ—ତା ହେଲେ ତ ସେ ତୋ ଘରେ ରହିସାରିଲାଣି !

ମାଆ—ସଂସାରରେ କଅଣ ମାଇପଙ୍କର ଅଭାବ ଅଛି ?

ପୁଅ—ମାଇପଙ୍କର ଅବଶ୍ୟ ଅଭାବ ନାହିଁ; ମାତ୍ର ଦେବୀ-ମାନଙ୍କର ନିଶ୍ଚୟ ଅଭାବ ଅଛି ।

ମାଆ—ହାୟରେ କପାଳ, ଏମିତି ମାଇପ ! ଶୋଇଲା ତ ଘିଲଟା କାଢ଼ କାଢ଼ ଅଣନିଃଶ୍ୱାସୀ ହୋଇଗଲେ ବି ଟିକିଏ ଉଁହୁଁ

ବ କରିବ ନାହିଁ । କେତେ ସୁନ୍ଦର ଲକ୍ଷ୍ମଣୀ ପିଲାଟା ପରି ପିଲ
ନେଇ ବାପଘରକୁ ଯାଇଥିଲ; ତିନିମାସରେ ଫେରିଲାବେଳକୁ
ପିଲର ଅଧେ ଦେହ ବି ନାହିଁ ।

ପୁଅ—ତେବେ କଅଣ ତୋର ତା ପିଲା ପ୍ରତି ଯେତେ
ସ୍ନେହ ଅଛି, ତାର ସେତେ ନାହିଁ—ଏଇ କଥା ମୁଁ ମାନିବି ?
ଏହା ତ ପ୍ରକୃତିର ନିୟମବିରୁଦ୍ଧ । ଅବଶ୍ୟ ତାର ଯେବେ ପିଲା
ପ୍ରତି ମାୟାମମତା ନ ଥାଏ, ତେବେ ସେଇଟା ତାର ଦୋଷ ।
ତୁ କାହିଁକି ତା ଦାୟିତ୍ୱ ଆପଣା ମୁଣ୍ଡରେ ନେଉଛୁ ? ତାର ଯେପରି
ମନ, ଯେପରି ଆପଣା ପିଲାକୁ ପାଳିବ; ସେ ବିଷୟରେ ତାର ପୂର୍ଣ୍ଣ
ସ୍ୱତନ୍ତ୍ରତା ରହିଛି; ମାତ୍ର ସେ ଯଦି ତୋତେ କୌଣସି ପରାମର୍ଶ
ମାଗିଲା, ତେବେ ତୁ ଆନନ୍ଦମନରେ ଦେଇଦେବୁ । ସେ ଯେବେ
ନ ପଚାରିଲା; ତେବେ ବୁଝିବୁ ଯେ ତୋର ସାହାଯ୍ୟ ତାର ଦରକାର
ନାହିଁ । ସବୁ ମାଆମାନେ ଆପଣା ପିଲାକୁ ଆଦରସ୍ନେହ କରନ୍ତି,
ଆଉ ସେ ସେଥିରୁ ବାହାର ହୋଇ ନ ପାରେ ।

ମାଆ—ତେବେ କଅଣ ମୁଁ ସବୁ ଦେଖୁଥିବି, ଆଉ ତୁଣ୍ଡ
ଫିଟାଇବି ନାହିଁ ? ଘରେ ନିଆଁ ଜଳୁଥିବାର ଦେଖୁଥିବି, ଆଉ
ମୁହଁରେ ତୁଣ୍ଡି ବାନ୍ଧି ତୁନି ହୋଇ ଠିଆହୋଇ ରହିଥିବି ?

ପୁଅ—ତୁ ଏ ଘର ଜଳିଦି ଗୁଡ଼ା ଗୃହସ୍ଥିବୁ; ତାକୁ ବହୁତ
ଦିନ ରହିବାକୁ ପଡ଼ିବ । ଘରର ହାନିଲାଭର ଚିନ୍ତା ତାକୁ ଯେତେ
ଲାଗିବ, ତୋତେ ସେତେ ଲାଗିବ ନାହିଁ । ପୁଣି ମୁଁ କଅଣ ବା
କରିପାରିବି ? ଖୁବ୍ ବେଶି ହେଲେ ତାକୁ ଗାଳିଦେବି ବା
ଧମକେଇଦେବି; ମାତ୍ର ସେ ଯଦି ସେ ଗାଳିକୁ ଖାତିର ନ କରି

ମୁହେଁ ମୁହେଁ ଜବାବ ଦେଉଛିଏ, ତେବେ ମୋ ପାଖରେ ଏପରି କି ଅସ୍ତ୍ର ଅଛି ଯେ ମୁଁ ସେଥିରେ ତାକୁ ଶାସ୍ତି ଦେଇପାରିବି ?

ମାଆ—ତୁ ଦୁଇ ଦିନ ତାକୁ କଥା ନ କହ, ଦେଖିବୁ ଲମ୍ବ ଲମ୍ବ ହୋଇଯିବ; ଆସି ଭୂମିରେ ନାକ ଘୋସାରିବ ।

ପୁଅ—ମୋର ବିଶ୍ୱାସ, ମୁଁ ତାକୁ କଥା ନ କହିବି ତ ସେ ବି ମୋତେ କଥା କହିବ ନାହିଁ । ଯଦି ତା ସଙ୍ଗରେ ବେଶି ଲାଗିବି ହୁଏତ ସେ ଆପଣା ବାପଘରକୁ ଚାଲିଯିବ ।

ମାଆ—ଈଶ୍ୱର କରନ୍ତୁ, ସେ ଦିନ ଆସୁ; ମୁଁ ତୋ ଲାଗି ନୂଆ ବୋହୂ କରି ଆଣିବି ।

ପୁଅ—ଏହା ବି ତ ସମ୍ଭବ ଯେ ସେ ଏହାରି ଗୋସେଇଁ ମା ହେବ ।

ଏତିକି ବେଳକୁ ବୋହୂ ଆସି ଠିଆ ହୋଇଗଲା । ମା ଆଉ ପୁଅ ଦୁହେଁ ସ୍ତମ୍ଭିତ ହୋଇଗଲେ । ସତେ ଯେପରି କଗୋଟାଏ ବୋମା ଆସି ପଡ଼ିଗଲା । ସେ ରମଣୀ ରୂପବତୀ, କୋମଳହୃଦୟା, ଆଉ ଗରବିଣୀ । ଦେଖିଲେ ଜଣାଯାଉଛି ଯେପରି କି ଶାସନ କରିବା ପାଇଁ ସେ ଗଢ଼ାହୋଇଛି । ଖାଲି ଗାଲରେ ଚମ ଚମ ଦେଖାଯାଉଛି, ଓଠରେ ବିଷଭରା ମୁରୁକିହସା, ଆଉ ଆଖିରେ ବ୍ୟଙ୍ଗମିଶ୍ରିତ ପରିହାସ ।

ମାଆ—( ନିଜ ସଙ୍କୋଚଭାବ ଲୁଚାଇ ) ତୋତେ କିଏ ଡାକିବାକୁ ଯାଇଥିଲା ?

ବୋହୂ—କାହିଁକି ? ଏଠି ଯେଉଁ ତାମସା ଚାଲିଛି, ତାର ଆନନ୍ଦ ମୁଁ ଟିକିଏ ନ ପାଇବ କାହିଁକି ?

ପୁଅ—ମାଆ ପୁଅଙ୍କ ମଝିରେ ତୁମର କଥା କହିବାର କୌଣସି ଅଧିକାର ନାହିଁ ।

ବୋହୂ ତମତମ ହୋଇ କହିଲା—ଆଚ୍ଛା, ଆପଣ ପାଟି ବନ୍ଦକରଖନ୍ତୁ । ଯେଉଁ ପତି ବସିବସି ଆପଣା ସ୍ତ୍ରୀର ନିନ୍ଦା ଶୁଣୁଥାଏ, ସେ ପତି ହେବାର ଯୋଗ୍ୟ ନୁହେଁ । ସେ ପତି-ଧର୍ମର କ, ଖ, ଗ ବି ଜାଣେ ନାହିଁ । କିନ୍ତୁ ମୋ ଆଗରେ ଯେବେ କିଏ ତୁମର ନିନ୍ଦା କରନ୍ତା, ତେବେ ସେ ମୋର ମାଆ ହୋଇଥିଲେ ମଧ୍ୟ ମୁଁ ତାର ଜିଭ ଓଟାରିଆଣନ୍ତି । ତୁମେ ଆମ ଘରକୁ ଗଲେ ତ ମୁଁ ସେଠି ଯାହାକୁ ଦେଖେଁ, ସେ ତୁମର ପ୍ରଶଂସା କରୁଥାଏ । ପିଲାଠାରୁ ବଡ଼ଯାଏ ସମସ୍ତେ ଚାକର ପରି ଧାଁଧପଡ଼ କରୁଥାନ୍ତି । ସେମାନଙ୍କର ଯେବେ ଶକ୍ତି ଥାଆନ୍ତା, ତେବେ ତୁମ ଲାଗି ସ୍ୱର୍ଗର ତାରା ତୋଳିଆଣନ୍ତେ । ଆଉ ତାର ଜବାବ ଏଠି ଏଇଆ ମିଳୁଛି ଯେ, କଥା କଥାକେ ବ୍ୟଙ୍ଗବିଦ୍ରୂପ, ତିରସ୍କାର ଆଉ ବହିଷ୍କାର । ଆମ ଘରଠାରେ ତ ତୁମ କଥା କେହି କହେ ନାହିଁ କି ତୁମେ ଡେରିରେ କାହିଁକି ଉଠିଲ, ତୁମେ ଅମୁକ ମହାଶୟଙ୍କୁ କାହିଁକି ଦଣ୍ଡବତ ନ କଲ, ଅମୁକଙ୍କ ଗୋଡ଼ତଳେ କାହିଁକି ମୁଣ୍ଡିଆ ନ ମାଇଲ ? ମୋ ବାପା ତ କେବେ ଆଶାକରିବେ ନାହିଁ ଯେ ତୁମେ ତାଙ୍କୁ ଘଷିଆଉଁସି ଦେବ ବା ତାଙ୍କର ଲୁଗା ଧୋଇଦେବ କିମ୍ବା ତାଙ୍କୁ ଗଣ୍ଡବାଡ଼ି ଖାଇବାକୁ ଦେବ । ମୋ ସାଥିରେ ଏଠି ଏପରି ବ୍ୟବହାର କାହିଁକି କରାହେଉଛି ? ମୁଁ ଏଠାକୁ ପୋଇଲି



"ମାଆ ପୁଅଙ୍କ ମଝିରେ ତୁମର କଥା କହିବାର କୌଣସି ଅଧିକାର ନାହିଁ ।"

ପୃ ୪୬

ହୋଇ ଆସିନାହିଁ; ତୁମର ଜୀବନସଙ୍ଗିନୀ ହୋଇ ଆସିଛି । ମାତ୍ର ଜୀବନସଙ୍ଗିନୀର ଅର୍ଥ ତ ଏହା ନୁହେ ଯେ ତୁମେ ମୋ ଉପରେ ଘୋଡ଼ା ଚଢ଼ି ମୋତେ ଚଲାଇବ ? ମୋର ଯେପରି ଇଚ୍ଛା ସେଇପରି ଭାବରେ ତୁମ ସହିତ ଆପଣା କର୍ତ୍ତବ୍ୟ ପାଳନ କରିବା ମୋର କାମ । ତାହା ପ୍ରେରଣା, ତାଡ଼ନା ବା ପୁରସ୍କାରଦ୍ୱାରା ନୁହେ, ମୋ ହୃଦୟ ଭିତରୁ ବାହାରିବା ଦରକାର । କେହି ଯଦି ମୋତେ କିଛି ମିଖାଇବାକୁ ଚାହୁଁଛି,ତେବେ ମାଆପରି ପ୍ରେମର ସହିତ ଶିଖାଉ; ମାତ୍ର କେହି ଯେବେ ଯବରଦସ୍ତି ମୋ ଛାତି ଉପରେ ଚଢ଼ି ମୋ ତଣ୍ଟିରେ ଅମୃତ ଗିଳେଇବାକୁ ଚାହିଁବ, ତେବେ ମୁଁ ଓଠ ମୁଦିଦେବି । ମୁଁ କେତେକାଳରୁ ଏ ଘରକୁ ଆପଣାର ବୋଲି ବିଚାରନ୍ତିଣି, ଆପଣା ସେବା ଏବଂ କର୍ତ୍ତବ୍ୟ ସ୍ଥିର କରିସାରନ୍ତିଣି; ମାତ୍ର ଏଠାରେ ତ ପ୍ରତି ଘଡ଼ିରେ,ପ୍ରତି ମୁହୂର୍ତ୍ତରେ ମୋ ଦେହରେ ଛୁଞ୍ଚି ଫୋଡ଼ିଦେଇ ମୋତେ ଚେତେଇ ଦିଆହେଉଛି କି ତୁ ଏ ଘରର ପୋଇଲୀ; ତୋର ଏ ଘର ସଙ୍ଗେ କୌଣସି ସମ୍ପର୍କ ନାହିଁ । ତୁ ଖାଲି ଗୋଲାମି କରିବା ଲାଗି ଏଠାକୁ ଅଣା-ହୋଇଛୁ । ଏଥିଲାଗି ମୋ ରକ୍ତ ପାଣି ଫାଟିଯାଉଛି । ଏ ଅବସ୍ଥା ଏହିପରି ଚାଲିଲେ ଦିନେ ନା ଦିନେ ତୁମେ ଦୁହେଁ ମୋର ପ୍ରାଣ ନେଇଯାଇ ଥିବ ହେବ ।

ମାଆ—ଶୁଣୁଛୁ ଆପଣା ଗେଲବସର ରାଣୀର କଥା ? ସେ ଏଠିକି ପୋଇଲୀ ହୋଇ ଆସିନାହିଁ ଆଉ କ'ଣ ରାଣୀ ହୋଇ ଆସିଛି ? ମେ ଦୁହେଁଯାକ ତାର ସେବା କରିବାକୁ ଥାଇଁ ? ତାର କାମ ମ ଉପରେ ଶାସନ କରିବା । ତାକୁ କେହି କାମ କରିବାକୁ ( ) ନାହିଁ; ମୁଁ ନିଜେ ମରିପଡ଼ି ସବୁ କରିବି ?

ଆଉ ତୁ ତା କଥା କାନପାତି ଧାନ ଦେଇ ଶୁଣିଛୁ ? ତା
ଧମକାଇ ଦେବାକୁ କି ବୁଝାଇ ସମଝାଇ ଦେବାକୁ ତୋ ପା
ଫିଟୁ ନାହିଁ—ତୁ ଥରଥର କମ୍ପୁଛୁ ।

ପୁଅ—ଆଚ୍ଛା ମା, ଟିକିଏ ମନ ଥଣ୍ଡା କରି ଭାବିଲୁ, ମୁଁ ତା କଥା ନ ଶୁଣିବି ତ ଆଉ କିଏ ଶୁଣିବ ? କଅଣ ତୁ ତା ପ୍ର ଏତିକି ସହାନୁଭୂତି ବି ଦେଖାଇବାକୁ ଚାହୁଁନୁ ? ଆଚ୍ଛା, ବାବୁ ଯେତେବେଳେ ବଞ୍ଚିଥିଲେ, ସେ ତୋ କଥା ଶୁଣୁଥିଲେ ନା ନାହିଁ ? ତୋତେ ଆଦର ସ୍ନେହ କରୁଥିଲେ ନା ନାହିଁ ? ତେବେ ମୁଁ ଆପଣା ଘରଯାଇ କଥା ଶୁଣୁଛି ତ କଅଣ ଗୋଟା ନୂଆ କଥା କରୁଛି ? ଆଉ ଏଥିରେ ତୋତେ ଖରାପ ଲାଗିବା ବା କଅଣ ଅଛି ?

ମାଆ—ହାୟରେ ପୁଅ, ତୁ ଆପଣା ସ୍ତ୍ରୀ ଆଗରେ ମୋତେ ଅପମାନ କରି ଲାଗିଛୁ । ଏଇଥି ଶୁଣିବା ଲାଗି କ'ଣ ତୋତେ ପାଳି ପୋଷି ବଡ଼ କରି ରଖିଥିଲି ? ମୋ ଛାତି ଫାଟି ଯାଉ ନାହିଁ କାହିଁକି ?

ମାଆ ଲୁହ ପୋଛୁ ପୋଛୁ ରାଗରେ ହତଜ୍ଞାନ ହୋଇ ଘର ଭିତରୁ ବାହାରିଗଲେ । ସ୍ତ୍ରୀ ପୁରୁଷ ଦୁହେଁ କୌତୁକପୂର୍ଣ୍ଣ ଆଖିରେ ତାଙ୍କ ଆଡ଼କୁ ଚାହିଁଥାନ୍ତି । ଅଳ୍ପ ସମୟ ଭିତରେ ତାହା ସହାନୁଭୂତିରେ ପରିଣତ ହୋଇଗଲା ।

ସ୍ୱାମୀ—ମାଆର ହୃଦୟ........

ସ୍ତ୍ରୀ—ମାଆର ହୃଦୟ ନୁହେ, ସ୍ତ୍ରୀଲେ ... ୟ......



"ଯେଉଁଠାରେ ଏବେ ଚିତା ଜଳୁଅଛି, ଠିକ୍ ସେହିଠାରେ କାଲି ହୋମକୁଣ୍ଡ ଥିଲା।"

ସ୍ୱାମୀ—ତାର ମାନେ……

ସ୍ତ୍ରୀ—ସ୍ତ୍ରୀଲୋକର ହୃଦୟ ଶେଷପର୍ଯ୍ୟନ୍ତ ପୁରୁଷର ଆଧ୍ୱାଯ୍ୟ ଲୋଡ଼ୁଥାଏ, ସ୍ନେହ ଲୋଡ଼ୁଥାଏ, ଆଉ ତା ଉପରେ କୌଣସି ଅନ୍ୟ ସ୍ତ୍ରୀର ପ୍ରଭାବ ଦେଖିଲେ ଈର୍ଷାରେ ଜଳିଉଠେ ।

ସ୍ୱାମୀ—କଅଣ ଗୋଟାଏ ପାଗଳ ପରି କଥାଗୁଡ଼ାଏ କହୁଛ ?

ସ୍ତ୍ରୀ—ମୁଁ ଯଥାର୍ଥ କହୁଛି ।

ସ୍ୱାମୀ—ତୁମର ଦୃଷ୍ଟିକୋଣ ଏକାବାରକେ ଭୁଲ୍ । ତୁମେ ନିଜେ ଶାଶୁ ହେଲେ ଯାଇ ଅନୁଭବ କରିପାରିବ ।

ସ୍ତ୍ରୀ—ମୋର ଶାଶୁ ହେବାର ଦରକାର ନାହିଁ । ପୁଅର ଗୋଡ଼ ହାତ ପାଇଯାଉ, ସେ ବିବାହ କରୁ, ଆଉ ଆପଣାର ଘର ସମ୍ଭାଳୁ । ମୋର ବୋହୂ ସାଙ୍ଗରେ କି ସମ୍ପର୍କ ?

ସ୍ୱାମୀ—ତମର କଅଣ ଏପରି ଅଭିଳାଷ ମୋଟେ ନାହିଁ କି ତୁମ ପୁଅ ଯୋଗ୍ୟ ହେଉ, ତୁମ ବୋହୂ ଲକ୍ଷ୍ମୀ ହେଉ; ଆଉ ସେ ଦୁହିଁଙ୍କ ଜୀବନ ସୁଖରେ କଟୁ ।

ସ୍ତ୍ରୀ—କଅଣ ମୁଁ ମାଆ ନୁହେଁ ?

ସ୍ୱାମୀ—ମାଆ ଆଉ ଶାଶୁ ଭିତରେ କଅଣ କିଛି ପ୍ରଭେଦ ଅଛି ?

ସ୍ତ୍ରୀ—ଆକାଶ ଆଉ ପାତାଳ ଭିତରେ ଯେତିକି ପ୍ରଭେଦ ଅଛି, ଏ ଦୁହିଁଙ୍କ ମଧ୍ୟରେ ସେତିକି ପ୍ରଭେଦ । ମା ଆଦର-ସ୍ନେହ କରେ, ଶାଶୁ ଶାସନ କରେ । ଯେପରି ଦସ୍ୟୁଙ୍କୁ ସହଜିକ ସାଧୁ

ପ୍ରକୃତର ସ୍ତ୍ରୀ ହେଉ ପଛକେ, ଶାଶୁ ହୋଇଗଲାକ୍ଷଣି ବେଇନ୍ସା ଗାଈ ପରି ହୋଇଯାଆନ୍ତି । ଯାହାର ପୁଅ ପ୍ରତି ଯେତିକି ବେଶି ସ୍ନେହ ଥାଏ, ସେ ବୋହୂକୁ ସେତିକି ନିର୍ଦ୍ଦୟତାର ସହିତ ଶାସନ କରେ । ମୋର ବି ଆପଣା ଉପରେ ବିଶ୍ୱାସ ନାହିଁ । ଅଧିକାର ପାଇଲେ କାହାର ଅହଂକାର ବଢ଼ି ନ ଯାଏ ? ମୁଁ ସ୍ଥିର କରି ସାରିଛି ଯେ କେବେହେଁ ଶାଶୁ ହେବି ନାହିଁ । ଶାଶୁମାନଙ୍କର କ୍ଷମତା ହେତୁହିଁ ସ୍ତ୍ରୀଲୋକମାନଙ୍କର ଗୋଲାମି ଦୃଢ଼ ହୋଇ ରହିଛି । ଯେଉଁ ଦିନ ଶାଶୁମାନେ ନ ରହିବେ, ସେହି ଦିନଠାରୁ ସ୍ତ୍ରୀଲୋକମାନଙ୍କର ଗୋଲାମିର ଅନ୍ତ ହୋଇଯିବ ।

ସ୍ୱାମୀ—ମୋର ମନେହୁଏ, ତୁମେ ଠିକ୍ ଏ ବୁଦ୍ଧିର ସହିତ କାମ କଲେ ତୁମେ ମା ଉପରେ ବି ଶାସନ ଚଳାଇପାରିବ । ଆମେ କଅଣ କଅଣ କଥାବାର୍ତ୍ତା ହେଉଥିଲୁଁ, ତୁମେ କିଛି ଶୁଣିଛ ?

ସ୍ତ୍ରୀ—ନ ଶୁଣିଲେ ବି ମୁଁ ବୁଝିପାରୁଛି ଯେ କଅଣ କଥାସବୁ ପଡ଼ିଥିବ ? ସେହି ବୋହୂର ଦୋଷ···

ସ୍ୱାମୀ—ନାହିଁ ନାହିଁ, ତୁମେ ବିଲ୍‌କୁଲ ଭୁଲ ବୁଝିଛ । ମା'ଙ୍କ ମନରେ ମୁଁ ଆଜି ବିସ୍ମୟକର ପରିବର୍ତ୍ତନ ଦେଖିଲି, ବିଲ୍‌କୁଲ ଅଭୂତପୂର୍ବ । ଆଜି ସେ ଯେପରି କି ଆପଣା କଟୁତା ଲାଗି ଲଜ୍ଜିତ ହୋଇଯାଉଥିଲା, ଅବଶ୍ୟ ପ୍ରତ୍ୟକ୍ଷ ରୂପରେ ନୁହେ, ସଙ୍କେତ ରୂପରେ । ଆଜଯାଏ ତୁମେ ଡେରିରେ ଉଠ ବୋଲି ସେ ତୁମ ଉପରେ ବିରକ୍ତ ହେଉଥିଲା । ଏବେ ବୋଧହୁଏ ତା ମନରେ ଭାବନା ହେଉଛି ଯେ ତୁମେ ଭୋରରୁ ଉଠିଲେ କାଳେ ତୁମକୁ ଥଣ୍ଡି ଧରିଯିବ, ତୁମ ଲାଗି ପାଣି ଗରମ କରିବାକୁ କହୁଥିଲା ।

ସ୍ତ୍ରୀ—( ଭାରି ଖୁସି ହୋଇ ) ସତେ ?

ସ୍ୱାମୀ—ହଁ, ମୁଁ ତ ଶୁଣିକରି ଆଶ୍ଚର୍ଯ୍ୟ ହୋଇଗଲି ।

ସ୍ତ୍ରୀ—ତେବେ ଏଣିକି ମୁଁ ମୁହଁଅନ୍ଧାରୁଆରୁ ଉଠିବି । ଏମିତି କଅଣ ଶର୍ଦ୍ଦି ଲାଗିଯିବ ଯେ ? ମାତ୍ର ତୁମ୍ଭେ ମୋତେ ଠକୁନାହଁ ତ ?

ସ୍ୱାମୀ—ଏ ଅବିଶ୍ୱାସର ଆଉ କି ଔଷଧ ଅଛି ? ଲୋକର ମନରେ ତ ପୁଣି କେବେ କେବେ ଆପଣା ଅନ୍ୟାୟ ଲାଗି ଅନୁଶୋଚନା ହୋଇଥାଏ ।

ସ୍ତ୍ରୀ—ତୁମ ମୁହଁରେ ଫୁଲଚନ୍ଦନ ପଡ଼ୁ । ଏଣିକି ମୁଁ ବଡ଼ ଅନ୍ଧାରୁଆରୁ ଉଠିବି । ସେ ବଗୃର ମୋ ଲାଗି କାହିଁକି ପାଣି ଗରମ କରିବେ ? ମୁଁ ନିଜେ ଗରମ କରିନେବି ? ଲୋକ କରିବାକୁ ଇଚ୍ଛା କଲେ କଅଣ ନ କରିପାରେ ?

ସ୍ୱାମୀ—ମୋତେ ତା କଥା ଶୁଣି ଏପରି ଲାଗୁଥିଲା, ଯିମିତି କି କୌଣସି ଦୈବୀ ଆଦେଶ ତାର ଆତ୍ମାକୁ ଜାଗରିତ କରିଦେଇଛି, ତୁମର ଅଲିଅଳପଣ ଆଉ ଚପଳତା ଲାଗି ଘରେ ଗାଉଁ ଗାଉଁ ହେଉଛି । ସେ ବୁଝୁଛି ଯେ ଘରକୁ କେହି ମାନ୍ୟବ୍ୟକ୍ତି ଆସିଗଲେ, ତୁମେ ତାଙ୍କୁ ଓଲଗି ହୁଅନ୍ତ; ମାତ୍ର ବୋଧହୁଏ ଏବେ ସେ ବୁଝିପାରିଲାଣି ଯେ, ଯେ ଏ ବୟସରେ ସମସ୍ତେ ଉଣାଅଧିକେ ଅଲିଅଳ ହୋଇଥାନ୍ତି । ସମ୍ଭବତଃ ତାର ଆପଣା ଯୌବନ କଥା ମନେ ପଡ଼ିଯାଉଛି । କହୁଥିଲା—ଏ ତ ସଉକ ହେବା, ବେଶ ହେବା, ଲୁଗାପଟା ପିନ୍ଧିବା, ଆଉ ଖାଇବା ଖେଳିବାର ଦିନ । ବୃଡୀମାନେ ତ ଦିନତମାମ ଲାଗିଛନ୍ତି, କଏ କେବେ ସେମାନଙ୍କ

ଚରଣ ଛୁଇଁବ, ଆଉ କାହାଁକ ବା ଛୁଇଁବ ? ଏମିତ କେଉଁଠାରେ ଭଗ ଦେବାଗୁଡ଼ାଏ ଅଛନ୍ତ ଯେ !

ସ୍ତ୍ରୀ—ଏହା ଶୁଣି ଆନନ୍ଦରେ ମୁଁ ପାଗଲ ହୋଇଯିବା ପରି ଲଗୁଛି ।

ସ୍ୱାମୀ—ମୋର ତ ମୋଟେ ବିଶ୍ୱାସ ହେଉ ନ ଥିଲ ସନ୍ଦେହ ହେଉଥିଲ—ମୁଁ କଅଣ ସ୍ୱପ୍ନ ଦେଖୁଛି କି ?

ସ୍ତ୍ରୀ—ଏବେ ବାଟକୁ ଆସି ଗଲେଣି ।

ସ୍ୱାମୀ—କୌଣସି ଦୈବୀପ୍ରେରଣା ବୋଲ ବୁଝ ।

ସ୍ତ୍ରୀ—ମୁଁ କାଲଠୁଁ ଖାଣ୍ଟି ବୋହୂ ହୋଇଯିବ । ମୁଁ କେତେବେଳେ ସଜବାଜ ଅଲତା ସିନ୍ଦୂର ହେବ, କେହି ଜାଣି ବି ପାରିବେ ନାହିଁ । ସିନେମା ଦେଖିବା ଲଗି ବି ସପ୍ତାହରେ ଥରେ ଯଥେଷ୍ଟ । ବୁଢ଼ୀମାନଙ୍କର ପାଦ ଟିକଏ ଛୁଇଁଦେବାରେ ବା କଅଣ ଦୋଷ ଅଛି ? ସେମାନେ ଦେବୀ ନ ହୁଅନ୍ତୁ, ଡାହାଣୀ ପେଡନୀ ହୁଅନ୍ତୁ ପଛକେ, ମୋତେ ତ ଆଶୀର୍ବାଦ କରିବେ, ମୋ ଗୁଣ ତ ଗାଇବେ !

ସ୍ୱାମୀ—ସିନେମାର ତ ସେ ନାଁ ବି ଧର ନାହିଁ ।

ସ୍ତ୍ରୀ—ତୁମର ତ ସେଥିରେ ଭାରି ଝୁଙ୍କି, ଏଣିକି ତୁମକୁ ବି ଯିବାକୁ ଦେବି ନାହିଁ ।

ସ୍ୱାମୀ—ମାତ୍ର ଭାବ ଦେଖ, ତୁମେ କେତେ ଉଚ୍ଚଶିକ୍ଷା ପାଇଛ, କେତେ ବଡ଼ଘରର ଝିଅ ତୁମେ, ଏହିସବୁ ଫୋକ୍ଲୁବୁଲା ବୁଢ଼ୀଙ୍କର ଗୋଡ଼ତଳେ ମୁଣ୍ଡିଆ ମାରିବା ତୁମ ପକ୍ଷରେ ଆଦୌ ସୁନ୍ଦର ଦିଶିବ ନାହିଁ ।

ସ୍ତ୍ରୀ—ତେବେ କଅଣ ଉଚ୍ଚଶିକ୍ଷାର ଏଇଆ ଅର୍ଥ ଯେ, ଆମେ ଅନ୍ୟକୁ ଶ୍ରେଷ୍ଠ ବୋଲି ବସ୍ତୁରିବା ? ବୁଢ଼ୀମାନେ ଯେତେ ମୂର୍ଖ ହୁଅନ୍ତୁ ପଛକେ, ଦୁନିଆଁର ଅନୁଭୂତି ତ ସେମାନଙ୍କର ଅଛି । କୁଳର ପ୍ରତିଷ୍ଠା ନମ୍ରତା ଓ ସଦ୍‌ବ୍ୟବହାରଦ୍ୱାରା ହୁଏ; ଗର୍ବ ଆଉ ରୁକ୍ଷତା ଦ୍ୱାରା ନୁହେ ।

ସ୍ୱାମୀ—ମୋତେ ତ ଏଇଥୁ ଆଶ୍ଚର୍ଯ୍ୟ ଲଗୁଛି କି, ଏତେ ଜଲ୍ଦି ତାର ପ୍ରକୃତି କିପରି ବଦଳିଗଲା । ବୋହୂମାନେ ଶାଶୁମାନଙ୍କର ଗୋଡ଼ ଘଷିଦେବେ ବା ସେମାନଙ୍କର ଲୁଗା କାଚି ଦେବେ—ଏବେ ଏ କଥା ତାକୁ ଖରାପ ଲାଗିଲାଣି । କହୁଥିଲା, ବୋହୂମାନେ କଅଣ ଚୋରିଆଣି ହୋଇଛନ୍ତି ଯେ ବସି ବସି ଶାଶୁମାନଙ୍କ ଗୋଡ଼ ଘଷିବେ ?

ସ୍ତ୍ରୀ—ସତେ ? ମୋ ରାଣ ?

ସ୍ୱାମୀ—ହଁ ହେ, ସତ କହୁଛି । ଆଉ କଥା ତେଣିକି ଥାଉ, ଏଣିକି ତୁମଙ୍କୁ ରନ୍ଧାବଢ଼ା ବି କରାଇଦେବ ନାହିଁ କହୁଥିଲା । ଯେବେ ବୋହୂର ମୁଣ୍ଡ ଧରୁଛି, ତେବେ କାହିଁକି ତାକୁ କଷ୍ଟ ଦେବୁ ? ଗୋଟାଏ ପୂଜାରି ରଖିନେ ।

ସ୍ତ୍ରୀ—(ଆନନ୍ଦରେ ଆତ୍ମହରା ହୋଇ) ମୋତେ ତ ସ୍ୱର୍ଗକୁ ଉଠିଗଲାପରି ଲଗୁଛି । ଏପରି ଶାଶୁଙ୍କର ତ ଗୋଡ଼ ଧୋଇ ପାଣି ପିଇବା ଉଚିତ । ଆଚ୍ଛା, ତୁମେ ତାଙ୍କୁ ପଚାରିଲ ନାହିଁ, ଆଜିଯାଏ ତୁ କାହିଁକି ତାକୁ ମାରି ଧରି ମଣ କରିବାଟରେ ଲାଗିଥିଲୁ ?

ସ୍ୱାମୀ—ନ ପଚାରନ୍ତି କିଆଁ ? ମୁଁ କ'ଣ ଗୁଢ଼ିବା ଲୋକ ? ସେ କହିଲା, ମୋ ଆଖି ଫୁଟି ଯାଇଥିଲା । ବସ୍ତୁରୁଥିଲି, ମୁଁ ତ

ସବୁବେଳେ ରନ୍ଧାବଢ଼ା କରି ଆସିଛୁ; ସେ କି ରାନ୍ଧିବ କାହିଁ ? ମାତ୍ର ଏବେ ସେ ବୁଝିପାରିଲାଣି ଯେ ସେ ନିର୍ଦ୍ଧନ ଘରର ଝିଅ ଥିଲା, ଆଜି ତୁମେ ବଡ଼ଘରର କନ୍ୟା ।

ସ୍ତ୍ରୀ—ମାଆଙ୍କର ମନ ଭାରି ଖୋଲାଖୋଲା ।

ସ୍ୱାମୀ—ଖାଲି ଟିକଏ ପୁରୁଣାକାଳିଆ ବାଟ ଧରି ଚାଲିବ ତାର ଭାରି ଜିଦ୍ ।

ସ୍ତ୍ରୀ—ମୁଁ ତ ଭାବେ ସେଇଟା କ୍ଷମଣୀୟ । ଆମେ ଯେଉଁ ଜଳବାୟୁରେ ବଢ଼ିଥାଇଁ ତାକୁ ଏକାବେଳକେ ବଦଳାଇ ଦେଇ ହେବ ନାହିଁ । ଯେଉଁ ପ୍ରଥା ଏବଂ ପରମ୍ପରା ମଧ୍ୟରେ ତାଙ୍କ ଜୀବନ କଟିଛି, ତାକୁ ହଠାତ୍ ତ୍ୟାଗ କରିଦେବା ତାଙ୍କ ପକ୍ଷରେ କଠିନ । ସେ କ'ଣ, କେହି ବି ତା ଛାଡ଼ିପାରିବେ ନାହିଁ । ସେ ବରଂ ବହୁତ ଉଦାର; ତୁମେ ତାଙ୍କ କଥାରେ ପୂଜାରି ରଖ ନାହିଁ । ତୁଚ୍ଛାଟାରେ କାହିଁକି ଋଣଗ୍ରସ୍ତ ହେବ ? ଅବସ୍ଥା ଟିକଏ ଭଲ ହୋଇଯାଉ, ତା ପରେ ପୂଜାରି ରଖିବ ? ବର୍ତ୍ତମାନ ମୁଁ ନିଜେ ରନ୍ଧାବଢ଼ା କରି ନେଉଥିବି । ତିନି ଚାରି ଜଣଙ୍କର ଖାଇବା କ'ଣ ଭାରି କଥା ? ମୋ ସାହାଯ୍ୟଦ୍ୱାରା ମାଆଙ୍କୁ ତ କିଛି ହେଲେ ଆରାମ ମିଳିବ । ମୁଁ ସବୁ କାମ ଜାଣେ; ମାତ୍ର ମୋ ଉପରେ କେହି ଅଧିକାର ବିସ୍ତାର କରିବାକୁ ଚାହିଁଲେ, ମୋଠାରୁ ଖରାପ ଲୋକ ଆଉ କେହି ନାହିଁ ।

ସ୍ୱାମୀ—ମାତ୍ର ତୁମେ ରାତିରେ ମାଆର ଗୋଡ଼ ଘଷିଦେବ; ଏ କଥା ତ ମୋତେ ଖରାପ ଲାଗିବ ।

ସ୍ତ୍ରୀ—ଖରାପ ଲଗିବାର କଥା କଅଣ ଅଛି ? ତାଙ୍କର ଯେତେବେଳେ ମୋ ଉପରେ ଏତେ ମମତା, ସେତେବେଳେ ତାଙ୍କ ଆଦର, ସମ୍ମାନ କରିବା ଉଚିତ । ଯେଉଁ ଦିନ ମୁଁ ତାଙ୍କର ଗୋଡ଼ ଘଷି ବସିବି, ସେହି ଦିନଠାରୁ ସେ ମୋ ଲାଗି ପ୍ରାଣ ଦେବାକୁ ତିଆର ହେବେ । ପୁଣି ପୁଅ ବୋହୂଙ୍କଠାରୁ ତାଙ୍କର ତ କିଛି ସୁଖ ପାଇବା ଉଚିତ । ଗୁରୁଜନମାନଙ୍କ ସେବା କରିବାରେ ମାନହାନି ହୁଏ ନାହିଁ । ସେ ଶାସନ କରିବାକୁ ବସିଲେ ମୋତେ ଖରାପ ଲଗେ । ଆଉ ମାଆ କଅଣ କେବେ ସତରେ ମୋ ହାତରେ ଗୋଡ଼ ଘଷେଇ ହେବେ ? ଖାଲି ମାହାଳିଆରେ ଯଶ ମିଳିଯିବ ।

ସ୍ୱାମୀ—ଏଣିକି ମାଆକୁ ତ ଆଉ ତୁମର ଉଡ଼ାବୁଡ଼ା ଖର୍ଚ୍ଚ ବି ଖରାପ ଲାଗୁନାହିଁ । କହୁଥିଲି, ଟଙ୍କା ପଇସା ବୋହୂ ହାତରେ ଏଣିକି ଦେଇ ଦେଉଥିବୁ ।

ସ୍ତ୍ରୀ—ଚିଡ଼ିକରି ତ କହୁ ନ ଥିଲେ ?

ସ୍ୱାମୀ—ନାହିଁ ନାହିଁ, ମନ ଖୁସିରେ କହୁଥିଲେ । ତା ମନରେ ଏବେ ଆଶଙ୍କା ହେଉଛି ଯେ, ତା ହାତରେ ପଇସା ରହିବାଦ୍ୱାରା ତୁମର ଅସୁବିଧା ହେଉଥିବ । ଥରକୁ ଥର ତାଙ୍କୁ ପଇସା ମାଗିବାକୁ ତୁମକୁ ଲାଜ ମାଡ଼ୁଥିବ । ତୁମେ ବି ଡରୁଥିବ, ଆଉ ତୁମର ଦରକାର ପଡ଼ିଲାବେଳେ ତୁମେ ସଙ୍କୁଚିତ ହୋଇ କହୁ ନ ଥିବ ।

ସ୍ତ୍ରୀ—ନାହିଁ ବାବୁ, ମୁଁ ସେ ଜଞ୍ଜାଳ ଏବେଠୁଁ ମୁଣ୍ଡଉପରକୁ ନେବି ନାହିଁ । ତୁମର ତ ସାମାନ୍ୟ ରୋଜଗାର, କାଲେ [illegible]

ଖର୍ଚ୍ଚ ହୋଇଯିବ ବୋଇଲେ ମାସ କଟିବା ମୁଷ୍କିଲ୍ ହୋଇପଡ଼ିବ ! ଅଳ୍ପରେ କାମ ଚଳାଇନେବା ବିଦ୍ୟା ତାଙ୍କୁ ଆସେ । ମୋର ବା କଅଣ ଏମିତି ଖର୍ଚ୍ଚ ଦରକାର ପଡ଼ୁଛି ? ମୁଁ ତ ଖାଲି ମାଆଙ୍କୁ ଚିଡ଼ାଇବା ପାଇଁ ତାଙ୍କୁ ଥରକୁ ଥର ଟଙ୍କା ମାଗୁଥାଏଁ । ମୋର ତ ନିଜ ପାଖରେ ପଚିଶ କି ଶହେ ଟଙ୍କା ପଡ଼ିରହିଛି । ବାପାଙ୍କ ପାଖରୁ ଚିଠି ଆସିଲେ ତ ତା ଭିତରେ ଦଶ କୋଡ଼ିଏ ଟଙ୍କାର ନୋଟ ନିଶ୍ଚୟ ଥାଏ । ମାତ୍ର ଏଣିକି ମୁଁ ଟିକିଏ ମୁଠା ଚିପି ଚଳିବି । ବାପା ବା କେତେ ଦିନ ଦେଇ ଲାଗିଥିବେ ! ଏ ବି କେଉଁ ଭଲ କଥା ଯେ, ମୁଁ ସବୁଦିନ ତାଙ୍କଠାରୁ ଟିକସ ଆଦାୟ କରୁଥିବି ?

ସ୍ୱାମୀ—ତୁମେ ଲକ୍ଷ୍ୟ କରିବ, ମା' ଏବେ ତୁମଙ୍କୁ କେତେ ସୁଖ ପାଉଛି ।

ସ୍ତ୍ରୀ—ତୁମେ ବି ଦେଖିବ, ମୁଁ ତାଙ୍କୁ କେତେ ସେବା କରୁଛି ।

ସ୍ୱାମୀ—ମାତ୍ର ଆରମ୍ଭ ତ ସେଇ କାଲି ।

ସ୍ତ୍ରୀ—ତାଙ୍କ ଆରମ୍ଭ କଥାରେ ସିନା, ବ୍ୟବହାରରେ ତ ଆରମ୍ଭ ମୋର ଆଜି ହିଁ ହେବ । ଭାତ ରାନ୍ଧିବାର ବେଳ ହୋଇଗଲାଣି; ମୁଁ ଯାଉଛି । ଆଜି କିଛି ଭଲ ଜିନିଷ ଖାଇବାକୁ ତ ମନ ନାହିଁ ?

ସ୍ୱାମୀ—ତୁମ ହାତରେ ଶୁଖିଲା ରୁଟି ବି ଭଲ ମାଲ ପରି ସୁଆଦ ଲାଗିବ ।

ସ୍ତ୍ରୀ—ଏ ବାହାରିଲା ରସିକତା !

———

ଯଦି ବହୁତ ସମ୍ବସମ୍ପାଳ ମୁଣ୍ଡ ପୋଡିନେଲେ ମଧ୍ୟ ପଣ୍ଡିବାଗରଙ୍କ
ଲୋକଙ୍କ ସହିତ ଏକାଠି ଚଳି ହୋଇ ନ ପାରିଲ, ତେବେ
ଭବିଷ୍ୟତ ପାଇଁ ଜୀବନକୁ ନଷ୍ଟ କରିବା ଅପେକ୍ଷା ଆପଣାର
ଅଲଗା ବ୍ୟବସ୍ଥା କରିନେବା ଶ୍ରେୟସ୍କର ଅଟେ ।

ଆନନ୍ଦୀ ଗୋଟିଏ ବଡ଼ ଉଚ୍ଚ କୁଳର ଝିଅ । ତାର ବାପା
ସ୍ୱରୂ ଟିଏ ଶ୍ରେଷ୍ଠ ଦେଶୀରାଜ୍ୟର ତାଲୁକଦାର ଥିଲେ । ବିଶାଳ
ହୋ , ଗୋଟିଏ ହାତୀ, ତିନିଟା କୁକୁର, ବାଜଆଣ, କାକତୁଆ,
ଝୁଲୁ ାନୁସ୍, ଅନରାରି ମ୍ୟାଜିଷ୍ଟ୍ରେଟ, ଆଉ ଋଣ ଇତ୍ୟାଦି ଯାହା
ବୁଢ଼ୀ କୌଣସି ତାଲୁକଦାରଙ୍କର ଭୋଗ୍ୟ ପଦାର୍ଥ, ସେ ସମସ୍ତ
କାହିଁକି ାରେ ବିଦ୍ୟମାନ ଥିଲା । ନାମ ଥିଲା ଭୁପ ସିଂହ । ସେ
ଯେମ ଦାରଚିତ୍ତ ଏବଂ ପ୍ରତିଭାଶାଳୀ ବ୍ୟକ୍ତି ଥିଲେ; ମାତ୍ର
ସମ୍ପତ୍ତିର ତାଙ୍କର ଗୋଟିଏ ହେଲେ ପୁଅ ନ ଥିଲା । ସାତୋଟି
ବର୍ତ୍ତମାନ ହୋଇଥିଲେ ଏବଂ ଦୈବଯୋଗରୁ ସମସ୍ତେ ବଞ୍ଚି
ସାହେବଙ୍କ ପ୍ରଥମ ଉତ୍ସାହରେ ତ ସେ ତିନୋଟିଙ୍କର ବିବାହ
ସିଂହ । ସେ ଆଡ଼ମ୍ବରରେ କଲେ; ମାତ୍ର ଯେତେବେଳେ ପନ୍ଦର
ପାଣ କରିଥିଲେ ର ଟଙ୍କାର କରଜ ମୁଣ୍ଡ ଉପରେ ବସିଗଲା,
ଶ୍ରେଷ୍ଠ ପୁଅ କ ଆଖି ଫିଟିଲା; ବ୍ୟୟସଙ୍କୋଚ କରିବାକୁ ବାଧ
ସ୍ଥାନ ଥିଲେ ଆନନ୍ଦୀ ଚତୁର୍ଥ କନ୍ୟା; ସେ ନିଜର ସବୁ ଭଉଣୀଙ୍କ-
ସଙ୍କାନ୍ତ ଓ ଙ୍କ ରୂପବତୀ ଓ ଗୁଣବତୀ ଥିଲା । ସେଥିଲାଗି ଠାକୁର
ଶ୍ରୀକଣ୍ଠ ଧ ାଙ୍କ ଭରି ସ୍ନେହ ଆଦର କରୁଥିଲେ । ସୁନ୍ଦର
ଏହି ଶାରୀରିକ ବ ଅଧିକ ସ୍ନେହ ଓ ଆଦର କରିବା ସବସ
ଲାଗି ଉତ୍ସର୍ଗ କରି ବିବାହ କେଉଁଠାରେ କରିବେ,
ଅଷର ତାଙ୍କ ଶରୀରକୁ ଦୁର୍ବଳ ନ୍ତାରେ ପଡ଼ିଥିଲେ । ଋଣର
ଦେଇଥିଲା । ଏହି କାରଣରୁ ବୈଦ୍ୟ

ଖର୍ଚ୍ଚ ହୋଇଯିବ ବୋଇଲେ ମାସ କଟିବା ମୁସ୍କିଲ୍ ହୋଇପଡ଼ିବ । ଅଳ୍ପରେ କାମ ଚଳାଇନେବା ବିଦ୍ୟା ତାଙ୍କୁଇ ଆସେ । ମୋର ବା କଅଣ ଏମିତି ଖର୍ଚ୍ଚ ଦରକାର ପଡ଼ୁଛି ? ମୁଁ ତ ଖାଲି ମାଆଙ୍କୁ ଚିଡ଼ାଇବା ପାଇଁ ତାଙ୍କୁ ଥରକୁ ଥର ଟଙ୍କା ମାଗୁଥାଏଁ । ମୋର ତ ନିଜ ପାଖରେ ପଚିଶ କି ଶହେ ଟଙ୍କା ପଡ଼ିରହିଛି । ବାପାଙ୍କ ପାଖରୁ ଚିଠି ଆସିଲେ ତ ତା ଭିତରେ ଦଶ କୋଡ଼ି ଟଙ୍କାର ନୋଟ ନିଶ୍ଚୟ ଥାଏ । ମାତ୍ର ଏଣିକି ମୁଁ ଟିକିଏ ମୁଣ୍ଡ ଖାଟି ଚଳିବି । ବାପା ବା କେତେ ଦିନ ଦେଇ ଲାଗିଥିବେ ? ଏ ବା କେଉଁ ଭଲ କଥା ଯେ, ମୁଁ ସବୁଦିନ ତାଙ୍କଠାରୁ ନିଅସ୍କାର ଆଦାୟ କରୁଥିବି ? ସ୍ମାନ

ସ୍ୱାମୀ—ତୁମେ ଲକ୍ଷ୍ୟ କରିବ, ମା' ଏତେବେ ତୁମଙ୍କୁ ନେଯୋଗ ସୁଖ ପାଉଛି । ପାର୍ଟ

ସ୍ତ୍ରୀ—ତୁମେ ବି ଦେଖିବ, ମୁଁ ତାଙ୍କୁ କେତେ ନ୍ନଦାତା କରୁଛି । ମିକତାର

ସ୍ୱାମୀ—ମାତ୍ର ଆରମ୍ଭ ତ ସେଇ କଲା । ସେ ଏକାନ୍ତ

ସ୍ତ୍ରୀ—ତାଙ୍କ ଆରମ୍ଭ କଥାରେ ସିନା, ବ୍ୟଙ୍ଗୁଟିମ୍ଭ ଭିତରେ ଆରମ୍ଭ ମୋର ଆଉ ହବିଁ ହେବ । ଭାତ ରାନ୍ଧିବାକୁ ସେ ଜାଣି ହୋଇଗଲାଣି; ମୁଁ ଯାଉଛି । ଆଜି କିଛି ଭଲ ଜିନିଷ ଖାଇବାକି ମନେ ମନ ନାହିଁ ? ତାଙ୍କର

ସ୍ୱାମୀ—ତୁମ ହାତରେ ଶୁଖିଲା ରୁଟି ବି ଭଲ ମା, ବୋଲି ସୁଆଦ ଲାଗିବ । ନିଜେ ତାଙ୍କ

ସ୍ତ୍ରୀ—ଏ ବାହାରିଲା ରସିକତା ! ତିତ ବିରୋଧ ଥିଲା ।

ଅର ବା ଦେଢ଼ଶୁର ପ୍ରତି

—ରିଂ ତାଙ୍କର ଅଭିପ୍ରେତ ଥିଲା ଯେ

ଯଦି ବହୁତ ସମ୍ପତ୍ତି ମୁଣ୍ଡ ପୋତିନେଲେ ମଧ୍ୟ ପରିବାରର ଲୋକଙ୍କ ସହିତ ଏକାଠି ଚଳି ହୋଇ ନ ପାରିଲ, ତେବେ ଭବିଷ୍ୟତ ପାଇଁ ଜୀବନକୁ ନଷ୍ଟ କରିବା ଅପେକ୍ଷା ଆପଣାର ଅଲଗା ବ୍ୟବସ୍ଥା କରିନେବା ଶ୍ରେୟସ୍କର ଅଟେ ।

ଆନନ୍ଦୀ ଗୋଟିଏ ବଡ଼ ଉଚ୍ଚ କୁଳର ଝିଅ । ତାର ବାପା ଗୋଟିଏ ଶ୍ରେଷ୍ଠ ଦେଶୀରାଜ୍ୟର ତାଲୁକଦାର ଥିଲେ । ବିଶାଳ ଭବନ, ଗୋଟିଏ ହାତୀ, ତିନୋଟା କୁକୁର, ଛଞ୍ଚାଣ, କାକତୁଆ, ଝାଡ଼ଫାନୁସ୍, ଅନରାରି ମ୍ୟାଜିଷ୍ଟ୍ରେଟ, ଆଉ ଋଣ ଇତ୍ୟାଦି ଯାହା ଯାହା କୌଣସି ତାଲୁକଦାରଙ୍କର ଭୋଗ୍ୟ ପଦାର୍ଥ, ସେ ସମସ୍ତ ତାଙ୍କଠାରେ ବିଦ୍ୟମାନ ଥିଲା । ନାମ ଥିଲା ଭୂପ ସିଂହ । ସେ ବଡ଼ ଉଦାରଚିତ୍ତ ଏବଂ ପ୍ରତିଭାଶାଳୀ ବ୍ୟକ୍ତି ଥିଲେ; ମାତ୍ର ଦୁର୍ଭାଗ୍ୟରୁ ତାଙ୍କର ଗୋଟିଏ ହେଲେ ପୁଅ ନ ଥିଲା । ସାତୋଟି ଝିଅ ଜନ୍ମ ହୋଇଥିଲେ ଏବଂ ଦୈବଯୋଗରୁ ସମସ୍ତେ ବଞ୍ଚି ରହିଥିଲେ । ପ୍ରଥମ ଉତ୍ସାହରେ ତ ସେ ତିନୋଟିଙ୍କର ବିବାହ ମନମାଫିକ୍ ଆଡ଼ମ୍ବରରେ କଲେ; ମାତ୍ର ଯେତେବେଳେ ପନ୍ଦର କୋଡ଼ିଏ ହଜାର ଟଙ୍କାର କରଜ ମୁଣ୍ଡ ଉପରେ ବସିଗଲା, ସେତେବେଳେ ଆଖି ଫିଟିଲା; ବ୍ୟୟସଙ୍କୋଚ କରିବାକୁ ବାଧ୍ୟ ହେଲେ । ଆନନ୍ଦୀ ଚତୁର୍ଥ କନ୍ୟା; ସେ ନିଜର ସବୁ ଭଉଣୀଙ୍କଠାରୁ ଅଧିକ ରୂପବତୀ ଓ ଗୁଣବତୀ ଥିଲା । ସେଥିଲାଗି ଠାକୁର ଭୂପ ସିଂହ ତାକୁ ଭାରି ସ୍ନେହ ଆଦର କରୁଥିଲେ । ସୁନ୍ଦର ସନ୍ତାନକୁ ପିତା ମାତା ଅଧିକ ସ୍ନେହ ଓ ଆଦର କରିବା ସର୍ବତ୍ର ଦେଖାଯାଇଥାଏ । ଏହାର ବିବାହ କେଉଁଠାରେ କରିବେ, ସେଥିଲାଗି ଠାକୁର ସାହେବ ମହାଚିନ୍ତାରେ ପଡ଼ିଥିଲେ । ଋଣର

ବୋଝ ବଢ଼ାଇବାକୁ ସେ ଗୃହସ୍ଥ ନ ଥିଲେ ସତ; ମାତ୍ର ଝିଅ ଆପଣାକୁ ଭାଗ୍ୟହୀନ ବିଚାରିବ—ଏହା ମଧ୍ୟ ସେ ସହିପାରୁ ନ ଥିଲେ । ଦିନେ ଶ୍ରୀକଣ୍ଠ ତାଙ୍କ ପାଖକୁ ଗୋଟିଏ କ'ଣ ଗୃନ୍ଦା ମାଗିବାକୁ ଆସିଲେ—ବୋଧହୁଏ ହିନ୍ଦୀପ୍ରଚାରର ଗୃନ୍ଦା ହେବ । ଭୂପ ସିଂହ ତାଙ୍କ ସ୍ୱଭାବ ଦେଖି ମୁଗ୍‌ଧ ହୋଇଗଲେ ଏବଂ ଖୁବ୍ ଜାକ୍‌ଜମକରେ ଶ୍ରୀକଣ୍ଠ ସିଂହଙ୍କର ଆନନ୍ଦୀ ସହିତ ବିବାହ ହୋଇଗଲା ।

ଆନନ୍ଦୀ ଆପଣା ନୂଆ ଘରକୁ ଆସି ଦେଖେ ତ ଏଠାର ରଙ୍ଗଢ଼ଙ୍ଗ ସମ୍ପୂର୍ଣ୍ଣ ଭିନ୍ନ ଧରଣର । ଯେଉଁ ବଡ଼ଲୋକୀ ବେଶଭୂଷାର ଅଭ୍ୟାସ ପିଲାଦିନରୁ ହୋଇଯାଇଥିଲା, ତାର ନାମଗନ୍ଧ ବି ଏଠାରେ ନ ଥିଲା । ହାତୀ ଘୋଡ଼ାଙ୍କ କଥା ଛେଣିକି ଥାଉ, ଗୋଟିଏ ସୁନ୍ଦର ସୁସଜ୍ଜିତ ସବାରି ମଧ୍ୟ ନ ଥିଲା । ସେ ରେଶମୀ ସ୍ଲିପର ସାଙ୍ଗରେ ଆଣିଥିଲା; ମାତ୍ର ଏଠାରେ ବଗିଚା କାହିଁ ? ଘରେ ଝରକା ପର୍ଯ୍ୟନ୍ତ ନ ଥିଲା । ଘର ଭିତରେ ଚଟାଣରେ ଗାଲିଚା ବିଛା ହୋଇ ନ ଥିଲା କି କାନ୍ଥରେ ଛବି ଟଙ୍ଗା ହୋଇ ନ ଥିଲା । ଏହା ଗୋଟିଏ ସିଧାସିଧା ଗାଉଁଲି ଘର ଥିଲା; କିନ୍ତୁ ଆନନ୍ଦୀ ଅଳ୍ପ ଦିନ ମଧ୍ୟରେ ଆପଣାକୁ ଏ ନୂଆ ଅବସ୍ଥାର ଅନୁକୂଳ କରି ଗଢ଼ିନେଲା, ସତେ ଯେପରି କି ବିଳାସର ଉପକରଣମାନ ସେ କେବେ ଆଖିରେ ବି ଦେଖି ନ ଥିଲା ।

ଦିନେ ଦୁଇପହର ବେଳେ ଲାଲବହାଦୁର ସିଂହ ଦୁଇଟି ପକ୍ଷୀ ଶିକାର ଧରି ଆସିଲେ, ଆଉ ଭାଉଜକୁ କହିଲେ—"ଜଲଦି ଏହାକୁ ରାନ୍ଧିଦିଅ; ମୋତେ ଭାରି ଭୋକ ଲାଗିଲାଣି ।"

# ବଡ଼ ଘରର ଝିଅ

ଆନନ୍ଦୀ ରନ୍ଧାବଢ଼ା ସାରି ତା ବାଟ ଚାହିଁ ବସି ରହିଥିଲା । ଏବେ ସେ ପୁଣି ଏ ନୂଆ ତରକାରି ରାନ୍ଧି ବସିଲା । ହାଣ୍ଡି ଦେଖେ ତ, ପାଏ ଖଣ୍ଡକରୁ ଅଧିକ ଘିଅ ନ ଥିଲା । ବଡ଼ ଘରର ଝିଅ; ଖେଣ୍ଟାଖେଣ୍ଟି ଜାଣିବ କୁଆଡ଼ୁ ? ସେ ସବୁ ଘିଅତକ ମାଂସରେ ପକାଇଦେଲା ।

ଲାଲବିହାରୀ ଖାଇବସି ଦେଖିଲା, ଡାଲିରେ ଘିଅ ନାହିଁ । କହିଲା, "ଡାଲିରେ ଘିଅ ପକାଇ ନାହଁ କାହିଁକି ?" ଆନନ୍ଦୀ କହିଲା—"ଘିଅତକ ସବୁ ମାଂସରେ ପଡ଼ିଗଲା ।" ଲାଲବିହାରୀ ପାଟିକରି କହିଲା, "ଏହି ପଅରିଦିନ ଘିଅ ଆସିଛି, ଏତେ ଜଲଦି ସରିଗଲା ?" ଆନନ୍ଦୀ ଉତ୍ତର ଦେଲା, "ଆଜି ତ ମୋଟେ ପାଏ ହେବ ଥିଲା । ସେସବୁତକ ମୁଁ ମାଂସରେ ପକାଇଦେଲି ।"

ଶୁଖିଲା କାଠ ଯେପରି ଜଳିଉଠେ, ସେହିପରି ଭୋକରେ କାଉଳା ହୋଇଥିବା ଲୋକ ଟିକିଏ ଟିକିଏ କଥାରେ ନିଆଁ ହୋଇଯାଆନ୍ତି । ଲାଲବିହାରୀକୁ ଭାଉଜର ଏ ଧୃଷ୍ଟତା ବଡ଼ ଖରାପ ଲାଗିଲା । ସେ ରାଗିଯାଇ କହିଲା—"ବାପଘରେ ଘିଅର ନଈ ବୋହୁଥିବ ପରା !"

ସ୍ତ୍ରୀଲୋକମାନେ ସବୁ କଥା ସହିଯାନ୍ତି, ମାଡ଼ ବି ସହିଯାନ୍ତି; ମାତ୍ର ବାପଘରର ନିନ୍ଦା ସେମାନଙ୍କର ସୁହାଯାଏ ନାହିଁ । ଆନନ୍ଦୀ ମୁହଁ ମୋଡ଼ିଦେଇ କହିଲା—"ହାତୀ ମଲେ ବି ଲକ୍ଷେ ଟଙ୍କା । ସେଠି ଏତିକି ଘିଅ ନିତି ଭଣ୍ଡାରୀ ଗଉଡ଼ ଖାଇଯାଉଛନ୍ତି ।" ଲାଲବିହାରୀ ରାଗରେ ଜଳିଉଠି ଥାଳୀ ଉଠାଇ କଚାଡ଼ିଦେଲା, ଆଉ କହିଲା—"ମନ ହେଉଛି, ଜିଭ ଧରି ଟାଣିଆଣନ୍ତି ।"

ଆନନ୍ଦୀର ବି ରାଗ ହୋଇଗଲା, ମୁହଁ ଲାଲ ପଡ଼ିଗଲା । ସେ କହିଲା, "ସେ ଥାଆନ୍ତେ ତ ଆଜି ଏହାର ମଜା ଚଖାଇ ଦେଇଥାନ୍ତେ ।" ଅପାଠୁଆ ହୁଣ୍ଡା ପାଲୁଣ୍ଡି ଆଉ ସମ୍ଭାଳିପାରିଲା ନାହିଁ । ତା ସ୍ତ୍ରୀ ଗୋଟିଏ ସାଧାରଣ ଜମିଦାରର ଝିଅ । ଯେତେବେଳେ ମନ ହୁଏ, ହାତଗଲୁ ମେଷ୍ଟାଇଦିଏ । ସେ କଠାଉ ଉଠାଇ ଆନନ୍ଦୀ ଉପରକୁ ଖୁବ୍ ଜୋରରେ ଫୋପାଡ଼ିଲା, ଆଉ କହିଲା—"ଯାହା ଗର୍ବରେ ମଣିଷ ଚିହ୍ନିପାରୁ ନାହୁଁ, ତାକୁ ବି ଦେଖିବି; ତୋତେ ବି ଦେଖିବି ।"

ଆନନ୍ଦୀ ହାତରେ କଠାଉକୁ ଅଟକାଇଦେବାରୁ ମୁଣ୍ଡଟା ରକ୍ଷା ପାଇଗଲା; ମାତ୍ର ଆଙ୍ଗୁଠିରେ ଖୁବ୍ ମାଡ଼ ବସିଲା । କ୍ରୋଧରେ ପବନରେ ହଲିଲା ପତ୍ର ପରି ଥରଥର ସେ ଆପଣା ଘର ଭିତରେ ଯାଇ ଠିଆହେଲା । ସ୍ତ୍ରୀର ବଳ, ମାନ ଆଉ ମର୍ଯ୍ୟାଦା ସବୁ ସ୍ୱାମୀ ପର୍ଯ୍ୟନ୍ତ । ତାର ନିଜର ପତିର ହିଁ ବଳ ଏବଂ ପୌରୁଷର ଗର୍ବ ହୁଏ । ଆନନ୍ଦୀ ରକ୍ତଘୁଣ୍ଟିକ ଢୋକିବାଇ ରହିଗଲା

( ୨ )

ଶ୍ରୀକଣ୍ଠ ସିଂହ ପ୍ରତି ଶନିବାର ଦିନ ଘରକୁ ଆସନ୍ତି । ଗୁରୁବାର ଦିନ ଏଇ ଘଟଣା ହୋଇଥିଲା । ଦୁଇ ଦିନ କାଳ ଆନନ୍ଦୀ ଆପଣା ଘରୁ ବାହାରିଲା ନାହିଁ, କିଛି ଖାଇଲା ନାହିଁ କି ପିଇଲା ନାହିଁ; ତାଙ୍କର ବାଟ ଚାହିଁ ବସିରହିଲା । ଶେଷରେ ଶନିବାର ଦିନ ସେ ନିୟମ ମୁତାବକ ସନ୍ଧ୍ୟାବେଳକୁ ଘରକୁ ଆସିଲେ । ବାହାରେ ବସି ଏଣୁତେଣୁ କଥା, ଦେଶ କାଳ

ସମାଜ୍ଞର ଏବଂ ନୂଆ ମୋକଦ୍ଦମା ଆଦିର ଚର୍ଚ୍ଚା କରିବାକୁ ଲାଗିଲେ । ରାତି ଦଶଟାଯାଏ ଗପସପ ଚାଲିଲା । ଗାଁର ଭଦ୍ର-ଲୋକମାନଙ୍କର ଏହିସବୁ କଥାରେ ଏପରି ଆନନ୍ଦ ହୁଏ ଯେ ସେମାନେ ଖାଇବା ପିଇବା ବି ଭୁଲିଯାଆନ୍ତି । ଶ୍ରୀକଣ୍ଠ ପକ୍ଷରେ ସେଠାରୁ ଛାଡ଼ି ଚାଲିଆସିବା ମୁସ୍କିଲ ହେଉଥିଲା । ଏହି ଦୁଇ ତିନି ଘଣ୍ଟା ଆନନ୍ଦୀ ବଡ଼ କଷ୍ଟରେ କଟାଇଲା । କୌଣସିମତେ ଖାଇବା ବେଳ ହୋଇଗଲା । ପଞ୍ଚାୟତ ଉଠିଲେ । ନିର୍ଜ୍ଜନ ହେଲାରୁ ଲାଲବିହାରୀ କହିଲା—"ଭାଇ ! ଆପଣ ଟିକିଏ ଭାଉଜଙ୍କୁ ବୁଝାଇଦେବେ ଯେ, ସେ ମୁହଁ ସମ୍ଭାଳି କଥାବାର୍ତ୍ତା କରିବେ, ନ ହେଲେ କେଉଁ ଦିନ ହେଲେ ଅନର୍ଥ ହୋଇଯିବ ।"

ବେଣୀମାଧବ ସିଂହ ପୁଅ ପକ୍ଷର ହୋଇ ସାକ୍ଷୀ ଦେଇ କହିଲେ—"ହଁ, ବୋହୂ ଝିଅଙ୍କର ଏ ସ୍ୱଭାବ ଭଲ ନୁହେଁ ଯେ ମରଦ ଲୋକଙ୍କୁ ମୁହେଁ ମୁହେଁ ବତାଇଦେବେ ।"

ଲାଲବିହାରୀ—ସେ ବଡ଼ଘରର ଝିଅ ହେଲେ ତ ଆମେ ବି କିଛି ଚଷା ଗଉଡ଼ ନୋହୁଁ ।

ଶ୍ରୀକଣ୍ଠ ଚିନ୍ତିତ ଭାବରେ ପଚାରିଲେ—ମୋଟଉପରେ କଥାଟା କଅଣ ହୋଇଛି ?

ଲାଲବିହାରୀ କହିଲା··କିଛି ନୁହେଁ, ମିଛଟାରେ ମନକୁ ମନ ଚିଡ଼ିଗଲେ । ବାପଘର ତୁଳନାରେ ଆମଙ୍କୁ ଧିକ୍କାର କରି ବି ବସିରହିନ୍ତି ନାହିଁ । ଶ୍ରୀକଣ୍ଠ ଖାଇପିଇ ସାରି ଆନନ୍ଦୀ ପାଖକୁ ଗଲେ ।

ଆନନ୍ଦୀ ପଚାରିଲା—ମନ ଖୁସି ଅଛି ତ ?

ଶ୍ରୀକଣ୍ଠ କହିଲେ—ଖୁବ୍ ଖୁସି ଅଛି; ମାତ୍ର ତୁମେ ଆଜକାଲି ଘରେ ଏ କି ଗଣ୍ଡଗୋଳ ଲଗାଇଛ ?

ଆନନ୍ଦୀର ଭ୍ରୂଲତା କୁଞ୍ଚିତ ହୋଇଗଲା, କ୍ରୋଧରେ ମୁହଁ ନିଆଁ ପରି ଜଳିଉଠିଲା । ସେ କହିଲା—ଯେ ତୁମ ମୁହଁରେ ଏପରି ନିଆଁ ଲଗାଇ ଦେଇଛି; ତାକୁ ପାଆନ୍ତି କି ତା ଦାନ୍ତ ଝାଡ଼ିଦିଅନ୍ତି ।

ଶ୍ରୀକଣ୍ଠ—ଏତେ ଗରମ କାହିଁକି ହେଉଛ ? କଥା କ'ଣ କହ ।

ଆନନ୍ଦୀ—କଅଣ କହିବି ? ମୋ କପାଳଦୋଷ, ତା ନ ହେଲେ ମୂର୍ଖ ଟୋକା, ଯାହାର ଚପରାଶୀଗିରି କରିବାର ଯୋଗ୍ୟତା ନାହିଁ, ସେ ମୋତେ କଠାଉରେ ମାରିକରି ଏପରି ଗର୍ଜି ଦେଖାନ୍ତା !

ଶ୍ରୀକଣ୍ଠ—ସଫା ସଫା ସବୁ ହାଲ କହିଲେ ସିନା ବୁଝା ପଡ଼ିବ । ମୋତେ ତ କିଛି ଜଣାନାହିଁ ।

ଆନନ୍ଦୀ—ପଅରଦିନ ତୁମର ସେଲବସର ଭାଇ ମୋତେ ମାଂସ ରାନ୍ଧିବାକୁ କହିଲା । ଘିଅ ବଢ଼ାରେ ପାଏ ଖଣ୍ଡକରୁ ବେଶି ନ ଥିଲା । ସେତକ ସବୁ ମୁଁ ମାଂସରେ ପକାଇଦେଲି । ଯେତେବେଳେ ଖାଇବାକୁ ବସିଲା, ସେତେବେଳେ କହିଲା—"ଡାଲିରେ ଘିଅ କାହିଁକି ନାହିଁ ? ବାସ୍, ଏତିକରେ ମୋ ବାପଘରକୁ ଯେଉଁ ତା କରି କହିବାକୁ ଲାଗିଲା । ମୁଁ ସହିପାରିଲି ନାହିଁ । ମୁଁ କହିଲି କି ସେଠି ତ ଏତିକି ଘିଅ ଭଣ୍ଡାରୀ ଗଉଡ଼ ଖାଇଯାଆନ୍ତି, ଆଉ କାହାରିକି ଜଣା ବି ପଡ଼େନାହିଁ । ବାସ୍, ଏତିକି କଥାରେ

ସେ ଅନ୍ୟାୟରେ ମୋ ଉପରକୁ କଠାଉ ଧର ଫୋପାଡ଼ିଲା । ହାତରେ ଯେବେ ରୋକି ନ ନେଇଥାନ୍ତି, ତେବେ ମୁଣ୍ଡ ଫାଟି ଯାଇଥାଆନ୍ତା । ତାକୁଇ ପଚ୍ଚର, ମୁଁ ଯାହା କହିଲି, ତା ସତ ନା ମିଛ ?"

ଶ୍ରୀକଣ୍ଠଙ୍କ ଆଖି ଲାଲ ହୋଇଗଲା, କହିଲେ—"ସେ ଚୋକା-ଖଣ୍ଡକର ଏଡ଼େ ସାହସ ? ଆନନ୍ଦୀ ସ୍ତ୍ରୀସ୍ୱଭାବ ଅନୁସାରେ କାନ୍ଦିବାକୁ ଲାଗିଲା । କାହିଁକି ନା ଲୁହ ସେମାନଙ୍କ ଆଖିପତାରେ ଲାଗିରହିଥାଏ । ଶ୍ରୀକଣ୍ଠ ବଡ଼ ଧୈର୍ଯ୍ୟବାନ୍ ଆଉ ଶାନ୍ତ ପୁରୁଷ ଥିଲେ । ସେ ଅତି କ୍ୱଚିତ୍ ରାଗୁଥିଲେ; ମାତ୍ର ସ୍ତ୍ରୀମାନଙ୍କର ଲୁହ ପୁରୁଷମାନଙ୍କ କ୍ରୋଧାଗ୍ନିକୁ ତାତିବାରେ ତେଲ ଭଳି କାମକରେ । ରାତିଯାକ ଏପଟ ସେପଟ କଡ଼ ଲେଉଟାଇ ଲେଉଟାଇ କଟିଗଲା; ଉଦ୍ବେଗତା ହେତୁ ପଲକ ପର୍ଯ୍ୟନ୍ତ ପଡ଼ିଲା ନାହିଁ । ସକାଳ ହେଲାରୁ ଆପଣା ବାପାଙ୍କ ପାଖକୁ ଯାଇ କହିଲେ—"ବାପା ! ଏବେ ଆଉ ଏ ଘରେ ମୁଁ ଚଳିପାରିବି ନାହିଁ ।" ଏପରି ବିଦ୍ରୋହପୂର୍ଣ୍ଣ କଥା କହିବା ଲାଗି ଶ୍ରୀକଣ୍ଠ ନିଜେ କେତେଥର ନିଜର କେତେ ସାଙ୍ଗକୁ ଗାଳି ଦେଇଛନ୍ତି; କିନ୍ତୁ ଦୁର୍ଭାଗ୍ୟବଶତଃ ଆଜି ତାଙ୍କ ନିଜ ମୁହଁରେ ହିଁ ଏପରି କଥା କହିବାକୁ ପଡ଼ିଲା । ଅନ୍ୟକୁ ଉପଦେଶ ଦେବା ଭାରି ସହଜ କଥା ।

ବେଣୀମାଧବ ସିଂହ ହଡ଼ବଡ଼ାଇ ଯାଇ କହିଲେ—କାହିଁକି ?

ଶ୍ରୀକଣ୍ଠ—ତାର କାରଣ, ମୋର ବି ମାନସମ୍ମାନର କିଛି ଜ୍ଞାନ ଅଛି । ଆପଣଙ୍କ ଘରେ ଏବେ ଅନ୍ୟାୟ ଏବଂ ଧୃଷ୍ଟତାର ପ୍ରକୋପ ଚାଲିଛି । ଯାହାର ବଡ଼ ବଡ଼ଙ୍କୁ ଆଦର ସମ୍ମାନ କରିବା

ଉଚିତ, ସେ ସେମାନଙ୍କର ମୁଣ୍ଡରେ ଚଢ଼ୁଛି । ମୁଁ ପରଦ୍ୱାରରେ ଗୃହକର୍ମ କରୁଛି, ଘରେ ରହୁ ନାହିଁ । ଏଠି ମୋ ପଛରେ ସ୍ତ୍ରୀଲୋକଙ୍କ ଉପରେ କଠୋର ଆଉ ଯୋତାର ବର୍ଷା ହେଉଛି । କଡ଼ା କଥା କହିଲେ ଚିନ୍ତା ନାହିଁ, କଏ ପଦେ କହିଲା ତ କଏ ଦି ପଦ କହେ—ସେପର୍ଯ୍ୟନ୍ତ ମୁଁ ସହିପାରେ; କିନ୍ତୁ ମୋ ଉପରେ ବାଧା ଜୋଇଠା ପଡ଼ୁଥିବ, ଆଉ ମୁଁ ପାଟି ଫିଟାଇବି ନାହିଁ—ଏକଥା କଦାପି ହୋଇ ନ ପାରେ ।

ବେଣୀମାଧବ ସିଂହ କିଛି ଜବାବ ଦେଇପାରିଲେ ନାହିଁ । ଶ୍ରୀକଣ୍ଠ ସବୁବେଳେ ତାଙ୍କୁ ସମ୍ମାନ କରୁଥିଲା । ତାର ଏ ରୁଦ୍ର ମୂର୍ତ୍ତି ଦେଖି ବୁଢ଼ା ଠାକୁର ଅବାକ୍ ହୋଇଗଲେ; ଖାଲି ଏତିକି କହିଲେ, "ପୁଅ ! ତୁ ବୁଦ୍ଧିମାନ୍ ହୋଇ ଏପରି କଥାମାନ କହୁଛୁ ? ସ୍ତ୍ରୀମାନେ ଏହିପରି ଘରର ମର୍ଯ୍ୟାଦା ନାଶ କରନ୍ତିଅନ୍ତି । ସେମାନଙ୍କୁ ବେଶୀ ମୁଣ୍ଡରେ ବସାଇବା ଭଲ ନୁହେ ।"

ଶ୍ରୀକଣ୍ଠ—ତା ମୁଁ ବୁଝିଛି, ଆପଣଙ୍କ ଆଶୀର୍ବାଦରୁ ମୁଁ ଏଡ଼େ ମୂର୍ଖ ନୁହେଁ, ଆପଣ ନିଜେ ଜାଣନ୍ତି । ମୋର ବୁଝାଇବା ସମଝାଇବାରେ ଏହି ଗାଁରେ କେତେ ଘର ସମ୍ଭାଳି ହୋଇ ରହି ଯାଇଛନ୍ତି; ମାତ୍ର ଯେଉଁ ସ୍ତ୍ରୀର ସମ୍ମାନ ଓ ପ୍ରତିଷ୍ଠା ଲାଗି ମୋତେ ଭଗବାନଙ୍କ ନିକଟରେ ଜବାବ ଦେବାକୁ ପଡ଼ିବ, ତା ପ୍ରତି ଏପରି ଘୋର ଅନ୍ୟାୟ ଆଉ ପଶୁବତ୍ ବ୍ୟବହାର ମୋ ପକ୍ଷରେ ଅସହ୍ୟ । ଆପଣ ସତରେ ବୁଝନ୍ତୁ, ଲାଲବିହାରୀକୁ ମୁଁ ଯେ କିଛି ଦଣ୍ଡ ଦେଉନାହିଁ, ଏହା ହିଁ ମୋ ପକ୍ଷରେ କମ ସହିଷ୍ଣୁତା ନୁହେଁ ।"

## ବଡ଼ ଘରର ଝିଅ

ଏଥର ବେଣୀମାଧବ ସିଂହ ମଧ୍ୟ ଗରମ ହୋଇଗଲେ; ଏପରି କଥାମାନ ଆଉ ଶୁଣି ସହିପାରିଲେ ନାହିଁ । କହିଲେ— "ଲାଲବିହାରୀ ତୋର ଭାଇ, ତାର ଯଦି କିଛି ଭୁଲ୍‌ଭଟକା ହେଲା, ତେବେ ତା କାନ ମୋଡ଼ିଦେ; ମାତ୍ର—"

ଶ୍ରୀକଣ୍ଠ—ଲାଲବିହାରୀକୁ ମୁଁ ଆଉ ଏଣିକି ଆପଣା ଭାଇ ବୋଲି ବିଚାରୁ ନାହିଁ ।

ବେଣୀମାଧବ—ସ୍ତ୍ରୀ ଲାଗି........

ଶ୍ରୀକଣ୍ଠ—ଆଜ୍ଞା ନା, ତାର କ୍ରୂରତା ଏବଂ ଅବିବେକତା ଲାଗି ।

ଦୁହେଁଯାକ କେତେବେଳଯାଏ ଚୁପ ହୋଇ ରହିଲେ । ଠାକୁର ସାହେବ ପୁଅର କ୍ରୋଧ ଶାନ୍ତ କରିବାକୁ ଚାହୁଁଥିଲେ; ମାତ୍ର ଲାଲବିହାରୀ ଯେ କିଛି ଅନୁଚିତ କାର୍ଯ୍ୟ କରିଛି, ଏ କଥା ସ୍ୱୀକାର କରିବାକୁ ସେ ପ୍ରସ୍ତୁତ ନ ଥିଲେ । ଏଥି ମଧ୍ୟରେ ଗାଁର ଆଉ କେତେ ଜଣ ଭଦ୍ରଲୋକ ତମାଖୁ ଓ ହୁକା ବାହାନାରେ ସେଠାରେ ଆସି ବସିଥିଲେ । କେତେକ ସ୍ତ୍ରୀଲୋକ ମଧ୍ୟ ଯେତେବେଳେ ଶୁଣିଲେ କି ଶ୍ରୀକଣ୍ଠ ନିଜର ସ୍ତ୍ରୀର ପକ୍ଷ ଧରି ପିତାଙ୍କ ସଙ୍ଗେ କଳି କରିବାକୁ ତିଆରି ହୋଇଛି, ସେତେବେଳେ ସେମାନଙ୍କୁ ଭାରି ଖୁସି ଲାଗିଲା । ଦୁଇ ପକ୍ଷର ମଧୁର ବଚନକୁ ଶୁଣିବା ଲାଗି ସେମାନଙ୍କ ମନ ବ୍ୟାକୁଳ ହୋଇଉଠିଲା । ଗାଁରେ କେତେକ ଏପରି କୁଟିଳ ଲୋକ ମଧ୍ୟ ଥିଲେ, ଯେ କି ଏ ବଂଶର ଶାନ୍ତିମୀତ ଚାଲିଚଳନ ଦେଖି ମନେ ମନେ ଈର୍ଷାରେ ଜଳୁଥିଲେ ।

ସେମାନେ କହୁଥାନ୍ତି—ଶ୍ରୀକଣ୍ଠ ଆପଣା ବାପକୁ ଡରେ; ସୁତରାଂ ସେ ବଡ଼ ଭଦ୍ରଲୋକ। ସେ ପାଠ ପଢ଼ିଛି, ଅତଏବ ସେ ଗୋଟିଏ ରତ୍ନକାଟ। ବେଣୀମାଧବ ସିଂହ ତା ସହିତ ପରାମର୍ଶ ନ କରି କୌଣସି କାମ କରନ୍ତି ନାହିଁ—ଏହା ତାଙ୍କ ମୂର୍ଖତା। ଏହି ମହାନୁଭବମାନଙ୍କ ଶୁଭକାମନା ଆଜି ପୂର୍ଣ୍ଣ ହେଉଥିବାର ଦେଖାଗଲା। କିଏ ହୁକା ପିଇବା ବାହାନାରେ ଓ ଆଉ କିଏ ଖଜଣାର ରସିଦ ଦେଖାଇବାକୁ ଆସି ବସିଗଲେ। ବେଣୀମାଧବ ସିଂହ ପୁରୁଖା ଲୋକ, ସେ ଏମାନଙ୍କ ଭିତର ଭାବ ବୁଝିଗଲେ। ସେ ସ୍ଥିର କଲେ କି ଯାହାହେଉ ପଛକେ, ଏ ଭଗାରିମାନଙ୍କୁ ତାଳ ମାରିବାର ସୁବିଧା ଦେବ ନାହିଁ। ହଠାତ୍ କୋମଳ କଥାରେ କହିଲେ—"ପୁଅ ! ମୁଁ ତ ତୋ କଥାରୁ ବାହାର ନୁହେଁ, ତୋର ଯାହା ମନ ହେଉଛି କର, ପିଲାଟା ତ ଦୋଷ କରି ପକାଇଛି।

ଏଲାହାବାଦର ବହୁଦର୍ଶିତାଶୂନ୍ୟ ଗ୍ରାଜୁଏଟ୍ ଚଢ଼ି ଯାଇଥିବାରୁ ଏକଥା ବୁଝିପାରିଲେ ନାହିଁ। ତାଙ୍କର ଡିବେଟିଙ୍ଗ୍ କ୍ଲବରେ ଆଦୌ କଥାରେ ଜିଦ୍ ଧରି ଟାଣି ରହିବାର ଅଭ୍ୟାସ ଥିଲା। ଏ ସୁକୁଟ ଦେଖିବା ଲୋକଙ୍କ ମତଲବ୍ ସେ କୁଆଡୁ ବୁଝିବେ? ବାପ ଯେଉଁ ମତଲବରେ କଥାକୁ ବାଆଁରେଇ ଦେଉଥିଲେ, ସେକଥା ସେ ମୋଟେ ବୁଝିପାରିଲେ ନାହିଁ। କହିଲେ—"ମୁଁ ଲଲବହାରୀ ସାଥିରେ ଆଉ ଏ ଘରେ ରହି ପାରିବ ନାହିଁ।"

ବେଣୀମାଧବ ସିଂହ—ବାବୁ ! ବୁଦ୍ଧିମାନ୍ ଲୋକମାନେ ମୂର୍ଖମାନଙ୍କ କଥାକୁ ମନରେ ଧରନ୍ତି ନାହିଁ। ସେ ତ ଅବୁଝା

ପିଲା, ସେ ଯାହା କିଛି ଭୁଲ କରି ପକାଇଛି, ତାକୁ ତୁ ବଡ଼ ହୋଇ କ୍ଷମା କର ।

ଶ୍ରୀକଣ୍ଠ—ତାର ଏ ଧୃଷ୍ଟତା ମୁଁ କଦାପି ସହିପାରିବି ନାହିଁ । ହୁଏ ତ ସେ ଏ ଘରେ ରହିବ, ନାହିଁ ତ ମୁଁ ଏ ଘରେ ରହିବି । ଆପଣଙ୍କର ଯଦି ସେ ଅଧିକ ପ୍ରିୟ ହୁଏ, ତେବେ ମୋତେ ବିଦା କରିଦିଅନ୍ତୁ; ମୁଁ ଆପଣା ଭାର ଆପେ ସମ୍ଭାଳିନେବି । ଯଦି ମୋତେ ରଖିବାକୁ ଚାହାନ୍ତି, ତେବେ ତାକୁ କହିଦିଅନ୍ତୁ, ଯେଉଁ ଆଡ଼େ ଇଚ୍ଛା ହେଉଛି ସେଆଡ଼େ ସେ ଚାଲିଯାଉ । ବେଶ୍, ଏହାହିଁ ମୋର ଅନ୍ତିମ ନିଷ୍ପତ୍ତି ଅଟେ ।

ଲାଲବିହାରୀ ସିଂହ ଦୁଆରମୁହଁରେ ଆଡ଼ୁଆଳରେ ଚୁପ୍‌ଚାପ୍ ଠିଆ ହୋଇ ବଡ଼ ଭାଇଙ୍କ କଥା ଶୁଣୁଥିଲା । ସେ ତାଙ୍କୁ ବହୁତ ଆଦର ସମ୍ମାନ କରୁଥିଲା । ଶ୍ରୀକଣ୍ଠଙ୍କ ଆଗରେ ଖଟଉପରେ ବସିଯିବା କିମ୍ବା ହୁକା ପିଇବା, କି ପାନ ଖାଇବା, ତାର ଏତେ ସାହସ କେବେହେଲେ ନ ଥିଲା । ବାପାଙ୍କୁ ବି ସେ ଏତେ ମାନ୍ୟ କରେ ନାହିଁ । ଶ୍ରୀକଣ୍ଠର ବି ତା ପ୍ରତି ହାର୍ଦ୍ଦିକ ସ୍ନେହ ଥିଲା । ସେ ଜାଣିଶୁଣି କେବେହେଲେ ତାକୁ ଟିକିଏ ହେଲେ ଧମକ ଦେଇ ନ ଥିଲେ । ସେ ଯେତେବେଳେ ଏଲାହାବାଦରୁ ଆସନ୍ତି, ତା ପାଇଁ କିଛି ନା କିଛି ଅବଶ୍ୟ ଆଣନ୍ତି । ମୁଦ୍‌ଗର ଯୋଡ଼ାଟି ସେଇ ତିଆରି କରାଇ ଦେଇଥିଲେ । ଗଲାବର୍ଷ ଯେତେବେଳେ ସେ ନିଜଠାରୁ ଦେଢ଼ା ବଳର ଯୁଆନକୁ ନାଗପଞ୍ଚମୀ ଦିନ ଲଢ଼ାଇରେ କଚାଡ଼ି ଦେଲା, ସେତେବେଳେ ଶ୍ରୀକଣ୍ଠ ଆନନ୍ଦିତ ହୋଇ ଆଖଡ଼ାକୁ ଯାଇ ତାକୁ କୁଣ୍ଢାଇ ପକାଇଥିଲେ, ଆଉ ଖୁସିରେ ପାଞ୍ଚ ଟଙ୍କାର ପଇସା ବାଣ୍ଟି ଦେଇଥିଲେ । ଏପରି ଭାଇଙ୍କ ମୁହଁରୁ ଆଜି ଏପରି ହୃଦୟ-

ଦେଦାରଙ୍କ କଥା ଶୁଣି ଲାଲବିହାରୀ ମନରେ ବଡ଼ ଗ୍ଲାନି ହେଲା । ସେ କଇଁକଇଁ ହୋଇ କାନ୍ଦିବାକୁ ଲାଗିଲା । ସେ ଯେ ନିଜେ କରିଥିବା କାର୍ଯ୍ୟ ଲାଗି ପଶ୍ଚାତ୍ତାପ କରୁଥିଲା, ଏଥିରେ ସନ୍ଦେହ ନାହିଁ ।

ଭାଇଙ୍କ ଆସିବାର ଦିନକ ଆଗରୁ ଭାଇ କଅଣ କହିବେ ବୋଲି ତା ଛାତି ଧଡ଼କୁଥିଲା । "ମୁଁ ତାଙ୍କ ଆଗକୁ କିପରି ଯିବି ? ତାଙ୍କୁ କଅଣ କହିବି ? ମୁଁ ତାଙ୍କୁ ମୁହଁଟେକି ଚାହିଁବି କିପରି ?" ସେ ଭାବୁଥିଲା କି ଭାଇ ମୋତେ ଡାକି ବୁଝାଇ-ଦେବେ । ଏ ଆଶା ବଦଳରେ ଆଜି ସେ ତାଙ୍କୁ ନିର୍ଦ୍ଦୟତାର ସାକ୍ଷାତ୍ ପ୍ରତିମୂର୍ତ୍ତି ରୂପେ ଦେଖିଲା । ସେ ମୂର୍ଖ ଥିଲା ସତ; ମାତ୍ର ତା ମନ କହୁଥିଲା କି ଭାଇ ମୋ ପ୍ରତି ଅନ୍ୟାୟ କରୁଛନ୍ତି । ଯଦି ଶ୍ରୀକଣ୍ଠ ତାକୁ ଏକୁଟିଆରେ ଡାକି ଦି ଚାରି ପଦ କଡ଼ା କଥା କହି ଦେଇଥାନ୍ତେ, କେବଳ ସେତିକି ନୁହେ, ଦି ଚାରି ଚାପୁଡ଼ା ବି ଲଗାଇ ଦେଇଥାନ୍ତେ, ତେବେ ମଧ୍ୟ ତାକୁ ଏତେ କଷ୍ଟ ହୋଇ ନ ଥାନ୍ତା । ମାତ୍ର ଭାଇ ଯେ କହିଲେ କି ଏଣିକି ତା ମୁହଁ ଚାହିଁବି ନାହିଁ—ଏ କଥା ଲାଲବିହାରୀ ବରଦାସ୍ତ କରିପାରିଲା ନାହିଁ । ସେ କାନ୍ଦି କାନ୍ଦି ଘର ଭିତରକୁ ପଶିଆସିଲା । ଆପଣା କୋଠରୀକୁ ଯାଇ ଲୁଗା ପିନ୍ଧିଲା । ଆଖି ପୋଛିଦେଲା, ଯେପରି କେହି ଜାଣି ନ ପାରିବେ ସେ କାନ୍ଦୁଥିଲା ବୋଲି । ତାପରେ ଆନନ୍ଦୀ ଘରର ଦୁଆର ମୁହଁକୁ ଆସି କହିଲା, "ଭାଉଜ ! ଭାଇ ନିଶ୍ଚୟ କରିଛନ୍ତି କି ସେ ମୋ ସାଥିରେ ଏ ଘରେ ଆଉ ରହିବେ ନାହିଁ । ସେ ଏଣିକି ମୋ ମୁହଁ ଚାହିଁବାକୁ ଇଚ୍ଛା କରୁ ନାହାନ୍ତି । ଏଥିଲାଗି

ମୁଁ ଏବେ ଯାଉଛି; ତାଙ୍କୁ ଆଉ ମୁହଁ ଦେଖାଇବି ନାହିଁ । ମୋର ଯାହା କିଛି ଅପରାଧ ହୋଇଛି ତା କ୍ଷମା କରିବ ।” ଏହି କଥା କହୁ କହୁ ଲାଲବିହାରୀର କଣ୍ଠ ରୁଦ୍ଧ ହୋଇ ଆସିଲା ।

( ୩ )

ଯେଉଁ ସମୟରେ ଲାଲବିହାରୀ ସିଂହ ମୁଣ୍ଡ ପୋତି ଆନନ୍ଦୀର ଦୁଆରମୁହଁରେ ଠିଆ ହୋଇଥିଲା, ସେତିକିବେଳେ ଶ୍ରୀକଣ୍ଠଙ୍କ ଆଖି ଲାଲ କରି ବାହାରୁ ଆସିଲେ । ଭାଇକୁ ଠିଆ ହୋଇଥିବାର ଦେଖି ଘୃଣାରେ ମୁହଁ ବୁଲାଇଦେଇ ବାଟ କାଟି ଚାଲିଗଲେ, ଯେପରି କି ତାର ଛାଇ ମଧ୍ୟ ସେ ମାଡ଼ିବେ ନାହିଁ ।

ଆନନ୍ଦୀ ଲାଲବିହାରୀ ବିରୁଦ୍ଧରେ ଅଭିଯୋଗ କରିଥିଲା ସତ; ମାତ୍ର ଏବେ ମନେ ମନେ ପଶ୍ଚାତ୍ତାପ କରୁଥିଲା । ସେ ସ୍ୱଭାବତଃ ଦୟାବତୀ ଥିଲା । କଥା ଯେ ଏତେ ଦୂର ବଢ଼ିଯିବ, ତାହା ସେ ଟିକିଏ ହେଲେ ଭାବି ନ ଥିଲା । ସେ ମନେ ମନେ ଆପଣା ପତି ଉପରେ ବିରକ୍ତ ହେଉଥିଲା କି ସେ ଏପରି ଗରମ କାହିଁକି ହେଉଛନ୍ତି । ତା ଉପରେ ପୁଣି ଏ ଭୟ ବି ଥିଲା ଯେ କାଲେ ମୋତେ ଯଦି ଏଲାହାବାଦ ଯିବାକୁ କହିବେ, ତେବେ କିପରି କଅଣ କରିବି ? ଏହାରି ମଧ୍ୟରେ ସେ ଲାଲବିହାରୀଙ୍କୁ ଦୁଆରମୁହଁରେ ଠିଆହୋଇ ଏ କଥା କହିବାରି ଶୁଣିଲା କି—ଏବେ ମୁଁ ଯାଉଛି, ମୋର ଯାହା କିଛି ଅପରାଧ ହୋଇଛି, ତା କ୍ଷମା କରିବ । ସେତେବେଳେ ତାର ଯାହା

ବ ଟିକଏ କ୍ରୋଧ ଥିଲା, ସେତକ ପାଣି ପାଟିଗଲା । ସେ କାନ୍ଦିବାକୁ ଲାଗିଲା । ମନ ଭିତରର ମଇଳା ଧୋଇବା ପାଇଁ ନୟନଜଳରୁ ବଳି ଉପଯୁକ୍ତ କୌଣସି ବସ୍ତୁ ନାହିଁ ।

ଶ୍ରୀକଣ୍ଠଙ୍କୁ ଦେଖି ଆନନ୍ଦୀ କହିଲା—ଲାଲ ବାହାରେ ଠିଆ ହୋଇ ବହୁତ କାନ୍ଦୁଛନ୍ତି ।

ଶ୍ରୀକଣ୍ଠ—ସେଥିକି ମୁଁ କଅଣ କରିବି ?

ଆନନ୍ଦୀ—ଭିତରକୁ ଡାକଆଣ । ମୋ ଜିଭ ପୋଡ଼ିଯାଉ, ମୁଁ କୁଆଡ଼ୁ ଆଣି ଏ କଳି ଉଆଇଲି ।

ଶ୍ରୀକଣ୍ଠ—ମୁଁ ଡାକିବି ନାହିଁ ।

ଆନନ୍ଦୀ—ପସ୍ତେଇବ । ତା ମନରେ ବହୁତ ଗ୍ଲାନି ହୋଇଯାଇଛି, କାଳେ କେଉଁ ଆଡ଼େ ପଳାଇଯିବ ।

ଶ୍ରୀକଣ୍ଠ ସେଠାରୁ ଉଠିଲେ ନାହିଁ । ଏତିକିବେଳେ ଲାଲବିହାରୀ ପୁଣି କହିଲା—"ଭାଉଜ ! ଭାଇଙ୍କୁ ମୋହର ପ୍ରଣାମ କହିଦିଅ । ସେ ମୋର ମୁହଁ ଦେଖିବାକୁ ଚାହୁଁ ନାହାନ୍ତି, ମୁଁ ବି ଆପଣା ମୁହଁ ଦେଖାଇବି ନାହିଁ ।"

ଲାଲବିହାରୀ ଏତିକି କହି ଫେରିପଡ଼ି ଶୀଘ୍ରଗତିରେ ବାହାର ଦରଜା ଆଡ଼କୁ ଅଗ୍ରସର ହେଲା । ଶେଷରେ ଆନନ୍ଦୀ କୋଠରି ଭିତରୁ ବାହାରିଆସିଲା ଏବଂ ତାର ହାତ ଧରି ପକାଇଲା । ଲାଲବିହାରୀ ପଛକୁ ବୁଲିପଡ଼ି ଚାହିଁଲା, ଆଉ ଆଖିରେ ଲୁହ ଭରି ଭରି କହିଲା—"ମୋତେ ଯିବାକୁ ଛାଡ଼ିଦିଅ ।"

ଆନନ୍ଦୀ—କୁଆଡ଼େ ଯାଉଛ ?



ସେ [illegible] ଆସି ଲାଲବିହାରୀଙ୍କୁ କୁଣ୍ଢାଇ ପକାଇଲେ । ପୃ ୭୯

ଲାଲବିହାରୀ—ଯେଉଁଠି କେହି ମୋ ମୁହଁ ନ ଦେଖିବେ···

ଆନନ୍ଦୀ—ମୁଁ ଯିବାକୁ ଛାଡ଼ିଦେବି ନାହିଁ ।

ଲାଲବିହାରୀ—ମୁଁ ତୁମ୍ଭମାନଙ୍କ ସାଥିରେ ରହିବାର ଯୋଗ୍ୟ ନୁହେଁ ।

ଆନନ୍ଦୀ—ତୁମ୍ଭଙ୍କୁ ମୋ ରାଣ, ଆଉ ପାଦେ ବି ଆଗକୁ ଗୋଡ଼ ବଢ଼ାଅ ନାହିଁ ।

ଲାଲବିହାରୀ—ଯେପର୍ଯ୍ୟନ୍ତ ମୋ ପ୍ରତି ଭାଇଙ୍କ ମନ ସଫା ହୋଇ ଗଲାବୋଲି ନ ଜାଣିବି, ସେପର୍ଯ୍ୟନ୍ତ ମୁଁ ଏ ଘରେ କଦାପି ରହିବି ନାହିଁ ।

ଆନନ୍ଦୀ—ମୁଁ ଈଶ୍ୱରଙ୍କୁ ସାକ୍ଷୀ ଦେଇ କହୁଛି କି ତୁମ ପ୍ରତି ମୋ ମନରେ ଟିକିଏ ହେଲେ କଳୁଷ ନାହିଁ ।

ଏହି କଥାବାର୍ତ୍ତା ଶୁଣି ଶ୍ରୀକଣ୍ଠଙ୍କ ହୃଦୟ ବି ତରଳିଗଲା । ସେ ବାହାରକୁ ଆସି ଲାଲବିହାରୀକୁ କୁଣ୍ଢାଇ ପକାଇଲେ । ଦୁଇ ଭାଇ ବୁହେ କାଇଁକାଇଁ ହୋଇ କାନ୍ଦିଲେ । ଲାଲବିହାରୀ କାଇଁକାଇଁ ହୋଇ କହିଲା—"ଭାଇ, ଏଣିକି ଆଉ କେବେ କହିବି ନାହିଁ କି, ମୁଁ ତୋ ମୁହଁ ଚାହିଁବି ନାହିଁ । ଏହା ଛଡ଼ା ତୁମେ ମୋତେ ଯେଉଁ ଦଣ୍ଡ ଦେବ, ତାହା ମୁଁ ସହର୍ଷରେ ସ୍ୱୀକାର କରିବି ।

ଶ୍ରୀକଣ୍ଠ ଥର ଥର ସ୍ୱରରେ କହିଲେ—"ଲାଲୁ, ଏ କଥାକୁ ଏକାବେଳକେ ଭୁଲି ଯା । ଭଗବାନ କରନ୍ତୁ ତ ଆଉ କେବେ ଏପରି ଅବସର ଆସିବ ନାହିଁ ।"

ବେଣୀମାଧବ ସିଂହ ବାହାର ଆଡ଼ୁ ଆସୁଥିଲେ । ଦୁଇ ଭାଇ କୁଣ୍ଢିଆ କୁଣ୍ଢେଇ ହୋଇଥିବାର ଦେଖି ସେ ଆନନ୍ଦରେ

ପୁଲକିତ ହୋଇଗଲେ ଓ କହିଉଠିଲେ, "ବଡ଼ଘରର ଝିଅମାନେ ଏହିପରି ହୋଇଥାନ୍ତି; ବିଗିଡ଼ି ଯାଇଥିବା କାମକୁ ବି ସଜାଡ଼ିନିଅନ୍ତି।" ଗାଁରେ ଯେଉଁମାନେ ଏ ବୃତ୍ତାନ୍ତ ଶୁଣିଲେ, ସେମାନେ ସମସ୍ତେ ଆନନ୍ଦୀର ଉଦାରତାକୁ ପ୍ରଶଂସା କରି କହିଲେ, "ବଡ଼ଘରର ଝିଅମାନେ ଏହିପରି ହୋଇଥାନ୍ତି ସିନା !"

---

# ସତୀ

ଦୁଇ ଶତାବ୍ଦୀରୁ ଅଧିକ କାଳ ବିତିଗଲାଣି; ମାତ୍ର ଚନ୍ଦ୍ରା ଦେବୀଙ୍କ ନାମ ଏପର୍ଯ୍ୟନ୍ତ ଲୋକଙ୍କ ସ୍ମୃତିପଟରୁ ପୋଛି ହୋଇ ଯାଇନାହିଁ। ବୁନ୍ଦେଲଖଣ୍ଡର ଏକ ପାହାଡ଼ିଆ ସ୍ଥାନକୁ ଏବେ ମଧ ପ୍ରତି ମଙ୍ଗଳବାର ଦିନ ସହସ୍ର ସହସ୍ର ସ୍ତ୍ରୀପୁରୁଷ ଚନ୍ଦ୍ରା ଦେବୀଙ୍କର ପୂଜା କରିବାକୁ ଆସୁଛନ୍ତି। ସେଦିନ ଏହି ନିର୍ଜନ ସ୍ଥାନଟି ସୁମଧୁର ଗୀତଧ୍ୱନିରେ ମୁଖରିତ ହୋଇଉଠେ। ନିକଟବର୍ତ୍ତୀ କୁଦମାନ ରମଣୀମାନଙ୍କର ରଙ୍ଗ ବେରଙ୍ଗ ଶାଢ଼ୀମାନଙ୍କରେ ସୁଶୋଭିତ ହୋଇଉଠେ। ଦେବୀଙ୍କ ମନ୍ଦିରଟି ଗୋଟିଏ ବଡ଼ ଉଚ୍ଚ କୁଦ ଉପରେ ତିଆରି ହୋଇଅଛି। ତାହାର କଳସ ଉପରେ ଫର ଫର ହୋଇ ଉଡୁଥିବା ଲାଲ ପତାକାଟି ବହୁତ ଦୂରକୁ ଦେଖାଯାଉଥାଏ। ମନ୍ଦିରଟି ଏତେ ଛୋ ଯେ ସେଥିରେ କଷ୍ଟରେ ଏକାସାଥିରେ ଦୁଇ ଜଣ ସମ୍ଭେଇବେ। ଭିତରେ କୌଣସି ପ୍ରତିମା ନାହିଁ, କେବଳ ଗୋଟିଏ ଚବୁତ ବେଦୀ ତିଆରି ହୋଇଛି। ତଳୁ ମନ୍ଦି

ପର୍ଯ୍ୟନ୍ତ ପଥର ପାହାଚ ଗଢ଼ାହୋଇଛି । ଭିଡ଼ଭାଡ଼ରେ ଧକ୍କା ଖାଇ କେହି ଜଳକୁ ଗଡ଼ିପଡିବ, ଏଥିପାଇଁ ପାହାଚର ଦୁଇ ପାଖରେ କାନ୍ଥ ଦିଆହୋଇଛି । ଏହିଠାରେ ଚନ୍ଦ୍ରା ଦେବୀ ସତୀ ହୋଇଥିଲେ; ମାତ୍ର ଲୋକଶ୍ରୁତି ଅନୁସାରେ ସେ ଆପଣା ମୃତ ପତିଙ୍କ ସହିତ ଚିତା ଉପରେ ବସି ନ ଥିଲେ । ତାଙ୍କ ପତି ହାତ ଯୋଡ଼ି ଆଗରେ ଠିଆହୋଇ ରହିଥିଲେ; ମାତ୍ର ସେ ଆଖି ଉଠାଇ ଚାହିଁ ବି ନ ଥିଲେ । ସେ ପତିଙ୍କ ଶରୀର ସାଥିରେ ନୁହେଁ, ତାଙ୍କ ଆତ୍ମା ସାଥିରେ ସାଥି ହୋଇଥିଲେ ।

( ୨ )

ଯମୁନାକୂଳରେ କାଲସୀ ଗୋଟିଏ ଛୋଟିଆ ନଗର । ଚନ୍ଦ୍ରା ସେହି ନଗରର ଜଣେ ବୀର ବୁନ୍ଦେଲାର କନ୍ୟା ଥିଲେ । ତାଙ୍କ ମାତା ତାଙ୍କର ବାଲ୍ୟାବସ୍ଥାରେ ହିଁ ପରଲୋକ ପ୍ରୟାଣ କରିସାରି-ଥିଲେ । ତାଙ୍କର ପାଳନପୋଷଣ ଭାର ପିତାଙ୍କ ଉପରେ ପଡ଼ିଲା । ସେତେବେଳେ ଯୁଦ୍ଧର ସମୟ ଥିଲା । ଯୋଦ୍ଧାମାନଙ୍କୁ ନାକ ପୋଛିବାକୁ ବି ସମୟ ମିଳୁ ନ ଥିଲା । ସେମାନେ ଘୋଡ଼ା ପିଠି ଉପରେହିଁ ଭୋଜନ କରୁଥିଲେ ଓ ଜିନ୍ ଉପରେ ହିଁ ଟିକିଏ ଢୁଳାଇ ପଡ଼ୁଥିଲେ । ଚନ୍ଦ୍ରାର ବାଲ୍ୟକାଳ ପିତାଙ୍କ ସାଥିରେ ସମରଭୂମିରେ କଟିଲା । ବାପା ତାଙ୍କୁ କୌଣସି ଗୁମ୍ଫା କିମ୍ବା ଗଛ ଆଢ଼ୁଆଳରେ ଲୁଚାଇଦେଇ ଯୁଦ୍ଧକ୍ଷେତ୍ରକୁ ଚାଲିଯାଉଥିଲେ । ଶିଶୁ ଚନ୍ଦ୍ରାଙ୍କ ଭାବରେ ବସି ବସି ମାଟିରେ ଦୁର୍ଗ ଗଢ଼ୁଥାଏ ଏବଂ ତାକୁ ଭାଙ୍ଗୁଥାଏ ତାର ଖେଳଘର କଲା ହେଉଥିଲା, ତାର କୁଣ୍ଢେଇଗୁଡ଼ିକ ଓଢ଼ଣା ପକାଉ ନ ଥିଲେ । ସେ କୁଣ୍ଢେଇ ସିପାହୀ ଗଢ଼ୁଥିଲା ଏବଂ ସେମାନଙ୍କୁ ରଣକ୍ଷେତ୍ରରେ ଠିଆକରି ଦେଉଥିଲା । ବେଳେ

ବେଳେ ତାର ପିତା ସନ୍ଧ୍ୟା ସମୟରେ ମଧ୍ୟ ଲେଉଟି ଆସେ ନାହିଁ । ତଥାପି ଚନ୍ଦ୍ରାର ମନରେ ଟିକିଏ ହେଲେ ଭୟ ଜାତ ହେଉ ନ ଥିଲା । ନିର୍ଜନ ସ୍ଥାନରେ ଖେଳକୁଦ ପାଖରେ ରାତ୍ରିସାରା ବସି ବସି ସେ କଟାଇ ଦେଉଥିଲା । ସେ ନେଉଳ ଆଉ ଭାଲୁଆଙ୍କ କାହାଣୀସବୁ ଶୁଣି ନ ଥିଲା । ବୀରମାନଙ୍କ ଆତ୍ମୋତ୍ସର୍ଗ କାହାଣୀମାନ, ତାହା ପୁଣି ଯୋଦ୍ଧାମାନଙ୍କ ମୁହଁରୁ ଶୁଣି ଶୁଣି ସେ ଆଦର୍ଶବାଦୀ ହୋଇଉଠିଥିଲା ।

ଥରେ ତିନ ଦିନ ଯାଏ ଚନ୍ଦ୍ରାକୁ ଆପଣା ପିତାଙ୍କର କୌଣସି ଖବର ମିଳିଲା ନାହିଁ । ସେ ଗୋଟିଏ ପାହାଡ଼ ଖୋଲ ଭିତରେ ବସି ବସି ମନେମନେ ଏପରି ଗୋଟିଏ କଳ ଗଢ଼ିଲାଗିଥିଲା, ଯାହାକୁ କୌଣସି ଶତ୍ରୁ ଜାଣି ନ ପାରିବ । ଦିନଯାକ ସେ ମନେ ମନେ ସେହି କଳର ନକ୍‌ସା ଚିନ୍ତା କରୁଥାଏ, ଆଉ ରାତିରେ ସେହି କଳର ସ୍ୱପ୍ନ ଦେଖୁଥାଏ । ଚତୁର୍ଥ ଦିନ ସନ୍ଧ୍ୟା ସମୟରେ ପିତାଙ୍କର କେତେ ଜଣ ସାଥି ଆସି ତା' ଆଗରେ କନ୍ଦାକଟା ଆରମ୍ଭ କରିଦେଲେ । ଚନ୍ଦ୍ରା ବିସ୍ମିତ ହୋଇ ପଚାରିଲା—"ଦାଦାଜୀ କାହାନ୍ତି, ତୁମ୍ଭେମାନେ କାନ୍ଦୁଛ କାହିଁକି ?"

କେହି ଏହାର ଉତ୍ତର ଦେଲେ ନାହିଁ । ସେମାନେ ଜୋରରେ ଛାତି ବାଡ଼େଇ କାନ୍ଦିବାକୁ ଲାଗିଲେ । ଚନ୍ଦ୍ରା ବୁଝିଗଲା ଯେ ତାର ପିତା ବୀରଗତି ପାଇଅଛନ୍ତି । ସେହି ତେର ବର୍ଷ ବାଳିକାର ଆଖିରୁ ଟୋପାଏ ହେଲେ ଲୁହ ଗଡ଼ିଲା ନାହିଁ, ମୁହଁ ଟିକିଏ ହେଲେ ମଳିନ ହେଲା ନାହିଁ; ଆହା ଶବ୍ଦଟିଏ ମଧ୍ୟ ତା ମୁହଁରୁ ବାହାରିଲା ନାହିଁ । ସେ ହସିକରି କହିଲା—"ସେ ତ ବୀରଗତି ପାଇଲେ; ତୁମ୍ଭେମାନେ କାନ୍ଦୁଛ କାହିଁକି ? ଯୋଦ୍ଧାମାନଙ୍କ ଲାଗି ଏହାଠାରୁ

ବାଲା ଆଉ କି ସୁଖକର ମୃତ୍ୟୁ ହୋଇପାରେ ? ଏହାଠାରୁ ବଳି ...ଙ୍କ ବୀରତ୍ୱର ଆଉ କି ପୁରସ୍କାର ମିଳିପାରେ ? ଏହା କାନ୍ଦିବାର ନୁହେଁ, ଆନନ୍ଦ କରିବାର ଅବସର ଅଟେ ।"

ଜଣେ ସିପାହୀ ଚିନ୍ତିତ ସ୍ୱରରେ କହିଲା, "ଆମ୍ଭମାନଙ୍କୁ କେବଳ ତୁମରି ଚିନ୍ତା ଲାଗିଛି । ତୁମେ ଏବେ କେଉଁଠି ରହିବ ?

ଚିନ୍ତା ଗମ୍ଭୀର ଭାବରେ କହିଲା—"ସେ ବିଷୟରେ ତୁମେ ଚିନ୍ତା କର ନାହିଁ ଦାଦା ! ମୁଁ ମୋ ବାପର ଝିଅ; ସେ ଯାହା କରିଛନ୍ତି, ତାହାହିଁ ମୁଁ କରିବି । ଆପଣା ମାତୃଭୂମିକୁ ଶତ୍ରୁମାନଙ୍କ କବଳରୁ ମୁକ୍ତକରିବା ଲାଗି ସେ ପ୍ରାଣ ଦେଇଛନ୍ତି । ମୋ ସମ୍ମୁଖରେ ମଧ୍ୟ ସେହି ଆଦର୍ଶ ରହିଛି । ତୁମ୍ଭେମାନେ ଯାଇ ନିଜ ନିଜର ଲୋକମାନଙ୍କୁ ସମ୍ଭାଳ, ମୋ ପାଇଁ ଗୋଟିଏ ଘୋଡ଼ା ଆଉ ହତିଆରର ବ୍ୟବସ୍ଥା କରିଦିଅ । ଈଶ୍ୱର ଅନୁଗ୍ରହ କରିବେ ତ ତୁମେମାନେ ମୋତେ କାହାରିଠାରୁ ହୀନ ଦେଖିବନାହିଁ । ଯଦି ମୋତେ ହଟିବାର ଦେଖିବ, ତେବେ ତରବାରିର ଗୋଟିଏ ଚୋଟରେ ଏ ଜୀବନକୁ ଅନ୍ତର କରିଦେବ । ଏହା ହିଁ ମୋର ତୁମମାନଙ୍କଠାରେ ମିନତି । ଯାଅ, ଆଉ ବିଳମ୍ବ କର ନାହିଁ ।" ଚିନ୍ତାର ଏହି ବୀରବଚନ ଶୁଣି ସିପାହୀମାନଙ୍କୁ ଲେଶମାତ୍ର ଆଶ୍ଚର୍ଯ୍ୟ ଲାଗିଲା ନାହିଁ । ଅବଶ୍ୟ ସେମାନଙ୍କ ମନରେ ସନ୍ଦେହ ହୋଇଥିଲା କି ଏହି କୋମଳ ବାଳିକା କଅଣ ତା ସଂକଳ୍ପରେ ଦୃଢ଼ ରହିପାରିବ

( ୩ )

ପାଞ୍ଚ ବର୍ଷ ବିତିଗଲା । ସମଗ୍ର ପ୍ରଦେଶରେ ଚନ୍ଦ୍ରା ଦେବୀଙ୍କ ପ୍ରଭାବ ପ୍ରତିଷ୍ଠିତ ହୋଇଗଲା । ଶତ୍ରୁମାନଙ୍କ ସ୍ଥିତି ଅଥୟ ଧଇଲା । ସେ ରାଜପୁର ଜୀବନ୍ତ ମୂର୍ତ୍ତି ଥିଲେ । ତାଙ୍କୁ ଘୋର ଏବଂ ଗୁଳା ସମ୍ମୁଖରେ ନିଃଶଙ୍କ ଭାବରେ ଠିଆ ହୋଇଥିବାର ଦେଖି ସିପାହୀମାନେ ବିଶେଷ ଉତ୍ତେଜନା ଲାଭ କରୁଥିଲେ । ତାଙ୍କ ସମ୍ମୁଖରେ ସେମାନେ କପରି ପଛକୁ ପାଦ ହଟାନ୍ତେ ? କୋମଳାଙ୍ଗୀ ଯୁବତୀ ଯେତେବେଳେ ଆଗକୁ ଅଗ୍ରସର ହେଉଛନ୍ତି, ସେତେବେଳେ କେଉଁ ପୁରୁଷ ପଛଘୁଞ୍ଚା ଦେବ ? ସୁନ୍ଦରୀମାନଙ୍କ ସମ୍ମୁଖରେ ଯୋଦ୍ଧାମାନଙ୍କର ବୀରତ୍ୱ ଅଜେୟ ହୋଇଉଠେ । ରମଣୀର ବଚନବାଣ ଯୋଦ୍ଧାମାନଙ୍କ ପକ୍ଷରେ ଆତ୍ମସମର୍ପଣର ଗୁପ୍ତ ସନ୍ଦେଶ, ତାହାର ଗୃହିଣୀ କାପୁରୁଷଠାରେ ମଧ୍ୟ ପୁରୁଷତ୍ୱର ଧାର ପ୍ରବାହିତ କରିଦିଏ । ଚନ୍ଦ୍ରାଦେବୀଙ୍କର ରୂପଲାବଣ୍ୟର ଖ୍ୟାତି ଚଞ୍ଚଳମତି ବୀରମାନଙ୍କୁ ଚାରିଆଡ଼ୁ ଆକର୍ଷଣ କରି ସେନାବାହିନୀକୁ ସୁସଜ୍ଜିତ କରିଦେଲା । ଜୀବନ ସହିତ କ୍ରୀଡ଼ା କରୁଥିବା ଭ୍ରମରମାନେ ଚାରିଆଡ଼ୁ ଆସି ସେହି ଫୁଲଭଉଁରୀ ଉପରେ ଖେଳିବାକୁ ଲାଗିଲେ । ସେହି ଯୋଦ୍ଧାମାନଙ୍କ ମଧ୍ୟରେ ଇନ୍ଦ୍ରସିଂହ ନାମକ ଜଣେ ରାଜପୁତ ଯୁବକ ଥିଲେ ।

ଏକେ ତ ଚନ୍ଦ୍ରାର ସୈନିକମାନଙ୍କ ମଧ୍ୟରେ ସମସ୍ତେ ତରବାରି ଚଳାଇବାରେ ଧୁରନ୍ଧର ଥିଲେ । ସେମାନେ ତାଙ୍କ କଥାରେ ପ୍ରାଣ ଦେବାକୁ ଏବଂ ତାଙ୍କ ଇଙ୍ଗିତରେ ନିଆଁକୁ ଡେଇଁ ପଡ଼ିବାକୁ ଏବଂ ତାଙ୍କ ଆଜ୍ଞା ପାଇ ଆକାଶରୁ ତାରା ତୋଳି ଆଣିବାକୁ ବାହାରି ପଡ଼ୁଥିଲେ; କିନ୍ତୁ ଇନ୍ଦ୍ରସିଂହ ଏ ସମସ୍ତଙ୍କଠାରୁ

ବଳ ଅଧିକ ଥିଲେ । ଚନ୍ଦ୍ରା ମଧ୍ୟ ହୃଦୟ ମଧ୍ୟରେ ତାହାଙ୍କୁ ପ୍ରେମ କରୁଥିଲେ । ରତ୍ନସିଂହ ଅନ୍ୟ ବୀରମାନଙ୍କ ପରି ଉଦ୍ଧତ, ମୁଖର ବା ଗର୍ବୀ ନ ଥିଲେ । ଅନ୍ୟମାନେ ନିଜ ନିଜର କୀର୍ତ୍ତିକୁ ଖୁବ୍ ବଢ଼ାଇ ଚଢ଼ାଇ ବଖ୍ୟାନ୍ କରୁଥିଲେ । ଆତ୍ମପ୍ରଶଂସା କରିବାରେ ସେମାନଙ୍କ ଜିଭ ଅଟକୁ ନ ଥିଲା । ସେମାନେ ଯାହା କିଛି କରନ୍ତି, ତାହା ଚନ୍ଦ୍ରାକୁ ଦେଖାଇବା ଲାଗି କରନ୍ତି । ନିଜ ନିଜର କର୍ତ୍ତବ୍ୟ ସେମାନଙ୍କର ଧ୍ୟେୟ ନ ଥିଲା, ଚନ୍ଦ୍ରା ହିଁ ସେମାନଙ୍କର ଏକମାତ୍ର ଧ୍ୟେୟ ଥିଲା । ରତ୍ନସିଂହ ଯାହା କିଛି କରୁଥିଲେ, ଅତି ଶାନ୍ତଭାବରେ କରୁଥିଲେ । ନିଜର ପ୍ରଶଂସା କରିବା ତ ଦୂରର କଥା, ସେ ବାଘଟାଏ ମାରିଆସିଲେ ମଧ୍ୟ ତହିଁର ଚର୍ଚ୍ଚା ପର୍ଯ୍ୟନ୍ତ କରୁ ନ ଥିଲେ । ସେ ଯେପରି ବଳିଷ୍ଠ ଏବଂ ନମ୍ର ଥିଲେ, ସେହିପରି ସଙ୍କୋଚଶୀଳ ମଧ୍ୟ ଥିଲେ । ଅନ୍ୟମାନଙ୍କ ପ୍ରେମରେ ବିଳାସ ଥିଲା; ମାତ୍ର ରତ୍ନସିଂହଙ୍କ ପ୍ରେମରେ ତ୍ୟାଗ ଏବଂ ତପ ଥିଲା । ଅନ୍ୟମାନେ ମଧୁର ନିଦ ଶୋଉଥିଲେ; ମାତ୍ର ରତ୍ନସିଂହ ତାରା ଗଣି ଗଣି ରାତି କଟାଉଥିଲେ । ଅନ୍ୟମାନେ ସମସ୍ତେ ନିଜ ନିଜ ମନରେ ଭାବୁଥିଲେ ଯେ, ଚନ୍ଦ୍ରା ମୋର ହେବ । କେବଳ ରତ୍ନସିଂହ ନିରାଶ ଥିଲେ; ମାତ୍ର ସେଥିପାଇଁ ତାଙ୍କର କାହାରି ପ୍ରତି ଦ୍ୱେଷ ବା ରାଗ ନ ଥିଲା । ଅନ୍ୟମାନଙ୍କୁ ଚନ୍ଦ୍ରା ଆଗରେ ପ୍ରେମାଳାପ କରିବାର ଦେଖି ସେମାନଙ୍କ ବାକପଟୁତାରେ ସେ ଆଶ୍ଚର୍ଯ୍ୟ ହୋଇଯାଉଥିଲେ ଏବଂ ପ୍ରତି ମୁହୂର୍ତ୍ତରେ ତାଙ୍କର ନିରାଶାନ୍ଧକାର ଆହୁରି ଘନୀଭୂତ ହୋଇଯାଉଥିଲା । ବେଳେ ବେଳେ ଆପଣାର ସାଧାସିଧା ସ୍ୱଭାବ ଲାଗି ସେ ନିଜ ଉପରେ ଚିଡ଼ି ଉଠୁଥିଲେ । ଯେଉଁ ଗୁଣ ରମଣୀମାନଙ୍କ ଚିତ୍ତକୁ ମୋହିତ କରେ, ଈଶ୍ୱର ସେ ଗୁଣରୁ ତାଙ୍କୁ ବଞ୍ଚିତ କରିଛନ୍ତି କାହିଁକି ?

ତାଙ୍କୁ କିଏ ପଚାରିବ ? ତାଙ୍କର ମନୋବ୍ୟଥା କିଏ ଜାଣୁଛି ? ମାତ୍ର ସେ ମନେ ମନେ ନିଜ ଉପରେ ବିରକ୍ତ ହୋଇ କ୍ଷୁନ୍ନ ହୋଇ ରହି ଯାଉଥିଲେ; ଦେଖାଇହେବାର ଶକ୍ତି ତାଙ୍କଠାରେ ନ ଥିଲା ?

ରାତି ଅଧିକରୁ ଅଧିକ ବଢି ଯାଇଥିଲା । ଚନ୍ଦ୍ରା ଆପଣା ତମ୍ବୁରେ ବିଶ୍ରାମ କରୁଥିଲେ । ସୈନିକଗଣ ଦୀର୍ଘ ପଥଯାତ୍ରା ପରେ ମୁଠିଏ ଖାଇ ପିଇ ଅଚେତ ହୋଇ ପଡ଼ି ରହିଥିଲେ । ସମ୍ମୁଖରେ ଗୋଟିଏ ନିବିଡ଼ ଜଙ୍ଗଲ । ଜଙ୍ଗଲ ସେପାଖରେ ଶତ୍ରୁମାନଙ୍କର ଗୋଟିଏ ଦଳ ଡେରା ପକାଇ ପଡ଼ିରହିଥିଲେ । ଚନ୍ଦ୍ରା ସେମାନଙ୍କ ଆସିବା ଖବର ପାଇ ଦୌଡ଼ି ଦୌଡ଼ି ଚାଲି ଆସିଥିଲେ । ସେ ପରଦିନ ପ୍ରାତଃକାଳରୁ ଶତ୍ରୁମାନଙ୍କ ଉପରେ ଆକ୍ରମଣ କରିବାକୁ ନିଷ୍ପତ୍ତି କରିସାରିଥିଲେ । ତାଙ୍କର ବିଶ୍ୱାସ ଥିଲା ଯେ, ଶତ୍ରୁମାନେ ମୋ ଆସିବା ଖବର ପାଇ ନ ଥିବେ; କିନ୍ତୁ ତାହା ତାଙ୍କର ଭ୍ରମ ଥିଲା । ତାଙ୍କର ସେନା ମଧ୍ୟରୁ ଜଣେ ଲୋକ ଶତ୍ରୁମାନଙ୍କ ସହିତ ମିଳି ରହିଥିଲା । ଏଠାର ସମସ୍ତ ଖବର ସେଠାରେ ତତ୍‌କ୍ଷଣ-ପହଞ୍ଚି ଯାଉଥିଲା । ଶତ୍ରୁମାନେ ଚନ୍ଦ୍ରାଙ୍କଠାରୁ ନିଶ୍ଚିନ୍ତ ରହିବା ସକାଶେ ଗୋଟିଏ ଷଡ଼ଯନ୍ତ୍ର ରଚିଥିଲେ । ତାଙ୍କୁ ଗୁପ୍ତରେ ହତ୍ୟା କରିବା ଲାଗି ତିନି ଜଣ ସାହସୀ ସିପାହୀଙ୍କୁ ନିଯୁକ୍ତ କରି ଦେଇଥିଲେ । ସେ ତିନିହେଁ ହିଂସ୍ରପଶୁଙ୍କ ଭଳି ପାଦ ଚପିଚପି ଜଙ୍ଗଲ ପାର ହୋଇ ଆସିଲେ ଏବଂ ବୃକ୍ଷ ଆଡ଼ୁଆଳରେ ଠିଆ ହୋଇ ଚିନ୍ତା କରିବାକୁ ଲାଗିଲେ ଯେ ଚନ୍ଦ୍ରାର ତମ୍ବୁ କେଉଁଠି ? ସମଗ୍ର ସେନା ନିଶ୍ଚିନ୍ତରେ ଶୋଇରହିଥିଲେ; ସୁତରାଂ ସେମାନଙ୍କର ନିଜ କାର୍ଯ୍ୟସିଦ୍ଧିରେ ଲେଶମାତ୍ର ସନ୍ଦେହ ନ ଥିଲା । ସେମାନେ ବୃକ୍ଷ ଆଡ଼ୁଆଳରୁ ବାହାରି ଭୂମି ଉପରେ କୁମ୍ଭୀର ପରି ଘୁଷୁରି ଘୁଷୁରି ଚନ୍ଦ୍ରାର ତମ୍ବୁ ଆଡ଼କୁ ଅଗ୍ରସର ହେଲେ ।

ସାରା ସେନାବାହିନୀ ବେହୋସ ହୋଇ ଶୋଇରହିଥିଲେ । ପହରା ଦେବା ସିପାହୀ କ୍ଲାନ୍ତଶ୍ରାନ୍ତ ହୋଇପଡ଼ିଥିବାରୁ ନିଦ୍ରାରେ ଅଚେତ ହୋଇଯାଇଥିଲେ । କେବଳ ଗୋଟିଏ ପ୍ରାଣୀ ତମ୍ବୁର ପଛ ପଟେ ଶୀତରେ ଯାକଯୁକ ହୋଇ ବସି ରହିଥିଲେ । ସେ ହେଉଛନ୍ତି ରତ୍ନସିଂହ । ଆଜି ସେ ଏହା କିଛି ନୂଆ କଥା କରୁ ନ ଥିଲେ, ଗୁଳୁଣୀ ପକାଇବା ସ୍ଥାନରେ ସେ ଏହିପରି ଭାବରେ ଚନ୍ଦ୍ରାର ତମ୍ବୁ ପଛରେ ବସି ବସି ରାତି କଟାଉଥିଲେ । ଘାତକମାନଙ୍କ ପାଦଶବ୍ଦ ଶୁଣି ସେ ତରବାରି ବାହାର କଲେ ଏବଂ ଚମକପଡ଼ି ଉଠି ଠିଆ ହୋଇଗଲେ । ଦେଖିଲେ ତିନି ଜଣ ଲୋକ ନଇଁ ନଇଁ ମାଡ଼ି ଆସୁଛନ୍ତି । ସେ ଏବେ କଅଣ କରିବେ ? ଯଦି ପାଟି କରିବେ, ତେବେ ସେନାଙ୍କ ମଧ୍ୟରେ ଗଣ୍ଡଗୋଳ ଜାତ ହେବ ଏବଂ ଅନ୍ଧାରରେ ଲୋକେ ପରସ୍ପର ମଧ୍ୟରେ ହାତାହାତି ହୋଇ ମରିବେ । ଏଣେ ପୁଣି ଏକାକୀ ତିନିଜଣ ଯୁଆନଙ୍କ ସହିତ ଲଢ଼ିବାରେ ପ୍ରାଣର ଭୟ ରହିଛି । ବେଶୀ ବିଚାରିବାକୁ ଅବସର ନ ଥିଲା । ଅବିଳମ୍ବେ ଉପସ୍ଥିତ କର୍ତ୍ତବ୍ୟ ସ୍ଥିର କରିନେବାର ଯେଉଁ ଶକ୍ତି ଯୋଦ୍ଧାମାନଙ୍କର ଥାଏ, ତାହା ତାଙ୍କଠାରେ ଥିଲା । ସେ ତତ୍‌କ୍ଷଣାତ୍ ଖୋଳରୁ ତରବାରି ବାହାର କରି ସେ ତିନି ଜଣଙ୍କୁ ଆକ୍ରମଣ କଲେ । କେତେ ମିନିଟ୍ ପର୍ଯ୍ୟନ୍ତ ତରବାରି-ଯୁଦ୍ଧ ସାଇଁ ସାଇଁ ଚାଲିଲା । ଶେଷରେ ଏକ ପକ୍ଷରେ ସେ ତିନି ଜଣ ଆହତ ହୋଇପଡ଼ିଲେ; ଏଣେ ନିଜେ ରତ୍ନସିଂହ ମଧ୍ୟ କ୍ଷତବିକ୍ଷତ ହୋଇ ଅଚେତ ହୋଇ ପଡ଼ିଗଲେ ।

ପ୍ରାତଃକାଳରେ ଚନ୍ଦ୍ରା ଉଠି ଦେଖନ୍ତି ତ ଚାରି ଜଣ ଯୁଆନ ଯୋଦ୍ଧା ଭୂମି ଉପରେ ପଡ଼ିରହିଛନ୍ତି । ତାଙ୍କ କଲିଜା ଧଡ଼ ଧଡ଼

ହୋଇ ଅଟିଗଲା । ପାଖକୁ ଯାଇ ଦେଖିଲେ, ତିନି ଜଣଯାକ ଆକ୍ରମଣକାରୀଙ୍କ ପ୍ରାଣବାୟୁ ଉଡ଼ି ଯାଇଅଛି; ମାତ୍ର ରତ୍ନସିଂହଙ୍କର ନିଃଶ୍ୱାସ ଚାଲୁଥିଲା । ସମସ୍ତ ଘଟଣା ସେ ବୁଝିଗଲେ । ବୀରଙ୍କ ନାରୀତ୍ୱ ଉପରେ ବଜ୍ରପାତ ହେଲା । ଯେଉଁ ଆଖିରୁ ପିତାଙ୍କ ମୃତ୍ୟୁରେ ଏକ ବିନ୍ଦୁ ମାତ୍ର ଅଶ୍ରୁ ଗଡ଼ି ନଥିଲା, ସେହି ଆଖିରୁ ଅଶ୍ରୁର ଅବିରଳ ଧାରା ବହିବାକୁ ଲାଗିଲା । ସେ ରତ୍ନସିଂହଙ୍କ ମସ୍ତକକୁ ଆପଣା ଜଙ୍ଘ ଉପରେ ଥୋଇଦେଲେ ଏବଂ ନିଜର ହୃଦୟ-ଅଗଣାରେ ରଚିତ ସ୍ୱୟଂମ୍ବରର ବରଣମାଳା ତାଙ୍କ ଗଳାରେ ପକାଇ ଦେଲେ ।

( ୪ )

ମାସକ ଯାଏ ରତ୍ନସିଂହଙ୍କ ଆଖି ଫିଟିଲା ନାହିଁ କି ଚନ୍ଦ୍ରାଙ୍କ ଆଖି ମୁଦି ହେଲା ନାହିଁ । କ୍ଷଣକ ପାଇଁ ମଧ୍ୟ ଚନ୍ଦ୍ରା ତାଙ୍କ ପାଖରୁ କୁଆଡ଼େ ଯାଉ ନ ଥିଲେ । ତାଙ୍କର ନିଜ ଦେଶ ଲାଗି ପରବାଏ ନ ଥିଲା କିମ୍ବା ଶତ୍ରୁ ମାଡ଼ିଆସିଲେ ମଧ୍ୟ ସେଥିକି ଚିନ୍ତା ନ ଥିଲା । ରତ୍ନସିଂହଙ୍କ ଲାଗି ସେ ଆପଣାର ସମଗ୍ର ବିଭୂତିକୁ ବଳିଦାନ କରିଦେଇଥିଲେ । ପୂରା ମାସେ ବିତିଯିବା ବାଦ୍ ରତ୍ନସିଂହଙ୍କ ଆଖି ଫିଟିଲା । ସେ ଦେଖିଲେ ଯେ ସେ ଖଟ ଉପରେ ପଡ଼ି ରହିଛନ୍ତି, ଆଉ ଚନ୍ଦ୍ରା ସମ୍ମୁଖରେ ପଙ୍ଖା ଧରି ଠିଆହୋଇଛି । କ୍ଷୀଣ ସ୍ୱରରେ କହିଲେ, "ଚନ୍ଦ୍ରା, ପଙ୍ଖା ମୋତେ ଦେଇଦିଅ, ତୁମକୁ କଷ୍ଟ ହେଉଥିବ ।"

ଚନ୍ଦ୍ରାର ହୃଦୟ ସେତେବେଳେ ସ୍ୱର୍ଗର ଅଖଣ୍ଡ ଓ ଅପାର ସୁଖ ଅନୁଭବ କରିବାରେ ଲାଗିଥିଲା । ମାସକ ତଳେ ଯେଉଁ ଶୀର୍ଣ୍ଣ ଶରୀରର ମୁଣ୍ଡ ଉପରେ ବସିରହି ସେ ନୈରାଶ୍ୟରେ ରୋଦନ



"ଏହା ଯଦି କଷ୍ଟ ହୁଏ, ତେବେ ସୁଖ କଅଣ ମୁଁ ଜାଣେ ନାହିଁ ।"—ପୃ ୮୩

କରୁଥିଲେ, ତାଙ୍କୁ ଆଜି କଥା କହିବାର ଦେଖି ତାଙ୍କର ଆନନ୍ଦର ସୀମା ରହିଲା ନାହିଁ। ସେ ସ୍ନେହ-ମଧୁର ସ୍ୱରରେ କହିଲେ, "ପ୍ରାଣନାଥ ! ଏହା ଯଦି କଷ୍ଟ ହୁଏ, ତେବେ ସୁଖ କଅଣ ମୁଁ ଜାଣେ ନାହିଁ।"

'ପ୍ରାଣନାଥ' ଏହି ସମ୍ବୋଧନରେ ବିଲକ୍ଷଣ ମନ୍ତ୍ର ପରି ଶକ୍ତି ଥିଲା। ରତ୍ନସିଂହଙ୍କର ଆଖି ଚମକିପଡ଼ିଲା। ମଳିନ ମୁଖ ପ୍ରଫୁଲ୍ଲ ହୋଇଉଠିଲା। ଶିରା ପ୍ରଶିରାରେ ଏକ ପ୍ରକାର ନବଜୀବନର ସଞ୍ଚାର ହୋଇଗଲା। ସେ ଜୀବନ କେଡ଼େ ସ୍ପୃହଣୀୟ, ସେଥିରେ କେତେ ଉତ୍ସାହ, କେତେ ମାଧୁର୍ଯ୍ୟ, କେତେ ଉଲ୍ଲାସ, ଆଉ କେତେ କରୁଣା ଥିଲା। ସେଥିରେ ରତ୍ନସିଂହଙ୍କର ପ୍ରତ୍ୟେକ ଅଙ୍ଗ ସ୍ପନ୍ଦିତ ହେବାକୁ ଲାଗିଲା। ତାଙ୍କର ଆପଣା ବାହୁରେ ଅଲୌକିକ ପରାକ୍ରମର ଅନୁଭୂତି ହେଲା। ତାଙ୍କୁ ଜଣାଗଲା, ସତେ ଯେପରି କି ସେ ସାରା ସଂସାର ଜୟ କରିପାରିବେ, ଉଡ଼ିକରି ଆକାଶରେ ପହଞ୍ଚିପାରିବେ ଏବଂ ପର୍ବତମାନଙ୍କୁ ବିଦୀର୍ଣ୍ଣ କରିଦେଇପାରିବେ। କ୍ଷଣକ ପାଇଁ ତାଙ୍କ ମନରେ ଏପରି ତୃପ୍ତି ହେଲା, ଯେପରି କି ତାଙ୍କର ସମସ୍ତ ଅଭିଳାଷ ପୂର୍ଣ୍ଣ ହୋଇଯାଇଅଛି, ଯେପରି କି ସେ ଆଉ କାହାରିଠାରୁ କିଛି ଚାହାନ୍ତି ନାହାନ୍ତି। ସ୍ୱୟଂ ଶିବଙ୍କୁ ମଧ୍ୟ ସେ ସମ୍ମୁଖରେ ଦଣ୍ଡାୟମାନ ଦେଖି ମୁହଁ ବୁଲାଇ ଦିଅନ୍ତେ, କୌଣସି ବର ମାଗନ୍ତେ ନାହିଁ। ତାଙ୍କ ମନରେ ଗର୍ବ ହୋଇଥିଲା ଯେ ବୋଧହୁଏ ତାଙ୍କଠାରୁ ଅଧିକ ସୁଖୀ, ତାଙ୍କଠାରୁ ଅଧିକ ଭାଗ୍ୟବାନ୍ ପୁରୁଷ ସଂସାରରେ ଆଉ କେହି ନ ଥିବ।

ଚନ୍ଦ୍ରା ସେତେବେଳଯାଏ ଆପଣା ବାକ୍ୟକୁ ପୂର୍ଣ୍ଣ କରି-ପାରି ନ ଥିଲେ । ସେ ଏହି ପ୍ରସଙ୍ଗରେ ପୁଣି କହିଲେ—"ହଁ, ଆପଣଙ୍କୁ ମୋ ଲାଗି ଅବଶ୍ୟ ଦୁଃସହ ଯାତନା ଭୋଗ କରିବାକୁ ପଡ଼ିଲା ।" ରତ୍ନସିଂହ ଉଠିବାକୁ ଚେଷ୍ଟାକରି କହିଲେ, "ବିନା ତପସ୍ୟାରେ ସିଦ୍ଧି ମିଳେ ନାହିଁ ।"

ଚନ୍ଦ୍ରା ରତ୍ନସିଂହଙ୍କୁ ନିଜର କୋମଳ ହାତରେ ଶୁଆଇ ଦେଇ କହିଲେ, "ଏ ସିଦ୍ଧି ଲାଗି ତୁମେ ତପସ୍ୟା କରି ନ ଥିଲ; ମିଛ କାହିଁକି କହୁଛ ? ତୁମ୍ଭେ କେବଳ ଗୋଟିଏ ଅବଳାକୁ ରକ୍ଷା କରୁଥିଲ । ଯଦି ମୋ ଜାଗାରେ ଅନ୍ୟ କୌଣସି ସ୍ତ୍ରୀ ହୋଇଥାନ୍ତା, ତେବେ ବି ତୁମେ ଏହିପରି ପ୍ରାଣପଣେ ତାକୁ ରକ୍ଷା କରିଥାଅନ୍ତ । ମୋର ଏହାହିଁ ବିଶ୍ୱାସ । ମୁଁ ତୁମଙ୍କୁ ସତ କହୁଛି, ମୁଁ ଆଜୀବନ ବ୍ରହ୍ମଚାରିଣୀ ରହିବାକୁ ପ୍ରତିଜ୍ଞା କରିଥିଲି; ମାତ୍ର ତୁମର ଆତ୍ମୋତ୍ସର୍ଗ ମୋର ସେ ପ୍ରତିଜ୍ଞାକୁ ଭାଙ୍ଗିଦେଲା । ଯୋଦ୍ଧାମାନଙ୍କ କୋଳରେ ମୋର ପ୍ରତିପାଳନ ହୋଇଥିଲା । ଯେଉଁ ବ୍ୟକ୍ତି ନିଜର ପ୍ରାଣକୁ ବାଜିରଖି ଖେଳିପାରେ, ମୋର ହୃଦୟ କେବଳ ସେହି ପୁରୁଷସିଂହଙ୍କ ଚରଣରେ ଅର୍ପିତ ହୋଇପାରେ । ରସିକମାନଙ୍କ ହାସବିଳାସର, ଗୁଣ୍ଡାଙ୍କର ରଙ୍ଗଢ଼ଙ୍ଗର, ଠକଙ୍କର ମାରପେଞ୍ଚର ମୋ ଦୃଷ୍ଟିରେ କଣାକଉଡ଼ି ବି ମୂଲ୍ୟ ନାହିଁ । ସେମାନଙ୍କର ଅଭିନୟକୁ ମୁଁ କେବଳ ତାମସା ପରି ଦେଖେଁ । ତୁମର ହୃଦୟରେ ମୁଁ ପ୍ରକୃତ ଆତ୍ମୋତ୍ସର୍ଗ ଦେଖିଲି; ତେଣୁ ତୁମର ଦାସୀ ହୋଇଗଲି । ଆଜି ନୁହେଁ, ବହୁତ ଦିନରୁ ।

( ୪ )

ପ୍ରଣୟର ପ୍ରଥମ ରାତି, ଘରଆଡ଼ ନୀରବ ଓ ନିସ୍ତବ୍ଧ । କେବଳ ଦୁଇଟି ପ୍ରେମିକ ପ୍ରେମିକାଙ୍କ ହୃଦୟରେ ଅଭିଳାଷର

ସପ୍ତ

ଲହରୀ ଖେଳୁଥିଲା । ଗୃହଆଡ଼େ ଅନୁରାଗମୟୀ ଜ୍ୟୋତ୍ସ୍ନା ବିଚ୍ଛୁରିତ ହେଉଥିଲା ଓ ତାହାର ହାସ୍ୟମୟୀ ଛଟା ମଧ୍ୟରେ ବର ଏବଂ ବଧୂ ପ୍ରେମାଳାପ କରିବାରେ ଲାଗିଥିଲେ ।

ସହସା ଖବର ଆସିଲା କି ଶତ୍ରୁମାନଙ୍କର ସେନାମାନେ କେଲା ଆଡ଼କୁ ମାଡ଼ିଆସୁଛନ୍ତି । ଚନ୍ଦ୍ରା ଚମକିପଡ଼ିଲେ, ରତ୍ନସିଂହ ଠିଆ ହୋଇଗଲେ ଏବଂ ଖୁଣ୍ଟିରେ ଝୁଲୁଥିବା ତରବାରି କାଢ଼ି-ଆଣିଲେ ।

ଚନ୍ଦ୍ରା ତାଙ୍କ ଆଡ଼କୁ କାତର ଭାବରେ ସ୍ନେହଦୃଷ୍ଟିରେ ଚାହିଁ କହିଲେ, "କେତେକ ଲୋକଙ୍କୁ ସେଠାକୁ ପଠାଇଦିଅ, ତୁମର ଯିବା କି ଦରକାର ଅଛି ?" ରତ୍ନସିଂହ ବନ୍ଧୁକ କାନ୍ଧ ଉପରେ ଥୋଇ ଥୋଇ କହିଲେ, "ମୋର ଆଶଙ୍କା ହେଉଛି, ଏଥର ସେମାନେ ଖୁବ୍ ବେଶୀ ସଂଖ୍ୟାରେ ଆସୁଅଛନ୍ତି ।"

ଚନ୍ଦ୍ରା—ତେବେ ମୁଁ ମଧ୍ୟ ଯିବି ।

ରତ୍ନସିଂହ—ମୋର ଆଶା, ସେମାନେ ଅଧିକ ହୋଇ ଠିଆ ହୋଇପାରିବେ ନାହିଁ । ଥରେ ମାତ୍ର ଆକ୍ରମଣରେ ସେମାନଙ୍କୁ ଛିନ୍ନଛତ୍ର କରିଦେବି । ଈଶ୍ୱରଙ୍କ ଇଚ୍ଛା, ଆମର ଏ ପ୍ରଣୟ-ରାତ୍ରି ବିଜୟ ରାତ୍ରି ହେବ ।

ଚନ୍ଦ୍ରା—କେଜାଣି କାହିଁକି ମନ ବଡ଼ ଆତୁର ହେଉଛି, ତୁମକୁ ଛାଡ଼ିଦେବାକୁ ମନ ହେଉ ନାହିଁ ।

ରତ୍ନସିଂହ ଏହି ସରଳ ଅନୁରକ୍ତ ଆଗ୍ରହରେ ବିହ୍ୱଳ

ହୋଇ ଚନ୍ଦ୍ରାଙ୍କୁ କୁଣ୍ଢାଇ ପକାଇଲେ, ଆଉ କହିଲେ—"ମୁଁ ସକାଳ ହେଲାବେଳକୁ ଫେରିଆସିବି ପ୍ରିୟେ !"

ଚନ୍ଦ୍ରା ପତିଙ୍କ ଗଳାରେ ହାତ ପକାଇ ଚକ୍ଷୁ ଦୁଇଟି ଅଶ୍ରୁପୂର୍ଣ୍ଣ କରି କହିଲେ—"ମୋର ଭୟ ହେଉଛି, ତୁମେ ବହୁତ ଦିନରେ ଲେଉଟିବ । ମୋର ମନ ତୁମରି ସାଥି ସାଥି ରହିବ । ଯାଅ; ମାତ୍ର ରୋଜ ଖବର ପଠାଉଥିବ । ତୁମର ଯେ ଉତ୍ତଲେ ପଡୁଛି, ଅବସର ବୁଝି ଆକ୍ରମଣ କରିବ । ତୁମର ଅଭ୍ୟାସ ହେଉଛି ଯେ ଶତ୍ରୁକୁ ଦେଖିବାମାତ୍ରେ ଆକୁଳ ହୋଇପଡ଼, ଆଉ ପ୍ରାଣ ମୂର୍ଚ୍ଛି ଆକ୍ରମଣ କରିଦିଅ । ତୁମଙ୍କୁ ମୋର ଅନୁରୋଧ, ଅବସର ଦେଖି କାମ କରିବ । ଯାଅ, ଯେପରି ପିଠି ଦେଖାଇ ଯାଉଛ, ସେହିପରି ଫେରିଆସି ମୁହଁ ଦେଖାଇବ ।" ଚନ୍ଦ୍ରାର ହୃଦୟ କାତର ହୋଇଯାଉଥିଲା । ସେ ହୃଦୟରେ ପ୍ରଥମେ କେବଳ ବିଜୟ-ଲାଳସାର ଆଧିପତ୍ୟ ଥିଲା; ମାତ୍ର ଏବେ ସେଠାରେ ଭୋଗ-ଲାଳସା ପ୍ରାଧାନ୍ୟ ଲାଭ କରିଥିଲା । ଯେଉଁ ବୀରବାଳା ସର୍ବଦା ସିଂହିଣୀ ପରି ଗର୍ଜନ କରି ଶତ୍ରୁମାନଙ୍କର କଲିଜାକୁ କମ୍ପାଇ ଦେଉଥିଲେ, ସେ ଆଜି ଏତେ ଦୁର୍ବଳ ହୋଇ ପଡ଼ୁଥିଲେ ଯେ ରତ୍ନସିଂହ ଯେତେବେଳେ ଘୋଡ଼ାରେ ଚଢ଼ିଲେ, ସେତେବେଳେ ସେ ତାଙ୍କର କୁଶଳ କାମନାରେ ମନେ ମନେ ଦେବୀଙ୍କୁ ମାନସିକ ଯାଚି ଲାଗିଥିଲେ। ସେ ବୃକ୍ଷ ଆଡ଼ୁଆଳରେ ଲୁଚି ଅଦୃଶ୍ୟ ନ ହେବାଯାଏ ଚନ୍ଦ୍ରା ଠିଆହୋଇ ଏକଦୃଷ୍ଟିରେ ତାଙ୍କ ଆଡ଼କୁ ଚାହିଁରହିଲେ । ପରେ ସେ କିଲ୍ଲାର ସବୁଠାରୁ ଉଚ୍ଚ ବୁରୁଜ ଉପରେ ଚଢ଼ିଲେ ଏବଂ ଘଣ୍ଟା ଘଣ୍ଟା ଧରି ସେହି ଦିଗକୁ ଚାହିଁରହିଲେ । ପାହାଡ଼ମାନେ ବହୁ ଆଗରୁ ରତ୍ନସିଂହଙ୍କୁ

ଆପଣାର ଅନ୍ତରାଳରେ ଲୁଚାଇ ଦେଇଥିଲେ; ମାତ୍ର ଚନ୍ଦ୍ରାଙ୍କୁ ଜଣା ଯାଉଥିଲା, ଯେପରି କି ସେ ତାଙ୍କ ଆଗରେ ଚାଲି ଯାଉଅଛନ୍ତି । ଊଷାର ଲୋହିତ ଛବି ଯେତେବେଳେ ବୃକ୍ଷ ଅନ୍ତରାଳରୁ ମୁହଁ ଦେଖାଇଲା, ସେତେବେଳେ ତାଙ୍କର ମୋହାବସ୍ଥା ଭାଙ୍ଗିଗଲା । ତାଙ୍କୁ ଚତୁର୍ଦ୍ଦିଗ ଶୂନ୍ୟ ଜଣାଗଲା । ସେ କାନ୍ଦି କାନ୍ଦି ବୁରୁଜ ଉପରୁ ଓହ୍ଲାଇଆସିଲେ ଓ ଶେଯ ଉପରେ ମୁହଁ ମାଡ଼ି କାନ୍ଦିବାକୁ ଲାଗିଲେ ।

( ୭ )

ରଣଜିତ୍ ସିଂହଙ୍କ ସାଥିରେ ଖୁବ୍ ବେଶୀ ଶହେ ହେବ ଲୋକ ଥିଲେ; କିନ୍ତୁ ସେମାନେ ସମସ୍ତେ ବଚ୍ଛା ବଚ୍ଛା ସୁପରୀକ୍ଷିତ । ସଂଖ୍ୟାରେ ଅଳ୍ପାଧିକ୍ୟ କିମ୍ବା ସୁବିଧା ଅସୁବିଧା ପ୍ରତି ସେମାନଙ୍କର ଭ୍ରୂକ୍ଷେପ ନ ଥାଏ ବା ନିଜର ଜୀବନପ୍ରତି ମାୟାମମତା ନ ଥାଏ । ସେମାନେ ବୀରୋଲ୍ଲାସରେ ଉନ୍ମତ୍ତ ହୋଇ ଗୋଟିଏ ବୀରରସପୂର୍ଣ୍ଣ ସଙ୍ଗୀତ ଗାଇ ଗାଇ ଘୋଡ଼ାମାନଙ୍କୁ ଅଗ୍ରସର କରାଇ ଚାଲି ଯାଉଥିଲେ ।

ପାହାଡ଼ମାନ ସେହି ବୀର-ଗୀତିଧ୍ୱନିରେ ପ୍ରତିଧ୍ୱନିତ ହୋଇ ଉଠୁଥିଲା । ଘୋଡ଼ାମାନଙ୍କର ଠାପୁ ଶବ୍ଦ ସେଥି ସାଙ୍ଗକୁ ତାଳ ଦେଉଥିଲା । ଏହିପରି ଭାବରେ ରାତିତମାମ ବିତିଗଲା । ସୂର୍ଯ୍ୟଦେବ ନିଜର ରକ୍ତଚକ୍ଷୁ ଉନ୍ମୋଚନ କରି ଏହି ବୀରମାନଙ୍କ ଉପରେ ନିଜର ସ୍ୱର୍ଣ୍ଣଛଟା ବର୍ଷିବାକୁ ଲାଗିଲେ । ସେହି ରକ୍ତିମାଲୋକରେ ଶତ୍ରୁସେନା ଗୋଟିଏ ପାହାଡ଼ ଉପରେ ଡେରା ପକାଇ ରହିଥିବାର ଦେଖାଗଲା ।

ରଣସିଂହ ମୁଣ୍ଡ ପୋତି ବିୟୋଗବ୍ୟଥିତ ହୃଦୟକୁ ସଂଯତ କରି ମନ୍ଦଗତିରେ ପଛେ ପଛେ ଚାଲି ଯାଉଥିଲେ । ପାଦ ଆଗକୁ ପଡୁଥିଲା ସତ, ମାତ୍ର ମନ ପଛକୁ ଟାଣିହୋଇ ଯାଉଥିଲା । ଆଜି ଜୀବନରେ ପ୍ରଥମ ହୋଇ ଦୁଶ୍ଚିନ୍ତାରାଶି ତାଙ୍କୁ ଆତଙ୍କିତ କରି ପକାଉଥିଲା । ଯୁଦ୍ଧର ଶେଷ ଫଳ କଅଣ ହେବ କିଏ ଜାଣେ ? ଯେଉଁ ସ୍ୱର୍ଗସୁଖକୁ ଛାଡ଼ି ସେ ଆସିଥିଲେ, ତହିଁର ସ୍ମୃତି ମଝିରେ ମଝିରେ ତାଙ୍କ ହୃଦୟକୁ ମନ୍ଥି ପକାଉଥିଲା । ଚନ୍ଦ୍ରାଙ୍କ ସଜଳଆଖି ତାଙ୍କର ମନେ ପଡ଼ିଯାଉଥିଲା; ଆଉ ମନ ହେଉଥିଲା, ଘୋଡ଼ାର ଲଗାମକୁ ପଛକୁ ମୋଡ଼ିଦିଅନ୍ତେ । ପ୍ରତି ମୁହୂର୍ତ୍ତରେ ଉତ୍ସାହ କ୍ଷୀଣ ହୋଇଯାଉଥିଲା । ସହସା ଜଣେ ସର୍ଦ୍ଦାର ତାଙ୍କ ସମୀପକୁ ଆସି କହିଲେ—"ଭାଇ ! ହେଇଟି ଦେଖ, ଉଚ୍ଚ ପାହାଡ଼ ଉପରେ ଶତ୍ରୁସୈନ୍ୟ ଡେରା ପକାଇ ପଡ଼ି ରହିଅଛି । ତୁମର ଏବେ ଇଚ୍ଛା କଅଣ ? ମୋର ତ ଇଚ୍ଛା ହେଉଛି କି ସଙ୍ଗେ ସଙ୍ଗେ ସେମାନଙ୍କ ଉପରେ ଚଡ଼ାଉ କରିଦେବା । ସେମାନେ ଅତର୍କିତ ଭାବରେ ପଡ଼ି ରହିଛନ୍ତି, ପଳାଇବାକୁ ବାଟ ପାଇବେ ନାହିଁ । ଡେରି କଲେ ସେମାନେ ସାବଧାନ ହୋଇଯିବେ, ଆଉ ସେତେବେଳେ ଅବସ୍ଥା ଗୁରୁତର ହୋଇପଡ଼ିବ । ସେମାନଙ୍କର ସଂଖ୍ୟା ହଜାରକରୁ କମ୍ ହେବ ନାହିଁ ।

ରଣସିଂହ ଚିନ୍ତିତ ନେତ୍ରରେ ଶତ୍ରୁସେନା ଆଡ଼କୁ ଚାହିଁ କହିଲେ—"ହଁ, ସେଇୟା ତ ମନେହେଉଛି ।"

ସିପାହି—ତେବେ ଆକ୍ରମଣ କରିଦେବା ତ ?

ରଣସିଂହ—ତୁମର ଯେପରି ଇଚ୍ଛା । ସେମାନେ ସଂଖ୍ୟାରେ ଅଧିକ, ଏ କଥା କିନ୍ତୁ ବିଚାରି ଦେଖ ।

ସିପାହୀ—ସେଥିପାଇଁ ପରବାୟ ନାହିଁ, ଆମେ ତ ଏହାଠାରୁ ବଡ଼ ସୈନ୍ୟଫଉଜକୁ ପରାସ୍ତ କରିଦେଇଥାଇଁ ।

ରନ୍‌ସିଂହ—ସେକଥା ସତ; ମାତ୍ର ନିଆଁକୁ ଡେଇଁବା ଠିକ୍ ନୁହେ ।

ସିପାହୀ—ଭାଇ ! ତୁମେ ଏକଥା କଅଣ କହୁଛ ? ସିପାହୀର ଜୀବନ ତ ନିଆଁକୁ ଡେଇଁବା ପାଇଁ ଗଢ଼ାହୋଇଛି । କେବଳ ତୁମର ହୁକୁମକୁ ଅପେକ୍ଷା । ତାପରେ ଆମ୍ଭମାନଙ୍କର ଶକ୍ତି ଓ ସାହସ ଦେଖିବ ।

ରନ୍‌ସିଂହ—ବର୍ତ୍ତମାନ ଆମ୍ଭେମାନେ ବହୁତ ଥକି ଯାଇଥାଇଁ, ଟିକିଏ ବିଶ୍ରାମ କରିଦେଲେ ଭଲ ହେବ ।

ସିପାହୀ—ନାହିଁ ଭାଇ, ସେମାନେ ଆମ୍ଭମାନଙ୍କର ସୁରାଗ ପାଇଗଲେ ଅବସ୍ଥା ବଡ଼ ସାଙ୍ଘାତିକ ହୋଇଯିବ ।

ରନ୍‌ସିଂହ—ତା ହେଲେ ଚଢ଼ାଉ କରିଦିଅ ।

ମୁହୂର୍ତ୍ତକ ମଧ୍ୟରେ ଯୋଦ୍ଧାମାନେ ଘୋଡ଼ାମାନଙ୍କର ଲଗାମ ଛାଡ଼ିଦେଲେ ଏବଂ ସାବଧାନ ଭାବରେ କ୍ଷିପ୍ରଗତିରେ ଶତ୍ରୁସେନା ଆଡ଼କୁ ଅଗ୍ରସର ହେଲେ; କିନ୍ତୁ ପାହାଡ଼ ଉପରେ ପହଞ୍ଚିବା ମାତ୍ରେ ସେମାନଙ୍କୁ ଜଣାପଡ଼ିଗଲା ଯେ ଶତ୍ରୁଦଳ ଅସତର୍କ ନାହାନ୍ତି । ଏମାନେ ସେମାନଙ୍କ ବିଷୟରେ ଯେଉଁ ଅନୁମାନ କରିଥିଲେ, ତାହା ଠିକ୍ ନୁହେ । ସେମାନେ ଯେ କେବଳ ସତର୍କ ଥିଲେ ସେତିକି ନୁହେ, ସ୍ୱୟଂ କିଲା ଉପରକୁ ଚଢ଼ାଉ କରିବାକୁ ପ୍ରସ୍ତୁତ ହେଉଥିଲେ । ଏମାନେ ଯେତେବେଳେ ସମ୍ମୁଖକୁ ଆସିବାର ଦେଖିଲେ, ସେତେବେଳେ ବୁଝିଗଲେ ଯେ ଭୁଲ ହୋଇଛି; ମାତ୍ର ଏତେବ ସମ୍ମୁଖୀନ ହେବା ଛଡ଼ା ଆଉ ଗତି ନ ଥିଲା । ତଥାପି

ଏମାନେ ନିରାଶ ହେଲେ ନାହିଁ । ରତ୍ନସିଂହଙ୍କ ପରି ସମରନିପୁଣ ଯୋଦ୍ଧାଙ୍କ ସାଥିରେ ଥିବାରୁ କୌଣସି ଶଙ୍କା ନ ଥିଲା । ସେ ଏହାଠାରୁ ବି କଠିନ ଅବସ୍ଥାରେ ନିଜର ରଣକୌଶଳଦ୍ୱାରା ବିଜୟଲାଭ କରିଥିଲେ । ଆଜି କଅଣ ସେ ନିଜର ବୀରତ୍ୱ ଦେଖାଇବେ ନାହିଁ ? ସମସ୍ତଙ୍କ ଚକ୍ଷୁ ରତ୍ନସିଂହଙ୍କୁ ଖୋଜି ଲାଗିଥିଲା; ମାତ୍ର ସେଠାରେ କୌଣସିଠାରେ ତାଙ୍କର ଦେଖା ମିଳିଲା ନାହିଁ । ସେ କେଉଁଆଡ଼େ ଚାଲିଗଲେ, କେହି ଜାଣିଲେ ନାହିଁ ।

ମୁହୂର୍ତ୍ତକ ମଧ୍ୟରେ ଶତ୍ରୁ ସେମାନଙ୍କ ସମ୍ମୁଖରେ ଆସି ପହଞ୍ଚିଗଲେ । ଏତେ ବିଶାଳ ସେନା ସମ୍ମୁଖରେ ଏ ମୁଷ୍ଟିମେୟ ଲୋକ କଅଣ କରିପାରନ୍ତେ ? ଚାରିଆଡ଼ୁ ରତ୍ନସିଂହଙ୍କୁ ଡାକରା ପଡ଼ିଲା, "ଭାଇ ! ତୁମେ କେଉଁଠି ଅଛ ? ଆମ୍ଭମାନଙ୍କୁ କି ହୁକୁମ ଦେଉଛ ? ଦେଖୁଛ ତ ସେମାନେ ସାମନାରେ ଆସି ପହଞ୍ଚି-ଗଲେଣି; ମାତ୍ର ତୁମେ ଏ ପର୍ଯ୍ୟନ୍ତ ମୌନ ହୋଇ ରହିଛ କାହିଁକି ? ଆଗକୁ ଆସି ଆମ୍ଭମାନଙ୍କୁ ବାଟ ଦେଖାଅ, ଆମ୍ଭମାନଙ୍କର ଉତ୍ସାହ ବଢ଼ାଅ ।"

ମାତ୍ର ଏବେ ମଧ୍ୟ ରତ୍ନସିଂହଙ୍କର ଦେଖା ମିଳିଲା ନାହିଁ । ଶତ୍ରୁଦଳ ମୁଣ୍ଡ ଉପରେ ଆସି ପହଞ୍ଚିଗଲେ ଏବଂ ଦୁଇ ଦଳ ମଧ୍ୟରେ ତରବାରି ଚାଲିବାକୁ ଲାଗିଲା । ବୁନ୍ଦେଲମାନେ ପ୍ରାଣର ମାୟା ଛାଡ଼ିଦେଇ ଲଢ଼ିବାକୁ ଲାଗିଲେ । ମାତ୍ର ଜଣକ ସଙ୍ଗରେ ସିନା ଜଣେ ଲଢ଼ିବ, ଦଶ ଜଣଙ୍କ ସହିତ ଜଣେ କିପରି ଲଢ଼ିପାରେ ? ଏହା ଲଢ଼ାଇ ନ ଥିଲା, ପ୍ରାଣର ଜୁଆଖେଳ ଥିଲା । ନୈରାଶ୍ୟ ହେତୁରୁ ବୁନ୍ଦେଲମାନଙ୍କ ମଧ୍ୟରେ ଅଲୌକିକ

ବଳ ଜାତ ହେଲା । ସେମାନେ ଖୁବ୍ ଲଢ଼ିଲେ, ପାଦେ ହେଲେ ପଛକୁ ହଟିବାକୁ ଉପାୟ ନ ଥିଲା । ସେମାନଙ୍କ ମଧ୍ୟରେ ଏତେବେଳକୁ ଲେଶମାତ୍ର ସଂଗଠନ ନ ଥିଲା ଯେ ଯେତେ ପାରିଲେ ଆଗକୁ ମାଡ଼ିଚାଲିଗଲେ । ଶେଷ ଫଳ କଅଣ ହେବ ସେ ଚିନ୍ତା କାହାରି ନ ଥିଲା । କେହି କେହି ତ ଶତ୍ରୁପଂକ୍ତି ଭେଦକରି ସେନାପତି ନିକଟରେ ଯାଇ ପହଞ୍ଚିଗଲେ । କିଏ ବା ତାଙ୍କର ହାତୀ ଉପରେ ଚଢ଼ିବାକୁ ଚେଷ୍ଟା କରୁ କରୁ ନିହତ ହେଲେ । ସେମାନଙ୍କର ଅମାନୁଷିକ ସାହସ ଦେଖି ଶତ୍ରୁମାନଙ୍କ ମୁହଁରୁ ବାହା ବାହା ଧ୍ୱନି ବାହାରିଲା; ମାତ୍ର ଏପରି ଯୋଦ୍ଧାମାନେ ନାମ ପାଇଛନ୍ତି, ବିଜୟ ପାଇ ନାହାନ୍ତି । ଘଣ୍ଟାକ ମଧ୍ୟରେ ରଙ୍ଗମଞ୍ଚର ଯବନିକା ପତନ ହେଲା, ତାମସା ଶେଷ ହେଲା, ଯେତେ ଯେପରି ଗୋଟିଏ ତୋଫାନ ଆସି ପଲକମଧ୍ୟରେ ବୃକ୍ଷମାନଙ୍କୁ ଉପାଡ଼ି ଦେଇ ଚାଲିଗଲା । ସଂଗଠିତ ହୋଇ ରହିଥିଲେ ଏହି ମୁଷ୍ଟିମେୟ ଲୋକ ମଧ୍ୟ ଶତ୍ରୁକୁ ବ୍ୟତିବ୍ୟସ୍ତ କରି ଦେଇଥାନ୍ତେ; ମାତ୍ର ଯାହାଙ୍କ ଉପରେ ସଂଗଠନର ଭାର ଥିଲା, ତାଙ୍କୁ କାହିଁ ଦେଖା ନ ଥିଲା । ବିଜୟୀ ମରହଟ୍ଟାମାନେ ଗୋଟି ଗୋଟି କରି ପ୍ରତ୍ୟେକ ଶବ ଭଲରୂପେ ଦେଖିଲେ । ରନ୍ନସିଂହ ସେମାନଙ୍କ ଚକ୍ଷୁର କଣ୍ଟକ ଥିଲେ । ତାଙ୍କର ଉପରେ ସେମାନଙ୍କର ପୂରା ଦୃଷ୍ଟି ରହିଥିଲା । ରନ୍ନସିଂହ ଜୀବିତ ଥିବାଯାଏ ସେମାନଙ୍କର ନିଦ ନ ଥିଲା । ଲୋକମାନେ ପାହାଡ଼ର ପ୍ରତ୍ୟେକ ଅନ୍ଧକନ୍ଧି ମନ୍ଥି ପକାଇଲେ; ମାତ୍ର ରନ୍ନସିଂହ ହାତରେ ପଡ଼ିଲେ ନାହିଁ । ବିଜୟ ହେଲା ସତ; ମାତ୍ର ତାହା ଅପୂର୍ଣ୍ଣ ।

( ୬ )

ଚନ୍ଦ୍ରାଦେବୀଙ୍କ ହୃଦୟରେ ଆଜ କେଜାଣି କାହିଁକି ନାନା ପ୍ରକାରର ଆଶଙ୍କା ଜାତ ହେଉଥିଲା । ସେ କେବେହେଲେ ଏପରି ଦୁର୍ବଳ ନ ଥିଲେ । ବୁନ୍ଦେଲମାନଙ୍କର କାହିଁକି ବା ପରାଜୟ ହେବ ତାହାର କୌଣସି କାରଣ ସେ ଜାଣିପାରୁ ନ ଥିଲେ ସତ, ମାତ୍ର ସେ ଭାବନା ତାଙ୍କର ବିକଳ ହୃଦୟରୁ କୌଣସିମତେ ଦୂର ହୋଇପାରୁନ ଥିଲା । ସେ ଅଭାଗିନୀର ଭାଗ୍ୟରେ ଯଦି ପ୍ରେମର ସୁଖଭୋଗ କରିବା ଲେଖା ହୋଇଥାନ୍ତା, ତାହାହେଲେ କଅଣ ବାଲ୍ୟାବସ୍ଥାରୁ ହିଁ ତାର ମା ମରିଯାଇଥାନ୍ତେ ? ପିତାଙ୍କ ସାଥିରେ ବନଜଙ୍ଗଲ ବୁଲିବାକୁ ପଡ଼ିଥାନ୍ତା ଏବଂ ଖୋଲଆଉ କନ୍ଦରମାନଙ୍କରେ ରହିବାକୁ ପଡ଼ିଥାନ୍ତା ? ପୁଣି ସେ ଆଶ୍ରୟ ମଧ୍ୟ ବେଶି ଦିନ ରହିଲା ନାହିଁ । ପିତା ବି ମୁହଁ ମୋଡ଼ିଦେଇ ଚାଲିଗଲେ । ସେହିଦିନଠାରୁ ତାଙ୍କର ଦିନେ ହେଲେ ଭି ଆରାମରେ ବସିବାର ଭାଗ୍ୟ ଘଟିନାହିଁ । ବିଧାତା କଅଣ ଆପଣାର କ୍ରୂର କୌତୁକ ଛାଡ଼ିଦେବ ? ଆହା ! ତାଙ୍କର ଦୁର୍ବଳ ହୃଦୟରେ ଏହି ସମୟରେ ଏ କି ବିଚିତ୍ର ଭାବନା ଜାତ ହେଲା ? ଈଶ୍ୱର ତାଙ୍କର ପ୍ରିୟତମଙ୍କୁ ଆଜ ଯେବେ କୁଶଳରେ ଲେଉଟାଇ ଆଣିବେ, ତେବେ ସେ ତାଙ୍କୁ ନେଇ କୌଣସି ଗୋଟିଏ ଦୂର ଗ୍ରାମରେ ଯାଇ ବାସ କରିବେ ଏବଂ ପତିଦେବଙ୍କ ସେବା ଏବଂ ଆରାଧନାରେ ଜୀବନ ସଫଳ କରିବେ; ଏ ସଂଗ୍ରାମଠାରୁ ଚିରଦିନ ପାଇଁ ବିଦାୟ ନେବେ । ଆଜ ପ୍ରଥମ ହୋଇ ନାରୀତ୍ୱର ଭାବ ତାଙ୍କ ହୃଦୟମଧ୍ୟରେ ଜାତହେଲା ।

ସନ୍ଧ୍ୟା ହୋଇଯାଇଥିଲା, ସୂର୍ଯ୍ୟଦେବ ବୁଡ଼ି ଯାଇଥିବା ସିପାହୀ ପରି ମୁଣ୍ଡ ପୋତି କୌଣସି ଅନ୍ତରାଳ ଖୋଜିଲାଗିଥିଲେ ।

ସହସା ଜଣେ ନଷ୍ଟଶିରସ୍ତ୍ରାଣ ନିଃଶସ୍ତ୍ର ସିପାହୀ ତାଙ୍କ ସାମନାରେ ଆସି ଠିଆ ହୋଇଗଲେ । ଚନ୍ଦା ଦେବୀଙ୍କ ମସ୍ତକରେ ବଜ୍ରପାତ ହୋଇଗଲା । ମୁହୂର୍ତ୍ତେପର୍ଯ୍ୟନ୍ତ ସେ ମର୍ମାହତପ୍ରାୟ ବସିରହିଲେ, ତତ୍ପରେ ଉଠି ବ୍ୟାକୁଳଭାବରେ ସେହି ସୈନିକ ପାଖକୁ ଆସିଲେ, ଆଉ ଆତୁର ସ୍ୱରରେ ପଚାରିଲେ – "କିଏ କିଏ ବଞ୍ଚିଲେ ?"

ସୈନିକ କହିଲା—କେହି ନାହିଁ ।

ଚନ୍ଦା ମୁଣ୍ଡରେ ହାତ ଦେଇ ଭୂମି ଉପରେ ବସିପଡ଼ିଲେ ।

ସୈନିକ ପୁଣି କହିଲା—ମରହଟ୍ଟାମାନେ ନିକଟରେ ଆସି ପହଞ୍ଚିଗଲେଣି ।

ନିକଟରେ ଆସି ପହଞ୍ଚିଗଲେଣି ?

ବହୁତ ନିକଟରେ ।

ତେବେ ଶୀଘ୍ର ଚିତା ତିଆରି କର, ଆଉ ସମୟ ନାହିଁ ।
ଏବେ ବି ତ ଆମ୍ଭେମାନେ ମୁଣ୍ଡଦେବାକୁ ହାଜର ଅଛୁ ।
ତୁମର ଯେ ଇଚ୍ଛା, ମୋର କର୍ତ୍ତବ୍ୟ ତ ଏଇଠାରେ ଶେଷ ।
କିଲା ବନ୍ଦ କରିଦେଇ ଆମ୍ଭେମାନେ ମାସ ମାସ ଧରି ଲଢ଼ି-
ପାରିବୁଁ ।

ତେବେ ଯାଇଁ ଲଢ଼; ମାତ୍ର ମୋର ଆଉ କାହାରି ସଙ୍ଗେ
ଲଢ଼ିବାର ନାହିଁ ।

ଏକ ଦିଗରେ ଅନ୍ଧକାର ଆଲୋକକୁ ପଦଦଳିତ କରି ମାଡ଼ିଆସୁଥିଲା, ଅନ୍ୟ ଦିଗରେ ଶସ୍ୟକ୍ଷେତ୍ର ଉପରେ ପବନର ଲହରି ଖେଳିଗଲା ପରି ବିଜୟୀ ମରହଟ୍ଟାମାନେ ମାଡ଼ି

ଆସୁଥିଲେ । ଏଣେ କଲା ଭିତରେ ଚିତା ତିଆରି ହେଉଥିଲା । ସନ୍ଧ୍ୟାଦୀପ ଜଳିବା ସଙ୍ଗେ ସଙ୍ଗେ ଚିତାରେ ମଧ୍ୟ ନିଆଁ ଲଗାହେଲା । ସତୀ ଚନ୍ଦ୍ରା ସକଳପ୍ରକାର ବେଶଭୂଷାରେ ମଣ୍ଡିତ ହୋଇ ଅନୁପମ ରୂପଲାବଣ୍ୟ ଦେଖାଇ ପ୍ରସନ୍ନ ମୁଖରେ ଅଗ୍ନିମାର୍ଗରେ ପ୍ରତିଲୋକକୁ ଯାତ୍ରା କରିବାକୁ ବାହାରିଲେ ।

( ୮ )

ଚିତାର ଚାରିଆଡ଼େ ସ୍ତ୍ରୀ ଏବଂ ପୁରୁଷ ଜମା ହୋଇଥିଲେ । ସେମାନେ ଯେ କଲାକୁ ଘେରିଯାଇଥିଲେ, ସେଥିପ୍ରତି କାହାରି ଭ୍ରୂକ୍ଷେପ ନ ଥିଲା । ଶୋକ ଏବଂ ସନ୍ତାପରେ ସମସ୍ତଙ୍କର ଚେହେରା ଉଦାସ ଆଉ ମୁଣ୍ଡ ପୋତିହୋଇ ରହିଥିଲା । କାଲି ଏହି ଅଗଣାରେ ବିବାହ-ମଣ୍ଡପ ସଜା ହୋଇ ରହିଥିଲା । ଯେଉଁଠାରେ ଏବେ ଚିତା ଜଳୁଅଛି, ଠିକ୍ ସେହିଠାରେ କାଲି ହୋମକୁଣ୍ଡ ଥିଲା, କାଲି ମଧ୍ୟ ଏହିପରି ଅଗ୍ନିଶିଖା ଜଳି ଉଠୁଥିଲା, ଏହିପରି ଲୋକ ଜମା ହୋଇଥିଲେ; ମାତ୍ର ଆଜିର ଆଉ କାଲିର ଦୃଶ୍ୟ ମଧ୍ୟରେ କେତେ ଅନ୍ତର ! ଅବଶ୍ୟ ବାହାରେ ଦେଖିବାକୁ ଅନ୍ତର ହୋଇପାରେ; ମାତ୍ର ବାସ୍ତବରେ ଏହା ସେହି ଯଜ୍ଞର ପୂର୍ଣ୍ଣାହୂତି, ସେହି ପ୍ରତିଜ୍ଞାର ପରିପାଳନ ।

ସହସା ଘୋଡ଼ାଟାପୁର ଶବ୍ଦ ଶୁଣାଯିବାକୁ ଲାଗିଲା । ଜଣା ଯାଉଥିଲା, କୌଣସି ସିପାହୀ ଘୋଡ଼ାକୁ ଖୁବ୍ ଜୋରରେ ଦୌଡ଼ାଇ ଚାଲି ଆସୁଅଛି । କ୍ଷଣକ ମଧ୍ୟରେ ଟାପୁର ଶବ୍ଦ ବନ୍ଦ ହୋଇଗଲା ଏବଂ ଜଣେ ସୈନିକ ଦୌଡ଼ି ଦୌଡ଼ି ଆସି ଅଗଣାରେ ପହଞ୍ଚିଗଲା । ଲୋକେ ଚକିତ ହୋଇ ଦେଖିଲେ

ଯ ସେ ... । ରତ୍ନସିଂହ ଚିତା ପାଖକୁ ଯାଇ ...
ହୋଇ କହିଲେ—"ପ୍ରିୟେ ! ମୁଁ ତ ଏପର୍ଯ୍ୟନ୍ତ ଜୀବିତ ଅଛି,
ତୁମେ କଅଣ କରି ପକାଇଲ ?"

ଚିତାରେ ନିଆଁ ଲାଗି ଯାଇଥିଲା; ଚନ୍ଦ୍ରା ଦେବୀଙ୍କ ମୁଖରୁ ଅଗ୍ନିର ଜ୍ୱାଳା ନିର୍ଗତ ହେଉଥିଲା । ରତ୍ନସିଂହ ଉନ୍ମତ୍ତପ୍ରାୟ ଚିତାରେ ପଶିଗଲେ ଏବଂ ଚନ୍ଦ୍ରାର ହାତ ଧରି ଟାଣିବାକୁ ଲାଗିଲେ । ଲୋକମାନେ ଚାରିଆଡୁ ଦୌଡ଼ି ଆସି ଚିତାର କାଠମାନ ଘୋଷାରି ପକାଇବାକୁ ଆରମ୍ଭ କଲେ; ମାତ୍ର ଚନ୍ଦ୍ରା ପତିଙ୍କ ଆଡ଼କୁ ଆଖି ଟେକି ଚାହିଁଲେ ବି ନାହିଁ । କେବଳ ହାତଠାରି ତାଙ୍କୁ ଘୁଞ୍ଚିଯିବାକୁ ସଙ୍କେତ ଦେଲେ ।

ରତ୍ନସିଂହ ମୁଣ୍ଡ ବାଡ଼େଇ ହୋଇ କହିଲେ—ହାୟ ପ୍ରିୟେ ! ତୁମର କଣ ହୋଇଗଲା, ମୋ ଆଡ଼କୁ ଚାହୁଁ ନାହଁ କାହିଁକି ? ମୁଁ ତ ଜୀବିତ ଅଛି ।

ଚିତା ଭିତରୁ ଶବ୍ଦ ଆସିଲା—ତୁମର ନାମ ରତ୍ନସିଂହ ସତ, ମାତ୍ର ତୁମେ ମୋର ସେ ରତ୍ନସିଂହ ନୁହଁ ।

ରତ୍ନସିଂହ—ତୁମେ ମୋ ଆଡ଼କୁ ଚାହିଁ ଦେଖ, ମୁହିଁ ତୁମର ଦାସ, ତୁମର ଉପାସକ, ତୁମର ପତି ଅଟେ ।

ମୋର ବୀରପତି ବୀରଗତି ପାଇଅଛନ୍ତି ।

ହାୟ, କପରି ବୁଝାଇବି ! ଆରେ ! ତୁମ୍ଭେମାନେ କୌଣସିମତେ ଅଗ୍ନିକୁ ଶାନ୍ତ କର, ମୁହିଁ ତୁମର ରତ୍ନସିଂହ, ପ୍ରିୟେ ! ତୁମେ କଅଣ ମୋତେ ଚିହ୍ନିପାରୁ ନାହଁ ? ଅଗ୍ନିଶିଖା

ଚନ୍ଦ୍ରା ଦେବୀଙ୍କ ମୁହଁପର୍ଯ୍ୟନ୍ତ ପହଞ୍ଚିଯାଇଥିଲା । ଅଗ୍ନି ମଧ୍ୟ ପଦ୍ମ ଫୁଲ ଫୁଟିଗଲା । ଚନ୍ଦ୍ରା ସ୍ପଷ୍ଟ ସ୍ୱରରେ କହିଲେ—"ଖୁବ ଚିହ୍ନିଛି, ତୁମେ ମୋର ରତ୍ନସିଂହ ନୁହଁ; ମୋ ରତ୍ନ ସିଂହ ସେ ବୀର ଥିଲେ । ସେ ଆତ୍ମରକ୍ଷା ଲାଗି, ଏହି ତୁଚ୍ଛ ଶରୀର ବଞ୍ଚାଇବା ଲାଗି ଆପଣା କ୍ଷତ୍ରିୟଧର୍ମକୁ ପରିତ୍ୟାଗ କରିପାରୁ ଥିଲେ । ମୁଁ ଯେଉଁ ବ୍ୟକ୍ତିଙ୍କର ଚରଣର ଦାସୀ ହୋଇଥିଲି, ସେ ଦେବଲୋକରେ ବିଦ୍ୟମାନ ଅଛନ୍ତି । ରତ୍ନସିଂହଙ୍କୁ ବଦନା କର ନାହିଁ । ସେ ବୀର ରାଜପୁତ ଥିଲେ; ରଣକ୍ଷେତ୍ରରୁ ପଳାଇଯିବ କାପୁରୁଷ ନ ଥିଲେ ।

ଠିକ୍ ଶେଷ ଶବ୍ଦ ବାହାରିଲା ବେଳକୁ ଅଗ୍ନିଶିଖା ଚନ୍ଦ୍ର ଦେବୀଙ୍କ ମସ୍ତକ ଉପରେ ପହଞ୍ଚି ଯାଇଥିଲା । କ୍ଷଣକ ମଧ୍ୟ ସେହି ଅନୁପମ ରୂପବତୀ, ସେହି ଆଦର୍ଶ ବୀରତାର ଉପାସି ସେହି ସଚ୍ଚା ସତୀ ସାଧ୍ୱୀ ଅଗ୍ନିରାଶି ମଧ୍ୟରେ ବିଲୀନ ହୋଇଗଲେ ରତ୍ନସିଂହ ଚୂପଚାପ ହତବୁଦ୍ଧି ପରି ସେହି ଶୋକମୟ ଦୃ ଦେଖିବାରେ ଲାଗିଥିଲେ; ଶେଷରେ ଗୋଟିଏ ଦୀର୍ଘନିଃଶ୍ୱ ପକାଇ ସେହି ଚିତା ଭିତରକୁ ଡେଇଁ ପଡ଼ିଲେ ।

---

ନଂ..........
ତା..........
ରାଉରକେଲା

# ଗୃହ-ଦାହ

ସତ୍ୟପ୍ରକାଶର ଜନ୍ମୋତ୍ସବରେ ଲଲା ଦେବପ୍ରକାଶ ବହୁତ ଟଙ୍କା ଖର୍ଚ୍ଚ କରିଥିଲେ । ତାହାର ବିଦ୍ୟାରମ୍ଭ ସଂସ୍କାର ମଧ୍ୟ ଖୁବ୍ ଧୁମାଧାମ୍‌ରେ କରାଗଲା । ତାର ହାଓଆ ଖାଇବା ପାଇଁ ଗୋଟିଏ ଗ୍ରୁଟିଆ ଗାଡ଼ି ଥିଲା । ସନ୍ଧ୍ୟାବେଳେ ଚାକର ତାକୁ ବୁଲାଇବାକୁ ନେଇଯାଏ । ଗୋଟିଏ ଚାକର ତାକୁ ପାଠଶାଳାକୁ ନେଇଯାଏ, ଦିନଯାକ ସେଇଠାରେ ବସିରହେ, ଆଉ ତାକୁ ସାଥିରେ ନେଇ ଘରକୁ ଆସେ । ସେ ଭାରି ସୁଶୀଳ ପିଲା ଥିଲା ଏବଂ ଭବିଷ୍ୟତରେ ସେ ଗୋଟିଏ ଭଲ ମଣିଷ ହେବ ବୋଲି ଲୋକେ ଆଶା କରୁଥିଲେ । ଗୌରବର୍ଣ୍ଣ ମୁଖମଣ୍ଡଳ, ବଡ଼ ବଡ଼ ଆଖି, ଉଚ୍ଚ ମସ୍ତକ, ପତଳା ଲାଲ ଅଧର, ଆଉ ବଳଦେଲା ପରି ହାତ ଗୋଡ଼ । ତାକୁ ଦେଖିଲେ ହଠାତ୍ ମୁହଁରୁ ବାହାରିପଡ଼େ—ଭଗବାନ ଏହାକୁ ବଞ୍ଚାଇ ରଖନ୍ତୁ, ଏ ଜଣେ ପ୍ରତିଭାଶାଳୀ ମନୁଷ୍ୟ ହେବ । ଅନେକେ ତାହାର ବାଲ୍ୟବୁଦ୍ଧିର ପ୍ରଖରତା ଦେଖି ଆଶ୍ଚର୍ଯ୍ୟ ହୋଇ ଯାଉଥିଲେ । ତାହାର ମୁଖଚନ୍ଦ୍ରମାରେ ସର୍ବଦା ହାସ୍ୟରେଖା ଖେଳୁଥିଲା । କେହି ତାକୁ ରୁଷିବାର ବା କାନ୍ଦିବାର କେବେ ଦେଖି ନାହିଁ ।

ବର୍ଷାଦିନ ହୋଇଥିଲା । ଦେବପ୍ରକାଶ ସ୍ତ୍ରୀକୁ ସାଙ୍ଗରେ ନେଇ ଗଙ୍ଗାସ୍ନାନ କରିବାକୁ ଗଲେ । ନଦୀ ଖୁବ୍ ବଢ଼ିଥିଲା । ଚାହିଁଲେ ଡର ମାଡ଼ୁଥିଲା । ତାଙ୍କ ପତ୍ନୀ ନିର୍ମଳା ପାଣି ଭିତରେ ପଶି କ୍ରୀଡ଼ା କରିବାକୁ ଲାଗିଲେ । କେତେବେଳେ ଆଗକୁ ମାଡ଼ି ଚାଲି ଯାଉଥାନ୍ତି; କେତେବେଳେ ପଛକୁ ଚାଲି ଆସୁଥାନ୍ତି,

କେତେବେଳେ ବୁଡ଼ି ଯାଉଥାନ୍ତି, କେତେବେଳେ ହାତରେ ପା
ଘୁଞ୍ଚୁଥାନ୍ତି । ଦେବପ୍ରକାଶ କହିଲେ,--"ଆଚ୍ଛା ସେତିକ ହୋଇ
ଥାଉ, ନ ହେଲେ ଶୀଘ୍ର ଡୋଇଯିବ ।" ନିର୍ମଳା କହିଲେ—
"କହିବ ତ ମୁଁ ଗୁଡିଏ ପାଣିକୁ ଚାଲିଯିବ ।"

ଦେବପ୍ରକାଶ—କାଲେ ଯେବେ ଗୋଡ଼ ଖସିଯିବ ·· ।

ନିର୍ମଳା—ଗୋଡ଼ କାହିଁକି ଖସିଯିବ ?

ଏହା କହି ସେ ଗୁଡିଏ ପାଣିକୁ ଚାଲିଗଲେ । ପତି କହିଲେ-
"ଅଚ୍ଛା, ଆଉ ଆଗକୁ ଗୋଡ଼ ବଢ଼ାଅ ନାହିଁ । କିନ୍ତୁ ନିର୍ମଳାଙ୍କ
ଆଖି ଆଗରେ ମୃତ୍ୟୁ ନାଚୁଥିଲା । ତାହା ଜଳକ୍ରୀଡ଼ା ନୁହେ
ମୃତ୍ୟୁକ୍ରୀଡ଼ା । ସେ ଆଗକୁ ପାଦେ ଗୋଡ଼ ବଢ଼ାଇବା ମାତ୍ରେ
ଗୋଡ଼ ଖସିଗଲା । ପାଟିରୁ ଗୋଟିଏ ମାତ୍ର ଚିତ୍କାର ଶ
ବାହାରିଲା । ଆଶ୍ରା ଲାଗି ଦୁଇ ହାତ ଉପରକୁ ଉଠାଇଲେ
ତାପରେ ଜଳମଗ୍ନ ହୋଇଗଲେ; ଚକ୍ଷୁର ପଲକ ମଧ୍ୟରେ
ପିପାସିତା ନଦୀ ତାଙ୍କୁ ପିଇଦେଲା । ଦେବପ୍ରକାଶ ଠିଆହୋଇ
ତଉଲିଆରେ ଦେହ ପୋଛୁଥିଲେ । ସଙ୍ଗେ ସଙ୍ଗେ ପାଣିକୁ ଡେଇଁ
ପଡ଼ିଲେ । ସାଥିରେ ଥିବା ବେହେରା ବି ଡେଇଁପଡ଼ିଲା । ଦୁଇ ଜ
ନାଉରୀ ବି ଡେଇଁପଡ଼ିଲେ । ସମସ୍ତେ ବୁଡ଼ି କରି ଅଣ୍ଡାଳିଲେ
ମାତ୍ର ନିର୍ମଳାର ପତ୍ତା ମିଳିଲା ନାହିଁ । ତାପରେ ଡଙ୍ଗା ଅଣାହେଲା
ନାଉରୀମାନେ ବାରମ୍ବାର ବୁଡ଼ିଲେ; ମାତ୍ର ଲାସ ମିଳିଲା ନାହିଁ
ଦେବପ୍ରକାଶ ଅତିଶୟ ଶୋକାତୁର ହୋଇ ଘରକୁ ଫେରିଲେ
ତା ମାଈଁ କଅଣ ଆଣିଥିବେ, ଏହି ଆଶାରେ ସତ୍ୟପ୍ରକା
ଦୌଡ଼ିଗଲା । ପିତା ତାକୁ କୋଳରେ ଜାକିଧରିଲେ । ଓ
ଯତ୍ନରେ ମଧ୍ୟ କାନ୍ଦ ବନ୍ଦ କରିପାରିଲେ ନାହିଁ । ସତ୍ୟପ୍ରକା

ପଚାରିଲା, "ମା କାହିଁ ?" ଦେବପ୍ରକାଶ—"ବାପରେ, ଗଙ୍ଗା ତାକୁ ନିମନ୍ତ୍ରଣ ଖାଇବାକୁ ରଖିନେଲେ । ସତ୍ୟପ୍ରକାଶ ତାଙ୍କ ମୁହଁ ଆଡ଼କୁ କରୁଣ ଭାବରେ ଚାହିଁଲା ଏବଂ ବ୍ୟାପାର ବୁଝିଗଲା— ମାଆ, ମାଆ ବୋଲି କାନ୍ଦିବାକୁ ଲାଗିଲା ।

( ୨ )

ମାତୃହୀନ ବାଳକ ସଂସାରର ସବୁଠାରୁ କରୁଣାଜନକ ପ୍ରାଣୀ ଅଟେ । ଅତି ଏପରି ପ୍ରାଣୀମାନଙ୍କର ମଧ୍ୟ ଭଗବାନ ଆଶ୍ରୟ ହୋଇଥାନ୍ତି । ସେ ସେମାନଙ୍କର ହୃଦୟକୁ ସମ୍ଭାଳି ରଖନ୍ତି । ମାତୃହୀନ ବାଳକ ସେ ଆଧାରରୁ ମଧ୍ୟ ବଞ୍ଚିତ । ମାତା ହିଁ ତାର ଜୀବନର ଏକମାତ୍ର ଆଧାର ହୋଇଥାନ୍ତି । ମାତା ବିନା ସେ ପକ୍ଷହୀନ ପକ୍ଷୀ ।

ସତ୍ୟପ୍ରକାଶକୁ ଏକାନ୍ତରେ ରହିବା ଭଲ ଲାଗିଲା । ସେ ଏକାକୀ ବସିରହେ । ଘରର ଅନ୍ୟମାନଙ୍କଠାରୁ ତାକୁ କୌଣସି ସହାନୁଭୂତି ମିଳୁ ନ ଥିଲା; ବରଂ ବୃକ୍ଷମାନଙ୍କ ସହାନୁଭୂତି ସେ ଟିକିଏ ଟିକିଏ ଅନୁଭବ କରୁଥିଲା । ମାତାଙ୍କର ପ୍ରେମ ଥିଲା ବୋଲି ସମସ୍ତେ ତାକୁ ପ୍ରେମ କରୁଥିଲେ । ମାତାଙ୍କର ପ୍ରେମ ଲୁଟିଯିବାରୁ ସମସ୍ତେ ନିଷ୍ଠୁର ହୋଇଗଲେ । ପିତାଙ୍କ ଆଖିରେ ମଧ୍ୟ ସେ ପ୍ରେମଜ୍ୟୋତି ରହିଲା ନାହିଁ । ଦରିଦ୍ରକୁ କିଏ ଭିକ୍ଷା ଦେଉଛି ?

ଛଅ ମାସ କଟିଗଲା । ସହସା ସେ ଜାଣିଲା, ମୋର ନୂଆ ମାଆ ଆସିବେ । ଦୌଡ଼ିକରି ପିତାଙ୍କ ପାଖକୁ ଯାଇ ପଚାରିଲା—

"କଅଣ ମୋର ନୂଆ ମାଆ ଆସିବେ ?" ପିତା କହିଲେ--"ହଁ ବାପ ! ସେ ଆସିଲେ ତୋତେ ଭଲପାଇବେ ।"

ସତ୍ୟ— ମୋ ମାଆ କଅଣ ସ୍ୱର୍ଗରୁ ଆସିବେ ?

ଦେବ—ହଁ, ସେଇ ଆସିବେ ।

ସତ୍ୟ—ମୋତେ ସେହିପରି ଭଲ ପାଇବେ ?

ଦେବପ୍ରକାଶ ଏହାର ବା କ ଉତ୍ତର ଦିଅନ୍ତେ ? ମାତ୍ର ସେହି ଦିନଠାରୁ ସତ୍ୟପ୍ରକାଶର ମନ ବଡ଼ ପ୍ରସନ୍ନ ରହିବାକୁ ଲାଗିଲା । ମାଆ ଆସିବେ, ମୋତେ କୋଳରେ ଧରି ଗେଲ କରିବେ । ଏଥିର ମୁଁ ତାଙ୍କୁ କେବେ ହଇରାଣ କରିବି ନାହିଁ । କେବେ କୌଣସି କଥାରେ ଜିଦ୍ ଧରିବି ନାହିଁ । ତାଙ୍କଠାରୁ ଭଲ ଭଲ କାହାଣୀମାନ ଶୁଣିବି ।

ବିବାହ ଦିନ ଆସିଲା । ଘରେ ନାନା ଆୟୋଜନ ହେବାକୁ ଲାଗିଲା । ଖୁସିରେ ସତ୍ୟପ୍ରକାଶର ପେଟ ପୂରି ଉଠୁଥାଏ । ମୋର ନୂଆ ମାଆ ଆସିବେ । ବରଯାତ୍ରୀଙ୍କ ସଙ୍ଗେ ସେ ବି ଗଲା । ନୂଆ ନୂଆ ଲୁଗା ମିଳିଲା । ପାଲିଙ୍କି ଉପରେ ବସିଲା । ଆଈ ଭିତରକୁ ଡକାଇଲେ, ଆଉ ତାକୁ କୋଳରେ ବସାଇ ତା ହାତରେ ଗୋଟିଏ ସୁନାର ମୋହର ଦେଲେ । ସେଇଠାରେ ନୂଆ ମାଆ ସଙ୍ଗେ ତାର ଦେଖାହେଲା । ଆଈ ନୂଆ ମାଆକୁ କହିଲେ—"ଝିଅ ! କେଡ଼େ ସୁନ୍ଦର ବାଳକଟିଏ । ଏହାକୁ ଭଲ ପାଇବୁ ।" ସତ୍ୟପ୍ରକାଶ ନୂଆ ମାଆକୁ ଦେଖି ମୁଗ୍ଧ ହୋଇଗଲା । ପିଲାମାନେ ବି ରୂପର ଉପାସକ ହୋଇଥାନ୍ତି । ଗୋଟିଏ ଲାବଣ୍ୟମୟୀ ମୂର୍ତ୍ତି ଅଳଙ୍କାରରେ

ଲଦହୋଇ ସାମନାରେ ଠିଆ ହୋଇଥିଲା । ସେ ଦୁଇ ହାତରେ ।'ର ପଣତକାନ ଧରିପକାଇ କହିଲା, ମାଆ !

ଏ ଆହ୍ୱାନ କେଡ଼େ ଅରୁଚିକର, କେଡ଼େ ଲଜ୍ଜାକର, କେଡ଼େ ଅପ୍ରିୟ ! ଦେବପ୍ରିୟା ଏ ଉତ୍ତର-ଦାୟିତ୍ୱ, ତ୍ୟାଗ ଏବଂ ମାର ସମ୍ବୋଧନକୁ ସହିପାରିଲା ନାହିଁ । ସେ ଯେତେବେଳେ ପ୍ରେମ ଏବଂ ବିଳାସର ସୁଖସ୍ୱପ୍ନ ଦେଖିବାକୁ ଲଗିଥିଲା, ଯୌବନ କାଳର ମଦମସ୍ତ ବାୟୁତରଙ୍ଗରେ ଆନ୍ଦୋଳିତ ହେଉଥିଲା; ଏ ସମ୍ବୋଧନ ତାହାର ସୁଖସ୍ୱପ୍ନକୁ ଭାଙ୍ଗିଦେଲା । ସେ ଟିକିଏ ରୁଷ୍ଟ-ଭଙ୍ଗିରେ କହିଲା—"ମୋତେ ମାଆ ବୋଲି ଡାକିବୁ ନାହିଁ ।"

ସତ୍ୟପ୍ରକାଶ ବିସ୍ମିତ ନେତ୍ରରେ ତା ଆଡ଼କୁ ଚାହିଁଲା । ତାର ବାଲ୍ୟସ୍ୱପ୍ନ ଭାଙ୍ଗିଗଲା । ଆଈ କହିଲେ—'ଝିଅ ! ଦେଖ୍, ପିଲାର ମନ ଊଣା ହୋଇଗଲା । ସେ କି ଜାଣେ କ'ଣ ବୋଲି ଡାକିବା ଦରକାର । ମାଆ ବୋଲି କହିଦେଲା ତ ତୋତେ କାହିଁକି ବାଧିଗଲା ?"

ଦେବପ୍ରିୟା କହିଲା—ମୋତେ ମାଆ ବୋଲି ଡାକିବ ନାହିଁ ।

( ୩ )

ସଉତୁଣୀର ପୁଅ ବିମାତାର ଆଖିକି କାହିଁକି ଏତେ ଖରାପ ଲାଗେ, ତାର ନିର୍ଣ୍ଣୟ ଆଜିପର୍ଯ୍ୟନ୍ତ କୌଣସି ପଣ୍ଡିତ କରିପାରି ନାହାନ୍ତି । ସୁତରାଂ ଆମେ କେତେ କଡ଼ାରେ ଗଣ୍ଡାଏ ? ଦେବପ୍ରିୟା ଯେପର୍ଯ୍ୟନ୍ତ ଗର୍ଭିଣୀ ନ ହୋଇଥିଲା, ସେପର୍ଯ୍ୟନ୍ତ ସେ କେତେବେଳେ କମିତ ସତ୍ୟପ୍ରକାଶ ସହିତ କଥାବାର୍ତ୍ତା

କରୁଥିଲା ବା କାହାଣୀ ଶୁଣାଉଥିଲା । କିନ୍ତୁ ଗର୍ଭିଣୀ ହେବାମାତ୍ରେ ତାହାର ବ୍ୟବହାର କଠୋର ହୋଇଗଲା । ପ୍ରସବକାଳ ଯେତେ ଯେତେ ନିକଟ ହେଉଥିଲା, ତାହାର କଠୋରତା ସେତେ ବଢ଼ି ବଢ଼ି ଯାଉଥିଲା । ଯେଉଁ ଦିନ ତା କୋଳରେ ସୁନ୍ଦର ଶିଶୁଟିର ଆଗମନ ହେଲା, ସେଦିନ ସତ୍ୟପ୍ରକାଶ ଆନନ୍ଦରେ ଖୁବ୍ ଡିଆଁ-ଡେଇଁ କଲା ଏବଂ ଅନ୍ତୁଡ଼ିଶାଳରେ ପିଲାଟିକୁ ଦେଖିବାକୁ ଦଉଡ଼ି-ଯାଇ ପହଞ୍ଚିଲା । ପିଲାଟି ଦେବପ୍ରିୟାର କୋଳରେ ଶୋଇ ରହିଥିଲା । ସତ୍ୟପ୍ରକାଶ ବଡ଼ ଉତ୍ସୁକତାର ସହିତ ପିଲାଟିକୁ ବିମାତା କୋଳରୁ ଉଠାଇ ଆଣିବାକୁ ବସିଲା । ସହସା ଦେବପ୍ରିୟା ସରୋଷ ସ୍ୱରରେ କହିଲେ –"ଖବରଦାର, ତାକୁ ଛୁଁ'ନା; ନ ହେଲେ କାନଧରି ଓପାଡ଼ିଦେବି ।"

ବାଳକ ସତ୍ୟପ୍ରକାଶ ମୁହଁ ଫେରାଇ ସେଠାରୁ ପଳାଇ ଆସିଲା ଏବଂ କୋଠାର ଛାତ ଉପରକୁ ଯାଇ ଖୁବ୍ କାନ୍ଦିଲା । କେଡ଼େ ସୁନ୍ଦର ପିଲାଟିଏ ହୋଇଛି । ମୁଁ ତାକୁ କୋଳରେ ଧରି ବସିଥିଲେ କେଡ଼େ ମଜା ହୋଇଥାଆନ୍ତା ! ମୁଁ କ'ଣ ତାକୁ ପକାଇ ଦେଇଥାନ୍ତି ? ମା ମୋତେ ଘଉଡ଼ାଇଦେଲେ କାହିଁକି ? ଅବୋଧ ବାଳକ କୁଆଡ଼ୁ ଜାଣିବ ଯେ ଏ ଘଉଡ଼ାଇଦେବାର କାରଣ ମାତାର ସାବଧାନତା ନୁହେଁ, ଆଉ କିଛି ।

ଶିଶୁର ନାମ ଜ୍ଞାନପ୍ରକାଶ ରଖାଯାଇଥିଲା । ଦିନେ ସେ ଶୋଇ ରହିଥିଲା । ଦେବପ୍ରିୟା ଗାଧୁଆ-ଘରେ ଥିଲେ । ସତ୍ୟପ୍ରକାଶ ଚୁପ୍‌ଚାପ୍ ଆସି ପିଲାଟିର ଘୋଡ଼ହେଲା ଚଦର କାଢ଼ିଦେଇ ତାକୁ ଅନୁରାଗମୟ ନେତ୍ରରେ ଦେଖିବାକୁ ଲାଗିଲା । ତାର ଖୁବ୍ ମନ ହେଉଥିଲା କି ତାକୁ



"ପୁଅକୁ ଦୁଇଟା ଚାପୁଡ଼ା ଲଗାଇଦେଲେ !"—ପୃ ୧୦୩

କୋଳରେ ଧରି ଗେଲ କରିବ; କିନ୍ତୁ ଉପରେ ତାକୁ ଉଠାଇଲା ନାହିଁ । କେବଳ ତା ଗାଲରେ ଚୁମ୍ବନ ଦେବାକୁ ଲାଗିଲା । ସେତିକିବେଳେ ଦେବପ୍ରିୟା ଆସି ପହଞ୍ଚିଗଲେ । ସତ୍ୟପ୍ରକାଶ ପିଲାକୁ ଚୁମ୍ବନ ଦେଉଥିବାର ଦେଖି ସେ ନିଆଁ ହୋଇଗଲେ । ଦୂରରୁ ଧମକ ଦେଇ କହିଲେ—"ଦୂର୍ ଯା ସେଠୁ ।" ସତ୍ୟପ୍ରକାଶ ଦୀନନୟନରେ ମାଙ୍କ ଆଡ଼କୁ ଚାହିଁ ଚାହିଁ ଘର ଭିତରୁ ବାହାରିଗଲା ।

ସନ୍ଧ୍ୟାବେଳେ ତାର ପିତା ତାକୁ ପଚାରିଲେ—ତୁ କୁନିପୁଅକୁ କନ୍ଦାଉଛୁ କାହିଁକି ?

ସତ୍ୟପ୍ରକାଶ—ମୁଁ ତ ତାକୁ କେବେ କନ୍ଦାଇ ନାହିଁ । ମା ମୋତେ ତାକୁ ଖେଳାଇବାକୁ ଦେଉ ନାହାନ୍ତି ।

ଦେବପ୍ରକାଶ—ମିଛ କହୁଛୁ, ଆଜି ତୁ କୁନିପୁଅକୁ ଚିମୁଟି ନାହୁଁ ?

ସତ୍ୟ—ଆଜ୍ଞା ନା । ମୁଁ ଖାଲି ତା ଗାଲରେ ଆଙ୍ଗୁଠିମାରି ଗେଲ କରୁଥିଲି ।

ଦେବ—ମିଛ କହୁଛୁ ।

ସତ୍ୟ—ମୁଁ ମିଛ କହୁନାହିଁ ।

ଦେବପ୍ରକାଶଙ୍କର ରାଗ ହୋଇଗଲା । ପୁଅକୁ ଦୁଇ ତିନି ଚାପୁଡ଼ା ଲଗାଇଦେଲେ । ଏହି ପ୍ରଥମ ଥର ସତ୍ୟପ୍ରକାଶ ଉପରେ ମାଡ଼ ବସିଲା; ଅଥଚ ସେ ନିରପରାଧ । ଏହା ହିଁ ତାର ଜୀବନର ଗତିକୁ ଏକାବେଳକେ ବଦଳାଇଦେଲା ।

( ୪ )

ସେହିଦିନଠାରୁ ସତ୍ୟପ୍ରକାଶର ସ୍ୱଭାବରେ ଏକ ଅଦ୍ଭୁତ ପରିବର୍ତ୍ତନ ଦେଖାଦେବାକୁ ଲାଗିଲା । ସେ ଘରକୁ ଖୁବ୍ କମ୍ ଆସୁଥିଲା । ପିତା ଆସିଲେ ସେ ମୁହଁ ଲୁଚାଇ ଏଣେ ତେଣେ ଚାଲିଯାଉଥିଲା । କେହି ଖାଇବାକୁ ଡାକିଲେ ସେ ଚୋର ପରି ଲୁଚି ଲୁଚି ଯାଇ ଯାହା ଖଣ୍ଡେ ଖାଇପକାଏ, କିଛି ମାଗେ ନାହିଁ, କିଛି କହେ ନାହିଁ । ପ୍ରଥମେ ସେ ଅତ୍ୟନ୍ତ ତୀକ୍ଷ୍ଣବୁଦ୍ଧି ଥିଲା । ତାର ସାଫସୁତୁରା ଢଙ୍ଗ, ଶିଷ୍ଟତା ଏବଂ ଫୂର୍ତ୍ତି ଦେଖି ଲୋକେ ମୁଗ୍ଧ ହେଉଥିଲେ । ଏବେ ସେ ପାଠ ପଢ଼ିବାକୁ ଚୋରପଟିଆ ହୋଇଗଲା । ମଇଳା କୋଚରା ଲୁଗା ପିନ୍ଧି ରହିଥାଏ । ଘରେ ତାକୁ ସ୍ନେହ କରିବା ଲୋକ କେହି ନ ଥିଲା । ବଜାରର ପିଲାଙ୍କ ସଙ୍ଗେ ସେ ଗଳି ଗଳି ବୁଲୁଥିଲା, ଆଉ ଗୁଡ଼ ଚୋରାଉଥିଲା । ଅସଭ୍ୟ ଭାବରେ ଗାଳି ଦେବା ସେ ଶିଖିଗଲା, ଶରୀର ଦୁର୍ବଳ ହୋଇଗଲା, ଚେହେରାର କାନ୍ତି ଲୋପ ହୋଇଗଲା । ଦେବପ୍ରକାଶଙ୍କ ଆଗରେ ଲୋକେ ଆସି ତା ବିରୁଦ୍ଧରେ ନାନା ଆପତ୍ତି ଅଭିଯୋଗ କରନ୍ତି ଏବଂ ସତ୍ୟପ୍ରକାଶ ପ୍ରାୟ ଗାଳି ମାଡ଼ ଖାଉଥାଏ । ଏପରି କି ସେ କେତେବେଳେ କୌଣସି କାମରେ ଘର ଭିତରକୁ ପଶିଆସିଲେ ସମସ୍ତେ ତାକୁ ଦୂର ଦୂର କରି ଘଉଡ଼ାଇ ଦିଅନ୍ତି ।

ଜ୍ଞାନପ୍ରକାଶକୁ ପଢ଼ାଇବା ପାଇଁ ମାଷ୍ଟର ଆସୁଥିଲା । ଦେବପ୍ରକାଶ ତାକୁ ପ୍ରତିଦିନ ବୁଲାଇବାକୁ ସାଥିରେ ନେଇ-ଯାନ୍ତି । ସେ ପିଲାଟି ହସମୁହାଁ ଥିଲା । ଦେବପ୍ରିୟା ତାକୁ

ସତ୍ୟପ୍ରକାଶର ସ୍ଥିର ମନ୍ତାଣ ବଦଳନ୍ତ ନାହିଁ । ଦୁଇ ଭାଇଙ୍କ ଭିତରେ କେତେ ପ୍ରଭେଦ ! ଗୋଟିଏ ସାଫସୁତୁରା, ସୁନ୍ଦର ଲୁଗା ପିନ୍ଧନ୍ତି, ଶୀଳ ଏବଂ ବିନମ୍ରର ପ୍ରତିମା, ସତ୍ୟ କହିବାବାଲା, ଦେଖିଲାଲୋକେ ତାକୁ ପ୍ରଶଂସା ନ କରି ରହି ପାରନ୍ତି ନାହିଁ । ଅନ୍ୟଟି ମଇଳା, ନଟଖଟିଆ, ଲୋକଙ୍କ ଘର ମୁହଁ ଲୁଚାଇ ବୁଲୁଥାଏ । ମୁଖର ଏବଂ କଥା କଥାକେ ଅଶ୍ଳୀଳ ଭାଷାରେ ଗାଳିଦେବାବାଲା । ଗୋଟିଏ ସୁନ୍ଦର ଫୁଲ, ପ୍ରେମରେ ପ୍ଲାବିତ, ସ୍ନେହରେ ସିଞ୍ଚିତ । ଅନ୍ୟଟି ଶୁଖି ଝାଉଁଳି ପଡ଼ିଥିବା ପଲ୍ଲବହୀନ ନବ ବୃକ୍ଷ, ଯାହା ମୂଳରେ ଯୁଗ ଯୁଗ ଧରି ପାଣି ଟୋପାଏ ହେଲେ ଦିଆ ହୋଇନାହିଁ । ଗୋଟିକୁ ଦେଖିଲେ ପିତାଙ୍କର ଛାତି ଥଣ୍ଡା ହୋଇଯାଉଥିଲା, ଅନ୍ୟକୁ ଦେଖିଲେ ଛାତିରେ ନିଆଁ ଲାଗିଯାଉଥିଲା ।

ଆଶ୍ଚର୍ଯ୍ୟର କଥା ଯେ ସତ୍ୟପ୍ରକାଶର ଆପଣାର ଶ୍ରେଷ୍ଠ ଭାଇ ପ୍ରତି ଲେଶମାତ୍ର ଈର୍ଷା ନ ଥିଲା । ତା ହୃଦୟରେ କେବଳ ମାତ୍ର କୋମଳଭାବ ଅବଶିଷ୍ଟ ରହିଥିଲା ତ ତା ଜ୍ଞାନପ୍ରକାଶ ପ୍ରତି ପ୍ରଗାଢ଼ ସ୍ନେହ । ସେହି ମରୁଭୂମି ମଧ୍ୟରେ ଏହା ହିଁ ଏକମାତ୍ର ଶ୍ୟାମଳ କ୍ଷେତ୍ର ଥିଲା । ଈର୍ଷା ସାମ୍ୟଭାବର ଦ୍ୟୋତକ ଅଟେ ! ସତ୍ୟପ୍ରକାଶ ଆପଣା ଭାଇକୁ ନିଜଠାରୁ ଅତି ଉଚ୍ଚ ଓ ଅତି ଭାଗ୍ୟଶାଳୀ ମନେ କରୁଥିଲା । ତା ମନରୁ ଈର୍ଷାର ଭାବ ଏକାବେଳକେ ଲୋପ ହୋଇଯାଇଥିଲା ।

ଘୃଣାରୁ ଘୃଣା ଓ ପ୍ରେମରୁ ପ୍ରେମ ଉତ୍ପନ୍ନ ହୁଏ । ଜ୍ଞାନପ୍ରକାଶ ବି ବଡ଼ ଭାଇକୁ ଭଲ ପାଉଥିଲା । କେବେ କେବେ ତା ପକ୍ଷ ନେଇ ଆପଣା ମା ସଙ୍ଗେ ବାଦବିବାଦ କରି ବସୁଥିଲା ।

ସେ କହେ—"ଭାଇର କୁର୍ତ୍ତ ଚିରିଗଲାଣି, ତୁମେ ତାଙ୍କ ପାଇଁ ନୂଆ କୁର୍ତ୍ତ କରି ଦେଉନାହିଁ କାହିଁକି ?" ମା ଉତ୍ତରଦିଅନ୍ତି—"ତା ପାଇଁ ସେହି କୁର୍ତ୍ତ ଖୁବ୍ ଭଲ, ଏଣ୍ଣିକଣି ହେଲାଣି କ'ଣ ? ସେ ତ ଲଙ୍ଗଳା ହୋଇ ବୁଲିବ ।" ଜ୍ଞାନପ୍ରକାଶର ଖୁବ୍ ଇଚ୍ଛା ହେଉଥିଲା କି ଆପଣା ହାତଖର୍ଚ୍ଚରୁ କିଛି ବଳାଇ କରି ନିଜ ଭାଇକୁ ଦେବ; ମାତ୍ର ସତ୍ୟପ୍ରକାଶ କେବେ ତାହା ଗ୍ରହଣ କରୁ ନ ଥିଲା । ବାସ୍ତବରେ ଯେତିକି ବେଳ ସେ ଜ୍ୟେଷ୍ଠ ଭାଇ ପାଖରେ ରହୁଥିଲା, ସେତିକିକ ସମୟ ତାର ଏକ ଶାନ୍ତମୟ ଆନନ୍ଦ ଅନୁଭବ ହେଉଥିଲା । କିଛି ସମୟ ପାଇଁ ସେ ସତ୍ଭାବର ସାମ୍ରାଜ୍ୟ ମଧ୍ୟରେ ବିଚରଣ କରିବାକୁ ଲାଗୁଥିଲା । ସେତେବେଳେ ତା ମୁହଁରୁ କୌଣସି ଅଶ୍ଲୀଳ ବା ଅପ୍ରିୟ କଥା ବାହାରୁ ନ ଥିଲା । କ୍ଷଣକ ପାଇଁ ତାର ସୁପ୍ତ ଆତ୍ମା ଜାଗି ଉଠୁଥିଲା ।

ପରେ ଅନେକ ଦିନ ପର୍ଯ୍ୟନ୍ତ ସତ୍ୟପ୍ରକାଶ ସ୍କୁଲକୁ ଗଲା-ନାହିଁ । ପିତା ପଚାରିଲେ—"ତୁ ଆଜିକାଲି ପଢ଼ିବାକୁ ଯାଉ ନାହୁଁ କାହିଁକି ? ତୁ କଅଣ ଭାବୁଛୁ, ଜୀବନଯାକ ତୋତେ ପାଳି ପୋଷି ରଖିଥିବି ?"

ସତ୍ୟ—ମୋ ଉପରେ ଜୋରିମାନା ଆଉ ଫିସ୍ ବାବଦରେ କେତେ ଟଙ୍କା ବାକି ହୋଇଗଲାଣି । ମୁଁ ଗଲା ମାତ୍ରେ ମୋତେ ଦୁଆରମୁହଁରୁ ନିକାଲି ଦେଉଛନ୍ତି ।

ଦେବ—ଫିସ କାହିଁକି ବାକି ରହିଲା ? ତୁ ତ ମାସକୁ ମାସ ନେଇଯାଉଛୁ ?

ସତ୍ୟ—ସବୁଦିନ ନାନା ଚାନ୍ଦା ଲାଗିରହିଛି । ଫିସର ଟଙ୍କା ମୁଁ ଚାନ୍ଦା ବାବଦରେ ଦେଇଦେଲି ।

ଦେବ—ଜୋରିମାନା କାହିଁକି ହେଲା ?

ସତ୍ୟ—ଫିସ ନ ଦେବା ହେତୁରୁ ।

ଦେବ—ତୁ ଚାନ୍ଦା କାହିଁକି ଦେଲୁ ?

ସତ୍ୟ—ଜ୍ଞାନୁ ଚାନ୍ଦା ଦେଲା, ସେଥିପାଇଁ ମୁଁ ବି ଦେଲି ।

ଦେବ—ତୁ ଜ୍ଞାନୁ ପ୍ରତି ଈର୍ଷା କରୁଛୁ ?

ସତ୍ୟ—ମୁଁ ଜ୍ଞାନୁ ପ୍ରତି ଈର୍ଷା କରିବି କାହିଁକି ? ଏଠାରେ ସେ ଆଉ ମୁଁ ଭିନ୍ନ ଭିନ୍ନ ବିଚାର କରିହେଉଛୁ; ମାତ୍ର ବାହାରେ ଆମେ ଦୁହେଁ ଏକ ବୋଲି ସମସ୍ତେ ବିଚାରନ୍ତି । ମୋ ପାଖରେ କିଛି ନାହିଁ, ଏକଥା ଲୋକଙ୍କୁ ଜଣାଇଦେବାକୁ ମୁଁ ଚାହେଁ ନାହିଁ ।

ଦେବ—କାହିଁକି ? ସେକଥା କହିବାକୁ କ'ଣ ଲାଜ ମାଡୁଛି ?

ସତ୍ୟ—ଆଜ୍ଞା ହଁ, ସେଥିରେ ଆପଣଙ୍କର ବଦନାମୀ ହେବ ।

ଦେବ—ଆଚ୍ଛା, ତେବେ ଆପଣ ମୋର ମାନ ରକ୍ଷା କରୁଛନ୍ତି ! ତୋର ଆଉ ପଢ଼ିବାକୁ ମନ ନାହିଁ, ସେକଥା ସଫା କହୁନାହୁଁ କାହିଁକି ? ମୋ ପାଖରେ ଏତେ ଟଙ୍କା ନାହିଁ ଯେ ତୋତେ ଗୋଟିଏ ଗୋଟିଏ କ୍ଲାସରେ ତିନି ତିନି ବର୍ଷ ପଢ଼ାଇବି, ତା ସାଙ୍ଗକୁ ପୁଣି ତୋର ଖର୍ଚ୍ଚ ଲାଗି ପ୍ରତି ମାସରେ କିଛି କିଛି ଦେଉଥିବି । ଜ୍ଞାନୁବାବୁ ତୋଠାରୁ କେତେ ସାନ ? ମାତ୍ର ସେ ତୋର ଗୋଟିଏ କ୍ଲାସ ତଳରେ ଅଛି । ତୁ ଏକବର୍ଷ ନିଶ୍ଚୟ ଫେଲ

ହେବୁ, ସେ ନଷ୍ଟସୁ ପାସ୍ କରିବ । ଆଉ ବର୍ଷକୁ ସେ ତୋ ସଙ୍ଗରେ ମିଶିଯିବ । ସେତେବେଳେ ତୋ ମୁହଁରେ କ'ଣ ଚୂନକାଳି ଲଗିଯିବ ନାହିଁ ?

ସତ୍ୟ—ବିଦ୍ୟା ମୋ ଭାଗ୍ୟରେ ନାହିଁ ।

ଦେବ—ତେବେ ତୋ ଭାଗ୍ୟରେ କ'ଣ ଅଛି ?

ସତ୍ୟ—ଭିକ୍ଷମାଗିବା ।

ଦେବ—ତେବେ ଭିକହିଁ ମାଗ । ମୋ ଘରୁ ବାହାରି ଯା । ସେତିକିବେଳକୁ ଦେବପ୍ରିୟା ବି ପହଞ୍ଚିଗଲେ, କହିଲେ—ଲାଜ ତ ମାତ୍ରୁ ନାହିଁ, ପୁଣି କଥାର ଜବାବ ଦେଉଛି ।

ସତ୍ୟ—ଯାହା ଭାଗ୍ୟରେ ଭିଖମାଗିବା ଥାଏ, ସେ ପିଲାଦିନୁ ଅନାଥ ହୋଇଯାଏ ।

ଦେବପ୍ରିୟା—ଏ ହାଡ଼ଜଳା କଥା ମୁଁ ଆଉ ସହିପାରିବି ନାହିଁ । ମୁଁ ରକ୍ତଗୃଡ଼ଲ ଗ୍ଲେବେଇ ଲୁନ ହୋଇ ରହିଯାଉଛି ।

ଦେବପ୍ରକାଶ—ବେହିୟା ସେ । କାଲିଠାରୁ ତା ନା' କଟାଇଦେବି । ଭିଖ ମାଗିବାର ଅଛି ତ ଭିଖ ମାଗୁ ।

( ୪ )

ତରଦିନ ସତ୍ୟପ୍ରକାଶ ଘରୁ ବାହାରିଯିବାକୁ ତିଆର ହୋଇଗଲା । ତାର ବୟସ ସେତେବେଳକୁ ଷୋଳ ବର୍ଷ ହୋଇ ଯାଇଥିଲା । ଏତେ କଥା ଶୁଣିବା ପରେ ସେ ଘରେ ରହିବା ତା ପକ୍ଷରେ ଅସହ୍ୟ ହୋଇପଡ଼ିଲା । ଯେପର୍ଯ୍ୟନ୍ତ ହାତଗୋଡ଼ ଫିଟି ନ ଥିଲା, କଣୋରବସ୍ଥାର ଅସମର୍ଥତା ଥିଲା, ସେପର୍ଯ୍ୟନ୍ତ ଅବହେଳା, ନିରାଦର, ଙ୍କଷ୍ଟୁଭିତା, ଭର୍ତ୍ସନା ସବୁ ସହିକରି

ଘରେ ପଡ଼ିରହିଥିଲ, ଅସୀମ ବିଶ୍ୱାସ ଥାଏ । ... ଯାଇଛନ୍ତି ।
ଆଜି ସେ ବଡ଼ ... ଗଲୁ ସେ ନିଶ୍ଚିନ୍ତ କ... ? ଅମ୍ଭମାନେ ...
ପରି ଚଳ... ଉଠି ରହିବ । ତାହାର ...
...ଶ୍ରୀ ପ୍ରସ୍ତୁତ ରହିଥିଲ । ... ସମୟ । ଘରେ ସମସ୍ତେ ଶୋଇ
...ଶ୍ନ ଯେପରି କଠିନ, ...ଶ ଆପଣା ଧୋତି କାଖରେ ଜାକିଲ ।
ହାତରେ କାମ କର... ବ୍ୟାଗ ହାତରେ ଧରିଲ ଏବଂ ଚୁପ୍ ହୋଇ
ମାତ୍ର ଯେଉଁମାନେ ... ଠେ ବାହାର ଯିବାକୁ ବସିଲ ବେଳକୁ ଜ୍ଞାନ
କଠିନ । ସତ୍ୟ... ଗଲା । ସେ ତାକୁ ଯିବାକୁ ତିଆର ହୋଇଥିବାର
ଦେଖୁଥିଲ ... ହିଲ—କୁଆଡ଼େ ଯାଉଛ ଭାଇ ?
ସହରକ...

ସତ୍ୟ—ଯାଉଛି କେଉଁଠି ଚାକିରି କରିବ ।

ଜ୍ଞାନ—ମୁଁ ଯାଇ ମାଙ୍କୁ କହିଦେଉଛି ।

ସତ୍ୟ—ତାହାହେଲେ ମୁଁ ତୋତେ ମଧ୍ୟ ଲୁଚି କରି ଚାଲିଯିବ ।

ଜ୍ଞାନ—କାହିଁକି ଚାଲିଯିବ ? ତୁମ୍ଭର କଅଣ ମୋ ପ୍ରତି ଟିକିଏ ହେଲେ ମୋହମତା ନାହିଁ ?

ସତ୍ୟପ୍ରକାଶ ଭାଇକୁ କୁଣ୍ଢାଇ ପକାଇ କହିଲା—ତୋତେ ଛାଡ଼ିକରି ଯିବାକୁ ତ କେବେ ମନ ହେଉନାହିଁ । ମାତ୍ର ଯେଉଁଠି କେହି ଟିକିଏ ହେଲେ ପଚାରିବାର ଲୋକ ନାହିଁ, ସେଠାରେ ପଡ଼ିରହିବା ବେହିସ୍ଥାମି ଅଟେ । କୌଣସିଠାରେ ଦଶ ଟଙ୍କାର ଚାକିରି କରିନେବି, ଆଉ ପେଟ ପୋଷିବି । ମୋର ସେଥିରେ ମାନ ଅପମାନ କଅଣ ?

ଜ୍ଞାନ—ତୁମ୍ଭେ ପାସ୍ କରିବ ... ଜାଣିକି ? ମୋତେ ତୁମ୍ଭ ସଙ୍ଗରେ ମିଶିବାକୁ ସେତେବେଳେ ... ଦେଉଛନ୍ତି ।

ସତ୍ୟ—ମୋ ଅଦୃଷ୍ଟ ?

ଜ୍ଞାନୁ—ତୁମେ ଲେଖାପଢ଼ା ... ନାହିଁ । ... କି ?

ସତ୍ୟ—ମନ ତ ଲଗୁନାହିଁ, ... କ'ଣ ଅଛି ? ମୋତେ ଯେତେବେଳେ କେହି ପଚାରୁ ...

ମୁଁ ତ କହୁଛି—କପାଳରେ ଯାହା ... ତାହାହିଁ ଯା । ପରବାୟୁ କ'ଣ ?

ଜ୍ଞାନୁ—ମୋତେ ତ ଭୁଲିଯିବ ନାହିଁ ? ... କଲେ—ଜାଣ ଚିଠି ଲେଖୁଥିବ । ମୋତେ ବ ଥରେ ତୁମ୍ଭ ସେଠାକୁ ଡ଼ାକିବ ...

ସତ୍ୟ—ତୋର ସ୍କୁଲ ଠିକଣାରେ ମୁଁ ଚିଠି ଲେଖିବ ...

ଜ୍ଞାନୁ—( କାନ୍ଦ କାନ୍ଦ ) କେଜାଣି କାହିଁକି ତୁମ୍ଭ ପ୍ରତି ଭାରି ମାୟା ମମତା ଲାଗୁଛି ।

ସତ୍ୟ—ମୁଁ ତୋତେ ସବୁବେଳେ ମନେ ରଖିଥିବ ।

ଏହା କହି ସେ ପୁଣି ଭାଇକୁ କୁଣ୍ଢାଇ ପକାଇଲା । ଆଜି ଘରୁ ବାହାରିପଡ଼ିଲା । ପାଖରେ ପଇସାଟିଏ ନ ଥିଲା, ଅଥଚ ସେ କଲିକତା ଯାଉଥିଲା ।

( ୭ )

ସତ୍ୟପ୍ରକାଶ କଲିକତାରେ କପରି ଯାଇ ପହଞ୍ଚିଲା, ତାହାର ବୃତ୍ତାନ୍ତ ଲେଖିବା ନିଷ୍ପ୍ରୟୋଜନ । ଯୁବକମାନଙ୍କଠାରେ ଦୁଃସାହସର ମାତ୍ରା ଅଧିକ ହୋଇଥାଏ । ସେମାନେ ଆକାଶରେ ଦୁର୍ଗ ଗଢ଼ିପାରନ୍ତି । ଭୂମି ଉପରେ ନାହା ଚଳାଇପାରନ୍ତି । ବାଧାବିଘ୍ନ ବା ଅସୁବିଧା ପ୍ରତି ସେମାନଙ୍କର କୌଣସି ପରବାୟୁ

ନଥାଏ । ନିଜ ଉପରେ ଅସୀମ ବିଶ୍ୱାସ ଥାଏ । ସତ୍ୟପ୍ରକାଶ ଏହିପରି ଯୁବକ ଥିଲା । ଆଗରୁ ସେ ନିଶ୍ଚୟ କରିନେଇଥିଲା କି କଁଣ କରିବ, କେଉଁଠି ରହିବ । ତାହାର ବ୍ୟାଗ ଭିତରେ ଲେଖିବାର ସାମଗ୍ରୀ ପ୍ରସ୍ତୁତ ରହିଥିଲା । ବଡ଼ ବଡ଼ ସହରରେ ଜୀବିକା-ଅର୍ଜନର ପ୍ରଶ୍ନ ଯେପରି କଠିନ, ସେପରି ସରଳ ମଧ୍ୟ । ଯେଉଁମାନେ ନିଜ ହାତରେ କାମ କରିପାରନ୍ତି, ସେମାନଙ୍କ ପ୍ରତି ଏହା ଖୁବ୍ ସରଳ; ମାତ୍ର ଯେଉଁମାନେ କଲମ ଧରି କାମ କରନ୍ତି,ସେମାନଙ୍କ ଲାଗି ଖୁବ୍ କଠିନ । ସତ୍ୟପ୍ରକାଶ ମୂଲଆଗିରି କରିବା ଏପରିକାମ ଛଡ଼ାଇ ବିଚାରୁଥିଲା । ସେ ଧର୍ମଶାଳାରେ ଜିନିଷପତ୍ର ରଖିଦେଲା । ପରେ ସହରର ମୁଖ୍ୟ ମୁଖ୍ୟ ସ୍ଥାନ ଦେଖିସାରି ଗୋଟିଏ ଡାକଘର ସାମନାରେ ଲେଖିବା ଜିନିସ ଧରି ବସିଗଲା । ସେ ଅପଢ଼ା ମଜୁରିଆମାନଙ୍କର ଚିଠି ଓ ମନିଅର୍ଡ଼ର ଆଦି ଲେଖିବାକୁ ଆପଣାର ବ୍ୟବସାୟ କରିବାକୁ ଲାଗିଲା । ପହିଲେ ପହିଲେ କେତେ ଦିନ ତାକୁ ପେଟ ପୂରାଇ ଖାଇବାକୁ ପଇସା ମିଳିଲା ନାହିଁ; ମାତ୍ର ଧୀରେ ଧୀରେ ଆମଦାନି ବଢ଼ିବାକୁ ଲାଗିଲା । ସେ ମଜୁରିଆମାନଙ୍କ ସହିତ ଏତେ ବିନମ୍ର ସହିତ କଥାବାର୍ତ୍ତା କରୁଥିଲା ଏବଂ ସେମାନଙ୍କ ଖବର ଅନ୍ତର ଏତେ ବିସ୍ତୃତ ଭାବରେ ଲେଖି ଦେଉଥିଲା ଯେ ସେମାନେ ତାର ସେ ଚିଠି ଶୁଣି ପ୍ରସନ୍ନ ହୋଇ ଯାଉଥିଲେ । ଅଶିକ୍ଷିତ ଲୋକେ ଏକା କଥାକୁ ଦୁଇ ଦୁଇ ଥର ତିନି ତିନି ଥର ଲେଖାନ୍ତି । ସତ୍ୟପ୍ରକାଶ ସେମାନଙ୍କ କଥାକୁ ସଂକ୍ଷିପ୍ତ ଭାବରେ ସ୍ପଷ୍ଟ ଭାଷାରେ ଲେଖିଦେଇ ମଜୁରିଆମାନଙ୍କୁ ମୁଗ୍ଧ କରି ଦେଉଥିଲା । ଜଣେ ମନୁଷ୍ୟ ହୋଇଗଲାଯାଏ ତ, ଆଉ କେତେ ଭାଇଙ୍କୁ ଖୋଜି ଡାକି ନେଇଆସେ । ମାସକ ଭିତରେ ତାକୁ ଦିନକୁ ଟଙ୍କାଏ ମିଳିବାକୁ ଲାଗିଲା

ସେ ଧର୍ମଶାଳାରୁ ବାହାରିଯାଇ ସହର ବାହାରେ ମାସକୁ ପାଞ୍ଚ ଟଙ୍କା ଭଡ଼ାରେ ଗୋଟିଏ ଛୋଟିଆ କୋଠରୀ ନେଲା । ଦିନେ ରାନ୍ଧେ, ଦିନେ ଖାଏ । ବାସନଗୁଡ଼ିକ ଆପଣା ହାତରେ ମାଜେ, ଭୂଇଁ ଉପରେ ଶୁଏ । ଆପଣାର ନିର୍ବାସନ ଲାଗି ତା ମନରେ ଟିକିଏ ହେଲେ ଖେଦ ବା ଦୁଃଖ ନ ଥିଲା । ଘର ଲୋକଙ୍କୁ ସେ କେବେ ମନେ ପକାଉ ନ ଥିଲା । ସେ ନିଜ ଦଶାରେ ବେଶ ସନ୍ତୁଷ୍ଟ ଥିଲା । କେବଳ ଜ୍ଞାନପ୍ରକାଶର ପ୍ରେମପୂର୍ଣ୍ଣ କଥାଗୁଡ଼ିକ ଭୁଲିପାରୁ ନ ଥିଲା । ଅନ୍ଧକାର ମଧ୍ୟରେ ସେହି ଏକମାତ୍ର ଆଲୋକ ଥିଲା । ବଦାୟୁଁ ବେଳର ଅନ୍ତିମ ଦୃଶ୍ୟ ତା ଆଖିଆଗରେ ସବୁବେଳେ ନାଚୁଥିଲା ! ମାସକ ଭିତରେ ସେ ନିଶ୍ଚିନ୍ତ ହୋଇ ଜ୍ଞାନପ୍ରକାଶ ପାଖକୁ ଖଣ୍ଡିଏ ଚିଠି ଲେଖିଲା । ଉତ୍ତର ଆସିଲା । ଆନନ୍ଦର ସୀମା ରହିଲା ନାହିଁ । ଜ୍ଞାନୁ ମୋତେ ମନେପକାଇ କାନ୍ଦୁଛି, ମୋ ପାଖକୁ ଆସିବାକୁ ଇଚ୍ଛା କରୁଛି, ସ୍ୱାସ୍ଥ୍ୟ ବି ଭଲ ନାହିଁ । ପିପାସିତ ପାଣି ପିଇଲେ ଯେଉଁ ତୃପ୍ତି ଅନୁଭବ କରେ, ସେହି ତୃପ୍ତି ଏହି ପତ୍ରଦ୍ୱାରା ସତ୍ୟପ୍ରକାଶର ହେଲା । ମୁଁ ଏକାକୀ ନୁହେଁ, ଆଉ ଜଣେ ବି ମତେ ଲୋଡ଼ୁଛି, ମନେ ପକାଉଛି । ସେଦିନଠାରୁ ସତ୍ୟପ୍ରକାଶର ମନରେ ଭାବନା ହେଲା କି ଜ୍ଞାନୁ ପାଇଁ କିଛି ଗୋଟିଏ ଉପହାର ପଠାଇବ । ଯୁବକମାନଙ୍କୁ ଖୁବ୍ ଶୀଘ୍ର ମିତ୍ର ମିଳିଯାନ୍ତି । ସତ୍ୟପ୍ରକାଶର ବି କେତେକ ଯୁବକଙ୍କ ସହିତ ମିତ୍ରତା ହୋଇଯାଇଥିଲା । ସେମାନଙ୍କ ସହିତ କେତେ ଥର ସିନେମା ଦେଖିବାକୁ ଗଲା । କେତେ ଥର ଭାଙ୍ଗ ସରାପ କବାବ ବି ହୋଇଗଲା । ଆଇନା, ଚିରୁଣି ଓ ତେଲର ସଉକ ବି ଜାତ ହେଲା । ଯାହା କିଛି ପାଉଥିଲା, ସବୁ ଉଡ଼ାଇ ଦେଉଥିଲା । ଅତି କ୍ଷିପ୍ର ଗତିରେ

ନୈତିକପତନ ଏବଂ ଶାରୀରିକପତନ ଆଡ଼କୁ ଦଉଡ଼ି ଚାଲିଥିଲା । ଶ୍ରେଷ୍ଠ ଢଙ୍ଗରେ ଏହି ପ୍ରେମପତ୍ର ତ ଗୋଡ଼ ଧରି ଅଟକାଇ ଦେଲା । ଝିଅ ପାଇଁ ଉପହାର ପଠାଇବାର ପ୍ରୟାସ ତାହାର ସେହି ଦୁର୍ବାସନାମାନଙ୍କୁ ତିରୋହିତ କରିବାକୁ ଆରମ୍ଭ କଲା ।

ସିନେମାର ନିଶା ଛୁଟିଗଲା । ମିତ୍ରମାନଙ୍କୁ ନାନା ବାହାନାରେ ଟାଳିଟୁଳି ଦେବାକୁ ଲାଗିଲା । ନିହାତି ମୋଟା ସୋଟା ଖାଇବାକୁ ଲାଗିଲା । ଧନସଞ୍ଚୟ ଚିନ୍ତା ସମସ୍ତ ଆତ୍ମସନ୍ତୋଷ-ପ୍ରବୃତ୍ତିକୁ ପରାସ୍ତ କରିଦେଲା । ସେ ନିଶ୍ଚୟ କଲା କି ଗୋଟିଏ ଭଲ ଘଡ଼ି ପଠାଇବ । ତାର ଦାମ୍ ଖୁବ୍ କମ୍‌ରେ ଚାଳିଶ ଟଙ୍କା ହେବ । ତିନି ମାସ ଯାଏ ଯେବେ ଗୋଟିଏ ପଇସା ଅପବ୍ୟୟ ନ କରେ, ତେବେ ଘଡ଼ିଟିଏ କିଣିପାରିବ । ଜ୍ଞାନୁ ଘଡ଼ି ପାଇ କେତେ ଖୁସିହେବ ! ମା ଏବଂ ବାବୁଜୀ ମଧ୍ୟ ଦେଖିବେ । ସେମାନେ ଜାଣିପାରିବେ କି ମୁଁ ଏଠାରେ ଭୋକ ଉପାସରେ ମରୁନାହିଁ । ପଇସା ବଞ୍ଚାଇବା ନିମନ୍ତେ ଆଗ୍ରହ ହେତୁ ସେ ଆଲୁଅ ମଧ୍ୟ ଜାଳୁ ନ ଥିଲା । ସଅଳ ସଅଳ କାମ କରି ଫେରିଆସେ । ଦିନତମାମ ଦି ଚାରି ପଇସାର ଜଳଖିଆ ଖାଇ ରହିଥାଏ । ତାର ଗ୍ରାହକସଂଖ୍ୟା ଦିନକୁ ଦିନ ବଢ଼ି ବଢ଼ି ଯାଉଥିଲା । ଚିଠିପତ୍ର ଛଡ଼ା ଏବେ ସେ ତାର ଲେଖିବାକୁ ମଧ୍ୟ ଅଭ୍ୟାସ କରି ନେଇଥିଲା । ଯୋଡ଼ିଏ ମାସ ଭିତରେ ତା ହାତରେ ପଚିଶ ଟଙ୍କା ଜମିଗଲା । ଯେତେବେଳେ ଘଡ଼ି ସାଙ୍ଗରେ ସୁନେଲି ଚେନ ପାର୍ଶଲ କରି ବାନ୍ଧି ଜ୍ଞାନୁ ନାଁରେ ପଠାଇଦେଲା, ସେତେବେଳେ ନିଃସନ୍ତାନ ଲୋକର ବାଳକଟିଏ ଜାତ ହେଲା ପରି ତା ମନରେ ଅପୂର୍ବ ସ୍ନେହ ଜାତ ହୋଇଥିଲା ।

( ୭ )

ଘର କେତେ କୋମଳ, ପବିତ୍ର ଓ ମନୋହର ସ୍ମୃତିକୁ ଜାଗରିତ କରିଦିଏ ? ଏହା ପ୍ରେମର ଆଶ୍ରୟସ୍ଥଳ ଅଟେ । ପ୍ରେମ ବହୁ ତପସ୍ୟା କରି ଏହି ବରଦାନ ପାଇଅଛି କିଶୋରାବସ୍ଥାରେ ଘର, ମାତା ପିତା, ଭାଇ ଭଉଣୀ ସାଙ୍ଗସୁଖଙ୍କର ପ୍ରେମକୁ ସ୍ମରଣ କରାଇଦିଏ; ପ୍ରୌଢ଼ାବସ୍ଥାରେ ଗୃହିଣୀ ଏବଂ ସନ୍ତାନସନ୍ତତିଙ୍କ ପ୍ରେମର ଏହି ଲହରୀ ମାନବର ଜୀବନପୋତକୁ ସ୍ଥିର ରଖେ; ତାହାକୁ ସମୁଦ୍ରର ବେଗଶାଳୀ ଲହରୀରେ ଭାସିଯିବାରୁ ବା ତୀରବର୍ତ୍ତୀ ପାହାଡ଼ରେ ଧକ୍କା ଖାଇ ଭାଙ୍ଗିଯିବାରୁ ରକ୍ଷା କରେ । ଗୃହର ବନ୍ଧନ ହିଁ ମାନବଜୀବନକୁ ସମସ୍ତ ବାଧାବିଘ୍ନରୁ ସୁରକ୍ଷିତ କରି ରଖେ ।

ସତ୍ୟପ୍ରକାଶର ସେ ଘର କେଉଁଠାରେ ? କି ଶକ୍ତି ତାକୁ କଲିକତା ସହରର ବିରାଟ ପ୍ରଲୋଭନରୁ ରକ୍ଷା କରୁଥିଲା ? — ମାତାର ପ୍ରେମ, ପିତାର ସ୍ନେହ କି ପିଲାପିଲିଙ୍କର ଚିନ୍ତା ? ନା ତାର ରକ୍ଷକ, ଉଦ୍ଧାରକ ଏବଂ ପରିତୋଷକ ଥିଲା କେବଳ ଜ୍ଞାନପ୍ରକାଶର ସ୍ନେହ । ତାହାରି ଲାଗି ସେ ଗୋଟିଏ ଗୋଟି ପଇସା ସଞ୍ଚୟ କରୁଥିଲା— ତାହାରି ଲାଗି ସେ କଠିନ ପରିଶ୍ରମ କରୁଥିଲା—ଧନୋପାର୍ଜନର ନୂଆ ନୂଆ ଉପାୟ ଚିନ୍ତା କରୁଥିଲା ଜ୍ଞାନପ୍ରକାଶର ଚିଠିମାନ ପାଇ ସେ ବୁଝିଥିଲା ଯେ ଆଜିକାଲି ଦେବପ୍ରକାଶଙ୍କର ଆର୍ଥିକ ସ୍ଥିତି ଭଲ ନୁହେଁ । ସେ ଗୋଟିଏ ଘର ତୋଳାଉଛନ୍ତି; ସେଥିରେ ଅନୁମାନରୁ ଅଧିକ ବ୍ୟୟ ହୋଇ ଯିବାରୁ ତାଙ୍କୁ ଋଣ କରିବାକୁ ପଡ଼ିଅଛି । ସେଥିପାଇଁ ଜ୍ଞାନପ୍ରକାଶ ପଢ଼ାଇବା ଲାଗି ଏବେ ଆଉ ଘରକୁ ମାଷ୍ଟର ଆସୁ ନାହିଁ

ସେହିଦିନଠାରୁ ସତ୍ୟପ୍ରକାଶ ପ୍ରତି ମାସରେ ଜ୍ଞାନୁ ପାଖକୁ ବରାବର କଛି କଛି ଟଙ୍କା ପଠାଇ ଦେଉଥିଲା । ସେ ଏବେ କେବଳ ଗୋଟିଏ ପତ୍ରଲେଖକ ହୋଇ ରହି ନ ଥିଲା; ଲେଖିବାର ସାମଗ୍ରୀମାନଙ୍କର ଗୋଟିଏ ଶ୍ରେଷ୍ଠ ଦୋକାନ ମଧ୍ୟ ସେ ଖୋଲି ଦେଇଥିଲା । ସେଥିରୁ ବେଶ ଆମଦାନୀ ହେଉଥିଲା । ଏହି ପ୍ରକାରେ ପାଞ୍ଚ ବର୍ଷ ବିତିଗଲା । ରସିକ ମିତ୍ରମାନେ ଯେତେବେଳେ ଦେଖିଲେ ଯେ ସେ ସେମାନଙ୍କ କବଳରେ ପଡ଼ୁନାହିଁ, ସେତେବେଳେ ସେମାନେ ତା ପାଖକୁ ଯିବା ଆସିବା ଛାଡ଼ିଦେଲେ ।

( ୮ )

ସନ୍ଧ୍ୟାବେଳ ହୋଇଥିଲା । ଦେବପ୍ରକାଶ ଆପଣା ଘରେ ବସି ଦେବପ୍ରିୟା ସହିତ ଜ୍ଞାନପ୍ରକାଶର ବିବାହ ସମ୍ବନ୍ଧରେ କଥାବାର୍ତ୍ତା କରୁଥିଲେ । ଜ୍ଞାନୁ ଏବେ ସତର ବରଷର ସୁନ୍ଦର ଯୁବକ । [illegible] ବାଲ୍ୟବିବାହର ବିରୋଧୀ ହୋଇଥିଲେ ମଧ୍ୟ ଦେବପ୍ରକାଶ ଏବେ ଆଉ ସେ ଶୁଭ ମୁହୂର୍ତ୍ତକୁ ଟାଳିଦେଇ ପାରୁ ନ ଥିଲେ । ବିଶେଷତଃ ଏବେ ଜଣେ ମହାଶୟ ପାଞ୍ଚ ହଜାର ଟଙ୍କା ଯୌତୁକ ଦେବାକୁ ପ୍ରସ୍ତୁତ ହୋଇଥିଲେ ।

ଦେବପ୍ରକାଶ—ମୁଁ ତ ତିଆରି ଅଛି; ମାତ୍ର ତୁମ ପୁଅ ତ ତିଆରି ହେଲେ ହେବ ।

ଦେବପ୍ରିୟା—ତୁମେ କଥାବାର୍ତ୍ତା ପକ୍କା କରିଦିଅ, ସେ ଅବଶ୍ୟ ସ୍ୱୀକୃତ ହୋଇଯିବ । ସବୁ ପିଲାଏ ପହିଲେ ନାହିଁ କରୁଥାନ୍ତି ।

ଦେବପ୍ରକାଶ—ଜ୍ଞାନୁର ଏ ଅସ୍ୱୀକାର କେବଳ ସଂକୋଚର ଅସ୍ୱୀକାର ନୁହେଁ, ଏହା ସିଦ୍ଧାନ୍ତର ଅସ୍ୱୀକାର ଅଟେ । ସେ ସାଫ ସାଫ କହୁଛି କି, ଯେପର୍ଯ୍ୟନ୍ତ ଭାଇଙ୍କର ବିବାହ ନ ହୋଇଛି, ସେପର୍ଯ୍ୟନ୍ତ ମୁଁ ନିଜେ ବିବାହ କରିବାରେ କଦାପି ରାଜି ହେବି ନାହିଁ ।

ଦେବପ୍ରିୟା—ତାକୁ କିଏ ଚଳାଇବ ? ସେଠାରେ କୌଣସି ରକ୍ଷିତା ରଖି ନେଇଥିବ । ବିବାହ କାହିଁକି କରିବ ? ସେଠାରେ କ’ଣ କିଏ ତାକୁ ଦେଖିବାକୁ ଯାଉଛି ?

ଦେବପ୍ରକାଶ—( ଚିଡ଼ିଉଠି ) ରକ୍ଷିତା ରଖିଥାନ୍ତା ତ, ତୁମ ପୁଅଠାକୁ ମାସରେ ଚାଳିଶ ଟଙ୍କା ଲେଖାଏଁ ପଠାଉ ନ ଥାନ୍ତା କିମ୍ବା ଗଲାଦିନୁ ବରାବର ଯେଉଁସବୁ ଜିନିଷ ପଠାଇ ଆସୁଛି, ତାହା ପଠାଉ ନ ଥାନ୍ତା । ମୁଁ ଜାଣିପାରୁ ନାହିଁ କାହିଁକି ତୁମର ମନ ତା ପ୍ରତି ଏତେ ଅପ୍ରସନ୍ନ ହୋଇଯାଇଛି ! ସେ ଆପଣା ଜୀବନ ମୂର୍ଚ୍ଛି କରି ଦେଇଦେଲେ ମଧ୍ୟ ତା ପ୍ରତି ତୁମ ମନ କଦାପି ଖୁସି ହେବ ନାହିଁ ।

ଦେବପ୍ରିୟା ବିରକ୍ତ ହୋଇ ଉଠି ଚାଲିଗଲେ । ଦେବପ୍ରକାଶ ତାଙ୍କୁ କହିବାକୁ ଚାହୁଁଥିଲେ କି ପ୍ରଥମେ ସତ୍ୟପ୍ରକାଶର ବିବାହ କରିବା ଉଚିତ । କିନ୍ତୁ ସେ କଦାପି ଏ ପ୍ରସଙ୍ଗ ଉଠାଇ ଦେଉ ନ ଥିଲେ । ଦେବପ୍ରକାଶଙ୍କର ହାର୍ଦ୍ଦିକ ଇଚ୍ଛା ଥିଲା ଯେ ପ୍ରଥମେ ବଡ଼ ପୁଅର ବିବାହ କରିବେ; ମାତ୍ର ସେ ମଧ୍ୟ ଆଜିପର୍ଯ୍ୟନ୍ତ ସତ୍ୟପ୍ରକାଶଠାକୁ କୌଣସି ଚିଠି ଲେଖି ନ ଥିଲେ । ଦେବପ୍ରିୟା ଚାଲିଯିବା ପରେ ସେ ଆଜି ପ୍ରଥମ ବାର ସତ୍ୟପ୍ରକାଶଠାକୁ ଚିଠି ଲେଖିଲେ । ପ୍ରଥମେ ଏତେ ଦିନଯାଏଁ ଚୂପଚାପ ରହିଥିବା

ହେତୁ କ୍ଷମା ମାଗିଲେ, ତା ପରେ ତାକୁ ଥରେ ଘରକୁ ଆସିବାକୁ ପ୍ରେମାଗ୍ରହ କଲେ । ଲେଖିଲେ, "ଏଣିକ ମୁଁ ଆଉ ଅଳ୍ପଦିନର କୁଣିଆଁ । ମୋର ଅଭିଳାଷ ଯେ ତୋର ଏବଂ ତୋର ଶ୍ରେଷ୍ଠ ଭାଇର ବିବାହ ଦେଖିଯିବି । ତୁ ଯଦି ମୋର ବିନତି ସ୍ୱୀକାର ନ କରିବୁ, ତେବେ ମୋ ମନରେ ଭାରି ଦୁଃଖ ହେବ ।" ଜ୍ଞାନପ୍ରକାଶ ବିବାହ କରିବାକୁ ନାରାଜ ହେଉଥିବା କଥା ମଧ୍ୟ ଲେଖିଲେ । ଶେଷରେ ଏହି କଥା ଉପରେ ଜୋର ଦେଲେ ଯେ, ଅନ୍ୟ କୌଣସି ବିଚାରରୁ ନ ହେଲେ ମଧ୍ୟ ଜ୍ଞାନ ପ୍ରତି ପ୍ରେମ ହେତୁରୁ ତୋତେ ଏହି ବନ୍ଧନରେ ପଡ଼ିବାକୁ ହେବ ।

ସତ୍ୟପ୍ରକାଶକୁ ଏ ଚିଠି ମିଳିବାରୁ ତା ମନରେ ବହୁତ କଷ୍ଟ ହେଲା । ମୋର ଭ୍ରାତୃସ୍ନେହର ଏହି ପରିଣାମ ହେବ ବୋଲି ମୋତେ ଜଣା ନ ଥିଲା । ଏଥି ସଙ୍ଗେ ସଙ୍ଗେ ତା ମନରେ ଏଇ ଈର୍ଷାମୟ ଆନନ୍ଦ ହେଲା ଯେ ଯାହାହେଉ ମା ଆଉ ବାବାଙ୍କ ମନରେ ଏବେ ଟିକିଏ ଦୁଃଖ ଜାତ ହେଲାଣି । ମୋ ବିଷୟରେ ସେମାନଙ୍କର କାହିଁକି ଚିନ୍ତା ହୁଅନ୍ତା ? ମୁଁ ମରିଗଲେ ମଧ୍ୟ ସେମାନଙ୍କ ଆଖିରୁ ଟୋପାଏ ଲୁହ ବୋହିବ ନାହିଁ । ସାତ ବର୍ଷ ବିତିଗଲାଣି; କେବେ ଭୁଲରେ ମଧ୍ୟ ଚିଠି ଲେଖିନାହାନ୍ତି, ମଲିଣି କି ବଞ୍ଚିଛି ? ଏବେ ଟିକିଏ ଚେତା ପଶିବ । ଜ୍ଞାନପ୍ରକାଶ ତ ଶେଷରେ ଅବଶ୍ୟ ବିବାହ କରିବାକୁ ରାଜି ହୋଇଯିବ; ମାତ୍ର ସହଜରେ ନୁହେଁ । ଆଉ କିଛି ନ ହେଉ. ମୋତେ ଥରେ ହେଲେ ଆପଣା ଅସ୍ୱୀକାରର କାରଣ ଲେଖିବାର ଅବସର ମିଳିଲା । ଜ୍ଞାନୁର ମୋ ପ୍ରତି ପ୍ରେମ ଅଛି ସତ, ମାତ୍ର ସେଥିଲାଗି ମୁଁ ପାରିବାରିକ ଅନ୍ୟାୟରେ ଦୋଷୀ ହେବି ନାହିଁ । ମୋର ପାରିବାରିକ ଜୀବନ

ସଂପୂର୍ଣ୍ଣରୂପେ ଅନ୍ୟାୟରେ ଭରା । ଏହି ପାରିବାରିକ ଜୀବନ କୁମତି, ବୈମନସ୍ୟ, ନିଷ୍ଠୁରତା ଓ ନୃଶଂସତାର ବୀଜବପନ କରିଥାଏ । ଏହି ମାୟାଜାଲରେ ପଡ଼ି ମନୁଷ୍ୟ ନିଜର ପ୍ରିୟତମ ସନ୍ତାନର ମଧ୍ୟ ଶତ୍ରୁ ହୋଇଯାଏ । ନା, ମୁଁ ଆଖିରେ ଦେଖିକରି ଏ ଜୀଅନ୍ତା ମାଛିକୁ କଦାପି ହାତରେ ମୁଠାଇବି ନାହିଁ । ମୁଁ ଅବଶ୍ୟ ଜ୍ଞାନୁକୁ ବୁଝାଇବି । ମୋ ପାଖରେ ଯାହା କିଛି ଜମା ଅଛି, ସେ ସମସ୍ତ ତାର ବିବାହ ନିମନ୍ତେ ତା ହାତରେ ଅର୍ପଣ ମଧ୍ୟ କରିଦେବି; ମାତ୍ର ଏଥିରୁ ଅଧିକ ଆଉ କିଛି କରିପାରିବି ନାହିଁ । ଜ୍ଞାନୁ ମଧ୍ୟ ଯଦି ଅବିବାହିତ ରହିଯାଏ, ତେବେ କି କଅଣ ସଂସାର ଶୂନ୍ୟ ହୋଇଯିବ ? ଏପରି ପିତାର ପୁତ୍ର କଅଣ ବଂଶପରମ୍ପରାକୁ ପାଳନ କରିବ ନାହିଁ ? ଯେଉଁ ପାରିବାରିକ ଅଭିନୟ ମୋ ଜୀବନର ସର୍ବନାଶ କରିଅଛି, ତା ଜୀବନରେ କ'ଣ ତାର ପୁନରାବୃତ୍ତି ହେବ ନାହିଁ ?

ପରଦିନ ସତ୍ୟପ୍ରକାଶ ପଞ୍ଚାଶ ଟଙ୍କା ପିତାଙ୍କ ପାଖକୁ ପଠାଇଲା ଏବଂ ପତ୍ରର ଉତ୍ତର ଲେଖିଲା—"ଆପଣ ଯେ ମୋତେ ମନେ ପକାଇଛନ୍ତି, ଏହା ମୋର ବହୁ ଭାଗ୍ୟ । ଜ୍ଞାନୁର ବିବାହ ନିଶ୍ଚିତ୍ତ ହୋଇଗଲା, ଏଥିଲାଗି ମୁଁ ଶୁଭ ଇଚ୍ଛା ଜଣାଉଛି । ଏହି ଟଙ୍କାରେ ନବବଧୂଲାଗି କୌଣସି ଅଳଙ୍କାର ଗଢ଼ାଇଦେବେ । ବାକି ମୋ ବିବାହ କଥା । ମୁଁ ଆପଣା ଆଖିରେ ଯାହାସବୁ ଦେଖିଛି ଏବଂ ନିଜ ଅଙ୍ଗରେ ଯାହାସବୁ ନିଭାଇଛି, ସେ ସମସ୍ତ ପ୍ରତି ଧ୍ୟାନ ଦେଇ ଯଦି ମୁଁ କୁଟୁମ୍ବପାଶରେ ବାନ୍ଧିହୁଏଁ, ତେବେ ମୋଠାରୁ ବଳି ନିର୍ବୋଧ ଏ ସଂସାରରେ ଆଉ କେହି ନାହିଁ ।

ଆଶାକରେଁ, ଆପଣ ମୋତେ କ୍ଷମା କରିବେ । ବିବାହ କଥା ପଡ଼ିଲା କ୍ଷଣି ମୋ ହୃଦୟରେ ଆଘାତ ଲାଗୁଛି ।”

ଆଉ ଖଣ୍ଡିଏ ଚିଠି ଜ୍ଞାନପ୍ରକାଶ ପାଖକୁ ଲେଖିଲା—“ମାତା-ପିତାଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କର । ମୁଁ ଅପାଠୁଆ, ମୂର୍ଖ, ବୁଦ୍ଧିହୀନ ଲୋକ । ମୋର ବିବାହ କରିବାର କୌଣସି ଅଧିକାର ନାହିଁ । ମୁଁ ତୋର ବିବାହର ଶୁଭୋତ୍ସବରେ ଯୋଗ ଦେଇପାରିବି ନାହିଁ; ମାତ୍ର ମୋ ଲାଗି ଏହାଠାରୁ ବଳି ଆନନ୍ଦ ଓ ସନ୍ତୋଷର ବିଷୟ ଆଉ କିଛି ହୋଇ ନ ପାରେ ।”

( ୯ )

ଦେବପ୍ରକାଶ ଏ ଚିଠି ପଢ଼ିକରି ଅବାକ୍ ହୋଇ ରହିଗଲେ । ଆଉ ଆଗ୍ରହ କରିବାକୁ ସାହସ ହେଲାନାହିଁ । ଦେବପ୍ରିୟା ନାକ ଟେକି କରି କହିଲେ—ଏ ଟୋକା ଦେଖିବାକୁ ସିଧାସଳଖ; ମାତ୍ର ତା ହୃଦୟ ଭିତର ଜହରରେ ବୁଡ଼ିରହିଛି ! ଶହେ କୋଶ ପୃଥିବୀରେ ବସିରହି କପଟ ବର୍ଚ୍ଛା ହାଣୁଛି !

କିନ୍ତୁ ଜ୍ଞାନପ୍ରକାଶ ଏ ଚିଠି ପଢ଼ି ତା ମର୍ମରେ ଆଘାତ ପାଇଲା । ବାପା ଏବଂ ମା’ଙ୍କ ଅନ୍ୟାୟ ହିଁ ଭାଇକୁ ଶୋଷଣ ବ୍ରତ ଧାରଣ କରିବାକୁ ବାଧ୍ୟ କରିଅଛି । ତାହା ହିଁ ତାକୁ ନିର୍ବାସିତ କରିଅଛି, ବୋଧହୁଏ ସଦାସର୍ବଦା ଲାଗି । କେଜାଣି କାହିଁକି ମା’ଙ୍କ ତାଙ୍କ ପ୍ରତି ଏତେ କ୍ରୋଧ, ଏତେ ବିତୃଷ୍ଣା ହେଲା । ମୋର ତ ମନେପଡ଼ୁଛି, କିଶୋରାବସ୍ଥାରୁ ସେ ବଡ଼ ଆଜ୍ଞାକାରୀ, ବିନୟୀ ଏବଂ ଗମ୍ଭୀର ଥିଲେ । ମା କଥା ଉପରେ ସେ କେବେ ଜବାବ ଦେବାର ମୁଁ ଶୁଣିନାହିଁ । ମୁଁ ଆଗୁ ଆଗୁ ଜିନିଷ ଖାଉଥିଲି,

ତାଙ୍କ ମନରେ ଦେଖି କଷ୍ଟ ହେଉଥିବ; ମାତ୍ର ସେ କେବେହେଲେ ଟିକଏ ଅଭିମାନ କରିନାହାନ୍ତି । ଏପରି ଦଶାରେ ତାଙ୍କର ଯଦି ଗାର୍ହସ୍ଥ୍ୟ ଜୀବନ ପ୍ରତି ଘୃଣା ହୋଇଯାଇଛି, ସେଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ମୁଁ ବା କାହିଁକି ଏ ବିପତ୍ତିରେ ପଡ଼ିବି । କିଏ ଜାଣେ ମୋତେ ବି ଏହିପରି ପରିସ୍ଥିତିର ସମ୍ମୁଖୀନ ହେବାକୁ ନ ପଡ଼ିବ ? ଭାଇ ବହୁତ ଭାବିଚିନ୍ତି ଏ ଧାରଣା କରିଛନ୍ତି ।

ସନ୍ଧ୍ୟା ସମୟରେ ଯେତେବେଳେ ତାର ମାତାପିତା ବସି ସେହି ସମସ୍ୟା ବିଷୟରେ ବିଚାର କରୁଥିଲେ, ଜ୍ଞାନପ୍ରକାଶ ଆସି କହିଲା— "ମୁଁ କାଲି ଭାଇଙ୍କ ସାଥିରେ ଦେଖା କରିବାକୁ ଯିବି ।"

ଦେବପ୍ରିୟା—କ'ଣ କଲିକତା ଯିବୁ ?

ଜ୍ଞାନ—ଆଜ୍ଞା, ହଁ ।

ଦେବ—ତାକୁଇ ବା କାହିଁକି ନ ଡକାଉଛୁ ?

ଜ୍ଞାନ—ତାଙ୍କୁ କେଉଁ ମୁହଁରେ ଡକାଇବି ? ଆପଣମାନେ ତ ପିଲାଦିନୁ ମୋ ମୁହଁରେ କାଳୀ ଲଗାଇ ଦେଇଛନ୍ତି । ଏପରି ଦେବପୁରୁଷ ଆପଣମାନଙ୍କ ଯୋଗୁଁ ବିଦେଶରେ ଯାଇ କଷ୍ଟ ସହୁଛନ୍ତି, ଆଉ ମୁଁ ଏତେ ନିର୍ଲଜ୍ଜ ହୋଇଯିବି ଯେ—

ଦେବପ୍ରିୟା—ଆଚ୍ଛା, ଚୁପ ରହ, ବିବାହ ନ କରିବୁ ତ ନ କର । କଟା ଘାରେ ଲୁଣ ମାଡ଼ ନା । ମାତା ପିତାର ଧର୍ମ, ସେଥିଲାଗି କହୁଛୁ । ନ ହେଲେ ମୋର ଟିକଏ ହେଲେ ପରୁଆ ନାହିଁ । ତୁ ଇଚ୍ଛା ହେଲେ ବିଭା କର, ନ ହେଲେ ବାଡ଼ୁଅ ରହ; ମାତ୍ର ମୋ ଆଖି ଆଗରୁ ଦୂର ହୋଇଯା ।

ଜ୍ଞାନ— କ'ଣ ମୋ ମୁହଁ ଦେଖିଲେ ଘୃଣା ହେଉଛ ?

ଦେବପ୍ରିୟା—ତୁ ଯେବେ ମୋ କଥାରେ ନାହୁଁ, ତେବେ ତୋର ଯେଉଁଠି ଇଚ୍ଛା ସେଠି ଯାଇ ରହ । ମୁଁ ବୁଝିବି ଯେ ଭଗବାନ୍ ମୋତେ ପୁଅ ଦେଇ ନାହାନ୍ତି ।

ଦେବପ୍ରକାଶ—କାହିଁକି ବୃଥାରେ ଏପରି କଟୁ କଥା କହୁଛ ?

ଜ୍ଞାନ—ଯେବେ ଆପଣମାନଙ୍କର ସେୟା ଇଚ୍ଛା, ତେବେ ତାହା ହିଁ ହେବ ।

ଦେବପ୍ରକାଶ ଦେଖିଲେ, କଥା ବଢ଼ି ବଢ଼ି ଯାଉଛି । ସେ ଜ୍ଞାନପ୍ରକାଶକୁ ସେଠାରୁ ଚାଲିଯିବାକୁ ଇସାରା ଦେଲେ, ଆଉ ପତ୍ନୀର କ୍ରୋଧ ଶାନ୍ତ କରିବାକୁ ଚେଷ୍ଟା କଲେ; ମାତ୍ର ଦେବପ୍ରିୟା କଲିକଲି ହୋଇ କାନ୍ଦିବାକୁ ଲାଗିଥିଲା । ବାର ବାର କହୁଥିଲା—"ମୁଁ ଏହାର ମୁହଁ ଚାହିଁବି ନାହିଁ ।" ଶେଷରେ ଦେବପ୍ରକାଶ ଚିଡ଼ିକରି କହିଲେ—ତୁମେ ହିଁ ତ କଟୁକଥା କହି ତାକୁ ଉତ୍ତେଜିତ କରିଦେଲ ।

ଦେବପ୍ରିୟା—ଯେ ଏଠାରୁ ସାତ ସମୁଦ୍ର ପାରରେ ବସି ରହି ମୋତେ ମାଟିରେ ମିଶାଇଦେବାକୁ ଉଦ୍‌ଯୋଗ କରି ଲାଗିଛି, ସେଇ ଚଣ୍ଡାଳ ଏସବୁ ବାଣ ବୁଣିଛି । ମୋ ପୁଅକୁ ମୋଠାରୁ ଛଡ଼ାଇ ନେବା ଲାଗି ସେ ଏ ପ୍ରେମର ଫାନ୍ଦ ରଚିଛି । ମୁଁ ତାକୁ ହାଡ଼େ ହାଡ଼େ ଚିହ୍ନିଛି । ତାର ଏ ମନ୍ତ୍ର ମୋ ପ୍ରାଣ ନେଇକରି ଛାଡ଼ିବ । ନ ହେଲେ ମୋ ଜ୍ଞାନ୍ । ଯେ କେବେ ମୋ କଥାର ଜବାବ ଦେଇନାହିଁ, ଏପରି ମୋତେ ଜଳାନ୍ତା ।

ଦେବପ୍ରକାଶ—ଆରେ, ସେ କ'ଣ ସତରେ ବିବାହ କରିବ ନାହିଁ । ଏହି କଥି ରାଗରେ ଏଣୁ ତେଣୁ ଗୁଡ଼ାଏ ବକିଗଲା । ଟିକିଏ ଶାନ୍ତ ହୋଇଯିବ ତ ମୁଁ ବୁଝାଇ କରି ରାଜି କରାଇଦେବି ।

ଦେବପ୍ରିୟା—ମୋ ହାତରୁ ଖସିଗଲା ।

ଦେବପ୍ରିୟାର ଆଶଙ୍କା ସତ୍ୟ ହେଲା । ଦେବପ୍ରକାଶ ପୁଅକୁ ବହୁତ ବୁଝାଇଲେ । କହିଲେ—"ତୋର ମା ଏ ଶୋକରେ ମରିଯିବ; କିନ୍ତୁ କିଛି ପ୍ରଭାବ ହେଲା ନାହିଁ । ସେ ଥରେ ନାହିଁ କରି ଆଉ ହଁ କଲା ନାହିଁ । ଶେଷରେ ପିତା ବି ନିରାଶ ହୋଇ ବସିଗଲେ ।

ତିନି ବର୍ଷ ଯାଏ ପ୍ରତି ବର୍ଷ ବିବାହ ଲଗ୍ନବେଳେ ଏହି ପ୍ରଶ୍ନ ଉଠୁଥିଲା; ମାତ୍ର ଜ୍ଞାନପ୍ରକାଶ ଆପଣା ପ୍ରତିଜ୍ଞାରେ ଅଟଳ ରହିଲା । ମା'ର କନ୍ଦାକଟା ନିଷ୍ଫଳ ହେଲା । ହଁ, ସେ ମା'ର ଗୋଟିଏ କଥା ମାନିଲା—ସେ ଭାଇ ସାଙ୍ଗରେ ଦେଖା କରିବାକୁ କଲିକତା ଗଲା ନାହିଁ ।

ତିନି ବର୍ଷ ଭିତରେ ଘରେ ବଡ଼ ପରିବର୍ତ୍ତନ ହୋଇଗଲା । ଦେବପ୍ରିୟାର ତିନୋଟିଯାକ କନ୍ୟାଙ୍କର ବିବାହ ହୋଇଗଲା । ଏବେ ଘରେ ତାଙ୍କ ସିବା ଆଉ କୌଣସି ସ୍ତ୍ରୀଲୋକ ନ ଥିଲେ । ଖାଲି ଘର ତାଙ୍କୁ ଖାଇ ଗୋଡ଼ାଉଥିଲା । ସେ ଯେତେବେଳେ ନୈରାଶ୍ୟ ଆଉ କ୍ରୋଧରେ ବ୍ୟାକୁଳ ହୋଇଯାନ୍ତି, ସେତେବେଳେ ସତ୍ୟପ୍ରକାଶକୁ ଖୁବ୍ ମନ ପୂରାଇ ଶୋଧନ୍ତି; ମାତ୍ର

ଦୁଇ ଭାଇ ମଧ୍ୟରେ ସ୍ନେହପୂର୍ଣ୍ଣ ବ୍ୟବହାର ବରାବର ଚାଲିଥିଲା ।

ଦେବପ୍ରକାଶଙ୍କ ସ୍ୱଭାବରେ ଏକ ବିଚିତ୍ର ଉଦାସୀନତା ପ୍ରକଟ ହେବାକୁ ଲାଗିଲା । ସେ ପେନ୍‌ସନ୍ ନେଇ ସାରିଥିଲେ । ପ୍ରାୟ ସବୁବେଳେ ଧର୍ମଗ୍ରନ୍ଥ ଅଧ୍ୟୟନ କରୁଥିଲେ । ଜ୍ଞାନପ୍ରକାଶ ମଧ୍ୟ ଆଚାର୍ଯ୍ୟ ଉପାଧି ପାଇ ସାରିଥିଲା ଏବଂ ଗୋଟିଏ ବିଦ୍ୟାଳୟରେ ଅଧ୍ୟାପକ ହୋଇଯାଇଥିଲା । ଦେବପ୍ରିୟା ଏବେ ସଂସାରରେ ଏକୁଟିଆ ହୋଇ ପଡ଼ିଥିଲେ ।

ଦେବପ୍ରିୟା ଆପଣା ପୁଅକୁ ଗୃହସଂସାର ଆଡ଼କୁ ଟାଣିବାକୁ ନିତି ନିତି ଉଦ୍ୟମ କରି ଲାଗିଥାନ୍ତି । ବିରାଦରୀ ଭିତରେ କେଉଁ କନ୍ୟା ସୁନ୍ଦରୀ, ଗୁଣବତୀ, ସୁଶିକ୍ଷିତା— ତାର ବଖାନ କରୁଥାନ୍ତି; ମାତ୍ର ଜ୍ଞାନପ୍ରକାଶକୁ ଏସବୁ କଥା ଶୁଣିବାକୁ ବି ଫୁରୁସତ୍ ନ ଥିଲା ।

ମହଲ୍ଲାର ଅନ୍ୟ ଘରମାନଙ୍କରେ ବିବାହ ନିତି ହୋଇ ଲାଗିଥିଲା । ବୋହୂମାନେ ଆସୁଥିଲେ । ସେମାନଙ୍କ କୋଳରେ ପିଲା ଖେଳିବାକୁ ଲାଗୁଥିଲେ । ଘର ସ୍ୱର୍ଗ ହୋଇଯାଉଥିଲା । କାହା ଘରେ ବିଦାୟି ହେଉଥିଲା, କାହା ଘରକୁ ବିଦେଇ ଆସୁଥିଲା, କେଉଁଠି ଗାଉଣା ବାଜଣା ଲାଗିଥିଲା—ଏ ଗହଳ ଚହଳ ଦେଖି ଦେବପ୍ରିୟାର ମନ ଚଞ୍ଚଳ ହୋଇ ଯାଉଥିଲା । ତାକୁ ଜଣାପଡ଼ୁଥିଲା, ମୁହିଁ ସବୁଠାରୁ ସଂସାରରେ ଅଭାଗିନୀ । ମୋ ଭାଗ୍ୟରେ ଏ ସୁଖ ଭୋଗିବା ଲେଖା ନାହିଁ । ଭଗବାନ, ଏପରି କ'ଣ କେବେ ଦିନ ଆସିବ, ମୁଁ ଆପଣା ବୋହୂର

ମୁଖଚନ୍ଦ୍ର ଦେଖିବ, ପିଲାଙ୍କୁ କୋଡ଼ରେ ଖେଳାଇବ ? ଏପରି ଦିନ କ'ଣ ହେବ, ମୋ ଘରେ ବି ଆନନ୍ଦ ଉତ୍ସବର ମଧୁର ତାନ ଉଠିବ ? ରାତି ଦିନ ଏହି କଥା ଭାବି ଭାବି ଦେବପ୍ରିୟାର ଦଶା ଉନ୍ମାଦିନୀ ପରି ହୋଇଗଲା । ମନକୁ ମନ ସତ୍ୟପ୍ରକାଶକୁ ଗାଳିଦେବାକୁ ଲାଗିଲା— ସେହି ମୋର ପ୍ରାଣର ଘାତକ । ତଲ୍ଲୀନତା ଉନ୍ମାଦର ପ୍ରଧାନ ଗୁଣ ଅଟେ । ତଲ୍ଲୀନତା ଅତ୍ୟନ୍ତ ରଚନାଶୀଳ ହୋଇଥାଏ । ତାହା ଆକାଶରେ ବିମାନ ଉଡ଼ାଇବାକୁ ଲାଗେ । ତିଅଣରେ ଲୁଣ ଟିକିଏ ବେଶି ହୋଇଗଲା ତ ତାକୁ କୌଣସି ଶତ୍ରୁ ବିଷ ଛିଞ୍ଚି ଦେଇଛି । ଦେବପ୍ରିୟାର ମନରେ କେବେ କେବେ ଡର ପଶି ଯାଉଥିଲା ଯେ ସତ୍ୟପ୍ରକାଶ ଘରକୁ ଆସିଯାଇଛି । ସେ ମୋତେ ମାରିବାକୁ ଚାହୁଁଛି; ଜ୍ଞାନପ୍ରକାଶକୁ ବିଷ ଖୁଆଇ ଦେଉଛି ।

ଦିନେ ସେ ସତ୍ୟପ୍ରକାଶ ନାମରେ ଖଣ୍ଡେ ପତ୍ର ଲେଖିଲା, ଆଉ ଯେତେ ଶୋଧି ପାରିଲା, ଶୋଧିଲା— ତୁ ମୋ ପ୍ରାଣର ବୈରୀ, ମୋ କୁଳର ଘାତକ, ତୁ ହତ୍ୟାକାରୀ, ତୋ ମାଟି ଉଠିବ ମୁଁ ଦେଖିବି । ତୁ ମୋ ପୁଅ ଉପରେ ବଶୀକରଣ ମନ୍ତ୍ର ଚଳାଇ-ଦେଇଛୁ । ପରଦିନ ପୁଣି ଏହିପରି ଆଉଗୋଟିଏ ଚିଠି ଲେଖିଲା । ଶେଷରେ ଏହା ଅଭ୍ୟାସରେ ପରିଣତ ହୋଇ ତାର ନିତ୍ୟକର୍ମ ହୋଇଗଲା । ସେ ଖଣ୍ଡିଏ ଚିଠିରେ ସତ୍ୟପ୍ରକାଶକୁ ବୁହେ ଗାଳି ନ ଦେଲେ ତା ମନରେ ଶାନ୍ତି ଆସେ ନାହିଁ । ସେ ଚିଠିକୁ ବେହେରାଣୀ ହାତରେ ଡାକଘରକୁ ପଠାଇ ଦେଉଥିଲା ।

( ୧୦ )

ଜ୍ଞାନପ୍ରକାଶର ଅଧ୍ୟାପକ ହେବା ସତ୍ୟପ୍ରକାଶ ପକ୍ଷରେ ଘାତକ ହୋଇଉଠିଲା । ପରଦେଶରେ ତା ମନରେ ଏହି ସନ୍ତୋଷ ହେଉଥିଲା କି ମୁଁ ସଂସାରରେ ନିରାଧାର ନୁହେଁ । ଏବେ ସେ ଅବଲମ୍ବ ଖସିଯିବାକୁ ଲାଗିଲା । ଜ୍ଞାନପ୍ରକାଶ ଜୋର ଦେଇକରି ଲେଖିଲା—ଏଣିକି ତୁମେ ମୋ ଲାଗି କୌଣସି କଷ୍ଟ କରିବ ନାହିଁ । ମୋତେ ଆପଣାର ଦରକାର ଅପେକ୍ଷା ବହୁତ ଅଧିକ ପଇସା ମିଳିବାକୁ ଲାଗିଲାଣି ।

ସତ୍ୟପ୍ରକାଶର ଦୋକାନଟି ବେଶ୍ ଚାଲୁଥିଲା; ମାତ୍ର କଲିକତା ପରି ସହରରେ ଗୋଟିଏ ଛୋଟିଆ ଦୋକାନଦାରର ଜୀବନ ସେତେ ସୁଖକର ହୁଏ ନାହିଁ । ମାସରେ ୬୦।୭୦ ଟଙ୍କା ରୋଜଗାର ବା କେତେ !

ଏପର୍ଯ୍ୟନ୍ତ ସେ ଯାହା କିଛି ବଞ୍ଚାଉଥିଲା, ତାହା ବାସ୍ତବିକ୍ ବଳକା ନୁହେଁ, ପ୍ରକୃତ ପକ୍ଷରେ ତାହା ତ୍ୟାଗ । ଗୋଟିଏ ବକ୍ତ ମୋଟା ସୋଟା ଖାଇ, ଗୋଟିଏ ମାଟି ଖପରଲ କୋଠରୀରେ ରହି କୋଡ଼ିଏ ପଚିଶ ଟଙ୍କା ବଞ୍ଚାଉଥିଲା । ଏଣିକି ଦୁଇ ବକ୍ତ ଖାଇବାକୁ ମିଳିଲା । ଲୁଗାପଟା ବି ଟିକିଏ ସଫାସୁତୁରା କରି ପିନ୍ଧିବାକୁ ଲାଗିଲା । ମାତ୍ର ଅଳ୍ପଦିନ ଭିତରେ ତା ଖର୍ଚ୍ଚ ଭିତରେ ଔଷଧ ବାବଦରେ ଖର୍ଚ୍ଚ ବଢ଼ିଗଲା । ପୁଣି ସେହି ପ୍ରଥମ ଅବସ୍ଥା ପରି ଦଶା ହୋଇଗଲା । ବର୍ଷେ ବର୍ଷ ଧରି ଶୁଦ୍ଧ ବାୟୁ, ଆଲୋକ ଏବଂ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହେଲେ ଅତି ଉତ୍କୃଷ୍ଟ ସ୍ୱାସ୍ଥ୍ୟ ମଧ୍ୟ ନଷ୍ଟ ହୋଇ ଯାଇଥାଏ । ସତ୍ୟପ୍ରକାଶକୁ ଅରୁଚି ଏବଂ

ଅଗ୍ନିମାନ୍ଦ୍ୟ ଆଦି ରୋଗ ଆସି ଧରିଲା । କେବେ କେବେ ଜର ବି ହୋଇଯାଉଥିଲା । ଯୁବାସ୍ଥାରେ ଆତ୍ମବିଶ୍ୱାସ ଥାଏ । କୌଣସି ଆଶ୍ରୟ ଅବଲମ୍ବନର ପରବାଏ ନ ଥାଏ । ବୟୋବୃଦ୍ଧି ସଙ୍ଗେ ଲୋକ ଅନ୍ୟର ମୁଖାପେକ୍ଷୀ ହୁଏ, କୌଣସି ଆଶ୍ରୟ ଖୋଜି-ବୁଲେ । ଆଗେ ସତ୍ୟପ୍ରକାଶ ଶୋଉଥିଲା ଯେ ଏକା କଡ଼କେ ସକାଳ ହୋଇ ଯାଉଥିଲା । କେବେ ବଜାରରୁ ପୁରି କିଣି ଖାଇ ଦେଉଥିଲା, କେବେ ମିଠାଇ ଗୋଟାଏ ଦୁଇଟାରେ କାମ ଚଳାଇ ଦେଉଥିଲା ।

ମାତ୍ର ଏବେ ରାତିରେ ଭଲ ରକମ ନିଦ ହେଉନାହିଁ । ବଜାର ଜିନିଷ ଖାଇବାକୁ ଘୃଣା ହେଉଛି । ରାତିକି ଘରକୁ ଆସିଲା ବେଳକୁ ଥକା ହୋଇ ଅବଶ ହୋଇପଡ଼ୁଛି । ସେତେବେଳେ ଚୁଲି ଜାଳି ଭୋଜନ ତିଆରି କରିବା ବଡ଼ ଅଡ଼ୁଆ ଲାଗେ । କେବେ କେବେ ସେ ଆପଣାର ଏକୁଟିଆ ଅବସ୍ଥା ଭାବି କାନ୍ଦି-ପକାଏ । ରାତିରେ ଯେତେବେଳେ କୌଣସି ପ୍ରକାରେ ନିଦ ନ ଆସେ, ସେତେବେଳେ ତାର ମନ କାହାରି ସହିତ କଥାବାର୍ତ୍ତା କରିବାକୁ ଲାଳାୟିତ ହୋଇଉଠେ; ମାତ୍ର ସେଠାରେ ନିଶାନ୍ଧକାର ବ୍ୟତୀତ ଆଉ କିଏ ଅଛି ? କାନ୍ଥମାନଙ୍କର କାନ ଥାଇପାରେ; ମାତ୍ର ମୁହଁ ନ ଥାଏ । ଏଣେ ପୁଣି ଜ୍ଞାନପ୍ରକାଶର ଚିଠି ଖୁବ୍ କମ୍ ଆସୁଥିବା ଏବଂ ତା ମଧ୍ୟ ରୁକ୍ଷ ଏବଂ ଶୁଷ୍କ । ସେଥିରେ ଏବେ ହୃଦୟର ସରଳ ଉଦ୍‌ଗାର ଲେଶମାତ୍ର ରହୁ ନ ଥିଲା । ସତ୍ୟପ୍ରକାଶ ଏବେ ମଧ୍ୟ ସେହିପରି ଭାବମୟ ପତ୍ର ଲେଖୁଥିଲା; ମାତ୍ର ଜଣେ ଅଧ୍ୟାପକ ପାଇଁ ଭାବୁକତା କାହୁଁ ଶୋଭା ପାଇବ ? ଆସ୍ତେ ଆସ୍ତେ ସତ୍ୟପ୍ରକାଶ ମନରେ ଭ୍ରମ ହେବାକୁ ଲାଗିଲା କି

ନଂ ..........
ତା ..........



ଜ୍ଞାନପ୍ରକାଶ ବି ମୋ ପ୍ରତି ନିଷ୍ଠୁରତା କରିବାକୁ ଲାଗିଲାଣି । ନ ହେଲେ କ'ଣ ମୋ ପାଖକୁ ଦୁଇ ଘଡ଼ି ଦିନ ପାଇଁ ଆସିବା ଅସମ୍ଭବ ହୋଇଥାନ୍ତା ? ମୋ ଲାଗି ତ ଘରର ଦ୍ୱାର ବନ୍ଦ; ମାତ୍ର ତା'ର କି ବାଧା ଅଛି ? ସେ ବରଂ କୁଆଡ଼ୁ ଜାଣିବ ଯେ ସେଠାରେ ଜ୍ଞାନପ୍ରକାଶ ମା ନିକଟରେ ଶପଥ କରିଛି ଯେ କଲିକତା ଯିବନାହିଁ । ଏହି ଭ୍ରମ ସତ୍ୟପ୍ରକାଶକୁ ଅଧିକ ହତାଶ କରି ପକାଇଲା ।

ସହରମାନଙ୍କରେ ମନୁଷ୍ୟ ବହୁତ ଥାନ୍ତି; ମାତ୍ର ମନୁଷ୍ୟତା ଅତି ବିରଳ । ସତ୍ୟପ୍ରକାଶ ସେହି ଜନଗହଳ ସ୍ଥାନରେ ମଧ୍ୟ ନିତାନ୍ତ ଏକୁଟିଆ ଥିଲା । ତା ମନରେ ଏବେ ଏକ ନୂଆ ଆଶା ଅଙ୍କୁରିତ ହେଲା । କାହିଁକି ଘରକୁ ଲେଉଟି ନ ଯିବ ? କୌଣସି ସଙ୍ଗୀର ପ୍ରେମର କାହିଁକି ଶରଣ ନ ନେବ ? ସେ ସୁଖ ଏବଂ ଶାନ୍ତି ଆଉ କେଉଁଠାରେ ମିଳିପାରିବ ? ମୋ ଜୀବନର ନିରାଶାନ୍ଧକାରକୁ ଆଉ କେଉଁ ଜ୍ୟୋତି ଆଲୋକିତ କରିପାରିବ ? ସେ ଏହି ମନର ଆବେଗକୁ ନିଜର ଇଚ୍ଛାଶକ୍ତିଦ୍ୱାରା ନିରୋଧ କରୁଥିଲା । ମାତ୍ର ଯେପରି କୌଣସି ବାଳକର ଘରେ ରଖା ହୋଇଥିବା ମିଠାଇ କଥା ମନେ ପଡ଼ି ବାରମ୍ବାର ଖେଳରୁ ତାକୁ ଟାଣିଆଣେ, ସେହିପରି ତାର ଚିତ୍ତ ମଧ୍ୟ ବାର ବାର ସେହି ମଧୁର ଚିନ୍ତାରେ ମଗ୍ନ ହୋଇଯାଉଥିଲା । ସେ ଭାବୁଥିଲା—ମୋତେ ବିଧାତା ସବୁ ସୁଖରୁ ବଞ୍ଚିତ କରି ଦେଇଛନ୍ତି । ନ ହେଲେ ମୋର ଦଶା କାହିଁକି ଏପରି ମ୍ଳାନ ହୋଇଥାନ୍ତା ? ମୋତେ ଈଶ୍ୱର କ'ଣ ବୁଦ୍ଧି ଦେଇ ନ ଥିଲେ ? ମୁଁ କ'ଣ କେବେ ପରିଶ୍ରମ କରିବାକୁ ଶ୍ରୀରପଟିଆ ହେଉଥିଲି ? ବାଲ୍ୟାବସ୍ଥାରେ ମୁଁ ଯେବେ ମୋ

ଉତ୍ସାହ ଏବଂ ଅଭିରୁଚି ଉପରେ ତୁଷାରପାତ ହୋଇ ନ ଯାଇଥାନ୍ତା, ମୋ ବୁଦ୍ଧିଶକ୍ତିର ଯଦି ଗୋଟି ଚିପି ନ ଦିଆ ହୋଇଥାନ୍ତା, ତେବେ ମୁଁ ବି ଆଜି ଗୋଟିଏ ମନୁଷ୍ୟ ହୋଇଥାନ୍ତି । ପେଟ ପୋଷିବା ଲାଗି ଏ ବିଦେଶରେ ମୁଁ ପଡ଼ି ରହି ନ ଥାନ୍ତି । ନାଁ, ମୁଁ ଆପଣା ଉପରେ ଆଉ ଅତ୍ୟାଚାର କରିବି ନାହିଁ ।

ମାସ ମାସ ଧରି ସତ୍ୟପ୍ରକାଶର ମନ ଏବଂ ବୁଦ୍ଧି ମଧ୍ୟରେ ଏହି ସଂଘର୍ଷ ହୋଇ ଲାଗିଥିଲା । ଦିନେ ସେ ଦୋକାନରୁ ଆସି ଚୁଲି ଜାଳିବାକୁ ଯାଉଥିଲା । ଏପରି ସମୟରେ ଡାକବାଲା ଆସି ଡାକିଲା । ଜ୍ଞାନପ୍ରକାଶ ଛଡ଼ା ତା ପାଖକୁ ଆଉ କାହାରି ଚିଠି ପତ୍ର ଆସୁ ନ ଥିଲା । ଆଜି ତାର ଚିଠି ଆସିଯାଇଥିଲା । ପୁଣି ଏ ପତ୍ର କାହାର ? ତା ମନରେ ନାନା ଅନିଷ୍ଟର ଆଶଙ୍କା ହେଲା । ପତ୍ର ନେଇ ପଢ଼ିବାକୁ ଲାଗିଲା । କ୍ଷଣକ ମଧ୍ୟରେ ପତ୍ର ତା ହାତରୁ ଖସି ତଳେ ପଡ଼ିଗଲା, ସେ ମୁଣ୍ଡ ଧରି ବସିଗଲା । ଏହା ଦେବପ୍ରିୟାଙ୍କ ବିଷଯୁକ୍ତ ଲେଖନୀରୁ ନିର୍ଗତ ହୋଇଥିବା ବିଷର ତୀର ଥିଲା । ତାହା ମୁହୂର୍ତ୍ତକ ମଧ୍ୟରେ ତାକୁ ସଂଜ୍ଞାହୀନ କରିପକାଇଲା । ତାର ସମସ୍ତ ମର୍ମାନ୍ତିକ ବ୍ୟଥା, କ୍ରୋଧ, ନୈରାଶ୍ୟ, କୃତଘ୍ନତା, ଗ୍ଲାନି କେବଳ ଗୋଟିଏମାତ୍ର ଥଣ୍ଡା ଦୀର୍ଘନିଶ୍ୱାସରେ ସମାପ୍ତ ହୋଇଗଲା ।

ସେ ଯାଇ ଖଟିଆ ଉପରେ ଶୋଇପଡ଼ିଲା । ମାନସିକ ବ୍ୟଥା ଆପଣାଛାଏଁ ପାଣି ହୋଇଗଲା । ହଁ, ସାରା ଜୀବନ ନଷ୍ଟ ହୋଇଗଲା । ମୁଁ ସତ୍ୟପ୍ରକାଶର ଶତ୍ରୁ ? ମୁଁ ଏତେ ଦିନ ହେଲା କେବଳ ତାର ଜୀବନକୁ ମାଟିରେ ମିଶାଇବା ପାଇଁ ଏ ପ୍ରେମର ସୁଆଙ୍ଗ ରଚି ଆସିଅଛି ? ହେ ଭଗବାନ୍ ! ତୁମ୍ଭେ ଏହାର ସାକ୍ଷୀ ଅଛ ।

ତୃତୀୟ ଦିନ ପୁଣି ଦେବପ୍ରିୟାର ପତ୍ର ଆସି ପହଞ୍ଚିଲା । ସତ୍ୟପ୍ରକାଶ ତାକୁ ନେଇ ଚିରି ପକାଇଲା । ପଢ଼ିବାକୁ ଦମ୍ଭ ହେଲା ନାହିଁ । ଆଉ ଦିନକ ବାଦ୍ ତୃତୀୟ ପତ୍ର ଆସି ପହଞ୍ଚିଲା । ତାହାର ବି ସେହି ଅନ୍ତ ହେଲା । ଏହା ହିଁ ତାହାର ନିତ୍ୟକର୍ମ ହୋଇଉଠିଲା । ଚିଠି ଆସୁଥାଏ ଏବଂ ଚିରା ଦିଆ ହେଉଥାଏ । କିନ୍ତୁ ଚିଠି ନ ପଢ଼ାହେଲେ ମଧ୍ୟ ଦେବପ୍ରିୟାର ଅଭିପ୍ରାୟ ସ୍ପଷ୍ଟ ହୋଇ ଯାଉଥିଲା—ସତ୍ୟପ୍ରକାଶର ମର୍ମସ୍ଥାନରେ ଗୋଟିଏ ଗୋଟିଏ ଚୋଟ ବସୁଥିଲା । ଏକ ମାସ ପର୍ଯ୍ୟନ୍ତ ଭୀଷଣ ହାର୍ଦ୍ଦିକ ବେଦନା ବାଦ୍ ସତ୍ୟପ୍ରକାଶର ନିଜ ଜୀବନ ପ୍ରତି ଘୃଣା ହୋଇଗଲା । ସେ ଦୋକାନ ବନ୍ଦ କରିଦେଲା, ବାହାରକୁ ଯିବାଆସିବା ଛାଡ଼ିଦେଲା । ସାରାଦିନ ଖଟ ଉପରେ ପଡ଼ି ରହିଥାଏ । ସେଦିନ ତାର ମନେ ପଡ଼ଯାଏ, ଯେତେବେଳେ ମା କୁଣ୍ଢାଇ ନେଇ କୋଳରେ ବସାଇ ଦେଉଥିଲେ, ଆଉ କହୁଥିଲେ—ବାପ ! ପିତା ସନ୍ଧ୍ୟା ସମୟରେ କଚେରୀରୁ ଆସି କୋଳରେ ବସାଇ କହନ୍ତି—ବାବୁ ! ମାତାଙ୍କର ସଜୀବମୂର୍ତ୍ତି ତା ସମ୍ମୁଖରେ ଆସି ଛିଡ଼ା ହୋଇଯାଉଥିଲା । ଠିକ ସେହି ଗଙ୍ଗାସ୍ନାନକୁ ଯିବାର ମୂର୍ତ୍ତି, ତାଙ୍କର ପ୍ରେମପୂର୍ଣ୍ଣ କଥା ତା କାନରେ ପ୍ରତିଧ୍ୱନିତ ହୋଇ ଉଠୁଥିଲା । ପୁଣି ସେ ଦୃଶ୍ୟ ତା ଆଖି ଆଗରେ ନାଚି ଯାଉଥିଲା, ଯେତେବେଳେ ସେ ନବବଧୂ ମାତାଙ୍କୁ ମା କହି ଡାକିଥିଲା, ସେତେବେଳେ ତାହାର କଠୋର ଶବ୍ଦ ମନେ ପଡ଼ି ଯାଉଥିଲା । ତାର କ୍ରୋଧଭରା ବିକଟାଳ ନେତ୍ର ଆଖି ଆଗରେ ନାଚି ଯାଉଥିଲା । ସେତେବେଳେ ସେ କିପରି କଇଁ କଇଁ ହୋଇ କାନ୍ଦି ପକାଇଥିଲା, ତାହା ମନେ ପଡ଼ି ଯାଉଥିଲା । ପୁଣି ସୂତିକାଘରର ଦୃଶ୍ୟ ଆଖି ଆଗକୁ ଆସୁଥିଲା ।

ସେ କେତେ ପ୍ରେମରେ ପିଲାଟିକୁ କୋଳରେ ଧରିବାକୁ ଚାହିଁଥିଲା । ସେତେବେଳେ ମା'ର ବଜ୍ର ପରି କଠୋର ଶବ୍ଦ କାନଭିତରେ ବାଜିଉଠୁଥିଲା । ହାୟ ! ସେହି ବଜ୍ର ହିଁ ମୋର ସର୍ବନାଶ କରିଦେଇଛି । ଏହିପରି କେତେ କେତେ ଘଟଣା ତା ମନେ ପଡ଼ିଯାଉଥିଲା । ବିନା କୌଣସି ଅପରାଧରେ ମା'ଙ୍କର ଧମକ, ପିତାଙ୍କର ନିର୍ଦ୍ଦୟ ନିଷ୍ଠୁର ବ୍ୟବହାର ମନେ ପଡ଼ି ଯାଉଥିଲା । କଥାକଥାକେ ତାଙ୍କର କ୍ରୋଧ, ମାଆଙ୍କ ମିଥ୍ୟାପବାଦରେ ତାଙ୍କର ବିଶ୍ୱାସ କରିବା—ହାୟ ! ମୋର ସାରା ଜୀବନ ନଷ୍ଟ ହୋଇଗଲା । ସେତେବେଳେ ସେ କଡ଼ ଲେଉଟାଉଥିଲା । ପୁଣି ସେହି ଦୃଶ୍ୟ ଆଖି ଆଗରେ ନାଚିବାକୁ ଲାଗୁଥିଲା । ପୁଣି ସେ କଡ଼ ଲେଉଟାଉଥିଲା ଏବଂ ଚିତ୍କାର କରି ଉଠୁଥିଲା—"ଏହି ଜୀବନର କାହିଁକି ଅନ୍ତ ହୋଇ ନ ଯାଉଛି !"

ଏହିପରି ପଡ଼ି ପଡ଼ି ତାରୁ କେତେ ଦିନ ବିତିଗଲା । ସନ୍ଧ୍ୟା ହୋଇଯାଇଥିଲା । ହଠାତ୍ ଦୁଆରମୁହଁରେ କାହାର ଡାକିବାର ଶବ୍ଦ ଶୁଭିଗଲା । ସେ କାନ ଡେରି ଶୁଣିଲା, ଆଉ ଚମକି ପଡ଼ିଲା—କୌଣସି ପରିଚିତ ଧ୍ୱନି । ଦୌଡ଼ି କରି ଦୁଆରମୁହଁକୁ ଆସି ଦେଖିଲା, ଜ୍ଞାନପ୍ରକାଶ ଠିଆହୋଇଛି । କେଡ଼େ ସୁନ୍ଦର ରୂପବାନ ପୁରୁଷ ! ସେ ତାର ବେକ ଧରି ଝୁଲିପଡ଼ିଲା । ଜ୍ଞାନପ୍ରକାଶ ତାର ପାଦ ଛୁଇଁଲା । ଦୁଇ ଭାଇ ଘର ଭିତରକୁ ଆସିଲେ । ଚାରିଆଡ଼େ ଅନ୍ଧକାର ଘୋଟି ରହିଥିଲା । ଜ୍ଞାନପ୍ରକାଶ ଏପର୍ଯ୍ୟନ୍ତ ନିଜର କଣ୍ଠର ଆବେଗ ରୋକି ରଖିଥିଲା । ମାତ୍ର ଘରର ଏ ଦଶା ଦେଖି କାନ୍ଦି ପକାଇଲା । ସତ୍ୟପ୍ରକାଶ ଲଣ୍ଠନ ଲଗାଇଲା । ସେ ଘର କ'ଣ, ଗୋଟିଏ ଭୂତଖାନା । ସତ୍ୟପ୍ରକାଶ

ତରତର ହୋଇ ଖଣ୍ଡିଏ କୁରୁଚା ଗଳାରେ ଗଳାଇ ପକାଇଲା ।
ଜ୍ଞାନପ୍ରକାଶ ଭାଇର ଜର୍ଜର ଶରୀର, ଫିକା ମୁହଁ ଏବଂ ମୁଦା ଆଖି ଦେଖି କାନ୍ଦିବାକୁ ଲାଗିଲା ।

ସତ୍ୟପ୍ରକାଶ କହିଲା—ମୁଁ ଆଜି କାଲି ବେମାର ଅଛି ।

ଜ୍ଞାନପ୍ରକାଶ—ତା ତ ଦେଖୁଛି ।

ସତ୍ୟପ୍ରକାଶ—ତୁ ନିଜେ ଆସିବାର ସୂଚନା ବି ଦେଲୁ ନାହିଁ । ଘରର ଠିକଣା କିପରି ପାଇଲୁ ?

ଜ୍ଞାନପ୍ରକାଶ—ସୂଚନା ତ ଦେଇଥିଲି ! ସେ ପତ୍ର ବୋଧହୁଏ ତୁମକୁ ମିଳିନାହିଁ ।

ସତ୍ୟପ୍ରକାଶ—ଆଚ୍ଛା, ହଁ ଦେଇଥିବୁ । ଚିଠି ଦୋକାନରେ ପଡ଼ିରହିଥିବ । ମୁଁ ଏବେ କେତେ ଦିନ ହେଲା ଦୋକାନକୁ ଯାଇନାହିଁ । ଘରେ ସବୁ କୁଶଳ ତ ?

ଜ୍ଞାନପ୍ରକାଶ—ମାତାଜୀଙ୍କର ଦେହାନ୍ତ ହୋଇଯାଇଛି ।

ସତ୍ୟପ୍ରକାଶ—ଆରେ ! କ'ଣ ବେମାର ଥିଲେ ?

ଜ୍ଞାନ—ନାହିଁ, ଜଣା ନାହିଁ, କ'ଣ ଖାଇଦେଲେ । ତାଙ୍କର ଉନ୍ମାଦ ପରି ଅବସ୍ଥା ହୋଇଯାଇଥିଲା । ପିତାଜୀ କିଛି କଟୁକଥା କହି ଦେଇଥିଲେ । ବୋଧହୁଏ, ସେଥିଲାଗି କିଛି ଖାଇ ପକାଇଲେ ।

ସତ୍ୟ—ପିତାଜୀ କୁଶଳରେ ଅଛନ୍ତି ତ ?

ଜ୍ଞାନ—ହଁ, ଏପର୍ଯ୍ୟନ୍ତ ମରି ନାହାନ୍ତି ।

ସତ୍ୟ—ଆରେ! କ'ଣ ଭାରି ବେମାର ଅଛନ୍ତି ?

ଜ୍ଞାନ—ମା ବିଷ ଖାଇଦେଲେ, ସେତେବେଳେ ସେ ତାଙ୍କ ମୁହଁ ମେଲା କରି ଔଷଧ ପିଆଉଥିଲେ । ମା ଜୋରରେ ତାଙ୍କର ଦୁଇଟା ଆଙ୍ଗୁଠି କାମୁଡ଼ି ପକାଇଲେ । ସେଇ ବିଷ ତାଙ୍କ

ଦେହରେ ଚରିଗଲା । ସେହିଦିନଠାରୁ ସମଗ୍ର ଶରୀର ଫୁଲି-ଯାଇଛି । ହାସପାତାଳରେ ପଡ଼ିରହିଛନ୍ତି । କାହାରିକୁ ଦେଖିଲେ କାମୁଡ଼ି ଗୋଡ଼ାଉଛନ୍ତି । ବଞ୍ଚିବାର ଆଶା ନାହିଁ ।

ସତ୍ୟ—ତେବେ ତ ଘର ସତ୍ୟାନାଶ ହୋଇଗଲା

ଜ୍ଞାନ—ଏପରି ଘରର ଏହାଠାରୁ ବହୁତ ଆଗରୁ ସତ୍ୟାନାଶ ହୋଇଯିବାର ଉଚିତ ଥିଲା ।

ତୃତୀୟ ଦିନ ଦୁଇ ଭାଇ ସକାଳରୁ କଲିକତାରୁ ବିଦାୟ ହୋଇ ଚାଲିଗଲେ ।

---

# କୌଶଳ

## ( ୧ )

ପଣ୍ଡିତ ବାଳକରାମ ଶାସ୍ତ୍ରୀଙ୍କ ଧର୍ମପତ୍ନୀ ମାୟାଙ୍କର ବହୁତ ଦିନରୁ ଗୋଟିଏ ହାର ପିନ୍ଧିବାର ଲାଳସା ଥିଲା ଏବଂ ସେ ପ୍ରାୟ ଶହେ ଥର ପଣ୍ଡିତଜୀଙ୍କୁ ସେ ବିଷୟରେ ଆଗ୍ରହ ପ୍ରକାଶ କରି ସାରିଥିଲେ; କିନ୍ତୁ ପଣ୍ଡିତଜୀ ଗଡ଼ିମସିଲ କରି ଲାଗିଥିଲେ । ସେ ଅବଶ୍ୟ ସାଫ୍‌ସାଫ୍ କହି ଦେଉ ନ ଥିଲେ ଯେ ମୋ ପାଖରେ ଟଙ୍କା ନାହିଁ; କାରଣ ଇଦ୍ୱାରା ତାଙ୍କ ଶକ୍ତିସାମର୍ଥ୍ୟର ଅଭାବ ପ୍ରକାଶ ପାଇଯାନ୍ତା । ସେ ନାନା ଯୁକ୍ତିତର୍କର ଆଶ୍ରୟ ନେଉଥିଲେ । ଗହଣାରେ କିଛି ଲାଭ ନାହିଁ, ଆଜିକାଲି ଭଲ ସୁନାରୁପା ମିଳୁ ନାହିଁ, ତା ସାଙ୍ଗକୁ ପୁଣି ବଣିଆମାନେ ଟଙ୍କାକୁ ଆଠଅଣା କରିଦିଅନ୍ତି, ପୁଣି ସବୁଠାରୁ ବଡ଼ କଥା ହେଉଛି କି

ଘରେ ଗହଣା ରଖିବା ଅର୍ଥ ଚୋରଙ୍କୁ ନିମନ୍ତ୍ରଣ ଦେବା । ଘଡ଼ିକ ପାଇଁ ବେଶବିନ୍ୟାସ ଲାଗି ଏତେ ବିପତ୍ତି ମୁଣ୍ଡରେ ଲଦି ଦେବା, ମୂର୍ଖ ଲୋକର କାମ । ବିଚରା ମା'ସ୍ତା ତର୍କଶାସ୍ତ୍ର ପଢ଼ି ନ ଥିଲା । ଏସବୁ ଯୁକ୍ତି ଆଗରେ ସେ ନିରୁତ୍ତର ହୋଇଯାଉଥିଲା । ପଡ଼ୋଶୀମାନଙ୍କୁ ଦେଖି ତା ମନରେ ବଡ଼ ଲାଳସା ଜାତ ହେଉଥିଲା; ମାତ୍ର ଏ ଦୁଃଖ କଥା କାହା ଆଗେ କହିବ ? ପଣ୍ଡିତଜୀ ଯଦି ଅଧିକ ପରିଶ୍ରମ କରିବାକୁ ସକ୍ଷମ ହୁଅନ୍ତେ, ତେବେ ଏ ଅଭାବ ସହଜରେ ମେଣ୍ଟିଯାଆନ୍ତା; ମାତ୍ର ସେ ଅଳସୁଆ ପ୍ରକୃତିର ଲୋକ ଥିଲେ, ଅଧିକାଂଶ ସମୟ ଭୋଜନ ଆଉ ବିଶ୍ରାମରେ ବିତାଇ ଦେଉଥିଲେ । ପତ୍ନୀଙ୍କ କଟୂକ୍ତି ଶୁଣିବା ବରଂ ମଞ୍ଜୁର ଥିଲା; କିନ୍ତୁ ନିଦ୍ରାର ମାତ୍ରାରେ କମତି କରିପାରୁ ନ ଥିଲେ ।

ଦିନେ ପଣ୍ଡିତଜୀ ପାଠଶାଳାରୁ ଆସିଲେ ତ ଦେଖିଲେ ମାସ୍ତାଙ୍କ ଗଳାରେ ଗୋଟିଏ ସୁନାର ହାର ଝିଲ୍‌ମିଲ୍ କରୁଛି । ହାରର ଝାପ୍ସିରେ ତାଙ୍କ ମୁଖଜ୍ୟୋତି ଚମକି ଉଠୁଛି । ସେ ତାଙ୍କୁ କେବେ ଏତେ ସୁନ୍ଦରୀ ବୋଲି ବିଚାରି ନ ଥିଲେ । ପଚାରିଲେ—ଏ ହାର କାହାର ?

ମାସ୍ତା କହିଲା—ଚଉଶାଘରେ ଯେଉଁ ବାବୁସାହେବ ରହୁଛନ୍ତି ତାଙ୍କର ସ୍ତ୍ରୀଙ୍କର । ଆଜି ତାଙ୍କ ସଙ୍ଗେ ଦେଖା କରିବାକୁ ଯାଇଥିଲି, ଏ ହାରଟି ଦେଖିଲି, ଭାରି ପସନ୍ଦ ହେଲା, ତୁମକୁ ଦେଖାଇବା ପାଇଁ ପିନ୍ଧିକରି ଚାଲି ଆସିଲି । ବେଶ୍, ଏହିପରି ଗୋଟିଏ ହାର ମୋ ପାଇଁ ତିଆରି କରି ଦିଅ ।

ପଣ୍ଡିତ—ଅନ୍ୟର ଜିନିଷ ଏପରି ମାଗି ନେଇଆସିବା ଠିକ୍ ହୋଇ ନାହିଁ । କାଲେ ଯେବେ ଚୋରି ହୋଇଯିବ, ତେବେ ହାରକୁ ହାର ତିଆରି କରିବାକୁ ହେବ, ତା ସାଙ୍ଗକୁ ବଦନାମୀ ହେବାକୁ ହେବ ।

ମାୟା—ମୁଁ ତ ଏଇମିତି ଗୋଟିଏ ହାର ନେବି । ଏଇଟି କୋଡ଼ିଏ ତୋଳା ଓଜନ ।

ପଣ୍ଡିତ—ପୁଣି ସେଇ ଜିଦ୍ ।

ମାୟା—ସମସ୍ତେ ଯେତେବେଳେ ପିନ୍ଧୁଛନ୍ତି, ମୁଁ କାହିଁକି ନ ପିନ୍ଧିବି ?

ପଣ୍ଡିତ—ସମସ୍ତେ କୂଅକୁ ଡେଇଁପଡ଼ିବେ ତ ତୁମେ କ'ଣ କୂଅକୁ ଡେଇଁପଡ଼ିବ ? ବିଚାରି ଦେଖ । ଏତେବେଳେ ଏହିପରି ଗୋଟିଏ ହାର ବନାଇବାକୁ ଛଅ ଶହ ଟଙ୍କା ଲାଗିଯିବ । ପୁଣି ଶହେକେ ଟଙ୍କାଏ ସୁଧ ହିସାବରେ ଟଙ୍କା ଆଣିଲେ ବି ପାଞ୍ଚ ବର୍ଷରେ ଛଅ ଶହ ଟଙ୍କାକୁ ହଜାରେ ଟଙ୍କା କରି ଶୁଝିବାକୁ ପଡ଼ିବ; ଅଥଚ ପାଞ୍ଚ ବର୍ଷ ଶେଷରେ ତୁମ ହାରର ଦାମ ତିନି ଶହ ଟଙ୍କା ହୋଇ ରହିବ କି ନାହିଁ ସନ୍ଦେହ । ଏତେ ବଡ଼ ନୋକସାନ ସହି କରି ହାର ପିନ୍ଧିବ କି ସୁଖ ? ସେ ହାର ଫେରାଇଦିଅ; ଖାଅ ପିଅ, ଆରାମରେ ଶୋଇ ରହ ।

ଏହି କଥା କହି କହି ପଣ୍ଡିତଜୀ ବାହାରକୁ ଚାଲିଗଲେ । ରାତିରେ ହଠାତ୍ ମାୟା ଚିତ୍କାର କରି ଉଠା ପକାଇଲା—ଚୋର ! ଚୋର ! ଘରେ ଚୋର ପଶିଛି, ମୋତେ ଘୋଷାରି ନେଇଯାଉଛି । ପଣ୍ଡିତଜୀ କାଉଁକୁ ବାଉଁକୁ ହୋଇ ଉଠିଲେ ଏବଂ କହିଲେ—କାହିଁ, କାହିଁ ? ଦଉଡ଼ ଦଉଡ଼ ।

ମାଧୁ—ମୋର ଘର ଭିତରକୁ ଯାଇଛି ମୁଁ ତା' ଚ୍ଛାଇ ଦେଖିଛି ।

ପଣ୍ଡିତ—ଲଣ୍ଠନ ଆଣ, ଆଜ ମୋ ବାଡ଼ିଟା ନେଇ ଆସ ।

ମାଧୁ—ମୁଁ ତ ଡରରେ ଉଠିପାରୁ ନାହିଁ ।

ବାହାରୁ କେତେକ ଲୋକ କହିଲେ—କାହିଁ କାହିଁ ପଣ୍ଡିତଙ୍କ ! କିଏ କ'ଣ ସିନ୍ଧ କରୁଛି ?

ମାଧୁ—ନାହିଁ, ନାହିଁ, ଘରଚାଲ ଛାତ ଉପରୁ ଓହ୍ଲାଇ-ପଡ଼ିଲା । ମୋ ନିଦ ଭାଙ୍ଗିଲାବେଳକୁ କିଏ ଗୋଟେ ମୋ ଉପରକୁ ଲଇଁପଡ଼ିଛି । ଆହା; ରାମ, ରାମ, ନେଇଚି ମୋ ହାର ନେଇ-ଯାଇଛି, ପିନ୍ଧିକରି ଶୋଇପଡ଼ିଥିଲି । ମୋ ବେକରୁ ଓଟାରି ନେଇ-ଯାଇଛି । ହା ଭଗବାନ୍ !

ପଣ୍ଡିତ—ତୁମେ ହାର କାଢ଼ି ଥୋଇ ନ ଦେଇଥିଲ କିଆଁ ?

ମାଧୁ—ମୁଁ କ'ଣ ଜାଣିଥିଲି କି ଆଜ ଏ ବଜ୍ରକ ମୋ ମୁଣ୍ଡରେ ପଡ଼ିବ ?

ପଣ୍ଡିତ—ଏବେ ଆଉ ହାପୁ ହାପୁ କରି କ'ଣ ହେବ ? କର୍ମକୁ ବାହୁନ୍ ଥାଅ । ଏଇଥିଲାଗି କହୁଥିଲି ଯେ ସବୁ ସମୟ ସମାନ ଯାଏ ନାହିଁ । କେତେବେଳେ କ'ଣ ହୋଇଯିବ କିଏ ଜାଣେ ! ଏବେ ମୋ କଥା ବୁଝିଲ ? ଦେଖ, ଆଉ ତ କିଛି ନେଇ ଯାଇ ନାହିଁ ?

ପଡ଼ୋଶୀମାନେ ଲଣ୍ଠନ ନେଇଆସିଲେ । ଘରଯାକ ଅନ୍ଧ ସନ୍ଧି ଖୋଜି ଦେଖିଲେ, ଛାତ ଉପର ଚଢ଼ି ଦେଖିଲେ, ଘରର

ଡାଢ଼ ଆଡ଼, ଦାଣ୍ଡଆଡ଼ ଦେଖିଲେ । ପାଇଖାନା ଭିତରକୁ ଯାଇଁ ଦେଖିଲେ । କୌଣସିଠାରେ ଚୋରର ପତ୍ତା ମିଳିଲା ନାହିଁ ।

ଜଣେ ପଡ଼ୋଶୀ—କୌଣସି ଜାଣିବା ଶୁଣିବା ଲୋକର କାମ ସେ ।

ଦ୍ୱିତୀୟ ପଡ଼ୋଶୀ—ଘରର ଭେଦୁଆ ଲୋକ ନ ଥିଲେ କେବେ ଚୋର ହୁଏ ନାହିଁ । ଆଉ ତ କିଛି ନେଇ ଯାଇ ନାହିଁ ?

ମାୟା—ଆଉ ତ କିଛି ଯାଇନାହିଁ । ବାସନ ବର୍ତ୍ତନ ସବୁ ପଡ଼ିରହିଛି । ସିନ୍ଦୁକ ବି ବନ୍ଦ ହୋଇ ରହିଛି । ନବାର ଥିଲା ତ ମୋର ଜିନିଷ ହେଲେ ନେଇ ଯାଇଥାନ୍ତା । ପରର ଜିନିଷ ! ଭଗବାନ୍ ! ତାଙ୍କୁ କେଉଁ ମୁହଁ ଦେଖାଇବି ?

ପଣ୍ଡିତ—ଏବେ ଗହଣାର ମଜା ମିଳିଲା ନା ?

ମାୟା—ହାୟ, ଭଗବାନ୍ ! ଏ ଅପଯଶ କପାଳରେ ଥିଲା !

ପଣ୍ଡିତ—କେତେ ବୁଝାଇ ବୁଝାଇ ଅଳିଗଲି । ତୁମେ ମୋଟେ ମାନିଲ ନାହିଁ । ତୁଛାଟାରେ ଛଅଶହ ଟଙ୍କା ବରବାଦ୍ ହୋଇଗଲା । ଏବେ ଦେଖ, ଭଗବାନ୍ କିପରି ମୋ ମାନ ରଖୁଛନ୍ତି ।

ମାୟା—ଅଭାଗା ମୋ ଘରର ସବୁ ଲୁଟି ନେଇ ଯାଇଥିଲେ ବି ମୋର ଦୁଃଖ ହୋଇ ନ ଥାନ୍ତା । ସେ ବିଚାରୀ ଏବେ ସେ ହାରଟି ନୂଆ କରି ଗଢ଼ାଇଥିଲା ।

ପଣ୍ଡିତ—ଭଲ କରି ଜାଣ ତ କୋଡ଼ିଏ ତୋଳା ଥିଲା ?

ମାୟା—କୋଡ଼ିଏ ତୋଳା ବୋଲି ତ ସେ କହୁଥିଲେ ।

ପଣ୍ଡିତ—ଅକାରଣେ ମୁଣ୍ଡରେ ଏ ବୋଝ ବସିଲା ଆଉ କ'ଣ ।

ମାୟା—କଳ୍ପଦେବଙ୍କ ଘରେ ଚୋରି ହୋଇଗଲା । ତ'ଣ ମୋ ଜୀବନ ନେଇଯିବ । ଏବେ କ'ଣ ତା ଲାଗି ଆଜି କିଏ ଚୋର କରିବାକୁ ଯିବ ?

ପଣ୍ଡିତ—ତୁମ ଘରରୁ ଜିନିଷ ଗଲା; ତୁମକୁ ଦେବାକୁ ହେବ । ଚୋର ନେଇଗଲା କି ତୁମେ କାଢ଼ି ରଖିଦେଲ, ସେ କଥା ବୁଝିବା ତାର କି ପ୍ରୟୋଜନ ? ଏକଥା ସେ ମୋଟେ ବିଶ୍ୱାସ କରିବଇ ନାହିଁ ।

ମାୟା—ତେବେ ଏତେ ଟଙ୍କା କୁଆଡ଼ୁ ଆସିବ ?

ପଣ୍ଡିତ—କୁଆଡ଼ୁ ହେଲେ ତ ଆଣିବାକୁ ହେବ । ନ ହେଲେ ମାନ ରହିବ କିପରି ? ମାଗି ତୁମର ଏ ବଡ଼ ଭୁଲ୍ ହେଲା ।

ମାୟା—ମାଗିଆଣିବା ଜିନିଷ କି ଭଗବାନ୍ ସହିପାରିଲେ ନାହିଁ । ମୋ କପାଳରେ ଫେରୁ ବସିଥିଲା; ନ ହେଲେ ଘଡ଼ିକ ଲାଗି ବେକରେ ପିନ୍ଧିଦେବାରେ କେଉଁ ବଡ଼ ସୁଖଟାଏ ମିଳିଗଲା ! ମୁଁ ବଡ଼ ଅଭାଗିନୀ ।

ପଣ୍ଡିତ—ଆଜି ପଶ୍ଚାତ୍ତାପ କରି ଓ ଆପଣାକୁ ଦୋଷ ଦେଇ କି ଲାଭ ? ଚୁପ୍ ହୋଇ ବସ । ପଡ଼ୋଶୀଙ୍କୁ କହିଦିଅ, ତୁମେ ବ୍ୟସ୍ତ ହୁଅ ନାହିଁ । ତୁମ ଜିନିଷ ଫେରାଇ ନ ଦେବାଯାଏ ଆମକୁ ନିଦ ମାଡ଼ିବ ନାହିଁ ।

( ୨ )

ପଣ୍ଡିତ ବାଳକରାମଙ୍କୁ ଏବେ ନିତ୍ୟ ଏହି ଚିନ୍ତା ଲାଗିଲା କି କିପରି କରି ହାରୁ ଗଢ଼ାଇବେ । ଟାଳଟୁଳ ଦେଇଥିଲେ କି କିଛି କଥା ନ ଥିଲା । ପଡ଼ୋଶୀ ବିଚାରୀ ତୁନି ହୋଇ ରହିଥାନ୍ତି ।

ବ୍ରାହ୍ମଣଠାରୁ କଏ ବା ଭଣ୍ଡ ନଅନ୍ତା; କିନ୍ତୁ ପଣ୍ଡିତଙ୍କ ବ୍ରାହ୍ମଣଙ୍କର ଗୌରବକୁ ଏତେ ଶସ୍ତା ଦାମ୍‌ରେ ବିକଦେବାକୁ ଚାହୁଁ ନ ଥିଲେ । ସେ ଆଳସ୍ୟ ଛାଡ଼ି ଧନ ଉପାର୍ଜନ କରିବାରେ ମନପ୍ରାଣ ଦେଇ ଲାଗିଗଲେ ।

ଛ ମାସ ଯାଏ ସେ ଦିନକୁ ଦିନ, ଆଉ ରାତି କ ରାତି ବୋଲି ଜାଣିଲେ ନାହିଁ । ଦ୍ୱିପ୍ରହରରେ ଶୋଇବା ଛାଡ଼ିଦେଲେ । ରାତିରେ ବି ବହୁତ ଡେରିଯାଏ ଚେଇଁ ରହନ୍ତି । ଆଗେ କେବଳ ଗୋଟିଏ ପାଠଶାଳାରେ ପଢ଼ାଉଥିଲେ । ଏହା ଛଡ଼ା ସେ ବାହ୍ମଣ ଲାଗି ମୁକ୍ତ ଥିବା ଶହ ଶହ ବ୍ୟବସାୟକୁ ବି ନିନ୍ଦନୀୟ ବୋଲି ବିଚାରୁଥିଲେ । ମାତ୍ର ଏବେ ପାଠଶାଳାରୁ ଆସି ସନ୍ଧ୍ୟା ସମୟରେ ଗୋଟିଏ ଜାଗାରେ ଭାଗବତ କଥା କହିବାକୁ ଯାଆନ୍ତି । ସେଠାରୁ ଫେରି ରାତି ୧୧ ଟା ୧୨ ଟା ପର୍ଯ୍ୟନ୍ତ ଜାତକ ତିଆରି ବା ଭାଗ୍ୟଗଣନା କରି ଲାଗନ୍ତି । ସକାଳଓଳି ମନ୍ଦିରରେ ଚଣ୍ଡୀପାଠ କରନ୍ତି । ମାୟା ପଣ୍ଡିତଙ୍କ ଅଧ୍ୟବସାୟ ଦେଖି ବେଳେ ବେଳେ ପଚାରୁଥାନ୍ତି କି ମୁଁ କୁଆଡ଼ୁ ଆଣି ଏ ବିପତ୍ତି ମୁଣ୍ଡରେ ଥୋଇଲି । କାଳେ ଯେବେ ବେମାର ପଡ଼ିଯିବେ, ତେବେ ବଡ଼ ମୁସ୍କିଲ ହେବ । ତାଙ୍କ ଶରୀର କ୍ଷୀଣ ହୋଇଯିବାର ଦେଖି ମାୟାକୁ ଏହି ଚିନ୍ତା ବ୍ୟସ୍ତ କରିବାକୁ ଲାଗିଲା । ଏହିପରି ଭାବରେ ପାଞ୍ଚ ମାସ ବିତିଗଲା ।

ଦିନେ ସନ୍ଧ୍ୟା ସମୟରେ ସେ ଘାଘବଳିତା ବସାଇବାକୁ ଯାଉଥିଲା, ଏପରି ସମୟରେ ପଣ୍ଡିତଙ୍କ ଆସିଲେ । ପକେଟରୁ ଗୋଟିଏ ପୁଡ଼ିଆ କାଢ଼ିକରି ତା ଆଗରେ ପକାଇଦେଲେ, ଆଉ କହିଲେ—ନିଅ ଆଜି ତୁମ ଋଣରୁ ମୁକ୍ତ ହୋଇଗଲି ।

ମାଧୁ ପୁଡ଼ିଆ ଖୋଲି ଦେଖିଲେ ତ, ସେଥିରେ ସୁନାର ହାରଟିଏ ଥିଲା । ତାର ଚହଟ ଚମକ, ତାର ସୁନ୍ଦର ଗଢ଼ଣ ଦେଖି ମାଧୁର ଅନ୍ତଃସ୍ଥଳ ଉଲ୍ଲାସରେ ନାଚି ଉଠିଲା । ମୁହଁ ଉପରେ ଗୋଟାଏ ଆନନ୍ଦର ଛାୟା ଖେଳିଗଲା । ସେ କାତର ନେତ୍ରରେ ପତିଙ୍କ ଆଡ଼କୁ ଚାହିଁ ପଚାରିଲା—ଖୁସି ହୋଇ କରି ଦେଉଛ ନା ରାଗ ହୋଇ କରି ?

ପଣ୍ଡିତ—ସେଥିରୁ ତୁମେ କ'ଣ ପାଇବ ? ଋଣ ତ ସୁଝିବାକୁ ପଡ଼ିବ । ଖୁସିରେ ଦେଉ ନ ହେଲେ ବିରକ୍ତିରେ ଦେଉ ।

ମାଧୁ—ଏ ତ ଋଣ ନୁହେଁ ।

ପଣ୍ଡିତ—ଆଉ ତେବେ କ'ଣ ? ବଦଳ ଦେଉ ଏବେ ।

ମାଧୁ—ବଦଳ ବି ନୁହେଁ ।

ପଣ୍ଡିତ—ତେବେ ଆଉ କ'ଣ ?

ମାଧୁ—ତୁମର······ନିଶାଣ ।

ପଣ୍ଡିତ—ତେବେ କ'ଣ ଋଣ ଲାଗି ଆଉ ଗୋଟିଏ ହାର ଗଢ଼ାଇବାକୁ ପଡ଼ିବ ?

ମାଧୁ—ନାହିଁ, ନାହିଁ । ସେ ହାର ଚୋରି ହୋଇଯାଇ ନ ଥିଲା । ମୁଁ ମିଛଟାରେ ଚହଲ ଲଗାଇ ଦେଇଥିଲି ।

ପଣ୍ଡିତ—ସତେ ?

ମାଧୁ—ହଁ, ସତ କହୁଛି ।

ପଣ୍ଡିତ—ମୋ ରାଣ ?

ମାଧୁ—ତୁମର ପାଦ ଛୁଇଁ କରି କହୁଛି ।

ପଣ୍ଡିତ—ତୁମେ ତେବେ ମୋ ସଙ୍ଗରେ କୌଶଳଟାଏ ଖେଳିଲ ।

ମାଧୁ—ହଁ ।

ପଣ୍ଡିତ—ତୁମେ ଜାଣ, ତୁମର ଏ କୌଶଳର ମୋତେ କେତେ ମୂଲ୍ୟ ଦେବାକୁ ପଡ଼ୁଛି ।

ମାଧୁରୀ—କ'ଣ ଛ ଶହ ଟଙ୍କାରୁ ଅଧିକ ?

ପଣ୍ଡିତ—ଢେର ଅଧିକ । ଏଥିଲାଗି ମୋତେ ଆପଣା ଆତ୍ମସ୍ୱାତନ୍ତ୍ର୍ୟକୁ ବଳିଦାନ ଦେବାକୁ ପଡ଼ୁଛି ।

---

# ଜେଲ

## ( ୧ )

ମୃଦୁଳା ମାଜିଷ୍ଟ୍ରେଟଙ୍କ ଇଜଲାସରୁ ଜନାନା ଜେଲକୁ ଫେରିଆସିଲା ବେଳକୁ ତାର ମୁଖ ପ୍ରସନ୍ନ ଥିଲା । ଖଲାସ ହୋଇ-ଯିବାର ଗୋଲାପି ଆଶା ତାହାର କପୋଳ ଉପରେ ଚମକୁଥିଲା । ତାକୁ ଦେଖିଲା କ୍ଷଣି ରାଜନୈତିକ କଏଦୀମାନଙ୍କର ଗୋଟିଏ ଦଳ ତାକୁ ଘେରିଗଲେ ଏବଂ ପଚାରିବାକୁ ଲାଗିଲେ, କେତେ ଦିନ ହେଲା ?

ମୃଦୁଳା ବିଜୟଗର୍ବରେ କହିଲା—ମୁଁ ତ ସାଫ୍ ସାଫ୍ କହିଦେଲି—ମୁଁ ଧାରଣା ଦେଇନାହିଁ । ଆପଣ ଜବରଦସ୍ତ ଫଇସଲା କରିବେ ତ ଯାହା ଇଚ୍ଛା କରନ୍ତୁ । ମୁଁ କାହାରିକୁ ରୋକି-ନାହିଁ କି ଧରିନାହିଁ କି କାହାକୁ ଧକ୍କା ଦେଇନାହିଁ କିମ୍ବା କାହାକୁ ଅନୁନୟ ବିନୟ କରିନାହିଁ । ମୋ ଆଗକୁ କୌଣସି ଗ୍ରାହକ ବି ଆସି ନାହାନ୍ତି । ହଁ, ମୁଁ ଅବଶ୍ୟ ଦୋକାନ ପାଖରେ ଠିଆ ହୋଇଥିଲି । ସେଠାରେ କେତେ ଭଲେଣ୍ଟିଅର ଗିରଫଦାର

ହୋଇଯାଇଥିଲେ । ଲୋକେ ଜମା ହୋଇଯାଇଥିଲେ, ମୁଁ ଷ ଠିଆ-ହୋଇଗଲି । ଥାନା ଦାରୋଗା ଆସି ମୋତେ ଗିରଫଦାର କଲେ ।

ଷମା ଦେଖି କିଛି କିଛି ଆଇନ ଜାଣିଥିଲେ । କହିଲେ—ମାଜିଷ୍ଟ୍ରେଟ ପୁଲିସର ଜମାନବନ୍ଦି ଉପରେ ଫଇସଲା କରିବେ । ମୁଁ ଏପରି କେତେ ମୋକଦ୍ଦମା ଦେଖିଆସିଛି ।

ମୃଦୁଲା ପ୍ରତିବାଦ କରି କହିଲା—ପୁଲିସବାଲାଙ୍କୁ ମୁଁ ଏପରି ହଡ଼ବଡ଼େଇ ଦେଇଛି, ଯହିଁରେ କି ସେ ବହୁତ ଦିନ ମନେ ରଖିଥିବେ । ମୁଁ ମୋକଦ୍ଦମାରେ କୌଣସି ଭାଗ ନେବି ନାହିଁ କି ପାଟି ଫିଟାଇବି ନାହିଁ ବୋଲି ଠିକ୍ କରିଥିଲି; ମାତ୍ର ଯେତେବେଳେ ସାକ୍ଷୀମାନଙ୍କୁ ବରାବର ମିଛ କହିବାର ଦେଖିଲି, ସେତେବେଳେ ମୁଁ ନିଜକୁ ଜବତ କରିପାରିଲି ନାହିଁ । ମୁଁ ସେମାନଙ୍କୁ ଜେରା କରିବାକୁ ଆରମ୍ଭ କରିଦେଲି । ମୁଁ ବି ଏତେ-ଦିନ ଖାଲି ଘାସ ଉପାଡ଼ୁ ନ ଥିଲି । କିଛି କିଛି ଆଇନ କାନୁନ୍ ଜାଣେଁ । ପୁଲିସ ହୁଏତ ବିଚାରିଥିବ, ଏ ତ କିଛି କହିବ ନାହିଁ, ଆମେ ଯାହା ଇଚ୍ଛା ତାହା ଜମାନବନ୍ଦି ଦେବା । ଯେତେବେଳେ ମୁଁ ଜେରା ଆରମ୍ଭ କଲି, ସେତେବେଳେ ସମସ୍ତେ ମୁହଁ ଚୁହାଁଚୁହିଁ ହେବାକୁ ଲାଗିଲେ । ମୁଁ ତିନୋଟି ଗୁହାଙ୍କୁ ଝୁଠାପ୍ରମାଣ କରିଦେଲି । ମାଜିଷ୍ଟ୍ରେଟ ଥାନା ଦରୋଗାକୁ ଦି ତିନିବାର ଧମକଇ ଦେଲେ । ସେ ମୋ ପ୍ରଶ୍ନର ଏଣ୍ଡେ ତେଣ୍ଡୁ ଜବାବ ଦେଉ-ଥିଲାବେଳେ ମାଜିଷ୍ଟ୍ରେଟ କହିଉଠିଲେ—ସେ ଯାହା ପଚାରୁଛନ୍ତି ତାର ଜବାବ ଦିଅ । ମିଛରେ ଏଣୁ ତେଣୁ ଗୁଡ଼ାଏ କାହିଁକି

କହୁଛ ? ସେତେବେଳେ ବଡସ୍ୱର ମୁହଁ ଟିକିଏ ହୋଇ ଯାଇଥିଲା । ମୁଁ ସମସ୍ତଙ୍କ ମୁହଁ ବନ୍ଦ କରିଦେଲି । ଏପର୍ଯ୍ୟନ୍ତ ଅବଶ୍ୟ ସାହେବ ଫଇସଲ ଶୁଣାଇ ନାହିଁ; ମୋର ବିଶ୍ୱାସ ଖଲାସ ହୋଇଯିବି । ମୁଁ ଜେଲକୁ ଡରୁନାହିଁ; ମାତ୍ର ବେକୁବ ହେବାକୁ ଚାହୁଁନାହିଁ । ସେଠାରେ ଆମର ସେକ୍ରେଟେରୀ ତ ଥିଲେ । ଆଉ ବହୁତଗୁଡ଼ିଏ ଭଉଣୀ ବି ତ ଥିଲେ । ସମସ୍ତେ କହୁଥିଲେ ଯେ ତୁ ଖଲାସ ହୋଇଯିବୁ ।

ମହିଳାମାନେ ତାକୁ ଦ୍ୱେଷପୂର୍ଣ୍ଣ ଚକ୍ଷୁରେ ଚାହିଁ କରି ଚାଲିଗଲେ । ସେମାନଙ୍କ ଭିତରୁ କାହାର ମିଆଦ ବରଷେ ଥିଲା, କାହାର ବା ଛ ମାସ ଥିଲା । ସେମାନେ ଅଦାଲତ ଆଗରେ ମୁହଁ ଫିଟାଇ ନ ଥିଲେ । ସେମାନଙ୍କ ମତରେ ତାହା ଅଧର୍ମ ଥିଲା । ମୃଦୁଳା ପୁଲିସଙ୍କୁ ଜେରାକରି ସେମାନଙ୍କ ଦୃଷ୍ଟିରେ ତଳକୁ ଖସି ଯାଇଥିଲା । ସଜା ହୋଇଗଲେ ତାର ବ୍ୟବହାର କ୍ଷମଣୀୟ ହୋଇପାରନ୍ତା; ମାତ୍ର ଖଲାସ ହୋଇଗଲେ ତାର ଆଉ କୌଣସି ପ୍ରାୟଶ୍ଚିତ୍ତ ନ ଥିଲା ।

ଦୂରକୁ ଯାଇ କରି ଜଣେ ଦେଖି କହିଲେ—ଏପରି ତ ଆମେ ବି ଖଲାସ ହୋଇଯାଇ ଥାଆନ୍ତେଇଁ । ଅମ୍ଭମାନଙ୍କୁ ତ ଦେଖାଇବାକୁ ହେବ ଯେ ନୌକରସାହିଠାରୁ ଆମର ନ୍ୟାୟ ପାଇବାର କୌଣସି ଆଶା ନାହିଁ ।

ଆଉ ଜଣେ ମହିଳା କହିଲେ—ଏ ତ କ୍ଷମା ମାଗିନେବା ସଙ୍ଗେ ସମାନ । ଯାଇ ତ ଥିଲା ଧରଣା ଦେବାକୁ, ନ ହେଲେ

ଦୋକାନଠାକୁ ଯିବାରେ ତାର କ କାମ ଥିଲା ? ଭଲେଣ୍ଟିଅର ଗିରଫଦାରି ହେଲେ ତ ତୁମ୍ଭର କ'ଣ ଥିଲା, ତୁମ୍ଭେ ସେଠାକୁ ଗଲ କାହିଁ ? ମାତ୍ର ଏବେ କହୁଛ ମୁଁ ଧରଣା ଦେବାକୁ ଯାଇ ନ ଥିଲି । ଏ ତ ସଫା କ୍ଷମା ମାଗିବା ହେଲା ।

ଉତ୍କଣ୍ଠ୍ୟ ଦେଖା ମୁହଁ ମୋଡ଼ିକରି କହିଲେ—ଜେଲରେ ରହିବା ଲାଗି ବଡ଼କଲିଜା ଦରକାର । ସେତେବେଳେ ତ ବାହାବା ପାଇବା ଲାଗି ଆସି ଯାଇଥିଲ, ଏବେ କାନ୍ଦ ମାଡ଼ୁଛି । ଏପରି ସ୍ତ୍ରୀଲୋକମାନଙ୍କର ତ ରାଷ୍ଟ୍ରୀୟ କାମର ପାଖେ ପଶିବା ଉଚିତ ନ ଥିଲା । ଆନ୍ଦୋଳନକୁ ବଦନାମ କରିବାରେ କି ଲାଭ ?

କେବଳ କ୍ଷମା ଦେଖି ଏତେବେଳଯାଏ ମୃଦୁଳା ପାଟରେ ଚିନ୍ତାମଗ୍ନ ହୋଇ ଠିଆ ହୋଇଥିଲେ । ସେ କେ ଉତ୍କଟ ବକ୍ତୃତା ଦେବା ଅପରାଧରେ ବର୍ଷେ ସଜା ପାଇଥିଲେ । ଆଉ ଗୋଟିଏ ଜେଲରୁ ମାସେ ହେଲା ଏଠାକୁ ଆସିଥିଲେ । ମିଆଦ ପୂରା ହେବାକୁ ଆହୁରି ଆଠ ମାସ ବାକି ଥିଲା । ଏଠାର ପନ୍ଦର ଜଣ କଏଦୀଙ୍କ ଭିତରୁ କାହାରି ସଙ୍ଗେ ତାଙ୍କର ମନ ମିଳୁ ନ ଥିଲା । ଟିକିଏ ଟିକିଏ କଥା ଲାଗି ସେମାନେ ଆପଣା ଆପଣା ଭିତରେ କଳି କରିବା, ଶୃଙ୍ଗାରସାମଗ୍ରୀ ଲାଗି ଲେଡ଼ି ୱାର୍ଡ଼ରମାନଙ୍କୁ ଖୋସାମଦ କରିବା—ଘର ଲୋକଙ୍କ ସଙ୍ଗେ ସାକ୍ଷାତ କରିବାକୁ ବ୍ୟଗ୍ରତା ଦେଖାଇବା ଇତ୍ୟାଦି ତାଙ୍କୁ ସୁଖ ଲାଗୁ ନ ଥିଲା । ସେଣ୍ଟ କୁହା ଆଉ କାନ ଫୁସଫୁସ ଜେଲ ଭିତରେ ବ

ଥିଲା । ରାଜନୈତିକ ବନ୍ଦୀଙ୍କ ଭିତରେ ଯେ ଆତ୍ମାଭିମାନ ରହିବା ଉଚିତ, ତାହା କାହାରିଠାରେ ନ ଥିଲା । କ୍ଷମା ସେମାନଙ୍କଠାରୁ ଦୂରରେ ରହୁଥିଲେ । ତାଙ୍କର ଜାତି-ପ୍ରେମର ସୀମା ନ ଥିଲା; ମାତ୍ର ଅନ୍ୟ ଦେବୀମାନେ ତାଙ୍କୁ ଗର୍ବୀ ବୋଲି ବିଚାରୁଥିଲେ ଏବଂ ଉପେକ୍ଷାର ଜବାବ ଉପେକ୍ଷାଦ୍ୱାରା ଦେଉଥିଲେ ମୃଦୁଳା ବିଚାରାଧୀନ ବନ୍ଦୀ ହୋଇ ଆସିବାର ଆଠ ଦିନ ହୋଇଥିଲା । ଏହି କେତେ ଦିନ ଭିତରେ କ୍ଷମାଙ୍କର ତା ସହିତ ବିଶେଷ ସ୍ନେହ ହୋଇ ଯାଇଥିଲା । ମୃଦୁଳାଠାରେ ସେ ସଂକୀର୍ଣ୍ଣତା ଏବଂ ଈର୍ଷା ନ ଥିଲା, ପରକୁ ନିନ୍ଦା କରିବାର ଅଭ୍ୟାସ ନ ଥିଲା । ସାଜସଜ୍ଜା, ଶୃଙ୍ଗାର କରିବା କିମ୍ବା ଅଶ୍ଳୀଳ ଥଟ୍ଟା ପରିହାସ କରିବାର ପ୍ରବୃତ୍ତି ନ ଥିଲା । ତା'ର ହୃଦୟରେ କରୁଣା ଥିଲା, ସେବାଭାବ ଥିଲା ଏବଂ ଦେଶଭକ୍ତି ଅନୁରାଗ ଥିଲା । କ୍ଷମା ବିଚାରିଥିଲେ, ଏହା ସାଙ୍ଗରେ ଛଅ ମାସ ଆନନ୍ଦରେ କଟିଯିବ; ମାତ୍ର ଏଠାରେ ମଧ୍ୟ ଦୁର୍ଭାଗ୍ୟ ତାଙ୍କର ପିଚ୍ଛା ଧରିଥିଲା । କାଲି ମୃଦୁଳା ଏଠାରୁ ଚାଲିଯିବ, ହୋଇଯିବେ ସେ ପୁଣି ଏକୁଟିଆ । ଏଠାରେ ଏପରି କିଏ ଅଛି, ଯେ ତାଙ୍କ ସହିତ ଘଣ୍ଟାଏ ବସି ଆପଣା ଦୁଃଖଦୁର୍ଦ୍ଦଶା ଶୁଣାଇବ ବା ଦେଶଚର୍ଚ୍ଚା କରିବ । ଏଠାରେ ତ ସମସ୍ତଙ୍କ ମନ ଆକାଶମାର୍ଗରେ ଉଡୁଛି ।

ମୃଦୁଳା ପଚାରିଲା—ତୁମର ତ ଆହୁରି ୮ ମାସ ବାକି ଅଛି ଭଉଣୀ !

କ୍ଷମା ଉଦାସୀନ ଭାବରେ କହିଲା, "କୌଣସି ପ୍ରକାରେ କଟିଯିବ ଭଉଣୀ, ମାତ୍ର ତୁମ କଥା ବରାବର ମନେପଡ଼ି ମନକୁ

ଯାଉଥିବ । ଏହି ସପ୍ତାହକ ଭିତରେ ତୁମେ ମୋଉପରେ କେତେଜାଣି କି କୁହୁକ ଲଗାଇ ଦେଇଛ ଯେ, ତୁମେ ଯେଉଁଦିନଠାରୁ ଆସିଲଣି ସେହିଦିନଠାରୁ ମୋତେ ଜେଲ, ଜେଲଘର ଜଣାଯାଉ ନ ଥିଲା । କେବେ କେବେ ଆସି ଦେଖା କରୁଥିବ ।”

ମୃଦୁଳା ଦେଖିଲା, କ୍ଷମାର ଆଖି ଲୁହରେ ଭବ ଭବ ହୋଇଯାଇଛି । ଦମ୍ଭ ଦେଇ କହିଲା, “ନିଶ୍ଚୟ ଆସି ଦେଖା-କରିବ, ଭଉଣୀ । ମୁଁ ତ ନିଜେ ଥୟ ଧରି ରହିପାରିବ ନାହିଁ । ଖାନୁକୁ ବି ଆଣିବ । କହିବି—ଚାଲ ତୋ ମାଉସୀ ଆସିଛି, ତୋତେ ଡାକୁଛି । ସେ ଦଉଡ଼ି ଦଉଡ଼ି ଆସିବ । ଏବେ ଆଜି ତୁମକୁ କହୁଛି, ଭଉଣି, ମୋତେ ଏଠାରେ କାହାର କଥା ମନେ ପଡ଼ୁଥାଏ ତ ସେ କେବଳ ଖାନୁର କଥା । ବିଚରା କାନ୍ଦି ଲାଗିଥିବ । ମୋତେ ଦେଖିକରି ରୁଷି ବସିବ । କହିବ—ତୁ କୁଆଡ଼େ ଚାଲିଗଲୁ ? ମୋତେ ଛାଡ଼ିକରି କାହିଁକି ଚାଲିଗଲୁ ? ଯା, ମୁଁ ତୋତେ କଥା କହିବି ନାହିଁ । ତୁ ମୋ ଘରୁ ନିକଳି ଯା । ସେ ଭାରି ସଇତାନ ଭଉଣୀ ! କ୍ଷଣେ ହେଲେ ଚୁପ ହୋଇ ବସେ ନାହିଁ । ସକାଳୁ ଉଠିଲାକ୍ଷଣି ଗାଏ— ‘ଝଣ୍ଡା ଉଁଚା ରହେ ଅମାରା’ । ଯେତେବେଳେ ଗୋଟିଏ ଝଣ୍ଡା କାନ୍ଧରେ ପକାଇ କହେ—ତାଡ଼ି ସରାପ ପିଇବା ଅନ୍ୟାୟ, ସେତେବେଳେ ତାକୁ ଦେଖିବାକୁ ଭାରି ସୁଖ ଲାଗେ । ବାପକୁ ତ କହେ— ତୁମେ ଗୋଲାମ । ସେ ଗୋଟିଏ ଇଂରାଜୀ କମ୍ପାନୀରେ କାମ କରୁଛନ୍ତି । ବାରମ୍ବାର ଇସ୍ତଫା ଦେବାକୁ ବିଚାର କରି ପୁଣି ହାତ ବାନ୍ଧି ରହି ଯାଉଛନ୍ତି । ପେଟ ପୋଷିବା ଲାଗି ତ କୌଣସି ଉଦ୍ୟମ କରିବାକୁ ହେବ । ଚାକିରି କପରି ଛାଡ଼ିଦେବେ ? ସେ

ତ ଛୁଡ଼ି ଦେଇ ବସନ୍ତେଣି; ମାତ୍ର ତୁମକୁ ସତ କହୁଛି, ଗୋଲନି ପ୍ରତି ତାଙ୍କର ଭାରି ଘୃଣା; କେବଳ ମୁଁ ବୁଝାଇ ସୁଝାଇ ରଖିଛି ।"

"ବଡ଼ଘର କଥର କଚେରୀକୁ ଯାଉଥିବେ, କଥର ଘରକୁ ସମ୍ଭାଳୁଥିବେ ! ଶାଶୁଙ୍କ ପାଖରେ ତ ସେ ମୋଟେ ରହେ ନାହିଁ । ସେ ବଙ୍କରା ବୁଢ଼ୀ; ତା ସହିତ କେତେ କୁଆଡ଼େ ଦଉଡ଼ିବେ । ସେ ବୃନ୍ଦାନ୍ତ କି ତାଙ୍କର କୋଡ଼ରେ ଭୁନ ହୋଇ ବସି ରହୁଥିବ; କିନ୍ତୁ ଝିଅକୁ କୋଡ଼ରେ ବସି ରହିବାକୁ ଭାରି ଲଜ୍ଜା ଲାଗେ । ମା ମୋ ଉପରେ ଭାରି ରାଗିବେ । ମୋତେ ସେହି କଥା ଡର ମାଡ଼ୁଛି । ଥରେ ବି ମୋତେ ଦେଖିବାକୁ ଆସିଲେ ନାହିଁ । କାଲି ଅଦାଲତରେ ମୋତେ ବାବୁଜୀ କହୁଥିଲେ—ମା ତୁମ ଉପରେ ବହୁତ ଖପ୍ପା ହୋଇଛି । ତିନି ଦିନ ଯାଏଁ ତ ଦାନା ପାଣି ଛୁଡ଼ି ଦେଇଥିଲେ । ଏ ଟୋକୀ କୁଳମର୍ଯ୍ୟାଦା ବୁଡ଼ାଇଦେଲା, ଖାନ୍‌ଦାନ୍ କୁଳରେ ଦାଗ ଲଗାଇଦେଲା । କଳାମୁହିଁ, କୁଳଖଣୀ କେଜାଣି କେତେ ବକି ଲାଗିଥିଲେ । ମୁଁ ତ ତାଙ୍କ କଥାକୁ ଖରାପ ବଳୁନାହିଁ । ପୁରୁଣାକାଳିଆ ଲୋକ ସେ; ଏଠାରୁ ଯାଇ ତାଙ୍କୁ ମନାଇବାକୁ ହେବ । ବହୁତ କାକୁତିମିନତି କଲେ ଯାଇଁ ମାନିବେ । କାଲି ଘରେ ହରି କଥା ହେବ । ବ୍ରାହ୍ମଣ ଖାଇବେ । ଜ୍ଞାତିକୁଟୁମ୍ବ ଜମା ହେବେ । ଜେଲର ପ୍ରାୟଶ୍ଚିତ୍ତ କରିବାକୁ ପଡ଼ିବ । ତୁମେ ଆମ ଘରେ ଦୁଇ ଚାରି ଦିନ ରହିକରି ଚେଂବ ଯାଇ ଠିବ, ଭଉଣୀ । ମୁଁ ଆସିକରି ତୁମକୁ ନେଇଯିବି ।"

କ୍ଷମା ଆନନ୍ଦର ଏ ପ୍ରସଙ୍ଗରୁ ସମ୍ପୂର୍ଣ୍ଣ ବଞ୍ଚିତ । ସେ ବିଧବା ଏବଂ ଏକୁଟିଆ । ଜାଲିୟାନୱାଲାବାଗରେ ତାର ସର୍ବସ୍ୱ ଲୁଟି

ହୋଇଯାଇଛି । ପତି ଆଉ ପୁତ୍ର ଦୁହିଁଙ୍କର ଆହୁତି କରି ଦିଆଯାଇଛି । ଏବେ ନିଜର ବୋଲି କହିବାକୁ ତାର ଆଉ କେହି ନାହିଁ ।

ଏପର୍ଯ୍ୟନ୍ତ ତାର ହୃଦୟ ଏତେ ବିଶାଳ ହୋଇ ନାହିଁ ଯେ ପ୍ରାଣୀ ମାତ୍ରକୁ ସେ ଆପଣାର ବୋଲି ବିଚାରିପାରିବ । ଏହି ଦଶ ବର୍ଷ ହେଲା ତାର ବ୍ୟଥିତ ହୃଦୟ ଦେଶସେବାରେ ଧୈର୍ଯ୍ୟ ଏବଂ ଶାନ୍ତିର ଅନ୍ୱେଷଣ କରି ଲାଗିଅଛି । କେଉଁ କାରଣରୁ ତାର ପତ୍ନୀ ଘର ଉଜୁଡ଼ି ଯାଇଛି, ତାର କୁଳ ଶୂନ୍ୟ ହୋଇଯାଇଛି, ସେହି କାରଣ ଅନ୍ତଃ କରିବାରେ ସେ ପ୍ରାଣପଣ ହୋଇ ଲାଗି ପଡ଼ିଛି । ସବୁଠାରୁ ବଡ଼ ବଳିଦାନ ତ ସେ ପ୍ରଥମରୁ କରିସାରିଛି । ଏବେ ଆପଣା ହୃଦୟ ଛଡ଼ା ତା ପାଖରେ ହୋମ କରିବାକୁ ଆଉ କଅଣ ବାକି ରହିଛି ? ଅନ୍ୟମାନଙ୍କ ପାଇଁ ଜାତିସେବା ସଭ୍ୟତାର ଏକ ସୁନ୍ଦର ହୋଇପାରେ ବା ଯଶ ଉପାର୍ଜ୍ଜନର ଏକ ସାଧନା ହୋଇପାରେ; କିନ୍ତୁ କ୍ଷମା ଲାଗି ତ ଏହା ତପସ୍ୟା ! ଆକାଶରେ ଉଡ଼ିବା ପକ୍ଷୀଙ୍କର ତ ଆପଣା ବସା କଥା ମନେ ପଡ଼େ । କ୍ଷମା ଲାଗି ସେ ଆଶ୍ରୟ କାହିଁ ? ଏଠାରେ ମୃଦୁଳାକୁ ପାଇ ସେ ଆପଣାକୁ ଧନ୍ୟ ମନେ କରୁଥିଲା; ମାତ୍ର ସେ ସ୍ୱପ୍ନ ବି ଏତେ ଶୀଘ୍ର ଦୂରିଗଲା ।

କ୍ଷମା ବ୍ୟଥିତ ସ୍ୱରରେ କହିଲା—ତୋରୁ ମାନ ଭୁଲିଯିବୁ ମୃଦୁଳା । କେବେ କେଉଁଠାରେ ଦେଖା ହୋଇଗଲେ ସେତେବେଳେ ତ ଚିହ୍ନିବୁ କି ନାହିଁ କମ୍ପା ଟିକେ ମୁରୁକିହସା ଦେଇ ନମସ୍କାରଟିଏ କରି ଆପଣା ବାଟେ ଚାଲିଯିବୁ । ଏହା ହିଁ ଦୁନିଆଁର ଦସ୍ତୁର । ତୋ ଲାଗି ମୁଁ କିଛି ନ ଥିଲି; ମାତ୍ର ମୋ

ଲାଗି ତୁ ବହୁତ ଥିଲୁ । ଆପଣା ପ୍ରିୟଲୋକଙ୍କ ଭିତରେ ବସିକ ଟିକିଏ ବେଳେ ବେଳେ ଏ ଅଭାଗିନୀକୁ ମନେ ପକାଉଥିବୁ ଭିକାରି ଲାଗି ମୁଠାଏ ଅଟା ବି ବହୁତ ।

ପରଦିନ ମାଜିଷ୍ଟ୍ରେଟ ରାୟ ଶୁଣାଇଦେଲେ । ମୃଦୁଳା ଖଲାସ ହୋଇଗଲା । ସନ୍ଧ୍ୟା ସମୟରେ ସେ ସବୁ ଭଉଣୀମାନଙ୍କ ସହିତ କୁଣ୍ଢିଆ କୁଣ୍ଢେଇ ହୋଇ କାନ୍ଦି କନ୍ଦାଇ ଚାଲିଗଲା, ସତେ ଯେପରି ବାପଘରୁ ଝିଅ ବିଦା ହୋଇଗଲା ।

( ୨ )

ତିନି ମାସ ବିତିଗଲା; ମାତ୍ର ମୃଦୁଳା ଥରେ ବି ଆସିଲା ନାହିଁ । ଆଉ ଆଉ କଏଦୀମାନଙ୍କ ସହିତ ଦେଖା କରିବାକୁ ବରାବର ଲୋକେ ଆସୁଥାନ୍ତି । କାହାର ଘରୁ ଖାଇବା ପିଇବା ଜିନିଷ ଆସୁଥାଏ; କିନ୍ତୁ କ୍ଷମାକୁ କେହି ପଚାରୁ ନ ଥାଏ । ପ୍ରତିମାସ ଶେଷ ରବିବାର ଦିନ ସକାଳରୁ ସେ ମୃଦୁଳାର ବାଟ ଚାହିଁ ବସିଥାଏ । ସାକ୍ଷାତ କରିବା ବେଳ ବିତିଗଲା ଉତ୍ତାରୁ ସେ ବହୁତ ବେଳ ଯାଏଁ କାନ୍ଦି କାନ୍ଦି ମନକୁ ବୁଝାଏ, ଯୁଗର ଦସ୍ତୁର ଏଇଆ ।

ଦିନେ ସନ୍ଧ୍ୟାବେଳେ କ୍ଷମା ସନ୍ଧ୍ୟା-ଉପାସନା ସାରି ଦେଖିଲା, ମୃଦୁଳା ତା ସାମନାରେ ଚାଲିଆସୁଛି । ସେ ରୂପ, ରଙ୍ଗ ନାହିଁ କି ସେ କାନ୍ତି ନାହିଁ । ଦଉଡ଼ି ଯାଇ ତାର ଗଳା ଧରି ଓହଳିପଡ଼ିଲା ଏବଂ କାନ୍ଦି କାନ୍ଦି କହିଲା—ତୋର ଏ କି ଦଶା ହୋଇଛି ମୃଦୁଳା ! ତୋ ଚେହେରା ବରାବର ବଦଳି ଯାଇଛି କ'ଣ ବେମାର ହୋଇପଡ଼ିଥିଲୁ ?

ମୃଦୁଳା ଆଖିରୁ ଲୁହଧାର ବୋହି ଲାଗିଥାଏ । କହିଲା— ନାହିଁ ମୋ ବେମାର ହୋଇ ନାହିଁ ଭଉଣୀ, ବିପତ୍ତି ମୋତେ ଏ ଦଶା କରିଦେଇଛି । ତୁମେ ମୋତେ ଖୁବ୍ ଶୋଧୁଥିବ । ସେହି ନିଷ୍ଠୁରତାର ପ୍ରାୟଶ୍ଚିତ୍ତ କରିବାକୁ ଆସିଛି । ଏଥର ସବୁ ଚିନ୍ତାରୁ ମୁକ୍ତ ହୋଇକରି ଆସିଛି ।

କ୍ଷମା କମ୍ପି ଉଠିଲା । ଅନ୍ତଃସ୍ଥଳର ଗଭୀର ପ୍ରଦେଶରୁ ଗୋଟିଏ ଲହରୀ ଉଠିଲା ପରି ଜଣାଗଲା । ସେ ଲହରୀ ଭିତରେ ତାର ଅତୀତ ଜୀବନର ଭଙ୍ଗା ନୌକା ଭାସୁଥିଲା ପରି ଦେଖାଗଲା । ରୁଦ୍ଧକଣ୍ଠରେ କହିଲା—ତୋର ସବୁ କୁଶଳ ତ ଭଉଣି ! ଏତେ ଶୀଘ୍ର ତୁ ଏଠାକୁ କାହିଁକି ଆସିଗଲୁ ? ତିନି ମାସ ବି ତ ହୋଇନାହିଁ ।

ମୃଦୁଳା ମୁରୁକି ହସିଦେଲା; ମାତ୍ର ତାର ମୁରୁକି-ହସାରେ ବେଦନା ଲୁଚି ରହିଥିଲା । ସେ କହିଲା—ସବୁ କୁଶଳ ଭଉଣି ! ଚିରକାଳପାଇଁ ସବୁ କୁଶଳ । ମୋର ଆଉ କୌଣସି ଚିନ୍ତା ରହିଲା ନାହିଁ । ଏବେ ଏହିଠାରେ ଜୀବନ ଶେଷପର୍ଯ୍ୟନ୍ତ ରହିବାକୁ ତିଆର ହୋଇଅଛି । ତୁମର ସ୍ନେହ ଏବଂ କୃପାର ମୂଲ୍ୟ ଏବେ ବୁଝୁଛି ।

ସେ ଗୋଟିଏ ଦୀର୍ଘନିଃଶ୍ୱାସ ପକାଇ ସଜଳନେତ୍ରରେ କହିଲା—ତୁମକୁ ବାହାରର ଖବର କୁଆଡ଼ୁ ମିଳିଥିବ ? ଚାଞ୍ଚଲ୍ୟହୀନ ସ୍ୱରରେ ଗୁଞ୍ଜରିଲା । ମଫସଲରେ ଆଜିକାଲି ବନ୍ଧୁକ ଉପରେ ଖଜଣା ଅସୁଲ କରାହୋଇ ଲାଗିଛି । ଗୃହୀଙ୍କ ପାଖରେ ତ ପଇସା ନାହିଁ, କୁଆଡ଼ୁ ଅବା ଦେବେ ? ଶସ୍ୟର

ଭାଜ ଦିନକୁ ଦିନ ଖସି ଖସି ଯାଉଛି । ଗହମ ମହଣ ସାତ ମୁଣ୍ଡକା ହୋଇଛି । ମୋର ବା ଏବେ କେତେ ବୟସ ହୋଇଛି, ମାତ କହୁଛନ୍ତି କି ଧାନ ଗହମ ଏତେ ଶସ୍ତା କେବେ ହୋଇ ନ ଥିଲା । କ୍ଷେତରର ଆମଦାନୀରୁ ବହନ ଦାମ୍ ବି ମିଳୁ ନାହିଁ । ମେହେନତ୍, ପାଣିବୁହା ଆଦି ତା ସାଙ୍ଗକୁ ତ ଅଛି । ଗରିବ ରଇତ ଭାଗ ବା ଖଜଣା କୁଆଡୁ ଦେବ ? ତା ଉପରକୁ ସରକାରର ହୁକୁମ ହୋଇଛି କି ଖଜଣା ଖୁବ୍ କଡ଼ା ଭାବରେ ଅସୁଲ କରାହେବ । ରଇତ ଗାଳି ଅଛି କି ମୋର ଜମିବାଡ଼ି ନିଲାମ କରିନିଅ, ଘର କୋରଖ କରି ନିଅ; ମାତ୍ର ଜମିଦାରର କାରସାଦି ଦେଖାଇବାକୁ ଏବେ ବେଳ ପଡ଼ିଛି । ସେ ପ୍ରଜାଙ୍କୁ ଚକିରେ ପେଷି ପକାଇଲେ ବି ସରକାର ତାକୁ ମନା କରିବେ ନାହିଁ । ମୁଁ ଶୁଣିଛି କି ସରକାର ଓଲଟି ସେମାନଙ୍କୁ ସାହା ଦେଉଛି । ସରକାରର ପାଞ୍ଚଶହ ସଶସ୍ତ୍ର ପୁଲିସ— ଘୋଡ଼ସବାର, ବରକନ୍ଦାଜ, ସରଜେଣ୍ଟ — ଏକ ପୂରା ଫଉଜ ରାସ୍ତା ରୋକି ଠିଆ-ହୋଇଥିଲେ । ଆମପରି ନିରୀହ ଲୋକଙ୍କ ଆଗରେ ତଲବାର ଚମକାଇବାକୁ ସେ ବେହିଆମାନଙ୍କୁ ଲାଜ ବି ମାଡୁ ନାହିଁ । ଯେତେବେଳେ ବାରବାର ପୁଲିସର ଧମକରେ ବି ଲୋକେ ନ ପଳାଇଲେ, ସେତେବେଳେ ଗୁଳି ଚଳାଇବାକୁ ହୁକୁମ ହୋଇଗଲା । ଦୁଇ ଘଣ୍ଟାଏକାଳ ଫାଇର ହେବାକୁ ଲାଗିଲା । କେତେ ମଲେ, କେତେ ଜଖମ ହେଲେ, କିଏ ଜାଣେ ! ମୋ ଘର ସଡ଼କ ଉପରେ । ମୁଁ ଛାତ ଉପରେ ଠିଆହୋଇ ଦୁଇ ହାତରେ ବୁକୁ ଚିପିଧରି କମ୍ପୁଥିଲି । ପହିଲବାର ଗୁଳି ଚାଲିବା-ମାତ୍ରେ ହଜାର ହଜାର ଲୋକ ସୁଅ ପରି ପଳାଇ ଆସୁଥିଲେ । ଭଉଣି ! ସେ ଦୃଶ୍ୟ ଏବେ ବି ମୋ ଆଖି ଆଗରେ ନାଚୁଛି ।

କେତେ ଖ୍ରିଷଣ, କେତେ ରୋମାଞ୍ଚକାରୀ, କେତେ ଲଜ୍ଜାକର ! ଏହି ପଳାଇଯିବା ଲୋକଙ୍କ ପଛରେ ଶୀରବ୍ରତଧାରୀମାନଙ୍କର ଦଳ ଥିଲା । ସେମାନେ ପର୍ବତ ପରି ଅଟଳ ଭାବରେ ଠିଆ- ହୋଇ ବୁକୁ ପାତି ଗୁଳିଖାଇ ଲାଗିଥାନ୍ତି; ମାତ୍ର ପଛକୁ ହଟିବାର ନା' ଧରୁ-ନ ଥାନ୍ତି । ବନ୍ଧୁକର ଆବାଜ ସଫା ଶୁଣା ଯାଉଥାଏ ଏବଂ ପ୍ରତ୍ୟେକ ଢ଼ୁଡ଼ା ଶବ୍ଦ ବାଦ୍ ହଜାର ହଜାର କଣ୍ଠରୁ 'ଜୟ'ର ଗମ୍ଭୀର ଗଗନଭେଦୀ ଧ୍ୱନି ବାହାରୁଥାଏ । ସେ ଧ୍ୱନିରେ କେତେ ଉତ୍ତେଜନା, କେତେ ଆକର୍ଷଣ, କେତେ ଉନ୍ମାଦ ! ମନ ଖାଲି ହେଉଥାଏ ଯାଇ ଗୁଳି ଆଗରେ ଠିଆ ହୋଇଯିବି, ଆଉ ହସି ହସି ମରିଯିବି ।

ମା କୋଠରୀ ଭିତରେ ଝରକାକୁ ଧରି ମୋତେ ବାରମ୍ବାର ଭିତରକୁ ଚାଲିଆସିବାକୁ ଡାକୁଥାନ୍ତି । ମୁଁ ନ ଗଲାରୁ ସେ ଝରକାକୁ ଛାଡ଼ି ଛାତ ଉପରକୁ ଆସିଲେ । ସେତିକିବେଳେ ଦଶ ବାର ଜଣ ଲୋକ ଗୋଟିଏ ଷ୍ଟ୍ରେଚରରେ ହୃଦୟେଶଙ୍କ ଲାସ ଧରି ଆମ ଦୁଆରକୁ ଆସିଲେ ! ମା'ଙ୍କର ତାଙ୍କ ଉପରେ ନଜର ପଡ଼ିଗଲା । ସେ ସବୁ ବୁଝିଗଲେ । ମୁଁ ତ ଆବାକାବା ହୋଇଗଲି । ମା ଦଉଡ଼ି ଯାଇ ତାଙ୍କୁ ଛାତିରେ କୁଣ୍ଢାଇ ଧରିଲେ, ଚୁମ୍ବନ ଦେଲେ, ଆଶୀର୍ବାଦ ଦେଲେ ଏବଂ ଉନ୍ମତ୍ତଭାବରେ ଛକ ଆଡ଼କୁ ଚାଲିଲେ । ଏବେ ବି ସେଠାରେ ଗୁଳି ଫାଏରର ଢ଼ୁଡ଼ା ଏବଂ 'ଜୟ' 'ଜୟ' ଧ୍ୱନି ଲହଡ଼ାକୁ ଲହଡ଼ା ଲହରୀ ପରି ଉଠି ଲାଗିଥିଲା । ମୁଁ ହତବୁଦ୍ଧି ଭାବରେ ଠିଆ ହୋଇ ଏଣେ ସ୍ୱାମୀଙ୍କ ଲାସ ଆଡ଼କୁ ଚାହୁଁଥାଏ, ତେଣେ ମା'ଙ୍କ ଆଡ଼କୁ ଚାହୁଁଥାଏ । କିଛି କହିଲି ନାହିଁ, ଆପଣା ସ୍ଥାନରୁ ହଲିଲି

ନାହିଁ, କାନ୍ଦିଲ ନାହିଁ କି ବ୍ୟସ୍ତ ହେଲି ନାହିଁ; ମୋ ହୃଦୟରେ ସେତେବେଳେ କୌଣସି ସ୍ପନ୍ଦନ ନ ଥିଲା; ଚେତନାଲୁପ୍ତ ହୋଇ ଯାଇଥିଲା ।

କ୍ଷମା— ମା ତେବେ କଅଣ ଗୁଳି ଜାଗାରେ ପହଞ୍ଚିଗଲେ ?

ମୃଦୁଲା—ହଁ, ସେହି ତ ତ ବଡ଼ କଥା, ଭଉଣି ! ଗୁଳିର ଅବାଜ ଶୁଣିକରି ହାତରେ କାନକୁ ମୁଦି ଦେଉଥିଲେ, ରକ୍ତ ଦେଖି ମୂର୍ଚ୍ଛିତ ହୋଇ ଯାଉଥିଲେ; ମାତ୍ର ସେହି ମା ଆଜି ବୀର ସତ୍ୟାଗ୍ରହୀମାନଙ୍କ ଧାଡ଼ିକୁ ଚିରି କରି ଆଗରେ ଆସି ଠିଆ ହୋଇଗଲେ ଏବଂ କ୍ଷଣକ ଭିତରେ ତାଙ୍କର ଲାସ ବି ଭୂମି ଉପରେ ଡଳପଡ଼ିଲା । ତାଙ୍କୁ ପଡ଼ିଯିବାର ଦେଖିବା ମାତ୍ରେ ଯୋଦ୍ଧାମାନଙ୍କ ଧୈର୍ଯ୍ୟ ଛୁଟିଗଲା, ବ୍ରତର ବନ୍ଧନ ଛୁଟିଗଲା, ସମସ୍ତଙ୍କ ମୁଣ୍ଡକୁ ରକ୍ତ ଚଢ଼ିଗଲା । ସେମାନେ ନିଶସ୍ତ୍ର ଥିଲେ, ଅଶକ୍ତ ଥିଲେ; ମାତ୍ର ପ୍ରତ୍ୟେକେ ଆପଣା ହୃଦୟଭିତରେ ଅପାର ଶକ୍ତି ଅନୁଭବ କରୁଥିଲେ । ପୁଲିସ ଉପରେ ଚଢ଼ାଉ କରିଦେଲେ । ସିପାହୀମାନେ ଏହି ନଈବଢ଼ି ସ୍ରୋତ ମାଡ଼ି ଆସିବାର ଦେଖି ସେମାନଙ୍କର ହୋସ୍ ଉଡ଼ିଗଲା । ସେମାନେ ଜୀବନ ନେଇ ପଳାଇଗଲେ; ମାତ୍ର ପଳାଇଗଲା ବେଳେ ବି ଗୁଳି ଚଳାଇ ଲାଗିଥାନ୍ତି । ଭାନୁ ଗୃହ ଉପରେ ଠିଆହୋଇଥିଲା, କେଜାଣି କୁଆଡ଼ୁ ଗୋଟାଏ ଗୁଳି ଆସି ତା ଛାତିରେ ବାଜିଲା । ମୋ ଧନ ସେହିଠାରେ ଗଡ଼ିପଡ଼ିଲା, ନିଶ୍ୱାସଟାଏ ମାରିବାକୁ ବି ଅବସର ପାଇଲା ନାହିଁ; ମାତ୍ର ମୋ ଆଖିରେ ସେତେବେଳେ ବି ଟୋପାଏ ଲୁହ ନ ଥିଲା । ମୁଁ ପ୍ରିୟ ଭାନୁକୁ କୋଡ଼କୁ ଟାଣିଆଣିଲି । ତା ଛାତିରୁ ରକ୍ତର ଝରଣା ପିଚକାରି ମାରୁଥିଲା । ମୁଁ ତାକୁ



"ନଈକୂଳରେ ତିନୋଟି ଲାସ୍ ଗୋଟିଏ ମାତ୍ର ଚିତା ଉପରେ ଥିଆହେଲ ।"

ପୃ ୧୫୭

ଯେଉଁ ଦୁଧ ପିଆଇଥିଲି, ତାହାକୁ ସେ ରକ୍ତ ଆକାରରେ ଆଦାୟ କରି ଲାଗିଥିଲା । ତା ରକ୍ତରେ ବୁଡ଼ିଥିବା ଲୁଗା ପିନ୍ଧି କରି ମୋ ଦେହରେ ଏପରି ନିଶା ଚଢ଼ିଯାଉଥିଲା, ଯେପରି କି ସତେ ତା ବିବାହରେ ଗୋଲାପୀ ରେଶମୀ ଶାଢ଼ୀ ପିନ୍ଧି ମନ ଆନନ୍ଦରେ ଉଲୁସି ଉଠୁଥିଲି । ମୁଁ ପୁଅକୁ ବାପାଙ୍କ କୋଳରେ ଶୁଆଇ-ଦେଲି । ଇତିମଧ୍ୟରେ କେତେ ଜଣ ସ୍ୱେଚ୍ଛାସେବକ ମା’ଙ୍କୁ ବି ଘେନିଆସିଲେ; ଜଣା ଯାଉଥିଲା ଯେପରି କି ଶୋଇରହି ମୁରୁକି ହସା ଦେଉଛନ୍ତି । ମୋତେ ତ ବେଳ ଲାଗିଥିଲେ; ମାଓ ନିଜେ ଏହାପରେ ଯାଇ ନିଆଁକୁ ଡେଇଁପଡ଼ିଲେ ସତେତ ଯେପରି ତାହା ସ୍ୱର୍ଗର ମାର୍ଗ । ସେ ୮ କେବଳ ‹ଅ ଲାଗି ବଞ୍ଚି ରହିଥିଲେ, ପୁଅକୁ ଏକାକୀ କପରି ଛାଡ଼ିଦିଅନ୍ତେ ।

ଯେତେବେଳେ ନଈକୂଳରେ ତିନୋଟି ଲାସ୍ ଗୋଟିଏ ମାଝ ଚିତା ଉପରେ ଥୁଆହେଲା, ସେତେବେଳକୁ ମୋର ମୋହ ଛୁଟିଲା, ହୋସ୍ ଆସିଲା । ଥରେ ମନହେଲା ଚିତା ଉପରେ ଯାଇ ବସିଯିବି । ସମଗ୍ର କୁଟୁମ୍ବ ‹କା ସାଥିରେ ଈଶ୍ୱରଙ୍କ ଦରବାରରେ ପହଞ୍ଚିଯିବୁଁ; ମାତ୍ର ପୁଣି ବିଚାରିଲି— ତୁ ଏପର୍ଯ୍ୟନ୍ତ ଏପରି କଅଣ କାମ କରୁଛୁ ଯେ ତାର ଏତେ ଉଚ୍ଚ ପୁରସ୍କାର ମିଳିବ ? ଭଉଣି, ଚିତାର ଅଗ୍ନିଶିଖା ଭିତରେ ମୋତେ ଏପରି ଜଣାଯାଉଥିଲା, ସତେ ଯେପରି କି ମା’ ଭାନୁକୁ କୋଳରେ ଧରି ବସି ମୁରୁକି ହସୁଛନ୍ତି, ଆଉ ସ୍ୱାମୀଜୀ ଠିଆହୋଇ ମୋତେ କହୁଛନ୍ତି, ତୁମେ ଯାଇ ନିଶ୍ଚିନ୍ତ ହୋଇ କାମ କର । ତାଙ୍କ ମୁହଁ ଉପରେ କେଡ଼େ ତେଜ ଝଲକୁଥିଲା !

ମୁଁ ମୁଣ୍ଡ ଉଠାଇ ଚାହିଁଲି, ନଦୀକୂଳରେ କେଜାଣି କେତେ ଚିତା ଜଳିଲାଗିଥିଲା । ଦୂରରୁ ଏହି ଚିତାପଙ୍‌କ୍ତି ଏପରି ଜଣା-ଯାଉଥିଲା, ସତେ ଯେପରି ଦେବତାମାନେ ଭାରତଭାଗ୍ୟ ଗଢ଼ିବା ଲାଗି ଇଟାଭାଟି ଜାଳି ଲାଗିଛନ୍ତି ।

ଚିତାଗୁଡ଼ିକ ଭସ୍ମ ହୋଇଯିବା ଉତ୍ତାରୁ ଆମେ ସମସ୍ତେ ଲେଉଟିଆସିଲୁ; ମାତ୍ର ସେ ଘରକୁ ଯିବାକୁ ମୋର ଆଉ ମନ ବଳିଲା ନାହିଁ । ମୋ ଲାଗି ତାହା ଆଉ ଘର ହୋଇ ନ ଥିଲା । ଏବେ ଯେଉଁଠାରେ ବସିଛି, ତାହାହିଁ ମୋର ଘର କିମ୍ବା ସେହି ଚିତା ହିଁ ମୋର ଘର । ମୁଁ ଘରର ଦ୍ୱାର ବି ଖୋଲିଲି ନାହିଁ । ସିଧା ମହିଳା ଆଶ୍ରମକୁ ଚାଲିଗଲି । କାଲିର ଗୁଳିମାଡ଼ରେ କଂଗ୍ରେସ କମିଟି ମୂଳପୋଛ ହୋଇଯାଇଥିଲା । ସେ ସଂସ୍ଥାକୁ ବେଆଇନ କରି ଦିଆହୋଇଥିଲା । ତାର ଅଫିସ ଘର ଘେରାଉ କରି ପୁଲିସ ତାଲା ପକାଇ ଦେଇଥିଲା । ମହିଳାଶ୍ରମ ଉପରେ ମଧ୍ୟ ଆକ୍ରମଣ ହେଲା । ସେଥିରେ ବି ତାଲା ପକାଇ ଦିଆହେଲା । ଆମ୍ଭେମାନେ ଗୋଟିଏ ଗଛମୂଳରେ ଆପଣା ନୂଆ ଅଫିସ କଲୁଁ ଏବଂ ସ୍ୱଚ୍ଛନ୍ଦଭାବରେ କାମ କରିଲାଗିଲୁଁ । ସେଠାରେ ଆମ୍ଭମାନଙ୍କୁ କଏଦ କରିବା ପାଇଁ କାନ୍ଥ ବାଡ଼ ନ ଥିଲା । ଆମେ ବାୟୁ ସଦୃଶ ମୁକ୍ତ ଥିଲୁଁ ।

ସନ୍ଧ୍ୟା ସମୟରେ ଆମ୍ଭେମାନେ ଗୋଟିଏ ଶୋଭାଯାତ୍ରା ବାହାର କରିବା ପାଇଁ ସ୍ଥିର କଲୁଁ । କାଲିର ରକ୍ତପାତର ସ୍ମୃତିର ହର୍ଷ ଏବଂ ଧନ୍ୟବାଦରେ ଶୋଭାଯାତ୍ରା ବାହାର କରିବା ଆବଶ୍ୟକ ଥିଲା । ଲୋକେ କହନ୍ତି, ଶୋଭାଯାତ୍ରା ବାହାର କରିବାରେ କ'ଣ ହୁଏ ? ମାତ୍ର ତଦ୍ଦ୍ୱାରା ଏହାହିଁ ସିଦ୍ଧ ହୁଏ ଯେ

ଆମ୍ଭେମାନେ ଜୀବିତ ଅଛୁଁ, ଅଟଳ ଅଛୁଁ ଏବଂ ସଂଗ୍ରାମକ୍ଷେତ୍ରରୁ ପୃଷ୍ଠଭଙ୍ଗ ଦେଇନାହୁଁ । ଅମ୍ଭମାନଙ୍କର ଆତ୍ମାଭିମାନର ପ୍ରମାଣ ଦେବା ଆବଶ୍ୟକ ଥିଲା । ଆମ୍ଭମାନଙ୍କ ଏହା ଦେଖାଇବାର ଥିଲା ଯେ ଆମେ ଗୁଳି ବା ଅତ୍ୟାଚାରରେ ଭୟଭୀତ ହୋଇ ଆପଣା ଲକ୍ଷ୍ୟରୁ ହଟିଯିବା ଲୋକ ନୋହୁଁ । ଯେଉଁ ବ୍ୟବସ୍ଥାର ଆଧାର ସ୍ୱାର୍ଥପରତା ଏବଂ ରକ୍ତ ଉପରେ ପ୍ରତିଷ୍ଠିତ, ତାହାର ଅନ୍ତ କରିବାକୁ ଆମ୍ଭେମାନେ ବରାବର ଲାଗିଥିବୁ । ଏଣେ ପୁଲିସ ମଧ୍ୟ ଶୋଭାଯାତ୍ରାର ଗତିରୋଧ କରି ଆପଣାର ଶକ୍ତି ଏବଂ ବିଜୟର ପ୍ରମାଣ ଦେବା ଆବଶ୍ୟକ ମନେକଲା । କାଲେ ଜନତା ମନରେ ଭ୍ରମ ହୋଇଥିବ, କାଲିର ଘଟଣା ନୌକରସାହିର ନୈତିକଜ୍ଞାନକୁ ଜାଗ୍ରତ କରି ଦେଇଅଛି, ସେହି ଭ୍ରମ ଦୂର କରିଦେବା ସେମାନେ ନିଜର କର୍ତ୍ତବ୍ୟ ବୋଲି ବିଚାରିଲେ । ସେମାନେ ଏହା ହିଁ ଦେଖାଇଦେବାକୁ ଚାହୁଁଥିଲେ କି ଆମେ ତୁମ ଉପରେ ଶାସନ କରିବାକୁ ଆସିଛୁଁ ଏବଂ ଶାସନ କରିବୁଁ । ତୁମ୍ଭର ଖୁସି ବା ବିରକ୍ତି ପ୍ରତି ଆମର ପରବାଏ ନାହିଁ । ଶୋଭାଯାତ୍ରା ବାହାର କରିବାକୁ ମନା ହୋଇଗଲା । ଜନତାକୁ ସତର୍କ କରିଦିଆଗଲା କି ଖବରଦାର ଶୋଭାଯାତ୍ରାକୁ ଆସିବ ନାହିଁ, ନ ହେଲେ ଘୋର ଦୁର୍ଗତି ହେବ । ଜନତା ସେଥିର ଯେ ଜବାବ ଦେଲା, ତାହା ଅବଶ୍ୟ ଅଧିକାରୀମାନଙ୍କର ଆଖି ଖୋଲି ଦେଇଥିବ । ସନ୍ଧ୍ୟା ସମୟରେ ପଚିଶ ହଜାର ଲୋକ ଜମା ହୋଇଗଲେ । ଆଜିର ନେତୃତ୍ୱ ମୋ ଉପରେ ସମର୍ପଣ କରାହୋଇଥିଲା । ମୁଁ ନିଜ ହୃଦୟରେ ଏକ ଅଦ୍ଭୁତ ବଳ ଏବଂ ଉତ୍ସାହ ଅନୁଭବ କରୁଥିଲି । ଏକ ଅବଳା ସ୍ତ୍ରୀ, ଯାହାର ସଂସାରର ଲେଶମାତ୍ର ଜ୍ଞାନ ନାହିଁ, ସେ

କେବେ ଘରୁ ବାହାରକୁ ଗୋଡ଼ କାଢ଼ି ନାହିଁ, ସେ ଆଜ ଆପଣା ପ୍ରିୟମାନଙ୍କ ଉତ୍ସର୍ଗ ଫଳରେ ସେହି ମହାନ ପଥରେ ଆସି ପହଞ୍ଚି ଯାଇଥିଲା, ଯାହା ବଡ଼ ବଡ଼ ଅଫିସରଙ୍କୁ, ବଡ଼ ବଡ଼ ମହାରାଜାଙ୍କୁ ମଧ୍ୟ ମିଳେନାହିଁ । ମୁଁ ସେତେବେଳେ ଜନତାର ହୃଦୟରେ ରାଜତ୍ୱ କରୁଥିଲି । ପୁଲିସ ଅଧିକାରୀମାନଙ୍କ ଗୋଲାମୀ କରେ, କାହିଁକନା ତାଙ୍କୁ ବେତନ ମିଳେ । ପେଟର ଗୋଲାମୀ ତାଙ୍କୁ ସବୁ କରାଇ ନିଏ । ମହାରାଜାଙ୍କର ହୁକୁମ ଲୋକେ ମାନନ୍ତି, ଉପକାର ଆଶାରେ ବା ହାନିର ଭୟରେ ଏହି ଅପାର ଜନସମୂହ ମୋଠାରୁ କଅଣ ଲାଭର ଆଶା ରଖିଥିଲା କିମ୍ବା ସେମାନଙ୍କର ମୋଠାରୁ ବା କ ହାନିର ଭୟ ଥିଲା ? କିଛି ନୁହେଁ; ତଥାପି ସେମାନେ ମୋର ଅତି କଠୋର ହୁକୁମ ମାନିବାକୁ ପ୍ରସ୍ତୁତ ଥିଲେ; କାରଣ ଜନତା ମୋର ବଳିଦାନକୁ ଆଦର କରୁଥିଲା । ସେମାନଙ୍କ ହୃଦୟରେ ସ୍ୱାଧୀନତାର ଯେଉଁ ସ୍ପନ୍ଦନ ଥିଲା, ଗୋଲାମୀର ଜଞ୍ଜିରକୁ ଭାଙ୍ଗିଦେବା ପାଇଁ ଯେଉଁ ଉତ୍ସାହ ଥିଲା, ମୁଁ ସେହି ସ୍ପନ୍ଦନ ଏବଂ ଉତ୍ସାହର ସଜୀବ ମୂର୍ତ୍ତି ବୋଲି ସେମାନେ ବୁଝିଥିଲେ । ନିର୍ଦ୍ଦିଷ୍ଟ ସମୟରେ ଶୋଭାଯାତ୍ରା ବାହାରିଲା । ସେତିକବେଳେ ପୁଲିସ ମୋର ଗିରଫଦାରୀ ୱାରେଣ୍ଟ ଦେଖାଇଲା । ୱାରେଣ୍ଟ ଦେଖିବା କ୍ଷଣି ତୁମେ ମନେ ପଡ଼ିଗଲ । ପ୍ରଥମେ ତୁମେ ମୋତେ ଆବଶ୍ୟକ କରୁଥିଲ, ଏବେ ମୁଁ ତୁମକୁ ଆବଶ୍ୟକ ବୋଲି ବିଚାରୁଛି । ସେତେବେଳେ ତୁମେ ମୋର ସହାନୁଭୂତିର ଭିଖାରିଣୀ ଥିଲ, ଏବେ ମୁଁ ତୁମଠାରୁ ସହାନୁଭୂତି ଭିକ୍ଷା ମାଗୁଅଛି; ମାତ୍ର ମୋଠାରେ ଏବେ ଲେଶମାତ୍ର ଦୁର୍ବଳତା ନାହିଁ । ମୁଁ ସମସ୍ତ ଚିନ୍ତାରୁ ମୁକ୍ତ

ହୋଇଅଛୁ । ମାଜିଷ୍ଟ୍ରେଟ ଯେ କଠୋରତମ ଦଣ୍ଡ ଦେବ, ତାହାକୁ ମୁଁ ସ୍ୱାଗତ କରିବ । ଏବେ ମୁଁ ପୁଲିସର କୌଣସି ଆକ୍ଷେପ ବା ଅସତ୍ୟ ଆରୋପଣର ପ୍ରତିବାଦ କରିବ ନାହିଁ; କାରଣ ମୁଁ ଜାଣୁଛି, ମୁଁ ଜେଲର ବାହାରେ ରହି ଯାହା କରୁଛି କରିପାରନ୍ତି, ଜେଲ ଭିତରେ ରହି ତାଠାରୁ ଢେର ବେଶି କରିପାରିବ । ଜେଲ ବାହାରେ ଭୁଲର ସମ୍ଭାବନା ଅଛି । କଥାରେ ଭୁଲି ଯିବାର ସମ୍ଭାବନା ଅଛି, ଆପୋସ ସମାଧାନର ପ୍ରଲୋଭନ ଅଛି, ସ୍ୱାର୍ଥର ଚିନ୍ତା ଅଛି । ଜେଲ ସମ୍ମାନ ଏବଂ ଭକ୍ତିର ସ୍ଥାନ ଅଟେ । ଏହା ଭିତରେ ସଇତାନ ପାଦ ଦେଇପାରିବ ନାହିଁ । ଖୋଲା ଦେଓଆରେ ଜଳୁଥିବା ଆଲୋକ ବାୟୁରେ ନିଜର ଉଷ୍ଣତାକୁ ଖର୍ଚ୍ଚ କରିଦିଏ; ମାତ୍ର ଇଞ୍ଜିନ ଭିତରେ ବନ୍ଦ ହୋଇଥିବା ସେହି ଅଗ୍ନି ସଞ୍ଚାଳନଶକ୍ତିର ଅକ୍ଷୟ ଭଣ୍ଡାର ହୋଇଉଠେ ।

ଅନ୍ୟ ବନ୍ଦୀମାନେ ମଧ୍ୟ ଆସି ପହଞ୍ଚିଗଲେ ଏବଂ ମୃଦୁଲା ସମସ୍ତଙ୍କୁ କୁଣ୍ଢାଇ ଅଭିବାଦନ କଲା । ପୁଣି ଭାରତମାତାଙ୍କ ଜୟଧ୍ୱନି ଜେଲର ପ୍ରାଚୀର ଭେଦ କରି ଆକାଶରେ ଯାଇ ପହଞ୍ଚିଲା ।

———

ସମାପ୍ତ

କଟକ ସତ୍ୟବାଦୀ ପ୍ରେସରେ ଶ୍ରୀ ଉଦୟନାଥ ଷଡ଼ଙ୍ଗୀଙ୍କ ଦ୍ୱାରା ମୁଦ୍ରିତ
୧୯୫୭